# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୬/୨୦୨୫ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, September 6/2025 | Page 14 | ₹ 7.00 | RAYAGADA

୫୧ଶ ଭାଗ ୨୮୨ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 282 | ମୂଲ୍ୟ ₹୭/-




## ଆନିସିମୋଭା ଫାଇନାଲରେ

ୟୁଏସ୍ ଓପନ ଟେନିସ ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ଆମେରିକାର ଆମାଣ୍ଡା ଆନିସିମୋଭା।

୧୪

୦୨

## ୧୧ରୁ ଓଟିଟିରେ 'କୁଲି'

ସାଉଥ୍ ସୁପରଷ୍ଟାର ରଜନୀକାନ୍ତଙ୍କ ଆକ୍ସନ ଡ୍ରାମା ଫିଲ୍ମ 'କୁଲି' ୧୧ ତାରିଖରୁ ଓଟିଟି ପ୍ଲାଟ୍‌ଫର୍ମରେ ଦର୍ଶକ ଦେଖିପାରିବେ।





ଲଗାଣ ବର୍ଷା ଯୋଗୁ ଶୁକ୍ରବାର ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ପାତ୍ରପଡ଼ାସ୍ଥିତ ଦେବୀନଗର ପାହାଡ଼ ଧସି ରାସ୍ତା ଅବରୋଧ ହୋଇଛି। (ରିପୋର୍ଟ: ପୃଷ୍ଠା-୫)

# ୧ ଡଲାର= ୮୮.୩୬ ଟଙ୍କା

ମୁମ୍ବାଇ,୫।୯



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ମାଡ଼ ଭାରତୀୟ ଅର୍ଥନୀତିକୁ ଘାଇଲା କରିଦେଇଥିବାବେଳେ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ) ପୁଞ୍ଜିବଜାରରୁ ବିପୁଳ ନିବେଶ ପ୍ରତ୍ୟାହାର କରିବାରେ ଲାଗିଛନ୍ତି। ଏହାର ପ୍ରଭାବରେ ଟଙ୍କା ଦିନକୁ ଦିନ ନିମ୍ନଗାମୀ ହୋଇ ନୂଆ ରେକର୍ଡ ଭାଙ୍ଗୁଛି। ଏହି କ୍ରମରେ ଭାରତୀୟ ମୁଦ୍ରା ଶୁକ୍ରବାର ନିଜ ସର୍ବକାଳୀନ ତଳସ୍ତର ୮୮.୩୬କୁ ଛୁଇଁଛି। କାରବାର ଶେଷରେ ଟଙ୍କା ୦.୧୪% ଖସି ଡଲାର ତୁଳନାରେ ୮୮.୨୬ ଟଙ୍କାରେ ସ୍ଥିର ରହିଥିଲା। ଏହା ପୂର୍ବରୁ ଗୁରୁବାର ସେସନ୍‌ରେ ଟଙ୍କାର ମୂଲ୍ୟ ୮୮.୧୪ ରହିଥିଲା। ମିଳିଥିବା ସୂଚନାନୁସାରେ ଏଫ୍‌ଆଇଆଇମାନେ କେବଳ ସେପ୍ଟେମ୍ବରରେ ୧.୪ ବିଲିୟନ୍ ଡଲାର ମୂଲ୍ୟର ଭାରତୀୟ ଇକ୍ୱିଟି ବିକ୍ରି କଲେଣି। ଏହାକୁ ମିଶାଇ ଚଳିତବର୍ଷ ବିଦେଶୀଙ୍କ ପ୍ରତ୍ୟାହୃତ ଅର୍ଥରାଶି ୧୬ ବିଲିୟନ୍ ଡଲାରରେ ପହଞ୍ଚିଛି। ତେବେ ଟଙ୍କାରେ ସ୍ଥିରତା ଆଣିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ସରକାରୀ ବ୍ୟାଙ୍କଗୁଡ଼ିକ ଜରିଆରେ ହସ୍ତକ୍ଷେପ କରିଥିବା କୁହାଯାଉଛି। ଭାରତୀୟ ସାମଗ୍ରୀଗୁଡ଼ିକର ଆମଦାନୀ ଉପରେ ଆମେରିକୀୟ ଟାରିଫ୍ ଯୋଗୁ ଏହି ସ୍ଥିତି ଜାରି ରହିଲେ ଟଙ୍କା ଆହୁରି ଦୁର୍ବଳ ହେବ ବୋଲି ଅର୍ଥନୀତିଜ୍ଞ ଓ ବଜାର ବିଶେଷଜ୍ଞମାନେ ମତ ଦେଉଛନ୍ତି।

ଆଜିର ସମ୍ପାଦକୀୟ ଲାଟେରାଲ ଏଣ୍ଟ୍ରିରେ ଶିଥିଳତା

# ପ୍ରଥମରୁ ଦ୍ୱାଦଶ ଗୋଟିଏ ବୋର୍ଡ: ମୁଖ୍ୟମନ୍ତ୍ରୀ

**ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚମାଧ୍ୟମିକ ଶିକ୍ଷାକୁ ସୁଦୃଢ଼ କରିବା ସହ ପରୀକ୍ଷା ପରିଚାଳନା ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ଲାଗି ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି। ଏହି କ୍ରମରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ଯାଏ ଗୋଟିଏ ବୋର୍ଡ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଲୋକସେବା ଭବନରେ ଗୁରୁଦିବସ ଉତ୍ସବ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ଡ୍ରପ୍‌ଆଉଟ୍ ହାର ହ୍ରାସ କରିବା ସହ ସବୁ ପିଲାଙ୍କ ପାଖରେ କିଭଳି ଗୁଣାତ୍ମକ ଶିକ୍ଷା ପହଞ୍ଚିପାରିବ, ତାହା ଉପରେ ଗୁରୁତ୍ୱ ଦେଇଛନ୍ତି। ଛାତ୍ରୀଛାତ୍ରଙ୍କ ନିକଟରେ ଥିବା ପ୍ରତିଭାକୁ ଠଉରାଇ ସେମାନଙ୍କ ପାଇଁ ଶିକ୍ଷକମାନେ ଜଣେ ଜଣେ ମେଣ୍ଟର ହେବା ଦରକାର ବୋଲି ସେ କହିଛନ୍ତି।**

**'ପିଲାଙ୍କ ସ୍ୱପ୍ନ ପୂରଣ ପାଇଁ ଶିକ୍ଷକମାନେ ମେଣ୍ଟର ହୁଅନ୍ତୁ'**

- **ଗୁରୁଦିବସରେ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ପ୍ରଦାନ**
- **ଶ୍ରେଷ୍ଠ ୩ ଜିଲା, ୩ ଶିକ୍ଷା ପ୍ରତିଷ୍ଠାନ, ୭୦ ଶିକ୍ଷକ, ଡିଇଓ ଏବଂ ବିଇଓ ପୁରସ୍କୃତ**

ଭୁବନେଶ୍ୱର,୫।୯(ସୁଚିସ୍ମିତା ସାହୁ)

ସ୍କୁଲ ଶିକ୍ଷାରେ ଉନ୍ନତି ସହ ପରୀକ୍ଷା ପରିଚାଳନାରେ ସ୍ୱଚ୍ଛତା ଏବଂ ନିରପେକ୍ଷତା ରଖିବା ପାଇଁ ରାଜ୍ୟ ସରକାର ପ୍ରୟାସ କରୁଛନ୍ତି। ଏଥିପାଇଁ ମାଧ୍ୟମିକ ଶିକ୍ଷା ପରିଷଦ(ବିଏସ୍‌ଇ) ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ)କୁ ମିଶାଇ ଗୋଟିଏ ବୋର୍ଡ କରାଯିବ। ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ଏହି ବୋର୍ଡ ଦ୍ୱାରା ପରିଚାଳିତ ହେବ। ପରୀକ୍ଷା ପରିଚାଳନା, ସିଲାବସ ପ୍ରସ୍ତୁତ ସହିତ ପରୀକ୍ଷାଫଳ ପ୍ରକାଶ କରିବା ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ଗୋଟିଏ ବୋର୍ଡ ହିଁ କରିବ ବୋଲି ଶୁକ୍ରବାର ରାଜ୍ୟସ୍ତରୀୟ ଗୁରୁଦିବସ ଉତ୍ସବ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି।

ଲୋକସେବା ଭବନ କନ୍‌ଭେନଶନ ସେଣ୍ଟରଠାରେ ଆୟୋଜିତ ରାଜ୍ୟସ୍ତରୀୟ ଉତ୍ସବରେ ମୁଖ୍ୟମନ୍ତ୍ରୀ ଆଦର୍ଶ ଶିକ୍ଷକ ତଥା ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଲେ, ଡ. ରାଧାକ୍ରିଷ୍ଣନ ପ୍ରତ୍ୟେକ ବିଦ୍ୟାର୍ଥୀ ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ପାଇଁ ଆଦର୍ଶ। ସେ କେବଳ ଜଣେ ବିଶିଷ୍ଟ ଶିକ୍ଷାବିତ୍, ଦାର୍ଶନିକ ଓ ରାଷ୍ଟ୍ରନୀତିଜ୍ଞ ନ ଥିଲେ, ସେ ଥିଲେ ଭାରତବର୍ଷର ଜଣେ ଶ୍ରେଷ୍ଠ ଗୁରୁ। ଶିକ୍ଷକମାନେ ପିଲାଙ୍କ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି।

ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ଚିହ୍ନଟ କରନ୍ତୁ। ସେମାନଙ୍କ ସ୍ୱପ୍ନ ପୂରଣ କରିବା ପାଇଁ ଜଣେ ଜଣେ ମେଣ୍ଟର ଭାବେ କାର୍ଯ୍ୟ କରନ୍ତୁ। ଶିକ୍ଷକଙ୍କ ପାଇଁ ଡ୍ରପ୍‌ଆଉଟ୍ ହାର ହ୍ରାସ କରିବା ଏବଂ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଭଳି ଦୁଇଟି ବଡ଼ ଆହ୍ୱାନ ରହିଛି। ପିଲାଙ୍କୁ ବିଦ୍ୟାଳୟ ଓ ପାଠପଢ଼ା ପ୍ରତି ଉତ୍ସାହ ବୃଦ୍ଧି ଲାଗି ମଧ୍ୟାହ୍ନଭୋଜନର ବ୍ୟବସ୍ଥା କରାଯାଇଛି। ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରଦାନ କରାଯାଉଛି। ଜନଜାତି ବର୍ଗର ପିଲାଙ୍କୁ ମାଧୋ ସିଂ ହାତଖର୍ଚ୍ଚ ଯୋଜନା ଜରିଆରେ ସହାୟତା ଦିଆଯାଉଛି। ଏସବୁ ଯୋଜନା ଆଗାମୀ ଦିନରେ ଡ୍ରପ୍‌ଆଉଟ୍ ହାର କମ୍ କରିବାରେ ନିଶ୍ଚିତ ରୂପେ ସଫଳ ହେବ। ମୁଖ୍ୟମନ୍ତ୍ରୀ ଜାତୀୟ ଶିକ୍ଷା ନୀତି ଉପରେ ଆଧାରିତ 'ଓଡ଼ିଶା କରିକୁଲମ ଫ୍ରେମ୍‌ୱାର୍କ ଫର୍ ସ୍କୁଲ ଏଜୁକେଶନ-୨୦୨୫' ପୁସ୍ତକ, ନିପୁଣ ଓଡ଼ିଶା ☞ପୃଷ୍ଠା-୪

# ସରକାରୀ କାର୍ଯ୍ୟାଳୟରେ ବିଏସ୍‌ଏନ୍‌ଏଲ୍ ବାଧ୍ୟତାମୂଳକ

ଭୁବନେଶ୍ୱର, ୫।୯ (ସୁନିତ୍ ମିଶ୍ର)

ରାଜ୍ୟର ପ୍ରତ୍ୟେକ ସରକାରୀ ଅନୁଷ୍ଠାନ ଏବଂ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ପିଏସ୍‌ୟୁ ଗୁଡ଼ିକରେ ଏଣିକି ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍‌ଏନ୍‌ଏଲ୍) ନେଟ୍‌ୱର୍କର ବ୍ୟବହାର ବାଧ୍ୟତାମୂଳକ। ସବୁ ସରକାରୀ ଅନୁଷ୍ଠାନରେ ବିଏସ୍‌ଏନ୍‌ଏଲ୍ ଇଣ୍ଟରନେଟ୍, ବ୍ରଡ୍‌ବ୍ୟାଣ୍ଡ, ଲ୍ୟାଣ୍ଡଲାଇନ୍, ଲିଜ୍ ଲାଇନର ବ୍ୟବହାର କରାଯିବ। ଏନେଇ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା (ଇ ଆଣ୍ଡ ଆଇଟି) ବିଭାଗର ସ୍ୱତନ୍ତ୍ର ସଚିବ ମାନସ ରଞ୍ଜନ ପଣ୍ଡା ସବୁ ବିଭାଗକୁ ଚିଠି ଲେଖି ଜଣାଇଛନ୍ତି।

ବିଭାଗ ଲେଖିଥିବା ଚିଠିରେ ଉଲ୍ଲେଖ କରାଯାଇଛି, କେନ୍ଦ୍ର ସରକାରଙ୍କ ଟେଲିକମ୍ୟୁନିକେଶନ ମନ୍ତ୍ରଣାଳୟର ସୂଚନା ଦେଇ ଜଣାଇଛି, ବିଏସ୍‌ଏନ୍‌ଏଲ ଏବଂ ଏମ୍‌ଟିଏନ୍‌ଏଲ୍ (ମହାନଗର ଟେଲିକମ୍ ନିଗମ ଲିମିଟେଡ୍)କୁ ସୁଦୃଢ଼ କରିବା ଲାଗି କେନ୍ଦ୍ର କ୍ୟାବିନେଟ୍ ପକ୍ଷରୁ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜକୁ ମଞ୍ଜୁର ମିଳିଛି। ବିଏସ୍‌ଏନ୍‌ଏଲ୍‌ର ଭିଜିବିଲିଟି ବୃଦ୍ଧି କରିବା ସ୍ୱତନ୍ତ୍ର ପ୍ୟାକେଜ ବୃଦ୍ଧିର ମୂଳ ଲକ୍ଷ୍ୟ। ଉକ୍ତ ସ୍ୱତନ୍ତ୍ର ପ୍ୟାକେଜ ଅର୍ଥ ମୁଖ୍ୟତଃ ଲୋକମାନଙ୍କୁ ବିଏସ୍‌ଏନ୍‌ଏଲ୍ ନେଟ୍‌ୱର୍କ ମାଧ୍ୟମରେ ୪-ଜି ଏବଂ ୫-ଜି ସୁବିଧା ମିଳିବା ଦିଗରେ ଖର୍ଚ୍ଚ କରାଯିବ। ଏହାଦ୍ୱାରା ବିଏସ୍‌ଏନ୍‌ଏଲ୍ ଏବଂ ଏମ୍‌ଟିଏନ୍‌ଏଲ୍‌ର ରାଜସ୍ୱ ଆଦାୟ ମଧ୍ୟ ବଢ଼ିବ। ତେଣୁ ସରକାରୀ ପ୍ରତିଷ୍ଠାନଗୁଡିକ ଇଣ୍ଟରନେଟ୍, ବ୍ରଡ୍‌ବ୍ୟାଣ୍ଡ, ଲ୍ୟାଣ୍ଡଲାଇନ ଏବଂ ଲିଜଡ୍ ଲାଇନ ବ୍ୟବହାର କ୍ଷେତ୍ରରେ ବିଏସ୍‌ଏନ୍‌ଏଲ୍ ଏବଂ ଏମ୍‌ଟିଏନ୍‌ଏଲ୍ ନେଟ୍‌ୱର୍କ ବ୍ୟବହାର ଲାଗି କେନ୍ଦ୍ର ସରକାରଙ୍କ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ☞ପୃଷ୍ଠା-୪






# ଆମେ ଚାଇନା ପାଖରେ ଭାରତକୁ ହରାଇଛୁ: ଟ୍ରମ୍ପ୍

ୱାଶିଂଟନ,୫।୯(ପି.ଟି.)

ଅନ୍ଧକାରପୂର୍ଣ୍ଣ ଚାଇନା ନିକଟରେ ଭାରତ ଓ ରୁଷିଆକୁ ଆମେରିକା ହରାଇଛି ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶୁକ୍ରବାର କହିଛନ୍ତି। ଅତ୍ୟଧିକ ଟାରିଫ୍‌କୁ ନେଇ ନୂଆଦିଲ୍ଲୀ ଓ ୱାଶିଂଟନ ମଧ୍ୟରେ ସମ୍ପର୍କ ଖରାପ ହୋଇଥିବାବେଳେ ଟ୍ରମ୍ପ୍ ଏଭଳି ମନ୍ତବ୍ୟ ଦେଇଛନ୍ତି। ଚାଇନାର ତିଆଞ୍ଜିନ୍‌ରେ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ସମ୍ମିଳନୀ ଅବସରରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ଏବଂ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏକାଠି ହୋଇଥିଲେ, ଯାହା ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲା। ପରେ ଟ୍ରମ୍ପ୍ ନିଜ ସୋସିଆଲ



ଡୋନାଲ୍ଡ ଟ୍ରମ୍ପ୍

ମିଡିଆ ଟ୍ରୁଥ୍ ସୋସିଆଲରେ କରିଥିବା ସଦ୍ୟତମ ପୋଷ୍ଟରେ ଲେଖିଛନ୍ତି, ଗଭୀର ଏବଂ ଅନ୍ଧକାରପୂର୍ଣ୍ଣ ଚାଇନା ନିକଟରେ ଆମେ ଭାରତ ଓ ରୁଷିଆକୁ ହରାଇଲା ଭଳି ଜଣାପଡୁଛି।

ଭାରତ ରୁଷିଆରୁ ଅଶୋଧିତ ତୈଳ କିଣୁଥିବାରୁ ଏଥିରୁ ୟୁକ୍ରେନ୍ ବିରୋଧରେ ଯୁଦ୍ଧ ପାଇଁ ମସ୍କୋକୁ ପାଣ୍ଠି ମିଳୁଥିବା ଅଭିଯୋଗ କରି ଟ୍ରମ୍ପ୍ ଭାରତରୁ ଆମଦାନୀ ସାମଗ୍ରୀ ଉପରେ ୫୦ ପ୍ରତିଶତ ଟାରିଫ୍ ଲଗାଇଛନ୍ତି। ଆମେରିକାର ଏଭଳି ପଦକ୍ଷେପକୁ ଭାରତ ଅନୈତିକ ଓ ଅଯଥାର୍ଥ ବୋଲି କହିଛି। କେବଳ ଭାରତ ଉପରେ କ'ଣ ପାଇଁ ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନ ନିଆଗଲା ବୋଲି କେନ୍ଦ୍ର ସରକାର ବିସ୍ମୟ ପ୍ରକାଶ କରିଥିଲେ। ଆଶ୍ଚର୍ଯ୍ୟର କଥା ରୁଷିଆରୁ ସର୍ବାଧିକ ଅଶୋଧିତ ତୈଳ ଚାଇନା କିଣୁଥିବାବେଳେ ଏହା ଉପରେ ଆମେରିକା କୌଣସି ଦଣ୍ଡାତ୍ମକ ପଦକ୍ଷେପ ନେଇନାହିଁ। କିଛିଦିନ ହେଲା ହ୍ୱାଇଟ୍ ହାଉସ୍ ବାଣିଜ୍ୟ ପରାମର୍ଶଦାତା ☞ପୃଷ୍ଠା-୪

# ତୋ ନମ୍ବର ଦେ, ମୋ ଚେହେରା ଦେଖିବୁ

**କର୍ତ୍ତବ୍ୟରତ ମହିଳା ଆଇପିଏସ୍ ଅଫିସରଙ୍କୁ ଫୋନ୍‌ରେ ଧମକାଇଲେ ଅଜିତ୍ ପାୱାର**



ଅଞ୍ଜନା କ୍ରିଷ୍ଣା



ଅଜିତ୍ ପାୱାର

ମୁମ୍ବାଇ,୫।୯

ମୁଁ ତୋ ଉପରେ କାର୍ଯ୍ୟାନୁଷ୍ଠାନ ନେବି। ତୁ ମୋ ଚେହେରା ଦେଖିବାକୁ ଚାହୁଁଛୁ ତ? ତୋ ନମ୍ବର ଦେ ନଚେତ୍ ହ୍ୱାଟ୍‌ସଆପ୍ କଲ୍ କର। ତୋର ଏତେ ସାହସ ହୋଇଗଲାଣି କି? ଏହା ହେଉଛି ଜଣେ କର୍ତ୍ତବ୍ୟରତ ମହିଳା ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଫିସରଙ୍କୁ ☞ପୃଷ୍ଠା-୪

## ଦିଲ୍ଲୀରେ ଆଜି



ଯମୁନା ନଦୀ ଜଳସ୍ତର ବଢ଼ିବାରେ ଲାଗିଥିବାରୁ ଉଛୁଳା ପାଣି ନୂଆଦିଲ୍ଲୀର ଓଭରବ୍ରିଜ୍‌ଗୁଡିକୁ ଛୁଇଁଛି। (ଫଟୋ– ଚମନ ଗୌତମ)

# ମୁମ୍ବାଇରେ ପଶିଛନ୍ତି ୧୪ ପାକିସ୍ତାନୀ ଆତଙ୍କବାଦୀ

- ୩୪ ଗାଡ଼ିରେ ଖଞ୍ଜିଛନ୍ତି ୪୦୦ କେ.ଜି. ଆର୍‌ଡିଏକ୍ସ
- ହ୍ୱାଟ୍ସଆପ୍‌ରେ ବିସ୍ଫୋରଣ ଧମକ ମିଳିଥିବା କହିଲା ପୋଲିସ

ମୁମ୍ବାଇ,୫।୯

ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇରେ ୧୪ ପାକିସ୍ତାନୀ ଆତଙ୍କବାଦୀ ଅନୁପ୍ରବେଶ କରିଛନ୍ତି। ସେମାନେ ୩୪ଟି ଗାଡ଼ିରେ ୪୦୦ କେ.ଜି. ଓଜନର ରୟାଲ ଡିମୋଲିଶନ୍ ଏକ୍ସପ୍ଲୋସିଭ୍ (ଆର୍‌ଡିଏକ୍ସ) ଖଞ୍ଜିଛନ୍ତି। ମହାନଗରରେ ଶନିବାର ଅନନ୍ତ ଚତୁର୍ଥୀରେ ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ମାନବ ବୋମା ବିସ୍ଫୋରଣ ଘଟାଇବେ, ଯହିଁରେ କୋଟିଏ ଲୋକଙ୍କ ମୃତ୍ୟୁ ଘଟିବ ବୋଲି ଗୁରୁବାର ଟ୍ରାଫିକ୍ ପୋଲିସ କଣ୍ଟ୍ରୋଲ ରୁମ୍‌ର ହ୍ୱାଟ୍ସଆପ୍ ହେଲ୍‌ପଲାଇନ୍ ନମ୍ବରକୁ ଧମକପୂର୍ଣ୍ଣ ମେସେଜ୍ ଆସିଥିବା ମୁମ୍ବାଇ ପୋଲିସ ଦାବି କରିଛି। ଏଭଳି ଧମକ ମିଳିବା ପରେ ବ୍ୟସ୍ତବହୁଳ ମୁମ୍ବାଇ ସହରରେ ହାଇ ଆଲର୍ଟ ଜାରି କରାଯାଇଥିବା କୁହାଯାଉଛି। ଏହାକୁ ଦୃଷ୍ଟିରେ ରଖି ବିସର୍ଜନ ବେଳେ ମୁମ୍ବାଇ ସାରା ପର୍ଯ୍ୟାପ୍ତ ସୁରକ୍ଷା ବନ୍ଦୋବସ୍ତ ସହ ବ୍ୟାପକ ପୋଲିସ ମୁତୟନ କରାଯିବାକୁ ଯୋଜନା ହୋଇଛି। ଏପରି କି ଆତଙ୍କବାଦ ନିରୋଧୀ ସ୍କାଡ୍ (ଏଟିଏସ୍)କୁ ମଧ୍ୟ ତଦନ୍ତରେ ନିୟୋଜିତ କରାଯାଇଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ମୁମ୍ବାଇରେ ଗଣେଶ ଉତ୍ସବ ଧୁମଧାମରେ ପାଳିତ ହୋଇଥାଏ। ଏହାର ଦଶମ ଦିନ ଅନନ୍ତ ଚତୁର୍ଥୀରେ ମୂର୍ତ୍ତି ବିସର୍ଜନ କରାଯାଏ। ଏହି ଅବସରରେ ଅନେକ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ମୁମ୍ବାଇ ପୋଲିସର କହିବା ହେଲା, ମୁମ୍ବାଇ ବିସ୍ଫୋରଣରେ ୪୦୦ କେ.ଜି. ଆର୍‌ଡିଏକ୍ସ ବ୍ୟବହାର କରାଯିବ। ଏଥିରେ ୧ କୋଟି ଲୋକ ପ୍ରାଣ ହରାଇବେ ବୋଲି ହ୍ୱାଟ୍ସଆପ୍‌ରେ ଧମକ ଦିଆଯାଇଛି। ଉକ୍ତ ଧମକପୂର୍ଣ୍ଣ ମେସେଜ୍ ପଠାଇଥିବା ବ୍ୟକ୍ତି ଜଣକ 'ଲଶ୍କର-ଇ-ଜିହାଦୀ' ବୋଲି ନିଜ ପରିଚୟ ଦେଇଛନ୍ତି। ତେବେ କୌଣସି ପ୍ରକାର ଗୁଜବକୁ ବିଶ୍ୱାସ ନ କରିବାକୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଥିବା ଯୁଗ୍ମ ପୋଲିସ କମିଶନର (ଆଇନଶୃଙ୍ଖଳା) ସତ୍ୟନାରାୟଣ ଚୌଧରୀ ସୂଚନା ଦେଇଛନ୍ତି।

# ୨୨ ନଦୀରେ ପ୍ରବଳ ବନ୍ୟା ସ୍ଥିତି

### ୨୩ ଷ୍ଟେଶନରେ ସ୍ୱାଭାବିକଠାରୁ ଉପରେ ଜଳସ୍ତର ରେକର୍ଡ

ନୂଆଦିଲ୍ଲୀ,୫।୯(ପି.ଟି.)

ସାରା ଦେଶର ୨୨ ନଦୀ ମନିଟରିଂ ଷ୍ଟେଶନ୍‌ରେ ପ୍ରବଳ ବନ୍ୟା ସ୍ଥିତି ରେକର୍ଡ କରାଯାଇଥିବାବେଳେ ଅନ୍ୟ ୨୩ଟିରେ ଜଳସ୍ତର ସ୍ୱାଭାବିକଠାରୁ ଉପରେ ରହିଥିବା ଶୁକ୍ରବାର କେନ୍ଦ୍ରୀୟ ଜଳ କମିଶନ (ସିଡବ୍ଲ୍ୟୁସି) ପକ୍ଷରୁ ସୂଚନା ଦିଆଯାଇଛି। ଦୈନିକ ବନ୍ୟା ସ୍ଥିତି ରିପୋର୍ଟ ଅନୁସାରେ ବିହାର ଓ ଉତ୍ତର ପ୍ରଦେଶର ୮ଟି ଲେଖାଏ, ଗୁଜରାଟ, ଦିଲ୍ଲୀ, ଝାଡ଼ଖଣ୍ଡ, ଓଡ଼ିଶା, ରାଜସ୍ଥାନ ଓ ପଶ୍ଚିମବଙ୍ଗର ଗୋଟିଏ ଲେଖାଏ ଷ୍ଟେଶନରେ ପ୍ରବଳ ବନ୍ୟା ସ୍ଥିତି ରେକର୍ଡ କରାଯାଇଛି। ସେହିପରି ଆସାମ, ଜମ୍ମୁ-କଶ୍ମୀର, ଓଡ଼ିଶା, ଆନ୍ଧ୍ର ପ୍ରଦେଶ ଓ ପଶ୍ଚିମବଙ୍ଗର ୨୩ ଷ୍ଟେଶନରେ ସ୍ୱାଭାବିକଠାରୁ ଉପରେ ବନ୍ୟା ଜଳ ରହିଥିବା ରେକର୍ଡ କରାଯାଇଛି। ୪୬ ଡ୍ୟାମ୍ ଓ ବ୍ୟାରେଜ୍ ପାଇଁ ଜଳସ୍ରୋତ ବୃଦ୍ଧି ପାଇବା ନେଇ ଇନ୍‌ଫ୍ଲୋ ଫୋରକାଷ୍ଟ ଜାରି କରାଯାଇଛି। ସେଗୁଡ଼ିକ ମଧ୍ୟରେ କର୍ଣ୍ଣାଟକର ୧୨, ତେଲଙ୍ଗାନାର ୬, ଆନ୍ଧ୍ର ପ୍ରଦେଶର ୫ ଏବଂ ମଧ୍ୟପ୍ରଦେଶ, ଗୁଜରାଟ, ତାମିଲନାଡୁ, ଓଡ଼ିଶା, ମହାରାଷ୍ଟ୍ର ଓ ଉତ୍ତରାଖଣ୍ଡର ଅନେକ ନଦୀବନ୍ଧ ଯୋଜନା ରହିଛି। ଡ୍ୟାମ୍ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ପ୍ରଟୋକଲ ଅନୁସାରେ କାର୍ଯ୍ୟ କରି ତଳମୁଣ୍ଡରେ ବନ୍ୟା ନିରାକରଣ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି।

## ସୀମାରେ ବନ୍ୟା: ୧୧୦ କି.ମି. ତାରବାଡ଼ କ୍ଷତିଗ୍ରସ୍ତ

### ପାଣିଘେରରେ ୯୦ ବିଏସ୍‌ଏଫ୍ ଘାଟି

ଚଣ୍ଡିଗଡ଼,୫।୯

ପଞ୍ଜାବ ଓ ଜମ୍ମୁର ଫରୱାର୍ଡ ଅଞ୍ଚଳରେ ବନ୍ୟା ଯୋଗୁ ଅନ୍ତର୍ଜାତୀୟ ସୀମାର ଜିରୋ ଲାଇନ ନିକଟରେ ପ୍ରାୟ ୧୧୦ କିଲୋମିଟର ତାରବାଡ଼ କ୍ଷତିଗ୍ରସ୍ତ ହୋଇଛି। ଏଥିସହିତ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ୯୦ଟି ଘାଟି ଓ ସୀମାନ୍ତ ପିଲରଗୁଡ଼ିକ ପାଣିରେ ବୁଡ଼ିରହିଛି। ପଞ୍ଜାବରେ ଥିବା ୮୦ କିଲୋମିଟର ଏବଂ ଜମ୍ମୁରେ ଥିବା ପ୍ରାୟ ୩୦ କିଲୋମିଟର ସୀମାନ୍ତ ତାରବାଡ଼ ବନ୍ୟା ଯୋଗୁ କ୍ଷତିଗ୍ରସ୍ତ ହୋଇଛି। କେଉଁଠି ଏହା ପାଣିରେ ବୁଡ଼ିରହିଛି ତ କେଉଁଠି ଉପୁଡ଼ି ପଡ଼ିଛି କିମ୍ବା ଢଳିରହିଛି। ସେହିପରି ପଞ୍ଜାବ ସେକ୍ଟରରେ ୬୫ ଏବଂ ଜମ୍ମୁ ସେକ୍ଟରରେ ୨୦ଟି ବିଏସ୍‌ଏଫ୍ ପୋଷ୍ଟ ପାଣିଘେରରେ ରହିଛି। ଜଳସ୍ତର ବଢ଼ିବାରୁ ବିଏସ୍‌ଏଫ୍ ଯବାନମାନେ କମଲପୁରସ୍ଥିତ ଘାଟିରୁ ପଳାଇଥିବାବେଳେ ସେଠାରେ ଅମୃତସର ଜିଲା ଶାହଜାଦା ଗ୍ରାମର ଲୋକେ ଆଶ୍ରୟ ନେଇଛନ୍ତି। କର୍‌ତାରପୁର କରିଡର ନିକଟରେ ଥିବା ବିଏସ୍‌ଏଫ୍ ଘାଟିରେ ପାଣି ପଶିଯିବାରୁ ଯବାନମାନେ ଅସ୍ଥାୟୀ ଭାବେ ଡେରା ବାବା ନାନକସ୍ଥିତ ଗୁରୁଦ୍ୱାରା ଦରବାର ସାହିବକୁ ସ୍ଥାନାନ୍ତର ହୋଇଛନ୍ତି। ସୀମାନ୍ତ ଅଞ୍ଚଳରେ ଥିବା ଜମ୍ମୁର ପରଗ୍ୱାଲ ଗ୍ରାମରେ ଲୋକଙ୍କ ଘରେ ଓ କ୍ଷେତରେ ବନ୍ୟାପାଣି ପଶିବା ପରେ ସେମାନେ ନିଜର ଜିନିଷପତ୍ର ଓ ସ୍ମୃତିକୁ ଖୋଜୁଛନ୍ତି। ଗତ ମଙ୍ଗଳବାର ଚେନାବ ନଦୀରେ ବନ୍ୟା ଆସି ସେମାନଙ୍କ ଘରକରଣା ଜିନିଷ ଓ ଗୃହପାଳିତ ପ୍ରାଣୀଙ୍କୁ ଭସାଇ ନେଇଥିଲା।

# ଅନୁତିନ ଚାର୍ନବିରାକୁଲ୍ ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ନିର୍ବାଚିତ

ବ୍ୟାଙ୍କକ୍,୫।୯



ବରିଷ୍ଠ ରାଜନେତା ଅନୁତିନ ଚାର୍ନବିରାକୁଲ୍ ଶୁକ୍ରବାର ପାର୍ଲାମେଣ୍ଟ ନିର୍ବାଚନରେ ବିଜୟୀ ହୋଇ ଦେଶର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି। ପାର୍ଲାମେଣ୍ଟର ୪୯୨ ସକ୍ରିୟ ପ୍ରତିନିଧିଙ୍କ ମଧ୍ୟରୁ ଭୁମଜୈଥାଇ ପାର୍ଟି ନେତା ଅନୁତିନ ୨୪୭ରୁ ଉର୍ଦ୍ଧ୍ୱ ଭୋଟ ପାଇଛନ୍ତି। ରାଜା ମହା ଭଜିରାଲୋଙ୍ଗକର୍ନଙ୍କଠାରୁ ଆନୁଷ୍ଠାନିକ ନିଯୁକ୍ତ ପାଇବା ପରେ ସେ କାର୍ଯ୍ୟଭାର ଗ୍ରହଣ କରିବେ। ଗତ ସପ୍ତାହରେ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପୂର୍ବତନ ପ୍ରଧାନମନ୍ତ୍ରୀ ପାଏତୋଙ୍ଗଟାର୍ନ ଶିନାୱାତ୍ରାଙ୍କୁ ବହିଷ୍କାର କରାଯାଇଥିଲା। ଶିନାୱାତ୍ରା ପଡ଼ୋଶୀ କାମ୍ବୋଡିଆ ସିନେଟ ଅଧ୍ୟକ୍ଷ ହୁନ୍ ସେନ୍‌ଙ୍କ ସହ ରାଜନୈତିକ ସାଲିସ୍‌ଯୁକ୍ତ ଫୋନ୍ କଲ୍ କରିଥିବାରୁ ନୈତିକ ଉଲ୍ଲଂଘନ ଅଭିଯୋଗରେ ଦୋଷୀସାବ୍ୟସ୍ତ ହୋଇଥିଲେ। ଫୋନ୍ କଲ୍ ପ୍ରଘଟକୁ ନେଇ ଉତ୍ତେଜନା ପ୍ରକାଶ ପାଇବା ପରେ ଶିନାୱାତ୍ରାଙ୍କ କ୍ୟାବିନେଟରେ ମନ୍ତ୍ରୀ ଥିବା ଅନୁତିନ ନିଜ ପଦରୁ ଇସ୍ତଫା ଦେବା ସହ ମେଣ୍ଟ ସରକାରରୁ ତାଙ୍କ ଦଳର ସମର୍ଥନ ପ୍ରତ୍ୟାହାର କରିନେଇଥିଲେ। ସୂଚନାଯୋଗ୍ୟ, ଥାଇଲାଣ୍ଡରେ ଗଞ୍ଜେଇକୁ ଅପରାଧମୁକ୍ତ କରାଇବା ଲାଗି ସଫଳ ଅଭିଯାନର ନେତୃତ୍ୱ ନେଇ ୫୮ ବର୍ଷୀୟ ଅନୁତିନ ବେଶ୍ ଜଣାଶୁଣା।

# ବୈଷୟିକ ତ୍ରୁଟିରୁ ଇନ୍ଦୋରରେ ବିମାନର ଜରୁରୀ ଅବତରଣ

### ବର୍ତ୍ତିଲେ ୧୬୧ ଯାତ୍ରୀ

ଭୋପାଳ,୫।୯

ଇଞ୍ଜିନ୍‌ରେ ବୈଷୟିକ ତ୍ରୁଟି କାରଣରୁ ଶୁକ୍ରବାର ସକାଳେ ନୂଆଦିଲ୍ଲୀରୁ ଇନ୍ଦୋର ଯାଉଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ବିମାନ ଇନ୍ଦୋରର ଦେବୀ ଅହଲ୍ୟାବାଇ ହୋଲ୍‌କର ଏୟାରପୋର୍ଟରେ ଜରୁରୀ ଅବତରଣ କରିଛି। ସକାଳ ୯ଟା ୫୪ ମିନିଟ୍ ସମୟରେ ଆଇଏକ୍ସ-୧୦୨୮ ନମ୍ବର ବିଶିଷ୍ଟ ବିମାନ ନିରାପଦ ଅବତରଣ କରିଥିବାବେଳେ ସମସ୍ତ ୧୬୧ ଯାତ୍ରୀ ସୁରକ୍ଷିତ ରହିଛନ୍ତି। ବିମାନ ଉଡ଼ାଣ ଆରମ୍ଭ କରିବାର କିଛି ସମୟ ପରେ ଇଞ୍ଜିନ୍‌ରେ ବୈଷୟିକ ତ୍ରୁଟି ସମ୍ପର୍କରେ ପାଇଲଟ୍ ଇନ୍ଦୋର ଏୟାର ଟ୍ରାଫିକ୍ କଣ୍ଟ୍ରୋଲ (ଏଟିସି)କୁ ଅବଗତ କରାଇବା ସହ ଜରୁରୀ ଅବତରଣ ପାଇଁ ଅନୁମତି ମାଗିଥିଲେ। ଏଟିସି ଜରୁରୀ ଅବତରଣ ପାଇଁ ଅନୁମତି ଦେବା ସହ ଅଗ୍ନିଶମ ଗାଡ଼ି, ଆମ୍ବୁଲାନ୍ସ ଏବଂ ସିଆଇଏସ୍‌ଏଫ୍ ଯବାନଙ୍କ ସମେତ ଜରୁରୀ ଟିମ୍ ନିୟୋଜିତ କରିଥିଲା।

# ଶିଳ୍ପା ସେଟ୍ଟୀ, ରାଜ କୁନ୍ଦ୍ରାଙ୍କ ନାଁରେ ଲୁକ୍‌ଆଉଟ ନୋଟିସ

### ୬୦ କୋଟିର ଜାଲିଆତି ମାମଲା

ମୁମ୍ବାଇ,୫।୯(ପି.ଟି.)




୬୦ କୋଟି ଟଙ୍କାର ଜାଲିଆତି ମାମଲାରେ ବଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ ଏବଂ ତାଙ୍କ ବ୍ୟବସାୟୀ ସ୍ୱାମୀ ରାଜ କୁନ୍ଦ୍ରାଙ୍କ ବିରୋଧରେ ମୁମ୍ବାଇ ପୋଲିସ ଶୁକ୍ରବାର ଲୁକ୍ ଆଉଟ୍ ସର୍କୁଲାର (ଏଲ୍‌ଓସି) ଜାରି କରିଛି। ଏହି ଦମ୍ପତିଙ୍କର ବର୍ତ୍ତମାନ ବନ୍ଦ ଥିବା କମ୍ପାନୀ ବେଷ୍ଟ ଡିଲ୍ ଟିଭି. ପ୍ରା. ଲି଼ ସମ୍ପୃକ୍ତ ଥିବା ଏକ ଡିଲ୍‌ରେ ଜାଲିଆତି ଅଭିଯୋଗ ହୋଇଥିଲା। ଶିଳ୍ପା ଓ ରାଜ ବାରମ୍ବାର ବିଦେଶ ଗସ୍ତରେ ଯାଉଥିବାରୁ ସେମାନଙ୍କ ବିରୋଧରେ ମୁମ୍ବାଇ ପୋଲିସ୍‌ର ଅର୍ଥନୈତିକ ଅପରାଧ ଶାଖା ପକ୍ଷରୁ ଏଲ୍‌ଓସି ଜାରି ହୋଇଛି। ଋଣ ତଥା ନିବେଶ ଚୁକ୍ତିନାମା ଆଳରେ ଜଣେ ବ୍ୟବସାୟୀଙ୍କଠାରୁ ପ୍ରାୟ ୬୦ କୋଟି ଟଙ୍କା ଠକେଇ ଅଭିଯୋଗରେ ଶିଳ୍ପା ଓ ତାଙ୍କ ସ୍ୱାମୀଙ୍କ ନାଁରେ ଅଗଷ୍ଟ ୧୪ରେ ଜୁହୁ ଥାନାରେ ମାମଲା ରୁଜୁ ହୋଇଥିଲା। କୌଣସି ବ୍ୟକ୍ତିଙ୍କୁ ଦେଶ ଛାଡ଼ିବାରୁ ରୋକିବା କିମ୍ବା ତାଙ୍କ ଗତିବିଧିକୁ ଟ୍ରାକ୍ କରିବା ପାଇଁ ଲୁକ୍‌ଆଉଟ୍ ସର୍କୁଲାର ଜାରି ଦ୍ୱାରା ଇମିଗ୍ରେଶନ ଓ ସୀମା ନିୟନ୍ତ୍ରଣ ପଏଣ୍ଟଗୁଡ଼ିକୁ ଆଲର୍ଟରେ ରଖାଯାଇଥାଏ।

ଲୋଟସ୍ କ୍ୟାପିଟାଲ ଫାଇନାନ୍ସ ସର୍ଭିସେସ୍ ଏକ ଅଣବ୍ୟାଙ୍କିଙ୍ଗ୍ ଫାଇନାନ୍ସ କମ୍ପାନୀର ନିର୍ଦ୍ଦେଶକ ଦୀପକ କୋଠାରୀ (୬୦) କୁନ୍ଦ୍ରା ଦମ୍ପତିଙ୍କ ନାମରେ ଠକେଇ ଅଭିଯୋଗ ଦାଏର କରିଥିଲେ। କୁନ୍ଦ୍ରା ଦମ୍ପତି ସେମାନଙ୍କ ହୋମ୍ ଶପିଙ୍ଗ ଏବଂ ଅନ୍‌ଲାଇନ ରିଟେଲ୍ କମ୍ପାନୀ ବେଷ୍ଟ ଡିଲ୍ ଟିଭି ପ୍ରା. ଲି଼ ପାଇଁ ରାଜେଶ ଆର୍ଯ୍ୟଙ୍କ ଜରିଆରେ କୋଠାରୀଙ୍କ ସଂସ୍ଥାରୁ ୭୫ କୋଟି ଟଙ୍କା ଋଣ ଚାହିଁଥିଲେ। ତଦନୁଯାୟୀ କୋଠାରୀଙ୍କ କମ୍ପାନୀ ସେମାନଙ୍କୁ ଦୁଇ କିସ୍ତିରେ ପାଖାପାଖି ୬୦ କୋଟି ଟଙ୍କା ଦେଇଥିଲା। ଋଣ ପରିଶୋଧ ପାଇଁ ବ୍ୟକ୍ତିଗତ ଗ୍ୟାରେଣ୍ଟି ଦେଇଥିବା ଶିଳ୍ପା ପରବର୍ତ୍ତୀ ସମୟରେ କମ୍ପାନୀ ନିର୍ଦ୍ଦେଶକ ପଦରୁ ଇସ୍ତଫା ଦେଇଥିଲେ। କୋଠାରୀ ବ୍ୟବସାୟ ପାଇଁ ଋଣ ଦେଇଥିଲେ ମଧ୍ୟ ତାହାକୁ ଅଭିଯୁକ୍ତ ବ୍ୟକ୍ତିଗତ କାମରେ ଲଗାଇଥିବା ସେ ଜାଣିବାକୁ ପାଇଥିଲେ। ଚୁକ୍ତି ମୁତାବକ ଋଣ ଅର୍ଥ ପରିଶୋଧ ନ ହେବାରୁ କୋଠାରୀ ମୁମ୍ବାଇ ପୋଲିସରେ ଅଭିଯୋଗ କରିଥିଲେ।

# ୪୫ ଶିକ୍ଷକଙ୍କୁ ଜାତୀୟ ଶିକ୍ଷକ ପୁରସ୍କାର

ନୂଆଦିଲ୍ଲୀ,୫।୯(ପି.ଟି.)

ଗୁରୁଦିବସ ଅବସରରେ ଶୁକ୍ରବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶର ୪୫ ଜଣ ଶିକ୍ଷକଙ୍କୁ ଶିକ୍ଷାଦାନ କ୍ଷେତ୍ରରେ ଦୃଷ୍ଟାନ୍ତମୂଳକ ଅବଦାନ ପାଇଁ ଜାତୀୟ ଶିକ୍ଷକ ପୁରସ୍କାରରେ ସମ୍ମାନିତ କରିଛନ୍ତି। ଏହି ପୁରସ୍କାର ଜରିଆରେ ଶିକ୍ଷାଦାନର ନୂଆ ପଦ୍ଧତି, ଛାତ୍ରୀଛାତ୍ରଙ୍କ ବିକାଶ ପାଇଁ ଉଦ୍ୟମଠାରୁ ଭିନ୍ନ ଭିନ୍ନ ପରିବେଶରେ ଶିକ୍ଷାଗ୍ରହଣ ଉପଲବ୍ଧି ବଢ଼ାଇବା ଉଦ୍ୟମକୁ ସ୍ୱୀକୃତି ପ୍ରଦାନ କରାଯାଇଛି। ଅଭିନବ ଶିକ୍ଷାଶାସ୍ତ୍ରଠାରୁ ପ୍ରଥମ ପିଢ଼ି ଶିକ୍ଷାର୍ଥୀଙ୍କୁ ଅନୁପ୍ରାଣିତ କରିବା ପର୍ଯ୍ୟନ୍ତ ଦେଶର ପିଲାମାନଙ୍କ ମାନସିକତାକୁ ନୂଆ ରୂପ ଦେବାରେ ଏହି ପୁରସ୍କାରପ୍ରାପ୍ତ ଶିକ୍ଷକମାନଙ୍କର ପ୍ରମୁଖ ଭୂମିକା ରହିଛି। ପୁରସ୍କାର ପ୍ରଦାନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁରସ୍କୃତ ହେବାକୁଥିବା ଶିକ୍ଷକମାନଙ୍କ ସହ କଥା ହୋଇଥିଲେ। ସ୍ୱଦେଶୀ ଉତ୍ପାଦଗୁଡ଼ିକର ପ୍ରଚାର ପ୍ରସାର ଏବଂ ମେକ୍ ଇନ୍ ଇଣ୍ଡିଆ ଏବଂ ଭୋକାଲ ଫର୍ ଲୋକାଲ ଆନ୍ଦୋଳନକୁ ସୁଦୃଢ଼ କରିବା ପାଇଁ ସେ ଶିକ୍ଷକମାନଙ୍କୁ କହିଥିଲେ।



ରଜନୀକାନ୍ତ


# ୧୧ରୁ ଓଟିଟିରେ 'କୁଲି'

ଚେନ୍ନାଇ

ସାଉଥ୍ ସୁପରଷ୍ଟାର ରଜନୀକାନ୍ତଙ୍କ ଆକ୍ସନ ଡ୍ରାମା ଫିଲ୍ମ 'କୁଲି' ଗତ ୧୪ ତାରିଖରେ ରିଲିଜ୍ ହୋଇଥିଲା। ବକ୍ସ ଅଫିସ୍‌ରେ ଏହି ଫିଲ୍ମକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ। ତେବେ ଏହି ଫିଲ୍ମ ରିଲିଜ୍ ହେବାର ପ୍ରାୟ ୨୦ ଦିନ ବିତିଯାଇଥିଲେ ସୁଦ୍ଧା ଯେଉଁ ଦର୍ଶକମାନେ ଫିଲ୍ମକୁ ପ୍ରେକ୍ଷାଳୟରେ ଦେଖିପାରି ନାହାଁନ୍ତି, ସେମାନଙ୍କ ନିମନ୍ତେ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ଅପ୍‌ଡେଟ୍ ସାମ୍‌ନାକୁ ଆସିଛି। ଆସନ୍ତା ୧୧ ତାରିଖରୁ ଓଟିଟି ପ୍ଲାଟ୍‌ଫର୍ମ ଆମାଜନ ପ୍ରାଇମରେ 'କୁଲି' ଫିଲ୍ମ ଷ୍ଟ୍ରିମିଂ ହେବ। ଏନେଇ ଆମାଜନ ପ୍ରାଇମ ପକ୍ଷରୁ ଇନ୍‌ଷ୍ଟାଗ୍ରାମରେ ସୂଚନା ଦିଆଯାଇଛି। ଲୋକେଶ କନଗରାଜ୍‌ଙ୍କ ନିର୍ଦ୍ଦେଶନାରେ ନିର୍ମିତ ହୋଇଥିବା ଏହି ଫିଲ୍ମରେ ରଜନୀକାନ୍ତଙ୍କ ବ୍ୟତୀତ ଅଭିନେତ୍ରୀ ଶ୍ରୁତି ହାସନ, ଅଭିନେତା ନାଗାର୍ଜୁନ, ସତ୍ୟରାଜ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜରକୁ ଆସିଛନ୍ତି। ବିଭିନ୍ନ ରିପୋର୍ଟ ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା 'କୁଲି' ଫିଲ୍ମ କେବଳ ଭାରତୀୟ ସିନେମା ହଲ୍‌ଗୁଡିକରୁ ୨୮୧.୩୦ କୋଟି ଟଙ୍କା ରୋଜଗାର କରିଥିବା ବେଳେ ବିଶ୍ୱବ୍ୟାପୀ ଏହାର ବ୍ୟବସାୟ ୫୦୦ କୋଟି ଅତିକ୍ରମ କରିଛି।

## ଫୁରସତ୍

# ଟ୍ରାଫିକ୍ ଲାଇଟ୍ ନ ଥିବା ଦେଶ



ଥିମ୍ପୁ

ଟ୍ରାଫିକ୍ ଜାମ୍ ସମସ୍ୟାର ମୁକାବିଲା ପାଇଁ ବିଶ୍ୱର ପ୍ରତ୍ୟେକ ଦେଶର ବଡ଼ ବଡ଼ ସହରରେ ଟ୍ରାଫିକ୍ ସିଗ୍‌ନାଲ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି। ତେବେ ଏପରି ଏକ ଦେଶ ରହିଛି, ଯେଉଁଠାରେ ଗୋଟିଏ ବି ଟ୍ରାଫିକ୍ ଲାଇଟ୍ ନାହିଁ। ଏହାସତ୍ତ୍ୱେ ମଧ୍ୟ ସେଠାକାର ରାସ୍ତାରେ କୌଣସି ଟ୍ରାଫିକ୍ ଜାମ୍ ସ୍ଥିତି ସୃଷ୍ଟି ହୋଇ ନ ଥାଏ।

ପ୍ରାୟ ୮ ଲକ୍ଷ ଜନସଂଖ୍ୟାବିଶିଷ୍ଟ ଭାରତର ପଡ଼ୋଶୀ ଦେଶ ଭୁଟାନରେ ଗୋଟିଏ ବି ଟ୍ରାଫିକ୍ ଲାଇଟ୍ ନାହିଁ। କୌଣସି ଟ୍ରାଫିକ୍ ଲାଇଟ୍ ନ ଥିବା ବିଶ୍ୱର ଏକମାତ୍ର ଦେଶ ଭାବେ ଭୁଟାନକୁ ବିବେଚନା କରାଯାଇଥାଏ। କମ୍ ଜନସଂଖ୍ୟା ଘନତ୍ୱ ଯୋଗୁ ଭୁଟାନରେ ଟ୍ରାଫିକ୍ ଜାମ୍ ସ୍ଥିତି ସୃଷ୍ଟି ହୋଇ ନ ଥାଏ ଏବଂ ଲୋକମାନେ ଆରାମରେ ଗାଡ଼ି ଚଳାଇଥାନ୍ତି। ସେହିପରି ଭୁଟାନରେ ଗାଡ଼ି ଚଳାଉଥିବା ସମୟରେ ଡ୍ରାଇଭରମାନେ ପଦଯାତ୍ରୀଙ୍କ ପ୍ରତି ବିଶେଷ ଦୃଷ୍ଟି ଦେଇଥାନ୍ତି।

ଭୁଟାନର ରାଜଧାନୀ ଥିମ୍ପୁ ହେଉଛି ବିଶ୍ୱର ଏକମାତ୍ର ରାଜଧାନୀ, ଯେଉଁଠାରେ କୌଣସି ଟ୍ରାଫିକ୍ ଲାଇଟ୍ ନାହିଁ। ତେବେ ଥିମ୍ପୁର ବିଭିନ୍ନ ଛକରେ ଟ୍ରାଫିକ୍ କର୍ମଚାରୀ ନିୟୋଜିତ ହୋଇ ଟ୍ରାଫିକ୍ ପରିଚାଳନା କରିଥାନ୍ତି। ରିପୋର୍ଟ ଅନୁଯାୟୀ, ୯୦ ଦଶକରେ ଥିମ୍ପୁରେ ଅସ୍ଥାୟୀ ଭାବରେ ଟ୍ରାଫିକ୍ ଲାଇଟ୍ ସିଷ୍ଟମ ସ୍ଥାପନ କରାଯାଇଥିଲା। ତେବେ ଭୁଟାନର ଲୋକମାନେ ସ୍ୱୟଂଚାଳିତ ଟ୍ରାଫିକ୍ ଲାଇଟ୍ ବ୍ୟବସ୍ଥା ଅପେକ୍ଷା ଟ୍ରାଫିକ୍ ପୋଲିସ କର୍ମଚାରୀଙ୍କ ଦ୍ୱାରା ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥାକୁ ପସନ୍ଦ କରିଥିଲେ, ଯାହାଫଳରେ ଥିମ୍ପୁରେ ଟ୍ରାଫିକ୍ ଲାଇଟ୍ ସିଷ୍ଟମକୁ କାର୍ଯ୍ୟକାରୀ କରାଯାଇ ନ ଥିଲା। ପ୍ରକାଶ ଯେ, ଉତ୍ତମ ଟ୍ରାଫିକ୍ ପରିଚାଳନା ନିମନ୍ତେ ୧୮୬୮ରେ ପ୍ରଥମଥର ପାଇଁ ଲଣ୍ଡନରେ ଟ୍ରାଫିକ୍ ଲାଇଟ୍ ବ୍ୟବସ୍ଥା ଆରମ୍ଭ ହୋଇଥିଲା। ଧୀରେ ଧୀରେ ଏହି ବ୍ୟବସ୍ଥାକୁ ଅନ୍ୟ ଦେଶଗୁଡ଼ିକ ମଧ୍ୟ ଆପଣାଇଥିଲେ।




ନୂଆଦିଲ୍ଲୀରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଶୁକ୍ରବାର ଜାତୀୟ ଶିକ୍ଷକ ପୁରସ୍କାର ଗ୍ରହଣ କରୁଛନ୍ତି ମାଲକାନଗିରିର ଶିକ୍ଷକ ବସନ୍ତ କୁମାର ରଣା ଓ କୋରାପୁଟର ତରୁଣ କୁମାର ଦାସ। (ଫଟୋ: ଚମନ ଗୌତମ)

# ବର୍ଷା ଯୋଗୁ ଭୁବନେଶ୍ୱର ପରିବର୍ତ୍ତେ କୋଲକାତାରେ ଓହ୍ଲାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୫।୯(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କର ୫ ଦିନିଆ ନୂଆଦିଲ୍ଲୀ ଗସ୍ତ କାର୍ଯ୍ୟକ୍ରମ ଶେଷକରି ଶୁକ୍ରବାର ଫେରୁଥିବା ବେଳେ ଖରାପ ପାଗ କାରଣରୁ ଭୁବନେଶ୍ୱର ବିମାନବନ୍ଦରରେ ଓହ୍ଲାଇପାରିଲେ ନାହିଁ। ସେ ବସିଥିବା ଏୟାର ଇଣ୍ଡିଆ ବିମାନ ୪୭୩ ଖରାପ ପାଗ କାରଣରୁ କୋଲକାତା ବିମାନବନ୍ଦରରେ ଅବତରଣ କଲା। ଏହାପରେ ଅନ୍ୟ ଏକ ବିମାନଯୋଗେ ମୁଖ୍ୟମନ୍ତ୍ରୀ କୋଲକାତାରୁ

**ଜିଏସ୍‌ଟି ସଂସ୍କାର ଯୋଗୁ ମଧ୍ୟବିତ୍ତ ବିଶେଷ ଉପକୃତ ହେବେ**

ବାହାରି ଭୁବନେଶ୍ୱରରେ ଧାର୍ଯ୍ୟ ସମୟଠାରୁ ବିଳମ୍ବରେ ପହଞ୍ଚିଥିଲେ। ବିମାନବନ୍ଦରଠାରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ଲାଗି ବହୁ ମନ୍ତ୍ରୀ ଏବଂ ବିଧାୟକ ପୂର୍ବରୁ ଭୁବନେଶ୍ୱର ବିମାନବନ୍ଦରଠାରେ ଉପସ୍ଥିତ ଥିଲେ। ସେଠାରେ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ ଜଣାଇଥିଲେ। ଏହାପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜିଏସ୍‌ଟି ସଂସ୍କାରରେ ଓଡ଼ିଶା ଲାଭାନ୍ୱିତ ହେବ। ବିଶେଷକରି ମଧ୍ୟବିତ୍ତ ଲୋକମାନେ ଉପକୃତ ହେବେ। ଜିଏସ୍‌ଟି କ୍ଷେତ୍ରରେ ଐତିହାସିକ ପରିବର୍ତ୍ତନ କେନ୍ଦ୍ର ସରକାର ଆଣିଛନ୍ତି। କେବଳ ୨ଟି ସ୍ଲାବ୍ କାର୍ଯ୍ୟକାରୀ ଦ୍ୱାରା ସମସ୍ତେ ଲାଭାନ୍ୱିତ ହେବେ। ଓଡ଼ିଶାର ୧୦ ଲକ୍ଷରୁ ଅଧିକ କେନ୍ଦୁପତ୍ର ତୋଳାଳି ଉପକୃତ ହେବେ। କୋଇଲା କ୍ଷେତ୍ରରେ ଓଡ଼ିଶାକୁ ଅଧିକ ଲାଭ ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ୫ ବିଭାଗରେ ଗଡୁଛି ୧୩ ହଜାର କୋଟିର 'ୟୁସି'

**ଭୁବନେଶ୍ୱର,୫।୯(ରବିନାରାୟଣ ଜେନା)**

କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନାରେ ରାଜ୍ୟକୁ ପ୍ରଦାନ କରାଯାଉଥିବା ଅର୍ଥର ବିନିଯୋଗ ପ୍ରମାଣପତ୍ର (ୟୁସି) ନିର୍ଦ୍ଦିଷ୍ଟ ସମୟ ଭିତରେ ଦିଆଯାଇପାରୁନାହିଁ। ଫଳରେ ୨୦୨୪-୨୫ ଆର୍ଥିକବର୍ଷ ସୁଦ୍ଧା ୧୬ହଜାର ୫୮୫କୋଟିରୁ ଅଧିକ ଟଙ୍କାର ବିନିଯୋଗ ପ୍ରମାଣପତ୍ର(ୟୁସି) ବିଭିନ୍ନ ବିଭାଗ ଉପରେ ବକେୟା ଗଡୁଛି। ସେଥିମଧ୍ୟରୁ କେବଳ ୫ଟି ବିଭାଗ ୭୮% ଅର୍ଥାତ୍ ୧୩ହଜାର କୋଟି ଟଙ୍କାର ବିନିଯୋଗ ପ୍ରମାଣପତ୍ର ଦେଇନାହାନ୍ତି। ଏହାକୁ ନେଇ ରାଜ୍ୟ ପ୍ରମୁଖ ମହାଲେଖାକାର(ପିଏଜି)ଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି।

ପିଏଜିଙ୍କ ପକ୍ଷରୁ ପ୍ରଦତ୍ତ ତଥ୍ୟ ଅନୁଯାୟୀ, ବିନିଯୋଗ ପ୍ରମାଣପତ୍ର ପ୍ରଦାନ କରୁ ନ ଥିବା ବିଭାଗ ମଧ୍ୟରେ ସର୍ବାଗ୍ରେ ରହିଛି ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ। ମୋଟ ୧୩ହଜାର କୋଟିର ବକେୟା ୟୁସି ମଧ୍ୟରୁ ଏହି ବିଭାଗ ପ୍ରାୟ ୪୧% ୟୁସି ଦେଇପାରୁନାହିଁ। ସେହିପରି ନଗର ଉନ୍ନୟନ ବିଭାଗ ଉପରେ ୩୧% ଅର୍ଥର ବିନିଯୋଗ ପ୍ରମାଣପତ୍ର ବକେୟା ଗଡୁଥିବାବେଳେ ଯୋଜନା ଓ ସଂଯୋଜନ ବିଭାଗ ଉପରେ ୧୫%, ମିଶନ ଶକ୍ତି ଉପରେ ୭% ଏବଂ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଉପରେ ୬% ୟୁସି ବକେୟା ଗଡୁଛି।

ରିପୋର୍ଟ ଅନୁଯାୟୀ, ୨୦୨୩-୨୪ ଆର୍ଥିକବର୍ଷ ସୁଦ୍ଧା ୧୦ହଜାର ୨୭୧ଟି କ୍ଷେତ୍ରରେ ୧୨ହଜାର ୮୪୮.୭୮କୋଟି ଟଙ୍କାର ବକେୟା ରହିଥିଲା। ୨୦୨୪-୨୫ ଆର୍ଥିକବର୍ଷରେ ୧୭୭୯ଟି ଆଇଟମ୍‌ରେ ୩ହଜାର ୭୩୬.୬୭କୋଟି ଟଙ୍କାର ବିନିଯୋଗ ପ୍ରମାଣପତ୍ର ଦିଆଯାଇପାରିନାହିଁ। ଏହାକୁ ମିଶାଇ ୨୦୨୫ ମାର୍ଚ୍ଚ ସୁଦ୍ଧା ସମୁଦାୟ ୧୨ହଜାର ୫୦ଟି କାର୍ଯ୍ୟରେ ୧୬ହଜାର ୫୮୫.୪୫କୋଟି ଟଙ୍କାର ବିନିଯୋଗ ପ୍ରମାଣପତ୍ର ପ୍ରଦାନ କରାଯାଇ ନ ଥିବା ଜଣାଯାଇଛି। ସୂଚନାଯୋଗ୍ୟ, ରାଜ୍ୟରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଭିତ୍ତିଭୂମି ସୁଦୃଢ଼ କରିବା ଏବଂ ବିକାଶ ଲାଗି ପଞ୍ଚାୟତିରାଜ ବିଭାଗ ଏବଂ ନଗର ଉନ୍ନୟନ ବିଭାଗର ବଡ଼ ଭୂମିକା ରହିଛି। ଉଭୟ ବିଭାଗ ପୂର୍ବ ସରକାର ସମୟରେ ଯେଉଁସବୁ ଖର୍ଚ୍ଚ କରିଛନ୍ତି ସେଥିମଧ୍ୟରୁ ଅଧିକାଂଶ ଅର୍ଥର ହିସାବ ଦେଇପାରୁ ନାହାନ୍ତି।

# ଜଳକାରେ ଚତୁର୍ଥ ବନ୍ୟା

**ବାଲେଶ୍ୱର,୫।୯(ବାଞ୍ଛାନିଧି ଦେ)**

- ସତର୍କ ସଙ୍କେତ ତଳେ ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖା
- ଶତାଧିକ ହେକ୍ଟର ଚାଷଜମି ଜଳମଗ୍ନ

ଲଘୁଚାପଜନିତ ଲଗାଣ ବର୍ଷା ଫଳରେ ଜଳକା ନଦୀରେ ଚଳିତ ବର୍ଷ ଚତୁର୍ଥ ଥର ପାଇଁ ବନ୍ୟା ଆସିଛି। ବସ୍ତା ବ୍ଲକ ଦେଇ ପ୍ରବାହିତ ଏହି ନଦୀର ଜଳସ୍ତର ବିପଦ ସଙ୍କେତ ଉପରେ ରହିଛି। ଫଳରେ ବସ୍ତା ଓ ସଦର ବ୍ଲକର ୧୨ଟି ପଞ୍ଚାୟତର ହଜାର ହଜାର ହେକ୍ଟର ଚାଷ ଜମି ଜଳମଗ୍ନ ହୋଇଛି। ତଳିଆ ଅଞ୍ଚଳ ସମେତ ଗାଁ ରାସ୍ତାରେ ୩ଫୁଟ୍ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଛି। ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖା ନଦୀର ଜଳସ୍ତର ସତର୍କ ସଙ୍କେତ ତଳେ ପ୍ରବାହିତ ହେଉଛି।

ମଥାନୀଠାରେ ଜଳକା ନଦୀର ସତର୍କ ସଙ୍କେତ ୬ ମିଟର ଓ ବିପଦ ସଙ୍କେତ ୬.୫ ମିଟର ରହିଛି। ଗୁରୁବାର ରାତି ୨ଟା ସମୟରେ ଜଳସ୍ତର ବିପଦ ସଙ୍କେତ ଟପି ୬.୫୬ ମିଟରରେ ପ୍ରବାହିତ ହେଉଥିଲା। ଶୁକ୍ରବାର ମଧ୍ୟାହ୍ନ ୧୨ଟା ସୁଦ୍ଧା ଜଳସ୍ତର ବୃଦ୍ଧି ପାଇ ୬.୭୯ ମିଟର ଏବଂ ରାତି ୭ଟା ସୁଦ୍ଧା ୬.୭୧ ମିଟରରେ ପହଞ୍ଚିଛି। ଫଳରେ ଜଳକା ନଦୀରେ ଚତୁର୍ଥ ଥର ବନ୍ୟା ଆସି ଚାଷୀଙ୍କ ଦୁର୍ଦ୍ଦଶା ବଢ଼ାଇଛି।

ବସ୍ତା ବ୍ଲକ ଅନ୍ତର୍ଗତ ବାହାର୍ଦ୍ଧା, କୁଡ଼ିଆ, ମଥାନୀ, ଦୁଧହଂସା, ରାଉତପଡ଼ା, ଗଡ଼ପଦା, ସଦାନନ୍ଦପୁର, ବ୍ରାହ୍ମଣଦା ସମେତ ସଦର ବ୍ଲକର ଶ୍ରୀରାମପୁର, ରସଲପୁର ଆଦି ପଞ୍ଚାୟତରେ ବନ୍ୟାଜଳ ପ୍ରବେଶ କରିଛି। ମଥାନୀ-ବାହାର୍ଦ୍ଧା ଚଟାଣ, ଗହୀର ସିମୁଳିଆ-ରାଉତପଡ଼ା ରାସ୍ତାରେ ୨/୩ ଫୁଟ୍ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ସେହିପରି ଗାନ୍ଧିଛକସ୍ଥିତ ଇଲେକ୍ଟ୍ରିଅଫିସ୍, କୁଡ଼ିଆ ସ୍କୁଲ ଓ କୁଡ଼ିଆ ଗାଁରେ ବନ୍ୟାଜଳ ଲହଡ଼ି ମାରୁଛି। ନଦୀକୂଳିଆ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ବନ୍ୟା ମୁକାବିଲା ପାଇଁ ପ୍ରଶାସନ ସଜାଗ ଥିବାବେଳେ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀ ମୁତୟନ ଥିବା ତହସିଲଦାର ସୁଶାନ୍ତ ପଟ୍ଟନାୟକ କହିଛନ୍ତି।

ସେହିପରି ବୁଢ଼ାବଳଙ୍ଗ ନଦୀର ୫ନଂ. ଜାତୀୟ ରାଜପଥ ଗୋବିନ୍ଦପୁରଠାରେ ସତର୍କ ସଙ୍କେତ ୭.୨୧ ମିଟର ଓ ବିପଦ ସଙ୍କେତ ୮.୧୩ ମିଟର ରହିଛି। ଗୁରୁବାର ସନ୍ଧ୍ୟା ୫ଟା ସୁଦ୍ଧା ଜଳସ୍ତର ସତର୍କ ସଙ୍କେତ ଟପି ୭.୩୪ ମିଟରରେ ପ୍ରବାହିତ ହେଉଥିଲା। ଶୁକ୍ରବାର ଏହା ହ୍ରାସ ପାଇ ସନ୍ଧ୍ୟା ୬ଟା ସୁଦ୍ଧା ୬.୮୮ ମିଟର ରହିଛି। ସଦର ଓ ରେମୁଣା ବ୍ଲକର ତଳିଆ ଅଞ୍ଚଳ ଜଳମଗ୍ନ ହୋଇଛି। ବଇଞ୍ଚା ରାସ୍ତାରେ ଆଣ୍ଠୁଏ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହୋଇ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଅପରପକ୍ଷରେ ରାଜଘାଟଠାରେ ସୁବର୍ଣ୍ଣରେଖା ନଦୀର ସତର୍କ ସଙ୍କେତ ୯.୪୫ ମିଟର ଓ ବିପଦ ସଙ୍କେତ ୧୦.୩୬ ମିଟର ରହିଛି। ଗୁରୁବାର ଅପରାହ୍ନ ୩ଟା ସୁଦ୍ଧା ଜଳସ୍ତର ୬.୬୦ମିଟରରେ ପ୍ରବାହିତ ହେଉଥିଲା। ଶୁକ୍ରବାର ଏହା ବୃଦ୍ଧି ପାଇ ସନ୍ଧ୍ୟା ୬ଟା ସୁଦ୍ଧା ୭.୫୬ମିଟରରେ ପହଞ୍ଚିଥିବା ଜଳସେଚନ ବିଭାଗ ପକ୍ଷରୁ ସୂଚନା ମିଳିଛି। ବର୍ଷା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ସମସ୍ତ ଅଧିକାରୀଙ୍କୁ ମୁଖ୍ୟାଳୟ ନ ଛାଡ଼ିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ରାଜ୍ୟରେ ଗଡ଼ିବ ଆଉ ୬ଶହ ଇ-ବସ୍

**ଭୁବନେଶ୍ୱର,୫।୯(ବନ୍ଦନା ସେଠୀ)**

ପରିବେଶ ଅନୁକୂଳ ସାର୍ବଜନୀନ ପରିବହନ ସେବାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ନୂତନ ପଦକ୍ଷେପ ଗ୍ରହଣ କରିଛନ୍ତି। ଏଣିକି ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ସହରରେ ଗଡିବ ଆଉ ୬ଶହ ଇ-ବସ୍। ଏନେଇ ଶୁକ୍ରବାର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ମୋଟ୍ ୬ଶହ ଇ-ବସ୍‌ମଧ୍ୟରୁ ରାଜ୍ୟ ସରକାର ୨ଶହଟି କିଣିବେ ଓ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଆଉ ୪ଶହ ଇ-ବସ୍ କେନ୍ଦ୍ର ସରକାର ଯୋଗାଇଦେବେ। ପ୍ରଥମ ପର୍ଯ୍ୟାୟରେ ସମ୍ବଲପୁରରେ ୨୫ଟି ଇ-ବସ୍ ଚଳାଚଳ କରିବ। ଏହାପରେ ପର୍ଯ୍ୟାୟକ୍ରମେ ଝାରସୁଗୁଡା, କେନ୍ଦୁଝର, ବ୍ରହ୍ମପୁର ଏବଂ ଅନୁଗୋଳରେ ଚଳାଚଳ କରାଯିବ। ନିରାପଦ, ସୁଲଭ ଏବଂ ସବୁଜ ପରିବହନ ପ୍ରଦାନ ଲକ୍ଷ୍ୟରେ କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) ଏହାର 'ଆମ ବସ୍' ପଦକ୍ଷେପ ଅଧୀନରେ ଏହି ସେବାଗୁଡ଼ିକ ପରିଚାଳିତ କରିବ। ଓଡ଼ିଶା ପୂର୍ବରୁ ୪୫୦ଟି ଇ-ବସ୍ ସହିତ ସ୍ଥାୟୀ ଗତିଶୀଳତାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରି ଇ-ବସ ପରିଚାଳନାରେ ଜାତୀୟ ସ୍ତରରେ ୫ମ ସ୍ଥାନ ହାସଲ କରିଛି। ସାରା ଦେଶରେ ପିଏମ୍-ଇ ବସ୍ ସେବା ଏବଂ ପିଏମ୍-ଇ ଡ୍ରାଇଭ୍ ଭଳି ପ୍ରମୁଖ ଯୋଜନା ଅଧୀନରେ ୧୪୩୨୯ଟି ଇ-ବସ୍ କାର୍ଯ୍ୟ କରୁଛି ବୋଲି ମନ୍ତ୍ରୀ ଡ. ମହାପାତ୍ର ସୂଚନା ଦେଇଛନ୍ତି।

# ପୋଲିସ ଗୁଳିରେ ୬ ମାଓବାଦୀଙ୍କ ମୃତ୍ୟୁ

**ମାଲକାନଗିରି,୫।୯(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ନାରାୟଣପୁର ଓ ଦାନ୍ତେୱାଡା ଜିଲାର ଆବୁଝମାଡ ଜଙ୍ଗଲରେ ସୁରକ୍ଷା ବାହିନୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ପୋଲିସ ଗୁଳିରେ ମୃତ୍ୟୁବରଣ କରିଥିବା ୬ ମାଓବାଦୀଙ୍କ ମୃତଦେହକୁ ସୁରକ୍ଷା କର୍ମୀ ଜଙ୍ଗଲରୁ ଉଦ୍ଧାର କରିଛନ୍ତି।

ଆବୁଝମାଡ ଜଙ୍ଗଲରେ ମାଓବାଦୀଙ୍କ ଏକ ବଡ଼ ଦଳ ଏକାଠି ହୋଇ ବୈଠକ ପାଇଁ ପ୍ରସ୍ତୁତି ଚାଲିଥିବା ଡିଆର୍‌ଜି ଯବାନମାନେ ଖବର ପାଇ ଉକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ ଆରମ୍ଭ କରିଥିଲେ। ସକାଳ ପ୍ରାୟ ୯ଟାରେ ଯବାନ ଓ ମାଓବାଦୀ ମୁହାଁମୁହିଁ ହୋଇଥିବା ବେଳେ ଦୀର୍ଘ ସମୟ ଧରି ଉଭୟଙ୍କ ମଧ୍ୟରେ ଗୁଳି ବିନିମୟ ଜାରି ରହିଥିଲା। ଏହାର କିଛି ସମୟ ପରେ ଯବାନମାନେ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ କରୁଥିବା ସମୟରେ ଘଟଣାସ୍ଥଳରୁ ୬ଜଣ ମାଓବାଦୀଙ୍କ ମୃତଦେହ ମିଳିଛି। ତେବେ ଏହି ଗୁଳି ବିନିମୟରେ ମାଓବାଦୀଙ୍କ ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିପାରେ ବୋଲି ପୋଲିସ ସୂଚନା ଦେଇଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ରାଜ୍ୟସ୍ତରୀୟ ସାଇଭକ୍ତ ସମ୍ମିଳନୀ, ସ୍ଥାନ: ସୂଚନା ଭବନ, ସମୟ: ସକାଳ ୯ଟା।
- ନାରୀ ପତ୍ରିକା 'ବିଶ୍ୱେଶ୍ୱରୀ'ର ତୃତୀୟ ଲୋକାର୍ପଣ ଏବଂ ରାଜ୍ୟସ୍ତରୀୟ କବି-ଲେଖକ ସମାବେଶ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ସକାଳ ୯ଟା।
- ଓଡ଼ିଶା ଲଖିକା ସଂସଦର ୩୩ତମ ପ୍ରତିଷ୍ଠା ଦିବସ ଓ ସାହିତ୍ୟ ସମାରୋହ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ରାଜ୍ୟସ୍ତରୀୟ ଶାନ୍ତିଲତା ଜୟନ୍ତୀ ଉତ୍ସବ-୨୦୨୫, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବ-୨୦୨୫ ଦ୍ୱିତୀୟ ଦିବସ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କଟକ

- ସାରଳା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଉତ୍କଳଭାରତୀ କୁନ୍ତଳା କୁମାରୀ ସାବତଙ୍କ ସ୍ମୃତି ଉତ୍ସବ, ସ୍ଥାନ: ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସମୟ: ସନ୍ଧ୍ୟା ୬ଟା।
- କଟକ ସତସଙ୍ଗ ବିହାର ଆନୁକୂଲ୍ୟରେ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଭାଦ୍ର ପରିକ୍ରମା ସତସଙ୍ଗ, ସ୍ଥାନ: ପ୍ରଶାନ୍ତ କୁମାର ଓଝାଙ୍କ ବାସଭବନ, ନୀଳାଦ୍ରି ବିହାର, ସମୟ: ସନ୍ଧ୍ୟା ୭ଟା ୩୦।

## ବାଲେଶ୍ୱର

- ଏନ୍ଏସି ଘୋଷଣା ଦାବିରେ ଖଇରା ବନ୍ଦ, ସ୍ଥାନ:ଖଇରା ବଜାର ପ୍ରସ୍ତାବିତ ଏନ୍ଏସି ଅଧୀନରେ ଆସୁଥିବା ୩୯ ଗ୍ରାମ, ସମୟ:ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା।
- ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ଦ୍ୱିତୀୟ ଦିବସ,ସ୍ଥାନ:ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ୍, ବାଲେଶ୍ୱର,ସମୟ:ଅପରାହ୍ନ ୫ଟା।
- ୧୧ତମ ରେମୁଣା ନବମାତୃକା ପୂଜା ନିମନ୍ତେ ଖବରଦାତା ସମ୍ମିଳନୀ,ସ୍ଥାନ:କୋ ଅପରେଟିଭ୍ ବ୍ୟାଙ୍କ ସମ୍ମିଳନୀ କକ୍ଷ, ବାଲେଶ୍ୱର,ସମୟ:ଅପରାହ୍ନ ୪ଟା।

## ଭଦ୍ରକ

- ପାନୀୟ ଜଳ ମାନ ପରୀକ୍ଷା ପାଇଁ ପ୍ରଶିକ୍ଷଣ, ସ୍ଥାନ: ବ୍ଲକ ମିଶନ ଶକ୍ତି ଭବନ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ଜିଲା ବିଦ୍ୟାଳୟ ସମୂହ ଫୁଟବଲ, କବାଡି ଓ ଖୋ-ଖୋ ପ୍ରତିଯୋଗିତା, ସ୍ଥାନ:ସରକାରୀ ଏସ୍ଏସ୍‌ଡି ଉଚ୍ଚ ବିଦ୍ୟାଳୟ, ବିଶୋଇ,ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର,ସ୍ଥାନ:ବଡ଼ସାହି ବ୍ଲକ କାର୍ଯ୍ୟାଳୟ ପରିସର, ବଡ଼ସାହି,ସମୟ: ପୂର୍ବାହ୍ନ ୧୦ଟା।
- ଐତିହାସିକ ଜାତୀୟ ନାଟ୍ୟ ମହୋତ୍ସବର ରାଲି,ସ୍ଥାନ:ଶହୀଦ ସ୍ମୃତି ଭବନ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର ସୃଜନ ବୈଠକ, ସ୍ଥାନ:ଚିତ୍ରଡ଼ା ସପ୍ଲାଇ ଛକ, ମୋରଡ଼ା,ସମୟ:ପୂର୍ବାହ୍ନ ୧୦ଟା।
- ସ୍ୱାରକୀ ଭବାନୀପାଟଣା ପକ୍ଷରୁ ନାଟକ 'ଜାତି ନନ୍ଦିଘୋଷ', ସ୍ଥାନ:ଶହୀଦ ସ୍ମୃତି ଭବନ, ବାରିପଦା,ସମୟ: ସନ୍ଧ୍ୟା ୬ଟା ୩୦।

## ବ୍ରହ୍ମପୁର

- ହିନ୍ଦୁ ମଞ୍ଚ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଜୟ ପ୍ରକାଶ ନଗର, ସମୟ: ପୂର୍ବାହ୍ନ ୧୧ଟା।
- କଳିଙ୍ଗ ସାହିତ୍ୟ ସମାଜର ବାର୍ଷିକ ଉତ୍ସବ, ସ୍ଥାନ: ଉତ୍କଳ ଆଶ୍ରମ ସଭାଗୃହ, ସମୟ: ସନ୍ଧ୍ୟା ୭ଟା।

## କନ୍ଧମାଳ

- ଗୁରୁପୂଜନ ଓ ମେଘ ମହ୍ଲାର ଉତ୍ସବ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ ଫୁଲବାଣୀ, ସମୟ: ସକାଳ ୯ ଟା।

## ଅନୁଗୋଳ

- ତାଳଚେର ସ୍ୱାଧୀନତା ସଂଗ୍ରାମୀ ମେମୋରିଆଲ ଟ୍ରଷ୍ଟ କଣିହାଁ ପକ୍ଷରୁ ପ୍ରଜାମଣ୍ଡଳର ୮୮ତମ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: କଣିହାଁ ପ୍ରଜାମଣ୍ଡଳ ଭବନ, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର

- ପୋଲିସ ପ୍ରଶାସନ ପକ୍ଷରୁ ବିଶ୍ୱକର୍ମା ପୂଜା ପାଇଁ ଆଇନଶୃଙ୍ଖଳା ସମୀକ୍ଷା ବୈଠକ, ସ୍ଥାନ: ପାରାଦୀପ ଆଦର୍ଶ ଥାନା, ପାରାଦୀପ, ସମୟ: ଅପରାହ୍ନ ୪ଟା।
- ସାମ୍ବାଦିକ କଲ୍ୟାଣ ଟ୍ରଷ୍ଟର ବାର୍ଷିକ ଉତ୍ସବ, ସ୍ଥାନ: ଜୟଦେବ ଭବନ ବଡ଼ପଡିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ବିଶ୍ୱ ମେରୁଦଣ୍ଡ ଆଘାତ ସଚେତନତା ଦିବସ ପାଳନ, ସ୍ଥାନ: ପୁର୍ନବାସ, ମାଧପୁର, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।
- ମା' ପାଇଁ ଗଛଟିଏ, ସ୍ଥାନ: ପୁରୁଷୋତ୍ତମପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଶିଶୁ ସାହିତ୍ୟିକ ବୀରକିଶୋର ପାଢ଼ୀଙ୍କ ସାରସ୍ୱତ ଅବଦାନ ଶୀର୍ଷକ ଆଲୋଚନା, ସ୍ଥାନ: ଜାରକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଠାଗାର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଶ୍ରୀମଦ୍ ଭାଗବତ୍ ସପ୍ତାଙ୍ଗ ମହାଯଜ୍ଞ ପାରାୟଣ ଓ ପ୍ରବଚନର ସପ୍ତମ ଦିବସ, ସ୍ଥାନ:ଦଶପଲ୍ଲା ଦୁର୍ଗା ବଜାର, ସମୟ: ସକାଳ ୭ଟା। ପ୍ରବଚନରେ ଶିଶୁପାଳ ବଧ, ଅବଧୂତ ଚରିତ, ସମୟ:ସନ୍ଧ୍ୟା ୭ ଟା।
- ଶ୍ରୀମଦ୍ ଭାଗବତ୍ ସପ୍ତାଙ୍ଗ ମହାଯଜ୍ଞ ପାରାୟଣର ୫ମ ଦିବସ, ସ୍ଥାନ:ଗୋଡିପଡ଼ା ବଡ଼ଦେଶ ଯଜ୍ଞାନୁଷ୍ଠାନ ଗୃହ, ସମୟ: ସକାଳ ୭ ଟା।
- ଅନନ୍ତ ବ୍ରତ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ମଧ୍ୟାହ୍ନ ୧୨ଟା୩୦।

## ରାୟଗଡ଼ା

- ଦୁର୍ଗା ପୂଜା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ ପୂଜା, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର, ମୁନିଗୁଡା, ସମୟ: ସକାଳ ୯ଟା।
- କଳିଙ୍ଗ ବୈଶ୍ୟ ମହିଳା ସଂଘ ଘୁମୁସର ଅଞ୍ଚଳ କାର୍ଯ୍ୟ ନିର୍ବାହୀ କମିଟି ବୈଠକ, ସ୍ଥାନ: କଳିଙ୍ଗ ବୈଶ୍ୟ ସଂଘ ଗୃହ, ମୁନିଗୁଡା, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର ସଂଗଠନ ସୃଜନ କାର୍ଯ୍ୟକ୍ରମ, ସ୍ଥାନ: ଏନ୍ଏସି ଗେଷ୍ଟ ହାଉସ, ଗୁଡାରି, ସମୟ: ଅପରାହ୍ନ ୩ଟା।

## ନବରଙ୍ଗପୁର

- ଜିଲାପାଳଙ୍କ ଦ୍ୱାରା ସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା ଓ ୱାନଷ୍ଟପ ସେଣ୍ଟର ପରିଦର୍ଶନ, ସ୍ଥାନ: ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ଅପରାହ୍ନ ୩ଟା।

## କୋରାପୁଟ

- ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି, ସ୍ଥାନ: କନ୍‌ଫରେନ୍ସ ହଲ୍,କୁନ୍ଦୁରା, ସମୟ: ପୂର୍ବାହ୍ନ ୧୧ଟା।
- ବିଦ୍ୟାଳୟ ପରିଚାଳନା ବୈଠକ, ସ୍ଥାନ: ଲମତାପୁଟ ପ୍ରାଥମିକ ବିଦ୍ୟାଳୟ, ଚଣାବାଡ଼ ପଞ୍ଚାୟତ, ଦଶମନ୍ତପୁର ବ୍ଲକ, ସମୟ: ଅପରାହ୍ନ ୧ଟା ୩୦।
- ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା ଚୟନ, ସ୍ଥାନ: ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଦଶମନ୍ତପୁର, ସମୟ: ଅପରାହ୍ନ ୩ଟା ୩୦।
- ଏମ୍‌ପି ଏବଂ ବିଧାୟକଙ୍କ ସମୀକ୍ଷା ବୈଠକ, ସ୍ଥାନ: ପଞ୍ଚାୟତ ସମିତି ସଭାଗୃହ, ଦଶମନ୍ତପୁର, ସମୟ: ଅପରାହ୍ନ ୫ଟା।
- ଆମ ପୋଲିସ ସମିତି ବୈଠକ, ସ୍ଥାନ: ସୁନାବେଡା ଥାନା ପରିସର, ସୁନାବେଡ଼ା, ସମୟ: ଅପରାହ୍ନ ୫ଟା।
- ପଶ୍ଚିମ ଓଡ଼ିଶା ସାଂସ୍କୃତିକ ସଂସଦ ପକ୍ଷରୁ ନୂଆଁଖାଇ ଭେଟଘାଟ, ସ୍ଥାନ: ଭଞ୍ଜ ମଣ୍ଡପ, ହାଲ ସୁନାବେଡା, ସମୟ: ସନ୍ଧ୍ୟା ୬ଟା।

## ସମ୍ବଲପୁର

- ପତଞ୍ଜଳି ଯୋଗ ସମିତି ଆୟୋଜନରେ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସର, ସମୟ: ସକାଳ ୬ଟା।
- ଦୈନିକ ନିଃଶୁଳ୍କ ଯୋଗ କେନ୍ଦ୍ର ଆୟୋଜନରେ ଶିବିର, ସ୍ଥାନ: ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ: ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବର, ସ୍ଥାନ: ହାୱା ମଇଦାନସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ସ୍ୱାଗତ କାର୍ଯ୍ୟକ୍ରମ, ସ୍ଥାନ: ଜମାଦାରପାଲି ଏୟାର ଷ୍ଟ୍ରିପ, ସମୟ: ଅପରାହ୍ନ ୨ଟା ୪୫।
- ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ସମଲେଇ ମନ୍ଦିର ଦର୍ଶନ, ସ୍ଥାନ: ସମଲେଇ ମନ୍ଦିର, ସମୟ: ଅପରାହ୍ନ ୪ଟା ୫୦ଟା।
- ଭାଜପା ପକ୍ଷରୁ ରାଜ୍ୟସ୍ତରୀୟ ନୂଆଁଖାଇ ଭେଟଘାଟ, ସ୍ଥାନ: ସମଲେଇ ମନ୍ଦିର ପାର୍କିଂ ପରିସର, ସମୟ: ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ଆଦି କର୍ମଯୋଗୀ ଅଭିଯାନ ଜିଲାସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା, ସ୍ଥାନ: ଜିଲା ପଞ୍ଚାୟତ ସାଧନ କେନ୍ଦ୍ର, ବଲାଙ୍ଗୀର ସମୟ: ପୂର୍ବାହ୍ନ ୧୦ଟା ୩୦
- ଏଆଇଆଇସିସି ପର୍ଯ୍ୟବେକ୍ଷକଙ୍କ ଲୋଇସିଂହା ଗସ୍ତ: ସ୍ଥାନ: କଲ୍ୟାଣ ମଣ୍ଡପ,ଲୋଇସିଂହା, ସମୟ: ପୂର୍ବାହ୍ନ ୧୧ଟା
- ଜିଲା ଓକିଲ ସଂଘ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ସଭିଲ କୋର୍ଟ ପରିସରସ୍ଥ ବାର୍ ହଲ, ବଲାଙ୍ଗୀର, ସମୟ: ଅପରାହ୍ଣ ୩ଟା

## ରାଉରକେଲା

- ଅନନ୍ତ ବ୍ରତ ଉତ୍ସବ ଉଦ୍‌ଯାପନୀ, ସ୍ଥାନ: ସେକ୍ଟର ୧୯, ସମୟ: ସକାଳ ୯ଟା।
- ଏନ୍ଆଇଟି ସମାବର୍ତ୍ତନ ଉତ୍ସବ, ସ୍ଥାନ: ଏନ୍ଆଇଟି ଭୁବନେଶ୍ୱର ବେହେରା ପ୍ରେକ୍ଷାଳୟ, ସମୟ: ସକାଳ ୯ଟା ୩୦।
- ଷ୍ଟିଏ ୱାର୍କର୍ସ ଫେଡେରେଶନ ଅଫ୍ ଇଣ୍ଡିଆର ସର୍ବଭାରତୀୟ ସମ୍ମିଳନୀ, ସ୍ଥାନ: ସେକ୍ଟର-୫ ଭଞ୍ଜ ଭବନ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼

- ଅନନ୍ତ ପୂଜା ମହୋତ୍ସବ,ସ୍ଥାନ: ତଳିପଡ଼ା ; ବଜରଙ୍ଗ ଛକ ; ଗାନ୍ଧିପଡ଼ା ; ଭୁଏପଡ଼ା, ବିଜେପୁର,ସମୟ:ସକାଳ ୮ଟା।
- ଅନନ୍ତ ବ୍ରତ ମହୋତ୍ସବ, ସ୍ଥାନ: ମଧପଡା, ବିଜେପୁର,ସମୟ:ସକାଳ ୮ଟା ୩୦।
- ଅନନ୍ତ ପୂଜା ମହୋତ୍ସବ, ସ୍ଥାନ:ମେହେର ଉପରପଡା, ବିଜେପୁର, ସମୟ:ସକାଳ ୯ଟା।
- ଅନନ୍ତମୁଖି ପୂଜା,ସ୍ଥାନ:ଖଜୁରଟିକ୍ରା, ବରଗଡ଼,ସମୟ:ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ମା'ମାଣିକେଶ୍ୱରୀଙ୍କ ଛତରଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ରାହ୍ମଣ ସମାଜ ପକ୍ଷରୁ ରକ୍ତଦାନ ଶିବିର, ନୂଆଁଖାଇ ଭେଟ୍‌ଘାଟ୍, ସ୍ଥାନ: ଧର୍ମଗଡ଼ ରୟାଲ ପ୍ୟାଲେସ, ସମୟ: ପୂର୍ବାହ୍ନ ୧୧ଟା।
- ସଂସ୍କାର ଭାରତୀ ପକ୍ଷରୁ କବି ସମ୍ମିଳନୀ, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ଅପରାହ୍ନ ୩ଟା।

## ବୌଦ୍ଧ

- ଗେହ୍ଲମା କଳାନିକେତନ ପକ୍ଷରୁ ନୂଆଁଖାଇ ଭେଟଘାଟ,ସ୍ଥାନ: ଗୁରୁ ଶ୍ରୀ ଭିକାରୀ ସିଂ ମଣ୍ଡପ ଟାଉନହଲ, ବୌଦ୍ଧ, ସମୟ: ଅପରାହ୍ନ ୫ଟା

## ସୁବର୍ଣ୍ଣପୁର

- ତରଭାରେ ଅନନ୍ତବ୍ରତ ପାଳନ ଓ ସାମୂହିକ ଭାଗବତ ପୁରାଣ ପଠନ, ସ୍ଥାନ-ରାଧାକୃଷ୍ଣ ମନ୍ଦିର ସମ୍ମୁଖ, ସମୟ: ସକାଳ ୯ଟା।
- ତରଭା ଶନି ମନ୍ଦିରଠାରେ ମହାଆଳତୀ ଓ ଶନି ପୁରାଣ ପଠନ, ସ୍ଥାନ: ଶନି ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।।

## ନୂଆପଡ଼ା

- ମଦର ଟେରସା ସେବା ସଂଗଠନ ଓ ବାନରସେନା ନୂଆପଡା ମିଳିତ ଆନୁକୂଲ୍ୟରେ ନୂଆଁଖାଇ ଭେଟ୍‌ଘାଟ୍ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ ଧାନ ମଣ୍ଡି ପ୍ରାଙ୍ଗଣ, ସମୟ: ସକାଳ ୯ଟା ୩୦।
- ଜିଲାରେ ଆବଶ୍ୟକ ରାସାୟନିକ ସାର ଯୋଗାଣ ପାଇଁ ବିଜେଡି ପକ୍ଷରୁ ବିକ୍ଷୋଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ନୂଆପଡା, ସମୟ: ପୂର୍ବାହ୍ନ ୧୦ଟା।
- ସଙ୍ଗଠନ ସୃଜନ ଅଭିଯାନକୁ ନେଇ କଂଗ୍ରେସର କର୍ମୀ ସମ୍ମିଳନୀ, ସ୍ଥାନ: ଖୁଣ୍ଟିଆ ଭବନ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା

# ଯୁବତୀଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

**ଛେଣ୍ଡିପଦା,୫।୯(ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଜରପଡ଼ା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ରଞ୍ଜିତ ଦେହୁରୀଙ୍କୁ ଗିରଫ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ଯୁବତୀ ଜଣକ ଘରେ ଏକୁଟିଆ ଥିବାବେଳେ ଅଭିଯୁକ୍ତ ରଞ୍ଜିତ ଘରେ ପଶି ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ ସମ୍ପୃକ୍ତା ଯୁବତୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୩୫୮/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଅଧିକ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ମନୋଜ ପ୍ରଧାନ ପ୍ରକାଶ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ବାଇଗଣ ବାଇଗଣ**
**ନେଉଟ ଖାଇଲୁ ସେହି ତିଅଣ**
**ରୁଷିବାର କେଉଁ ଗୁଣ?**

ତରକାରିରେ ବାଇଗଣ ପଡ଼ି ରୋଷେଇ ହୋଇଥିବା ଦେଖି ରୁଷି କରି ଖାଉ ନ ଥିବା ବ୍ୟକ୍ତି ପୁଣି ସେଇ ତରକାରି ଖାଇବା ଅନେକଙ୍କ ଆଖିରେ ଭୃକୁଞ୍ଚନ ସୃଷ୍ଟି କରିଥାଏ। ସେଇ କଥା ତ ହେଲା, ଅଯଥା ଏତେ ସୁଆଙ୍ଗ କରି ଲାଭ କ'ଣ ମିଳିଲା? ସାଧାରଣତଃ ଯେଉଁ କଥା ପାଇଁ ଜଣେ ରୁଷିଥାଏ ପୁନଶ୍ଚ ସେଇ କଥାକୁ ଆଦରିନେବା ବା ସାଦରେ ଗ୍ରହଣ କରିନେବା ବ୍ୟକ୍ତି ପକ୍ଷେ ଶୋଭନୀୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବଳଦ କମାଏ ଚଣା**
**ଘୋଡ଼ା ଖାଏ ଦାନା।**

ବଳଦ ଦିନରାତି କାମ କରି ମାଲିକର ଅର୍ଥ ଉପାର୍ଜନ କରିବାର ମାଧ୍ୟମ ପାଲଟିଥାଏ। ପରନ୍ତୁ ଘୋଡ଼ା ନିଜ ଶରୀରକୁ ହୃଷ୍ଟପୁଷ୍ଟ ରଖିବା ପାଇଁ ନିତି ପୁଷ୍ଟିକର ଖାଦ୍ୟ ଖାଇଚାଲିଥାଏ। ପରୋକ୍ଷରେ ଜଣକର କଷ୍ଟାର୍ଜିତ ଅର୍ଥ ଅନ୍ୟ ଜଣେ ଆରାମରେ ବସି ଉପଭୋଗ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ପ୍ରଥମ ପୃଷ୍ଠାରୁ...

## ସରକାରୀ କାର୍ଯ୍ୟାଳୟରେ...

ତେଣୁ ସବୁ ବିଭାଗ ସେମାନଙ୍କ ଅଧୀନରେ ଆସୁଥିବା ସରକାରୀ ପ୍ରତିଷ୍ଠାନ ଏବଂ ପିଏସ୍‌ୟୁଗୁଡିକୁ ବିଏସ୍ଏନ୍ଏଲ୍ ଏବଂ ଏମ୍‌ଟିଏନ୍ଏଲ୍ ନେଟ୍‌ୱର୍କ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଚିଠିରେ କୁହାଯାଇଛି। ଇ ଆଣ୍ଡ ଆଇଟି ବିଭାଗ ପକ୍ଷରୁ ଉକ୍ତ ଚିଠି ଜାରି ହେବା ପରେ ସମବାୟ ବିଭାଗ ରେଜିଷ୍ଟ୍ରାର ତଥା ଆଇଏଏସ୍ ଅଫିସର ସିଦ୍ଧାର୍ଥ ଦାସ ସମସ୍ତ ଡିଆର୍‌ସିଏସ୍ ଏବଂ ଏଆର୍‌ସିଏସ୍‌ଙ୍କୁ ଚିଠି ଲେଖି କହିଛନ୍ତି, ଯେଉଁଠାରେ ଏପରି ସେବା ଉପଲବ୍ଧ ଏବଂ ବୈଷୟିକ ଭାବରେ ସମ୍ଭବ ସେଠାରେ ଇଣ୍ଟରନେଟ୍, ବ୍ରଡ୍‌ବ୍ୟାଣ୍ଡ, ଲ୍ୟାଣ୍ଡଲାଇନ୍ ଏବଂ ଲିଜ୍ ଲାଇନ ସଂଯୋଗ ପାଇଁ ବିଏସ୍ଏନ୍ଏଲ୍ ସେବାର ବ୍ୟବହାର ସୁନିଶ୍ଚିତ କରିବେ। ତୁରନ୍ତ ସମୀକ୍ଷା ସହ ଚାଲୁଥିବା ସେବାରେ ବାଧା ସୃଷ୍ଟି ନ କରି ବିଏସ୍ଏନ୍ଏଲ୍ ସେବାକୁ ହସ୍ତାନ୍ତର କରିବେ। ଏନେଇ ଆସନ୍ତା ୩୦ ତାରିଖ ସୁଦ୍ଧା ରିପୋର୍ଟ ପ୍ରଦାନ କରିବେ। ବିଏସ୍ଏନ୍ଏଲ୍‌ର ବ୍ୟବହାର ନେଇ ଡିଆର୍‌ସିଏସ୍ ଏବଂ ଏଆର୍‌ସିଏସ୍ ସେମାନଙ୍କ ଅଧୀନରେ ଥିବା ସମସ୍ତ କାର୍ଯ୍ୟାଳୟକୁ ନିର୍ଦ୍ଦେଶ ଜାରି କରିବେ ବୋଲି ସେ କହିଛନ୍ତି।

## ପ୍ରଥମରୁ ଦ୍ୱାଦଶ ...

ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ କଫି ଟେବୁଲ ବୁକ ଉନ୍ମୋଚନ କରିବା ସହିତ 'ପଢିବା, ଗଢିବା ଓଡ଼ିଶା ଅଭିଯାନ'ର ଶୁଭାରମ୍ଭ କରି କହିଲେ, ଏହି ଅଭିଯାନ ଦ୍ୱାରା ସରଳ କାହାଣୀ ପୁସ୍ତକ ମାଧ୍ୟମରେ ପିଲାଙ୍କ ପଢିବା ଓ ବୁଝିବା ଶକ୍ତିକୁ ବିକଶିତ କରାଯାଇପାରିବ। ସେହିପରି ପ୍ରାଥମିକସ୍ତରରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ହେବ। ପ୍ରଥମ ପର୍ଯ୍ୟାୟରେ ୫ରୁ ୭ କୋଟି ଟଙ୍କା ଖର୍ଚ୍ଚରେ ୮୩୫ଟି ବିଦ୍ୟାଳୟ ନିର୍ମାଣ ପାଇଁ ସ୍ଥିର ହୋଇଛି। ଏଥିସହିତ ତିନି ବର୍ଷ ମଧ୍ୟରେ ପ୍ରାଥମିକସ୍ତରରେ ୪୫ ହଜାର ନିୟମିତ ଶିକ୍ଷକ ନିଯୁକ୍ତ ହେବେ। ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନ ପାଇଁ ଆମର ଲକ୍ଷ୍ୟ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।
ଏହି ଅବସରରେ ମୁଖ୍ୟମନ୍ତ୍ରୀ ମାଝୀ 'ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ପ୍ରଦାନ କରିଥିଲେ। ଶିକ୍ଷାଦାନ କ୍ଷେତ୍ରରେ ଶ୍ରେଷ୍ଠତା ଅର୍ଜନ କରି ପ୍ରଥମ ସ୍ଥାନରେ ଥିବା ଝାରସୁଗୁଡା ଜିଲାକୁ ୩ କୋଟି ଟଙ୍କା, ଦ୍ୱିତୀୟ ସ୍ଥାନରେ ଥିବା ଖୋର୍ଦ୍ଧା ଜିଲାକୁ ୨ କୋଟି ଏବଂ ତୃତୀୟ ସ୍ଥାନରେ ଥିବା ଜଗତ୍‌ସିଂହପୁର ଜିଲାକୁ ୧ କୋଟି ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସେହିଭଳି ୭୦ ଜଣ ଶିକ୍ଷକଙ୍କ ସମେତ ୩ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ, ୩ଜଣ ଜିଲା ଶିକ୍ଷା ଅଧିକାରୀ ଏବଂ ୧୦ଜଣ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଏଥିସହ ନିଟ୍ ପରୀକ୍ଷାରେ ସଫଳତା ଅର୍ଜନ କରିଥିବା ଅନୁସୂଚିତ ଜନଜାତି ବର୍ଗର ଦୁଇଜଣ ଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ କହିଲେ, ଆମ ସମାଜରେ ଗୁରୁ-ଶିଷ୍ୟ ପରମ୍ପରା ଆଦିମ କାଳରୁ ରହିଆସିଛି। ଶିକ୍ଷକମାନେ ବିଦ୍ୟାର୍ଥୀଙ୍କୁ ବ୍ୟକ୍ତି ନିର୍ମାଣ, ଶୃଙ୍ଖଳା, ଆଦର୍ଶ ସମାଜ ନିର୍ମାଣ ଆଦି ବିଷୟରେ ଶିକ୍ଷା ଦେଇ ସେମାନଙ୍କୁ ଗଢି ତୋଳିଥାନ୍ତି। ରାଜ୍ୟରେ ସର୍ବୋତ୍ତମ ଶିକ୍ଷାଦାନ ବ୍ୟବସ୍ଥା ପାଇଁ ଆମ ସରକାର ପ୍ରଚେଷ୍ଟା କରୁଛନ୍ତି। ଚାଇଲ୍ଡ ଟ୍ରାକିଂ ସର୍ଭେ ମାଧ୍ୟମରେ ଅଧାରୁ ପାଠ ଛାଡିଥିବା ପିଲାଙ୍କୁ ପୁଣିଥରେ ବିଦ୍ୟାଳୟକୁ ଫେରେଇ ଆଣିବା ପାଇଁ ଉଦ୍ୟମ କରାଯାଉଛି। ଶିକ୍ଷା ବିଭାଗର ବଜେଟରେ ସର୍ବାଧିକ ୩୧ ହଜାର କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି ବୋଲି ମନ୍ତ୍ରୀ ଗଣ୍ଡ କହିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିବାବେଳେ ଓସେପାର ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ତୋ ନମ୍ବର ଦେ, ...

ଫୋନ୍‌ରେ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାୱାରଙ୍କ ଧମକ, ଯାହାର ଭିଡିଓ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇଛି। ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଅଜିତ୍‌ଙ୍କ ଏଭଳି ବ୍ୟବହାରକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଅଜିତ୍ ନିଜ ଦଳର ଚୋରମାନଙ୍କୁ ସୁରକ୍ଷା ଦେବାକୁ ଯାଇ ଜଣେ ମହିଳା ପୋଲିସ ଅଫିସରଙ୍କୁ ଧମକାଇବା ଦୁର୍ଭାଗ୍ୟଜନକ ବୋଲି ବିରୋଧୀ ସମାଲୋଚନା କରିଛନ୍ତି।

କେରଳର ଥିରୁଭାନ୍ତପୁରମ୍‌ରେ ଜନ୍ମିତ ଆଇପିଏସ୍ ଅଧିକାରିଣୀ ଅଞ୍ଜନା କ୍ରିଷ୍ଣା ମହାରାଷ୍ଟ୍ରର ସୋଲାପୁରସ୍ଥିତ କରମାଲାରେ ଡିଏସ୍‌ପି ଭାବେ ଅବସ୍ଥାପିତ ହୋଇଛନ୍ତି। ନିଜ ପ୍ରଶାସନିକ ଦକ୍ଷତା ଓ ସଚ୍ଚୋଟତାକୁ ନେଇ ଖ୍ୟାତିଲାଭ କରିଥିବା ଏହି ମହିଳା ପୋଲିସ ଅଫିସର କୁର୍ଦ୍ଦୁ ଗ୍ରାମରେ ବେଆଇନ ମୋରମ ଖନନ ବନ୍ଦ କରିବା ପାଇଁ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି। ଗୁରୁବାର ସେ ଏହି କାର୍ଯ୍ୟରେ ନିୟୋଜିତ ଥିବାବେଳେ ଏନ୍‌ସିପି କର୍ମୀମାନେ ତାଙ୍କୁ ବିରୋଧ କରିଥିଲେ। ସେମାନଙ୍କ ମଧ୍ୟରୁ ଅଜିତ୍‌ଙ୍କ ଜଣେ ସମର୍ଥକ ତାଙ୍କୁ ମୋବାଇଲ୍ ଫୋନ୍ ଧରାଇ କଥା ହେବାକୁ କହିଥିଲେ। ତେବେ ଅଞ୍ଜନା ଅଜିତ୍‌ଙ୍କ ସ୍ୱର ବାରିପାରି ନ ଥିଲେ ଏବଂ ତାଙ୍କୁ ନିଜ ସେଲ୍‌ଫୋନ୍‌କୁ କଲ୍ କରିବାକୁ କହିଥିଲେ। ଉପମୁଖ୍ୟମନ୍ତ୍ରୀ ଅଜିତ୍ ଏଥିରେ ଉତ୍ତ୍ୟକ୍ତ ହୋଇ କହିଥିଲେ, ମୁଁ ତୋ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବି। ତୋ ମୋବାଇଲ ନମ୍ବର ଦେ ନଚେତ ହ୍ୱାଟ୍ସଆପ୍ କଲ୍ କର। ମୋ ଚେହେରା ତୋ ସାମ୍ନାକୁ ଆସିଯିବ ବୋଲି ସେ ଧମକ ଦେଇଥିଲେ। ଏହାକୁ ନେଇ ବିବାଦ ଉଠିବାରୁ ଅଜିତ୍ ଶୁକ୍ରବାର ଅପରାହ୍ନରେ ନିଜ 'X' ହ୍ୟାଣ୍ଡେଲରେ ସଫେଇ ଦେଇଛନ୍ତି। ସ୍ୱଚ୍ଛତା ବଜାୟ ରଖିବା ସହ ବେଆଇନ କାର୍ଯ୍ୟକଳାପକୁ ରୋକିବା ପ୍ରତି ସେ ପ୍ରତିଶ୍ରୁତିବଦ୍ଧ। ଆଇନ ପ୍ରବର୍ତ୍ତନ କ୍ଷେତ୍ରରେ ହସ୍ତକ୍ଷେପ କରିବା ତାଙ୍କ ଉଦ୍ଦେଶ୍ୟ ନ ଥିଲା, ବରଂ ସ୍ଥିତିକୁ ଶାନ୍ତ କରିବା ପାଇଁ ସେ ଏପରି କହିଥିବା ଅଜିତ୍ ସ୍ପଷ୍ଟୀକରଣ ଦେଇଛନ୍ତି।

## ଆମେ ଚାଇନା ...

ପିଟର ନାଭାରୋଙ୍କ ସମେତ ଟ୍ରମ୍ପ ପ୍ରଶାସନର କେତେଜଣ ଅଧିକାରୀ ଭାରତକୁ ଟାର୍ଗେଟ କରି ଅପମାନଜନକ ଶବ୍ଦ ବ୍ୟବହାର କରିଆସୁଛନ୍ତି। ଭାରତର ବଡ଼ ତୈଳ ଲବି ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରକୁ ବୃହତ ବିଶୋଧନ କେନ୍ଦ୍ରରେ ପରିଣତ କରିଦେଇଛି ଓ ତୈଳରୁ ସଂଗୃହୀତ ଅର୍ଥ କ୍ରେମଲିନ୍ ପାଇଁ ଟଙ୍କା ମେଶିନ୍‌ରେ ପରିଣତ ହୋଇଥିବା ନାଭାରୋ ଗତ ସପ୍ତାହରେ କହିଥିଲେ।

ସାଂଘାଇ ସମିଟ୍‌ରେ ଯଦିଓ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଅଧିକ ସୁରକ୍ଷା ସୁନିଶ୍ଚିତ କରାଇବା ଏବଂ ଆର୍ଥିକ ପରିପୂରକତା ଉପରେ ଗୁରୁତ୍ୱ ଦିଆଯାଇଥିଲା, ତେବେ ମୋଦି, ପୁଟିନ୍ ଓ ଜିନ୍‌ପିଙ୍ଗଙ୍କ ମଧ୍ୟରେ ବନ୍ଧୁତ୍ୱ ପ୍ରଦର୍ଶନ ଅଧିକ ଦୃଷ୍ଟି ଆକର୍ଷଣ କରିବା ସହ ୩ ପ୍ରମୁଖ ଶକ୍ତି ଏକାଠି ହେବାର ସଙ୍କେତ ଦେଇଥିଲା। ମୋଦି ଓ ପୁଟିନ୍ ହାତ ଧରାଧରି ହୋଇ ଜିନ୍‌ପିଙ୍ଗଙ୍କ ପାଖକୁ ଯିବା ଓ ୩ ଜଣ ଭଲ ବନ୍ଧୁ ଭାବେ ଏକାଠି ଛିଡ଼ାହେବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ସମିଟ୍‌ରେ ଉଦ୍‌ବୋଧନ ଦେଇ ଜିନ୍‌ପିଙ୍ଗ ଗ୍ଲୋବାଲ ସାଉଥ୍‌କୁ ପ୍ରାଥମିକତା ଦେଇ ନୂଆ ବୈଶ୍ୱିକ ସୁରକ୍ଷା ଆର୍ଥିକ ଶୃଙ୍ଖଳା ଉପରେ ନିଜ ଦୃଷ୍ଟିଭଙ୍ଗୀ ସମ୍ପର୍କରେ କହିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଶନିଙ୍କ କ୍ଷେତ୍ରରେ ଚନ୍ଦ୍ର ରହିଥିବାରୁ ମାନସିକ ଉଦାସୀନତା ସୃଷ୍ଟି କରିବ। ଫଳତଃ କୌଣସି କାମ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମ୍ପନ୍ନ କରିପାରିବେ ନାହିଁ। କୌଣସି ପୂର୍ବ ସମସ୍ୟାକୁ କେନ୍ଦ୍ରକରି ବନ୍ଧୁଙ୍କ ସହ କଳହର ଆଶଙ୍କା ଦେଖାଦେଇପାରେ। ନିଜ ଲୋକମାନେ ଅନ୍ୟମାନଙ୍କ କାନକୁହା କଥା ଶୁଣି ଦୂରେଇ ଯାଇପାରନ୍ତି।

**ବୃଷ** ସମ୍ପର୍କୀୟଙ୍କ ସାହାଯ୍ୟ ଓ ସହଯୋଗ ପାଇ କାମ ଗୁଡ଼ିକ ସହଜରେ ସମ୍ପନ୍ନ କରିପାରିବେ। କୌଣସି ଦୂରାଗତ ବନ୍ଧୁଙ୍କ ସହ ଦେଖା ଆପଣଙ୍କ ଯାତ୍ରାକୁ ବିଳମ୍ବିତ କରିଦେବ। ଶୁକ୍ର ପ୍ରଭାବରେ ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା, ସଭାସମିତିରୁ ସଫଳତା ମିଳିବ। ମାଲିମକଦ୍ଦମା ତ୍ୱରାନ୍ୱିତ ହେବା ସକାଶେ ଅନୁକୂଳ ବାତାବରଣ ସୃଷ୍ଟି ହେବ।

**ମିଥୁନ** ଅଷ୍ଟମ ଚନ୍ଦ୍ର ପ୍ରଭାବରୁ ମାନସିକ ସ୍ଥିତି ଭଲ ରହିବ। ବକେୟା ଅର୍ଥ ପାଇପାରିବେ। ଆଜି ଫେରନ୍ତା ବାଟରେ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। ଶିଳ୍ପ, ବ୍ୟବସାୟ କ୍ଷେତ୍ରରେ ପ୍ରତିବନ୍ଧକ ଦୂରହେବା ସହ ଆଶା ପୂରଣ ହୋଇଯିବ। ରାଜନୈତିକ କ୍ଷେତ୍ରରେ ଅନ୍ୟର ମନଗଢ଼ା କଥା ଶୁଣି ବ୍ୟସ୍ତତା ଅନୁଭବ କରିପାରନ୍ତି।

**କର୍କଟ** ଧନାଧିପ ଧନଭାବସ୍ଥ ଯୋଗୁ ବନ୍ଧୁଙ୍କ ପ୍ରେରଣାରେ ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିପାରନ୍ତି। କରଜ ଦେଇଥିବା ଟଙ୍କା ପାଇବା ସକାଶେ ଯୁକ୍ତିତର୍କ କରିବାକୁ ପଡ଼ିପାରେ। ଶିଳ୍ପ, ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ମିଳିବ। ନିର୍ମାଣ, ପ୍ରକାଶନ, ସଙ୍ଗଠନରେ ଉପୁଜିଥିବା ସମସ୍ୟା ସମାଧାନ ହୋଇଯିବ।

**ସିଂହ** ବୁଧାଦିତ୍ୟ ଯୋଗ ପ୍ରଭାବରୁ କାର୍ଯ୍ୟଦକ୍ଷତା ଓ ଦୃଢ଼ ମନୋବଳ ପ୍ରତ୍ୟେକ କାମକୁ ସାକାର କରିପାରିବ। ଆଜିର ଯାତ୍ରାରେ ସହଜରେ ଅଭିଳଷିତ ଫଳ ପାଇବେ। ଈର୍ଷା ଓ ଅସୂୟାଭାବ ପୋଷଣ କରି ଆତ୍ମୀୟମାନେ ସମାଲୋଚନା କରିପାରନ୍ତି। ପରିବହନ, ନିର୍ମାଣ ,ବାଣିଜ୍ୟ, ବ୍ୟବସାୟ ସକାଶେ କୌଣସି ପ୍ରତିବନ୍ଧକ ରହିବ ନାହିଁ।

**କନ୍ୟା** ତୃତୀୟ ଅଷ୍ଟମାଧିପ ରାଶିରେ ଥିବାରୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ବନ୍ଧୁ ଅନୁପସ୍ଥିତ ରହିପାରନ୍ତି। ପିଲାଙ୍କ ଅସନ୍ତୋଷଜନକ କାର୍ଯ୍ୟକଳାପ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିପାରେ। ରୋଗର ପୀଡ଼ାରୁ ଶାରୀରିକ ଦୁର୍ବଳତା ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ କାର୍ଯ୍ୟକଳାପରେ ଅତିଷ୍ଠ ହେବାର ସୂଚନା ରହିଛି।

**ତୁଳା** ବୃହସ୍ପତିଙ୍କ ଦୃଷ୍ଟି ପ୍ରଭାବରେ ନିଜ ଲୋକମାନେ ଶତ୍ରୁତା କଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ସାଧାରଣ କଥାକୁ କେନ୍ଦ୍ରକରି ପାରିବାରିକ ଝଗଡ଼ାର ଆଶଙ୍କାକୁ ଏଡାଇ ହେବ ନାହିଁ। କର୍ମକ୍ଷେତ୍ରର ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। କଚେରି ମାମଲା, ଅସମ୍ପୂର୍ଣ୍ଣ କାମ ଯୋଗୁ କିମ୍ବା ବନ୍ଧୁଙ୍କ ସହ ଭୁଲ୍ ବୁଝାମଣାରୁ ଚିନ୍ତା ବଢ଼ିପାରେ।

**ବିଛା** ଶନିଦୃଷ୍ଟ ମଙ୍ଗଳ ହେତୁ ବାରମ୍ବାର ସ୍ୱାସ୍ଥ୍ୟ ସମସ୍ୟା ମନରେ ଉଦ୍‌ବେଗ ସୃଷ୍ଟି କରିବ। ବ୍ୟବସାୟ, ନିର୍ମାଣ ଓ ପରିବହନ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହୋଇପାରେ। ଦୀର୍ଘଦିନରୁ ରହିଆସିଥିବା ଋଣ ପରିଶୋଧ କରିବା ସକାଶେ ଚିନ୍ତିତ ରହିପାରନ୍ତି।


**ଧନୁ** ଶନିଙ୍କ ପ୍ରଭାବରେ ପାରିବାରିକ କ୍ଷେତ୍ରରେ ମନମୁଖି ଶାସନଜନିତ ଅଶାନ୍ତ ପରିସ୍ଥିତି ସୃଷ୍ଟି ହେବ। ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀଙ୍କ ସହଯୋଗ ମନକୁ ହାଲୁକା କରିବାରେ ସହାୟକ ହେବ। ଆଜିର ଯାତ୍ରା, ବାଣିଜ୍ୟ, କଚେରି ମାମଲା ବିଷୟରେ ବନ୍ଧୁଙ୍କ ପରାମର୍ଶ ନେବାର ସୁଯୋଗ ମିଳିବ। ଭାବପ୍ରବଣତାରେ କୌଣସି ଭୁଲ୍ କାମ କରିପାରନ୍ତି।

**ମକର** ବଳବାନ୍ ମଙ୍ଗଳଙ୍କ ପ୍ରଭାବରେ ପ୍ରତିକୂଳ ପରିସ୍ଥିତିକୁ ଦୂରେଇବାରେ ସମର୍ଥ ହେବେ। ଅର୍ଥ, ଜମିଜମା, ବିବାଦୀୟ ବିଷୟ ପ୍ରଭୃତିରେ ବନ୍ଧୁଙ୍କ ପରାମର୍ଶ ଗ୍ରହଣ କରିବା ଠିକ୍ ହେବ। ଶିକ୍ଷା, ଶିଳ୍ପ, ବ୍ୟବସାୟ, ଗବେଷଣାରେ ଉନ୍ନତି ଘଟିବ। ନିର୍ମାଣାଧୀନ କାମ, ବନ୍ଧୁଙ୍କ ନିମନ୍ତ୍ରଣ, ଜମିଜମା ସମ୍ପର୍କୀୟ ଆଲୋଚନା ଅମୀମାଂସିତ ରହିଯିବ।

**କୁମ୍ଭ** ଚନ୍ଦ୍ରଙ୍କ ଶୁଭ ସଂସ୍ଥାନରୁ ଆଜିର ପ୍ରତ୍ୟୁଷ ଯାତ୍ରା , ନିର୍ମାଣ, ବ୍ୟବସାୟ ଅନୁକୂଳ ରହିବ। ଆନୁଷ୍ଠାନିକ କାମ, ସଭାସମିତି, ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ଚୁକ୍ତିପତ୍ର, କ୍ଷେତ୍ରରେ ଅଶାନୁରୂପ ଫଳ ପାଇବେ। ଋଣଭାର ଚିନ୍ତାରେ ମନ ଭାରାକ୍ରାନ୍ତ ରହିପାରେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା କାରଣରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**ମୀନ** କେନ୍ଦ୍ରସ୍ଥ ବୃହସ୍ପତି ଯୋଗୁ ଦୀର୍ଘ ଦିନରୁ ଚିନ୍ତା କରିଥିବା ଯୋଜନା ସକାଶେ ମନ ବଳାଇପାରନ୍ତି। ଯାତ୍ରା ସମୟରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ। ଯେତେ ଭଲ କାମ କଲେ ମଧ୍ୟ ପରିବାରରେ ଅନ୍ୟମାନେ ଦୋଷ ଖୋଜିବୁଲିବେ। ପିଲାମାନଙ୍କୁ କେନ୍ଦ୍ରକରି ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିବାର ସୂଚନା ରହିଛି।

ଆଜି ସେପ୍ଟେମ୍ବର ୬ ତାରିଖ, ଭାଦ୍ରବ ଶୁକ୍ଳପକ୍ଷର ଅନନ୍ତ ଚତୁର୍ଦ୍ଦଶୀ, ଶନିବାର, ଅନନ୍ତବ୍ରତ, ଶ୍ରୀଲିଙ୍ଗରାଜ ଦେବଙ୍କ ପାର୍ଶ୍ୱପରିବର୍ତ୍ତନ ଉତ୍ସବ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଶରଣଂ, ରାଶିନକ୍ଷତ୍ର- ଧନିଷ୍ଠା/ମକର, ଦିବା ଘ.୧୧।୨୦ ଗତେ କୁମ୍ଭଚନ୍ଦ୍ର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୧୨ ଗତେ ଘ.୧୨।୫୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୪୦ ଗତେ ଘ.୧୦।୧୨ ମଧ୍ୟେ ରାହୁକାଳ।




# ସୂଚନା କମିଶନଙ୍କ କାର୍ଯ୍ୟଶୈଳୀରେ ସଂସ୍କାର ଜରୁରୀ

ଗତ ଅଗଷ୍ଟ ୨୨, ୨୦୨୫ରେ ଭୁବନେଶ୍ୱରଠାରେ 'ଓଡ଼ିଶା ସୂଚନା କମିଶନଙ୍କ କାର୍ଯ୍ୟଧାରା, କାର୍ଯ୍ୟଶୈଳୀ, ମାମଲା ଶୁଣାଣି ପ୍ରକ୍ରିୟା ଓ କେସ୍ ଫଇସଲା' ସମ୍ପର୍କରେ ଏକ ରାଜ୍ୟସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ରାଜ୍ୟରେ ଗତ ଦୁଇ ଦଶନ୍ଧି ଧରି ସୂଚନା ଅଧିକାର ଆଇନକୁ କ୍ରିୟାଶୀଳ କରାଇବା ଓ ଜନସାଧାରଣଙ୍କୁ ଆଇନ ସମ୍ପର୍କରେ ସଚେତନ କରାଇବା ଦିଗରେ କାର୍ଯ୍ୟ କରିଆସୁଥିବା 'ଓଡ଼ିଶା ସୂଚନା ଅଧିକାର ଅଭିଯାନ' ତରଫରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସୂଚନା କମିଶନଙ୍କ କାର୍ଯ୍ୟଶୈଳୀ ଓ କେସ୍ ଶୁଣାଣି ପାଇଁ ଅନୁସୃତ ପଦ୍ଧତି ଓ କେସ୍ ଫଇସଲା ଅର୍ଡର କେତେଦୂର ଲୋକାଭିମୁଖୀ ହୋଇପାରିଛି ସେ ସମ୍ପର୍କରେ ବିଚାରବିମର୍ଶ କରିବା ଓ ଭୁଲ୍ ତ୍ରୁଟିର ସୁଧାର ପାଇଁ ସୂଚନା କମିଶନ ଓ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେବା ଥିଲା ଏହି ଜନଶୁଣାଣି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ।

ସୂଚନାଯୋଗ୍ୟ, ଗତ ଏପ୍ରିଲ ୨୦୨୫ରେ ରାଜ୍ୟ ସରକାର ମୁଖ୍ୟ ସୂଚନା କମିଶନରଙ୍କ ସମେତ ତିନି ଜଣ ସୂଚନା କମିଶନରଙ୍କୁ ନିଯୁକ୍ତି ଦେଇଛନ୍ତି। ଆଗରୁ ଦୁଇ ଜଣ ସୂଚନା କମିଶନର କାର୍ଯ୍ୟ କରି ଆସୁଛନ୍ତି। ସୂଚନା ଅଧିକାର ଆଇନର ଧାରା ୧୮, ୧୯, ୨୦ ଅନୁଯାୟୀ ସୂଚନା କମିଶନ ଅଭିଯୋଗ/ଦ୍ୱିତୀୟ ଅପିଲ କେସ୍‌ଗୁଡ଼ିକର ଶୁଣାଣି କରିବେ, ଅପିଲକାରୀ/ଅଭିଯୋଗକାରୀ ନାଗରିକମାନଙ୍କୁ ସୂଚନା ପ୍ରଦାନ କରାଇବେ, ଆଇନ ଉଲ୍ଲଂଘନକାରୀ ପି.ଆଇ.ଓ.ଙ୍କ ବିରୋଧରେ ଦଣ୍ଡବିଧାନ କରିବେ ଓ ଆବଶ୍ୟକସ୍ଥଳେ କ୍ଷତିଗ୍ରସ୍ତ ନାଗରିକଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେବେ ଇତ୍ୟାଦି।

ଜନ ଶୁଣାଣି କାର୍ଯ୍ୟକ୍ରମରେ ବିଭିନ୍ନ ଜିଲାରୁ ଆସିଥିବା ସୂଚନା ଅଧିକାର କର୍ମୀ, ସାଧାରଣ ଲୋକେ, କମିଶନଙ୍କଠାରୁ ନ୍ୟାୟ ପାଇବାରୁ ବଞ୍ଚିତ ଜନସାଧାରଣ, ଗଣମାଧ୍ୟମ ପ୍ରତିନିଧି, ତଥ୍ୟ ସଂଗ୍ରହକାରୀ ନାଗରିକ, ଆଇନଜୀବୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା କମିଶନଙ୍କ ଆଇନ ବିରୋଧୀ କାର୍ଯ୍ୟ କେସ୍ ଶୁଣାଣି ଓ ଫଇସଲାରେ ଚରମ ବିଫଳତା, ତଥ୍ୟ ପ୍ରଦାନ ନ କରି କେସ୍ ଖାରଜ କରିବା, ଅନେକ ଶହ ମାମଲା ବିନା ଶୁଣାଣିରେ ବନ୍ଦ କରିଦେବା ଇତ୍ୟାଦି ଅଭିଯୋଗ ଦେଖିବାକୁ ମିଳିଥିଲା।

ବରଗଡ଼ ଜିଲାର ଅର୍ଦ୍ଧେନ୍ଦୁ ବେହେରା ୨୧ ଜୁଲାଇ ୨୦୨୫ରେ ସୂଚନା କମିଶନଙ୍କ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟକୁ ଆଧାର କରି ମେ'ରୁ ଜୁଲାଇ ମଧ୍ୟରେ ସୂଚନା କମିଶନରମାନେ ଆଦୌ ଶୁଣାଣି ନ କରି ୮୦୦ କେସ୍ ଖାରଜ କରିଦେଇଛନ୍ତି ବୋଲି କହିଛନ୍ତି, ଯାହାକି ସୂଚନା କମିଶନଙ୍କ ଇତିହାସରେ ଏକ ବିରଳ ଘଟଣା। ଅଭିଯୋଗକାରୀମାନଙ୍କ ନିକଟକୁ କମିଶନ ପଠେଇଥିବା ତାଙ୍କ ଅର୍ଡରରେ ଉଲ୍ଲେଖ କରିଛନ୍ତି ଯେ, ୨୦୧୧ ମସିହାରେ ମଣିପୁର ସୂଚନା କମିଶନ ବନାମ ମଣିପୁର ରାଜ୍ୟ ସରକାରଙ୍କ କେସ୍‌ରେ ସୁପ୍ରିମକୋର୍ଟଙ୍କ ରାୟ ଆଧାରରେ କମିଶନ ଏପରି ନିଷ୍ପତ୍ତି ନେଇଛନ୍ତି। ବାସ୍ତବରେ ସୁପ୍ରିମକୋର୍ଟଙ୍କ ଏହି ରାୟରେ କମିଶନ ଅଭିଯୋଗ କେସ୍‌ଗୁଡ଼ିକୁ ଶୁଣାଣି ନ କରି ମନଇଚ୍ଛା ଖାରଜ କରିବେ ବୋଲି କିଛି ଉଲ୍ଲେଖ ନାହିଁ। ବରଂ ସୁପ୍ରିମକୋର୍ଟ କେସ୍ ଶୁଣାଣି କରି ଆଇନ ଉଲ୍ଲଂଘନକାରୀ ପିଆଇଓଙ୍କ ବିରୋଧରେ ଦଣ୍ଡବିଧାନ କରିପାରିବେ ବୋଲି କହିଛନ୍ତି। କିନ୍ତୁ ସୂଚନା କମିଶନ ସୁପ୍ରିମକୋର୍ଟଙ୍କ ରାୟର ଅପବ୍ୟାଖ୍ୟା କରି କମିଶନ ଏପରି ଆଇନ ବିରୋଧୀ କେସ୍ ଖାରଜ ନିଷ୍ପତ୍ତି ନେଇଛନ୍ତି ବୋଲି ସେ ଉଲ୍ଲେଖ କରିଥିଲେ। ଜନଶୁଣାଣିରେ ପ୍ରାୟ ସମସ୍ତ ଅଂଶଗ୍ରହଣକାରୀ ଏହିପରି ଅଭିଯୋଗ କରିବା ସହ ଖାରଜ ହୋଇଥିବା ୮ ଶହ କେସ୍‌ର ଶୁଣାଣି କରି ଫଇସଲା କରିବାକୁ ଦାବି କରାଯାଇଥିଲା।

ସୂଚନା ଅଧିକାର କର୍ମୀ ଶ୍ରୀକାନ୍ତ ପାକଳ, ସୁବାସ ପ୍ରଧାନ ପ୍ରମୁଖ ସୂଚନା କମିଶନ କିପରି କେସ୍ ଶୁଣାଣି ସମ୍ପର୍କରେ ମତାମତ ଲୋଡ଼ିଛନ୍ତି ତାହା ଦର୍ଶାଇଥିଲେ। ଗତ ଜୁନ୍ ଓ ଜୁଲାଇରେ ସୂଚନା କମିଶନ ଅଭିଯୋଗକାରୀ/ଅପିଲକାରୀମାନଙ୍କ ନିକଟକୁ ଏକ ଚିଠି ଲେଖି କମିଶନ ଜଣାଇଛନ୍ତି ଯେ, ୨୦୨୧ ଓ ୨୦୨୨ ମସିହାର ୬ ହଜାର କେସ୍‌କୁ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି। ଆପଣମାନଙ୍କର ଏହି କେସ୍ ଶୁଣାଣି ନେଇ ଆଗ୍ରହ ଅଛି କି ନାହିଁ ଅଗଷ୍ଟ ୧୫ ସୁଦ୍ଧା ଲେଖିକରି ଜଣାଇବେ। ନଚେତ୍ ଖାରଜ କରିଦିଆଯିବ। କମିଶନଙ୍କ ଏହି ଚିଠିଟି ଏକ ଭୁଲ୍ ଓ ଆଇନ ବିରୋଧୀ ବୋଲି ସେମାନେ ଦର୍ଶାଇଥିଲେ। ଓଡ଼ିଶା ସୂଚନା କମିଶନ (ଅପିଲ ଶୁଣାଣି ପ୍ରକ୍ରିୟା) ନିୟମାବଳୀ, ୨୦୦୬ ଅନୁଯାୟୀ ନାଗରିକଙ୍କଠାରୁ ଦ୍ୱିତୀୟ ଅପିଲ / ଅଭିଯୋଗ ଗ୍ରହଣ କଲାପରେ ସୂଚନା କମିଶନ ପଞ୍ଜୀକୃତ କରିବେ ଏବଂ କେସ୍ ଶୁଣାଣି ପାଇଁ ନୋଟିସ୍ କରିବେ। ଅଭିଯୋଗକାରୀ / ଅପିଲକାରୀ ଶୁଣାଣି ସମୟରେ ଉପସ୍ଥିତ ରହିପାରନ୍ତି ବା ନ ରହିପାରନ୍ତି। କିନ୍ତୁ ସେମାନଙ୍କଠାରୁ ଶୁଣାଣି ପାଇଁ ଉପଯୁକ୍ତ ସୁଯୋଗ ଦେଇ ଆଇନ ଅନୁଯାୟୀ କମିଶନ କେସ୍ ଫଇସଲା କରିବେ। ତେଣୁ ସୂଚନା କମିଶନ ୬ ହଜାର କେସ୍‌କୁ ବନ୍ଦ କରିବା ପାଇଁ ଜାରି କରିଥିବା ଏହି ଚିଠି ଆଇନ ବିରୋଧୀ ଏବଂ ଏହାର ପ୍ରତ୍ୟାହାର ଜରୁରୀ ବୋଲି କହିଥିଲେ। ତେଣୁ ସୂଚନା କମିଶନଙ୍କ କାର୍ଯ୍ୟଶୈଳୀରେ ସଂସ୍କାର ଆବଶ୍ୟକ ପଡ଼ିଲାଣି।

**-ପ୍ରଦୀପ ପ୍ରଧାନ**
ମୋ.ନଂ.-୯୯୩୭୮୪୩୪୮୨

# ମ୍ୟାଲେରିଆରେ ରାୟଗଡ଼ା ଜିଲା ରାଜ୍ୟରେ ପ୍ରଥମ

**ଜୁଲାଇ ମଧ୍ୟରେ ୮,୩୯୭ ଆକ୍ରାନ୍ତ**

ରାୟଗଡ଼ା,୫ା୯ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାରେ ମ୍ୟାଲେରିଆ ପିଛା ଛାଡୁନାହିଁ। ରାୟଗଡ଼ା ଜିଲା ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟାରେ ରାଜ୍ୟରେ ପ୍ରଥମ ସ୍ଥାନରେ ରହିଛି। ୨୦୨୫ ଜାନୁଆରୀରୁ ଜୁଲାଇ ପର୍ଯ୍ୟନ୍ତ ଜିଲାରେ ମ୍ୟାଲେରିଆ ସ୍ଥିତି ଉଦ୍‌ବେଗଜନକ ରହିଥିବା ଦେଖିବାକୁ ମିଳିଛି। ଚଳିତ ବର୍ଷ ଜାନୁଆରୀରୁ ଜୁଲାଇ ମଧ୍ୟରେ ଜିଲାରେ ମୋଟ ୮୩୯୭ ଜଣ ମ୍ୟାଲେରିଆରେ ଆକ୍ରାନ୍ତ ହୋଇଥିବା ସ୍ୱାସ୍ଥ୍ୟ ବିଭାଗରୁ ମିଳିଥିବା ତଥ୍ୟରୁ ଜଣାପଡ଼ିଛି। ଏହା ୨୦୨୩ରେ ମ୍ୟାଲେରିଆ ଆକ୍ରାନ୍ତଙ୍କଠାରୁ ଦୁଇ ଗୁଣ ଅଧିକ ଏବଂ ୨୦୨୪ରେ ମ୍ୟାଲେରିଆ ଆକ୍ରାନ୍ତଙ୍କଠାରୁ ୨୦୦୦ରୁ ଊର୍ଦ୍ଧ୍ୱ ବୋଲି ଜଣାପଡ଼ିଛି। ୨୦୨୩ ଜାନୁଆରୀରୁ ଜୁଲାଇ ମଧ୍ୟରେ ୪୮୪୪ ଏବଂ ୨୦୨୪ ଜାନୁଆରୀରୁ ଜୁଲାଇ ମଧ୍ୟରେ ୬୦୮୮ ଜଣ ମ୍ୟାଲେରିଆ ଆକ୍ରାନ୍ତ ହୋଇଥିଲେ। ଜିଲାରେ ପାହାଡ଼ିଆ ମାଳ ଅଞ୍ଚଳରେ ବୋହୁଥିବା ଝରଣା କୂଳରେ ମଶାବଂଶ ବୃଦ୍ଧି ଓ ଦୂଷିତ ପରିବେଶ କାରଣରୁ ମ୍ୟାଲେରିଆ ବ୍ୟାପୁଥିବା ସ୍ୱାସ୍ଥ୍ୟ ବିଭାଗ ଦାୟୀ କରିଛି। ଅନ୍ୟପଟେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉପଯୁକ୍ତ ସମୟରେ ମଶାରି ବଣ୍ଟନ କରା ନ ଯାଇ ବିଳମ୍ବରେ ପ୍ରଦାନ କରାଯିବା ମଧ୍ୟ ମ୍ୟାଲେରିଆ ବଢ଼ିବାର ମୁଖ୍ୟ କାରଣ ବୋଲି ସ୍ୱାସ୍ଥ୍ୟ ଅଧିକାରୀମାନେ ପ୍ରକାଶ କରିଛନ୍ତି।

୨୦୧୬-୧୭ରେ ରାୟଗଡ଼ା ଜିଲା ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟାରେ ରାଜ୍ୟରେ ପ୍ରଥମ ସ୍ଥାନରେ ରହିଥିବା ବେଳେ ପରବର୍ତ୍ତୀ ସମୟରେ ଏହା ୫ମକୁ ଖସିଥିଲା। ହେଲେ ୨୦୨୫ରେ ପୁନର୍ବାର ଏହି ଜିଲା ପ୍ରଥମ ସ୍ଥାନରେ ରହିଛି। ଅଗଷ୍ଟ ମାସର ରିପୋର୍ଟ ସ୍ୱାସ୍ଥ୍ୟ ବିଭାଗ ହାତକୁ ଆସି ନ ଥିବା ବେଳେ ମ୍ୟାଲେରିଆ ନିୟନ୍ତ୍ରଣ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ କହୁଛନ୍ତି। ୨୦୨୫ ଜାନୁଆରୀରୁ ଜୁଲାଇ ମଧ୍ୟରେ ଜିଲାରେ ଥିବା ୧୧ଟି ସିଏଚ୍‌ସି ସମେତ ଗୁଣପୁର ଓ ରାୟଗଡ଼ା ସହରାଞ୍ଚଳରେ ମୋଟ ୩ ଲକ୍ଷ ୪୪ହଜାର ୮୩୮ ଜଣଙ୍କ ନମୁନା ପରୀକ୍ଷଣ ହୋଇଥିବା ବେଳେ ସେଥିରୁ ୮୩୯୭ ଜଣ ମ୍ୟାଲେରିଆରେ ଆକ୍ରାନ୍ତ ରହିଥିବା ସ୍ୱାସ୍ଥ୍ୟ ବିଭାଗରୁ ମିଳିଥିବା ତଥ୍ୟରୁ ଜଣାପଡ଼ିଛି। ସ୍ୱାସ୍ଥ୍ୟ ବିଭାଗରୁ ମିଳିଥିବା ତଥ୍ୟ ଅନୁସାରେ ୨୦୨୫ ଜାନୁଆରୀଠାରୁ ଜୁଲାଇ ମଧ୍ୟରେ କାଶୀପୁର ସିଏଚ୍‌ସିରେ ସର୍ବାଧିକ ୧୩୦୨, ମୁନିଗୁଡ଼ାରେ ୧୨୨୨ ଏବଂ ଗୁଡ଼ାରିରେ ୧୦୨୦ ଜଣ ମ୍ୟାଲେରିଆ ଆକ୍ରାନ୍ତ ରହିଥିବା ନେଇ ପରୀକ୍ଷଣରୁ ଜଣାପଡ଼ିଛି। କେବଳ ଗଉରପୁର ସହରାଞ୍ଚଳରେ ୩୧ଜଣ ସୀମିତ ରହିଥିବା ବେଳେ ଅନ୍ୟ ସମସ୍ତ ଅଞ୍ଚଳରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଛି। କଲ୍ୟାଣସିଂହପୁରରେ ୯୦୨, ଚନ୍ଦ୍ରପୁରରେ ୭୭୩, ଜେମାଦେଇପେଣ୍ଠରେ ୭୬୯, ବିଷମକଟକ ସିଏଚ୍‌ସିରେ ୬୬୬, କୋଲନରାରେ ୫୮୭, ପଦ୍ମପୁରରେ ୪୯୪, ଜଗନ୍ନାଥପୁରରେ ୨୫୧ ଏବଂ ରାମନାଗୁଡ଼ାରେ ୨୩୫, ରାୟଗଡ଼ା ସହରାଞ୍ଚଳରେ ୧୩୮ ଜଣ ମ୍ୟାଲେରିଆ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ମ୍ୟାଲେରିଆ ନିୟନ୍ତ୍ରଣକୁ ନେଇ ରାୟଗଡ଼ା ଏଡିଏମ୍‌ଓ ଡ. ପ୍ରଦୀପ୍ତ ସୁବୁଦ୍ଧିଙ୍କୁ ପଚାରିବାରୁ ଲୋକେ ମଶାରି ରଖିଥିଲେ ମଧ୍ୟ ଏହାର ବ୍ୟବହାର କରୁ ନ ଥିବା ଏବଂ ଚଳିତ ବର୍ଷ ମଶାରି ବଣ୍ଟନ ବିଳମ୍ବରେ ହେବାରୁ ଏଭଳି ସ୍ଥିତି ଉପୁଜିଛି ବୋଲି କହିଛନ୍ତି। କିନ୍ତୁ ଏବେ ମଶାରି ବଣ୍ଟନ ସରିଛି ଏବଂ ମ୍ୟାଲେରିଆ ଉପରେ ନିୟନ୍ତ୍ରଣ ମଧ୍ୟ ରହିଛି ବୋଲି ଡ. ସୁବୁଦ୍ଧି କହିଛନ୍ତି। ଏଥିସହ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମ୍ୟାଲେରିଆ ନିୟନ୍ତ୍ରଣ ପାଇଁ ସବୁବେଳେ ପଦକ୍ଷେପ ଗ୍ରହଣ କରାଯାଉଥିଲେ ମଧ୍ୟ ଲୋକେ ସେତିକି ସଚେତନ ହେବା ଆବଶ୍ୟକ ରହିଛି। ଲୋକେ ନିୟମିତ ନିଜ ପାଖ ପରିବେଶକୁ ସ୍ୱଚ୍ଛ ରଖିବା ସହ ଜ୍ୱର ଓ ରୋଗ ହେଲେ ତୁରନ୍ତ ନିଜ ଅଞ୍ଚଳର ଆଶାକର୍ମୀଙ୍କୁ ଯୋଗାଯୋଗ କରିବା ସହ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ଆବଶ୍ୟକ ବୋଲି କହିଛନ୍ତି।

# ପାହାଡ଼ ଧସି ଯାତାୟାତ ଠପ୍

ଛେଣ୍ଡିପଦା,୫ା୯ (ଅଜିତ ଧଳ)

ଲଗାଣ ବର୍ଷା ଯୋଗୁ ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ପାତ୍ରପଡ଼ାସ୍ଥିତ ଦେବୀନଗର ପାହାଡ଼ରୁ ଶୁକ୍ରବାର ଭୋର୍ ସମୟରେ ବିରାଟ ମାଟି ଅତଡ଼ା ଧସି ରାସ୍ତା ଉପରେ ପଡ଼ିଥିଲା। ଫଳରେ ପାତ୍ରପଡ଼ାର ପର୍ଯ୍ୟଟନସ୍ଥଳୀ ମା' ବାୟାଣୀ ପୀଠରୁ କଣ୍ଟେଇନଗର ବ୍ଲକ ହଣ୍ଡପାସ୍ଥିତ କଟକ-ସମ୍ବଲପୁର ୫୫ନଂ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ରାସ୍ତା ଦୀର୍ଘସମୟ ଅବରୋଧ ହୋଇଥିଲା। ସକାଳୁ ରାସ୍ତା ବନ୍ଦ ହୋଇଯିବା ଫଳରେ ଉଭୟ ପାର୍ଶ୍ୱରେ ବହୁ ଗାଡ଼ି ଅଟକି ରହିଥିଲା। ପରେ ପୂର୍ବତନ ଅଧକ୍ଷ ଲୋକନାଥ ସାହୁ, ସାମାଜିକ କର୍ମୀ ହିମାଂଶୁ ସ୍ୱାଇଁ ଓ ସମିତିସଭ୍ୟ ଦିପକ କୁମାର ସାହୁଙ୍କ ସମେତ ପାତ୍ରପଡ଼ା ଗ୍ରାମବାସୀ, ଯୁବ ଗୋଷ୍ଠୀ ଜେସିବି ମେସିନ ଓ ଟ୍ରାକ୍ଟର ସହାୟତାରେ ରାସ୍ତାରୁ ମାଟି ସଫା କରିବା ପରେ ଗମନାଗମନ ସ୍ୱାଭାବିକ ହୋଇଥିଲା।









ଲୋକସେବା ଭବନଠାରେ ଶୁକ୍ରବାର ରାଜ୍ୟସ୍ତରୀୟ ଗୁରୁଦିବସ ଉତ୍ସବ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଅନ୍ୟମାନଙ୍କ ସହ ପୁରସ୍କୃତ ଶିକ୍ଷୟିତ୍ରୀଶିକ୍ଷକ।






# ପୋଖରୀରେ ବୁଡ଼ି ୨ ଭାଇଙ୍କ ମୃତ୍ୟୁ

ଭବାନୀପାଟଣା,୫ା୯ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଗୁଞ୍ଜିପଦର ଗ୍ରାମରୁ ଶୁକ୍ରବାର ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ଗାଁ ମୁଣ୍ଡ ପୋଖରୀକୁ ଗାଧୋଇବାକୁ ଯାଇ ପାଣିରେ ବୁଡ଼ି ୨ ନାବାଳକ ଭାଇଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଗ୍ରାମର ଭବାନୀ ଶଙ୍କର ରଣାଙ୍କ ପୁଅ ଜଗନ୍ନାଥ ରଣା (୧୨) ଓ ରାଧାକାନ୍ତ ରଣା (୯)।


ମୃତ ୨ ଭାଇ

ପାଣିରେ ବୁଡ଼ିଯିବା ଖବର ପାଇ ଓଡ୍ରାଫ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତ ଅବସ୍ଥାରେ ୨ ଭାଇଙ୍କୁ ଉଦ୍ଧାର କରିଥିଲା। ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସେଠାରେ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି। ଏ ନେଇ ଭବାନୀପାଟଣା ସଦର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୭/୨୫) ରୁଜୁ ହୋଇଛି। ଏହି ଘଟଣାକୁ ନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ସ୍କୁଲ ଛାତରୁ ପ୍ଲାଷ୍ଟର ଖସି ୩ ଛାତ୍ରୀ ଆହତ

**ବାସୁଦେବପୁର,୫ା୯ (କାଳିପଦ ରାୟ/ନାରାୟଣ ପ୍ରସାଦ ବାରିକ):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କିସ୍ମତକୃଷ୍ଣପୁର ଗ୍ରାମର ବୋହୂମା ଘେରି ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଛାତରୁ ପ୍ଲାଷ୍ଟର ଖସି ୩ ଛାତ୍ରୀ ଆହତ ହୋଇଛନ୍ତି। ସେମାନେ ହେଲେ ବାଲ୍‌ବାଟିକାର ଶକୁନ୍ତଳା ମଣ୍ଡଳ, ଶୁଭଶ୍ରୀ କଳା ଓ ତୃତୀୟ ଶ୍ରେଣୀର ଶ୍ରାବଣୀ କଳା। ଛାତ୍ରୀଛାତ୍ର ଗୁରୁଦିବସ ପାଳନ କରିସାରି ମଧ୍ୟାହ୍ନଭୋଜନ ଖାଇ ହାତ ଧୋଉଥିଲେ। ଏହି ସମୟରେ ସ୍କୁଲ ଛାତରୁ ପ୍ଲାଷ୍ଟର ଖଣ୍ଡ ଖସି ଛାତ୍ରୀମାନଙ୍କ ମୁଣ୍ଡ ଉପରେ ପଡ଼ିଥିଲା। ସେମାନଙ୍କୁ ଚିକିତ୍ସା ପାଇଁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସେମାନେ ଘରକୁ ଫେରିଛନ୍ତି। ଛାତ ପୁରୁଣା ହୋଇଥିବାରୁ ତାହାକୁ ଭାଙ୍ଗିଦେବାକୁ ବିଇଓ ଏବଂ ଜିଲାପାଳଙ୍କୁ ଅବଗତ କରାଯାଇଥିବା ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଶାନ୍ତ ମାଝୀ କହିଛନ୍ତି।

# ହୀରାକୁଦ: ପୁଣି ଖୋଲିଲା ୮ ସ୍ଲୁଇସ୍ ଗେଟ୍

ସମ୍ବଲପୁର,୫ା୯ (ପ୍ରମୋଦ ବହିଦାର)

ହୀରାକୁଦ ଜଳଭଣ୍ଡାରର ଉପରମୁଣ୍ଡରେ ଲଘୁଚାପଜନିତ ବର୍ଷା ଯୋଗୁ ମହାନଦୀରେ ଜଳ ପ୍ରବାହ ପରିମାଣ ବୃଦ୍ଧି ପାଇଛି। ଫଳରେ ଶୁକ୍ରବାର ଜଳଭଣ୍ଡାରର ପୁଣି ୮ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଛି। ବର୍ତ୍ତମାନ ହୀରାକୁଦ ଜଳଭଣ୍ଡାରରୁ ମୋଟ ୨୪ଟି ସ୍ଲୁଇସ୍ ଗେଟ୍ ଜରିଆରେ ଅତିରିକ୍ତ ବନ୍ୟାଜଳ ନିଷ୍କାସନ ପ୍ରକ୍ରିୟା ଜାରି ରହିଛି। ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ପୂର୍ବାହ୍ନରେ ପ୍ରଥମେ ୪ଟି ଓ ଅପରାହ୍ନରେ ଆଉ ୪ଟି ମିଶି ଦୁଇଟି ପର୍ଯ୍ୟାୟରେ ୮ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଛି। ରୁଲକର୍ଭ ଅନୁସାରେ ଆଗୁଆ ବ୍ୟବସ୍ଥା ସ୍ୱରୂପ ଜଳସ୍ତର ନିୟନ୍ତ୍ରଣ ପାଇଁ ହୀରାକୁଦ ଜଳଭଣ୍ଡାରକୁ ଖାଲି କରିବା ଲକ୍ଷ୍ୟରେ ୨୪ଟି ସ୍ଲୁଇସ୍ ଗେଟ୍ ଜରିଆରେ ଜଳ ନିଷ୍କାସନ ଆରମ୍ଭ ହୋଇଛି। ଗୁରୁବାର ପର୍ଯ୍ୟନ୍ତ ହୀରାକୁଦ ଜଳଭଣ୍ଡାରରୁ ୧୬ଟି ସ୍ଲୁଇସ୍ ଗେଟ୍ ଜରିଆରେ ବନ୍ୟାଜଳ ନିଷ୍କାସନ ହେଉଥିଲା।

ଶୁକ୍ରବାର ସନ୍ଧ୍ୟା ୬ଟା ୩୦ରେ ହସ୍ତଗତ ସର୍ବଶେଷ ସୂଚନା ଅନୁସାରେ ଜଳଭଣ୍ଡାରର ଜଳ ପତ୍ତନ ୬୨୬.୫୮ ଫୁଟ୍ ରହିଛି। ଏହି ସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରାହାରି ୩ ଲକ୍ଷ ୯୯ ହଜାର ୨୯୫ ଘନଫୁଟ୍ ବନ୍ୟାଜଳ ପ୍ରବେଶ କରୁଥିବାବେଳେ ଜଳଭଣ୍ଡାରରୁ ପ୍ରତି ସେକେଣ୍ଡରେ ହାରାହାରି ମୋଟ୍ ୪ ଲକ୍ଷ ୨୪ ହଜାର ୭୦୫ ଘନଫୁଟ ଅତିରିକ୍ତ ବନ୍ୟାଜଳ ନିଷ୍କାସିତ ହେଉଛି। ସେଥିମଧ୍ୟରେ ଜଳଭଣ୍ଡାରର ବାମ ପାର୍ଶ୍ୱସ୍ଥ ୧୬ଟି ଓ ଦକ୍ଷିଣ ପାର୍ଶ୍ୱସ୍ଥ ୮ଟି ସ୍ଲୁଇସ୍ ଗେଟ୍ ଜରିଆରେ ମହାନଦୀକୁ ପ୍ରତି ସେକେଣ୍ଡରେ ହାରାହାରି ୩ ଲକ୍ଷ ୮୮ ହଜାର ୩୬୮ ଘନଫୁଟ୍, ଶକ୍ତି ଉତ୍ପାଦନ ପାଇଁ ପାୱାର ଚ୍ୟାନେଲରେ ୩୨,୦୮୯ ଘନଫୁଟ୍, ଶିଳ୍ପସଂସ୍ଥା ପାଇଁ ୨୧୪ ଘନଫୁଟ୍ ଏବଂ ଜଳସେଚନ ପାଇଁ ବରଗଡ଼ କେନାଲରେ ୩୩୨୩, ଶାସନ କେନାଲରେ ୬୩୦ ଓ ସମ୍ବଲପୁର କେନାଲରେ ୮୧ ଘନଫୁଟ୍ ଜଳ ମିଶି ମୋଟ୍ ୪୦୩୪ ଘନଫୁଟ୍ ଜଳ ନିଷ୍କାସନ କରାଯାଉଛି। ଏ ସମ୍ପର୍କରେ ପ୍ରତିକ୍ରିୟା ରଖି ବୁର୍ଲାସ୍ଥିତ ହୀରାକୁଦ ବନ୍ଧ ମୁଖ୍ୟଯନ୍ତ୍ରୀ ତଥା ମହାନଦୀ ଅବବାହିକା ପରିଚାଳକ ଇଂ. ସୁଶୀଳ ବେହେରା କହିଛନ୍ତି, ଆବଶ୍ୟକତା ଦୃଷ୍ଟିରୁ ହୀରାକୁଦ ଜଳଭଣ୍ଡାରର ୨୪ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଛି।




"ସାଂପ୍ରଦାୟିକ ବିବାଦ ହେଲା– କଳସମାନଙ୍କ ଭିତରେ ବିବାଦ। କୋଉ କଳସରେ ଅମୃତ ରହିବ– ତାହା ନେଇ ବିବାଦ। କିନ୍ତୁ ଆମର କାର୍ଯ୍ୟ ହେଲା ଅମୃତ –ରସ ସଂଗ୍ରହ କରିବା। ତାହା ଯେଉଁ କଳସରେ ଥାଉ। ଅନ୍ୟକାର୍ଯ୍ୟଟି ହେଲା ଅମୃତତ୍ୱ ଅର୍ଜନ କରିବା। –ଶ୍ରୀଅରବିନ୍ଦ

–ଅଘୋର ଚତୁର୍ଦ୍ଦଶୀ, ଅନନ୍ତ ବ୍ରତ ଓ ଶ୍ରୀ ଦୁର୍ଗା ଓ ଶିବଙ୍କ ପାର୍ଶ୍ୱପରିବର୍ତ୍ତନ



# ଲାଟେରାଲ ଏଣ୍ଟ୍ରିରେ ଶିଥିଳତା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ମୋଦି ସରକାର ୨୦୧୮ରେ ଲାଟେରାଲ ଏଣ୍ଟ୍ରି ଯୋଜନା ଆରମ୍ଭ କରିଥିଲେ। ବାହାରୁ ବିଶେଷଜ୍ଞଙ୍କୁ ଆଣି ନିଯୁକ୍ତି ଦେଇ ସେମାନଙ୍କ ନୂତନ ଧାରଣାକୁ ନେଇ ଭାରତୀୟ ଶାସନର ଦୃଢ଼ ଢାଞ୍ଚାରେ ପରିବର୍ତ୍ତନକରିବା ସକାଶେ ସରକାର ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। ଏହି ପଦକ୍ଷେପ ଆକର୍ଷଣୀୟ ଥିଲା। ଜଟିଳ ଓ ଅନାବଶ୍ୟକ ସରକାରୀ ନିୟମ ତଥା ପ୍ରକ୍ରିୟାକୁ ଶେଷକରି ଘରୋଇ କ୍ଷେତ୍ରର ବିଶେଷଜ୍ଞଙ୍କୁ ଅଣାଯାଇଥିଲା। କିନ୍ତୁ ୭ବର୍ଷ ପରେ ଏହି ଯୋଜନା ଶିଥିଳ ପଡ଼ିଗଲାଣି। ଏହାର କ୍ରମବିକାଶ ହେବ ବୋଲି ଯାହା ଦାବି କରାଯାଉଥିଲା ତାହା ହେଲା ନାହିଁ। ଏହାର ଗୋଟିଏ କାରଣ ହେଉଛି ସରକାର ସଂରକ୍ଷଣ ବିତର୍କରେ ସମ୍ପୂର୍ଣ୍ଣ ଭାବେ ଫସିଯାଇଛନ୍ତି। ଲାଟେରାଲ ପଦବୀକୁ 'ଏକକ–ପଦବୀ କ୍ୟାଡର' ଆଖ୍ୟା ଦେଇ ସାମ୍ବିଧାନିକ କୋଟା ସୀମା ବାହାରେ ଏହା କରିଛନ୍ତି। ଫଳରେ ସରକାର ସକାରାତ୍ମକ ପଦକ୍ଷେପକୁ ଅଣଦେଖା କରି ସମାଲୋଚନାର ପାତ୍ର ହୋଇଛନ୍ତି। ରାଜନୈତିକ ଦୃଷ୍ଟିରୁ ଏହା କେବେ ବି ଗ୍ରହଣୀୟ ନ ଥିଲା। ନିର୍ଦ୍ଧାରିତ ସଂରକ୍ଷଣର ଏକ ସ୍ୱଚ୍ଛ ବ୍ୟବସ୍ଥା ଗଢ଼ି ଏହି ଜଟିଳ ସ୍ଥିତିର ସମାଧାନ କରିବା ବଦଳରେ ସରକାର ଘାବରେଇଗଲେ ଏବଂ ଗତ ବର୍ଷ ୪୫ ପଦବୀ ପାଇଁ ଦିଆଯାଇଥିବା ବିଜ୍ଞାପନକୁ ପ୍ରତ୍ୟାହାର କରିନେଲେ । ଏହାବାଦ କୁଶଳୀ ତଥା ଯୋଗ୍ୟ ବ୍ୟକ୍ତି ବାଛିବାରେ ସମସ୍ୟା ରହିଛି। ଭାରତର ବିଭିନ୍ନ ସଂସ୍ଥା ଓ କମ୍ପାନୀ ସମ୍ଭାଳୁଥିବା ଦକ୍ଷ ବ୍ୟକ୍ତି ନୁହନ୍ତି, ବରଂ ଦିଲ୍ଲୀରେ ରହିବା ଲାଗି ଅତ୍ୟଧିକ ଆଗ୍ରହୀ ଥିବା ରାଷ୍ଟ୍ରାୟତ୍ତ କମ୍ପାନୀଗୁଡ଼ିକର ମଧ୍ୟମ ସ୍ତରରେ ଥିବା ମ୍ୟାନେଜରମାନେ ଅତ୍ୟଧିକ ସଂଖ୍ୟାରେ ଆବେଦନ କରିଥିଲେ। ଏହାସହ ସରକାରୀ ବେତନ ସ୍କେଲ ଘରୋଇ କ୍ଷେତ୍ରରେ ବରିଷ୍ଠ ମ୍ୟାନେଜରଙ୍କ ଦରମାଠାରୁ ବହୁତ କମ୍। ନିର୍ଦ୍ଦିଷ୍ଟ କ୍ଷେତ୍ରର ଯେଉଁ ବିଶେଷଜ୍ଞଙ୍କୁ ଅଣାଯାଇଥିଲା ସେମାନେ ଫାଇଲ କାମ ଓ ବ୍ୟବସ୍ଥାଗତ ଶିଥିଳତା ତଥା ବିଭେଦତାର ଦ୍ୱନ୍ଦ୍ୱରେ ସେମାନଙ୍କ କୁଶଳତାକୁ ଉପଯୋଗ କରିପାରିଲେ ନାହିଁ। ସରକାର ସ୍ପଷ୍ଟ ନିୟମ ଆଧାରିତ, ଅନ୍ୟ ତୁଳନାରେ ଭଲ ବେତନ ଦେବା ସହ ଏକ ନିର୍ଦ୍ଦିଷ୍ଟ ଲାଟେରାଲ ଟ୍ରାକ୍ ଓ ଉତ୍ତରଦାୟିତ୍ୱ ନିଶ୍ଚିତ ନ କଲେ ଏହି ଯୋଜନା ଏବେ ଯେମିତି ରହିଛି ଆଗକୁ ସେମିତି ରହିବ।

## ଆଇଏମ୍ଏଫ୍‌ରେ ଉର୍ଜିତ

ବ୍ୟକ୍ତିଗତ କାରଣ ଦର୍ଶାଇ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ଉର୍ଜିତ ପଟେଲ ୨୦୧୮ରେ ତାଙ୍କ କାର୍ଯ୍ୟକାଳ ଅଧାରୁ ପଦବୀ ଛାଡ଼ି ଚାଲିଯାଇଥିଲେ। ଏବେ ସେ ବିଶ୍ୱ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍)ରେ ନିଯୁକ୍ତ ହୋଇଛନ୍ତି। ଏକଦା ତାଙ୍କ ନିଜସ୍ୱ ଶାସନଶୈଳୀକୁ ନେଇ ଅସନ୍ତୋଷ ପ୍ରକାଶ କରିଥିବା ଆଇଏମ୍ଏଫ୍ ଏବେ ପୁନର୍ବାର ତାଙ୍କୁ ଫେରାଇନେଇଛି। ଏହା କେବଳ ଉର୍ଜିତଙ୍କ ଦକ୍ଷତାକୁ ସୂଚିତ କରିନି, ବରଂ ଭାରତର ବିଶ୍ୱସନୀୟତା ଅବଗଣନାର ପରିବର୍ତ୍ତନକୁ ଦର୍ଶାଉଛି। ଆଇଏମ୍ଏଫ୍‌ର ସାଙ୍ଗଠନିକ ପରିଷଦ ଶ୍ରୀଲଙ୍କାରେ ଋଣ ସଙ୍କଟ, ବାଂଲାଦେଶରେ ଗଚ୍ଛିତ ମୁଦ୍ରା ଅନିଶ୍ଚିତତା ଏବଂ ଜଳବାୟୁ ପାଣ୍ଠିର ରାଜକୋଷୀୟ ବୋଝକୁ ନେଇ ଚିନ୍ତାରେ ଥିବାବେଳେ ଏବେ ଉର୍ଜିତଙ୍କ ଭଳି ଜଣେ ଟେକ୍‌ନିକାଲ ଏକ୍ସପର୍ଟ ପାଇଛି। ଆଇଏମ୍ଏଫ୍‌ର ଇତିହାସ ସହ ଜଡ଼ିତ ଥିବା ତଥା ମୁଦ୍ରାସ୍ଫୀତିରେ ସ୍ଥିରତା ଆଣିବାରେ ସେ ଦକ୍ଷ। ୨୦୧୮ରେ ପ୍ରଥମ ଥର ପାଇଁ ଆର୍‌ବିଆଇ ଗଭର୍ନର ପଦବୀରୁ ଉର୍ଜିତ ହଠାତ୍ ଇସ୍ତଫା ଦେବା ଉପରେ କେନ୍ଦ୍ରର ହସ୍ତକ୍ଷେପକୁ ନେଇ ଚର୍ଚ୍ଚା ହୋଇଥିଲା। ତାଙ୍କ ପରେ ଶକ୍ତିକାନ୍ତ ଦାସଙ୍କ ସଫଳତା ସବୁ କଥାରେ 'ହଁ' କୁ ପ୍ରାଥମିକତା ଦେଉଥିବା ରହସ୍ୟକୁ ଆହୁରି ଗଭୀର କରିଛି। ଉର୍ଜିତଙ୍କ ନିଯୁକ୍ତି ଅନ୍ତର୍ଜାତୀୟ ସମୁଦାୟକୁ ଏକ ସ୍ପଷ୍ଟ ସଙ୍କେତ ଦିଏ। ଆଇଏମ୍ଏଫ୍‌ରେ ଭାରତ ଜଣେ ମଜଭୁତ ବ୍ୟକ୍ତିଙ୍କୁ ଚୟନ କରୁଛି। ଉର୍ଜିତଙ୍କ କ୍ଷେତ୍ରରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ କଥା। କିନ୍ତୁ କେନ୍ଦ୍ର ନିଜ ଦେଶରେ ରାଜନୈତିକ ହସ୍ତକ୍ଷେପର ସମ୍ମୁଖୀନ ହେଉଥିଲାବେଳେ ଏହା ବାହାରେ ଟେକ୍‌ନୋକ୍ରାଟିକ୍ ବିଶ୍ୱସନୀୟତାକୁ ଉପସ୍ଥାପିତ କରିପାରିବ କି ନାହିଁ ତାହା ହିଁ ପ୍ରଶ୍ନ।

## ହିମାଳୟରେ ହୁଇସିଲ ବ୍ଲୋୟର

ପ୍ରତିବର୍ଷ ମୌସୁମୀ ପ୍ରବାହ ସମୟରେ ଉତ୍ତରାଖଣ୍ଡରେ ଭୂସ୍ଖଳନ ଓ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ଘଟି ଚାଲିଛି। ଏହା ହିମାଳୟର ଭଙ୍ଗୁରତାକୁ ସ୍ମରଣକରାଇ ଦେଉଛି। ବାସ୍ତବ କାହାଣୀ କେବଳ ମୁନିସିୟାରିର ପରିସଂସ୍ଥାଗତ କ୍ଷତି ଉପରେ ନୁହେଁ ବରଂ ଏହା ହେଉଛି ଜଣେ ବ୍ୟକ୍ତିଙ୍କର ଯିଏ ପରିସଂସ୍ଥାର ସୁରକ୍ଷାରୁ କେବେ ବି ନଜର ହଟାଇ ନେଇନାହାନ୍ତି। ମୁଖ୍ୟ ବନ ସଂରକ୍ଷକ ସଞ୍ଜୀବ ଚତୁର୍ବେଦୀ ପୁନର୍ବାର ଯାହା କରିଛନ୍ତି ତାହା ଖୁବ୍ କମ୍ ବାବୁ କରନ୍ତି। ଚତୁର୍ବେଦୀ ହେଉଛନ୍ତି ମାଗାସେସେ ପୁରସ୍କାର ବିଜେତା। ଦୁର୍ନୀତିକୁ ସାମ୍ନାକୁ ଆଣିବାରେ ସେ ତାଙ୍କ କ୍ୟାରିୟର ଗଢ଼ିଛନ୍ତି। ଏମ୍ସରେ ହେଉ କିମ୍ବା ହରିୟାଣା ବନ ବିଭାଗରେ, ସେ ବହୁବାର ବଦଳି ଓ ତଦନ୍ତର ସମ୍ମୁଖୀନ ହୋଇଛନ୍ତି। ମୁନିସିୟାରିରେ, କିଭଳି ଆଇନ ଉଲ୍ଲଂଘନ ହେଉଛି ଏବଂ ପରିବେଶ ଉପଯୋଗୀ ପର୍ଯ୍ୟଟନ ଆଳରେ କିପରି ସରକାରୀ ଅର୍ଥ ହଡ଼ପ କରାଯାଇଛି ତାହା ସେ ଲୋକଲୋଚନକୁ ଆଣିଥିଲେ। ଉଲ୍ଲେଖନୀୟ, ସେ ଅନେକଙ୍କ ନାମ ପ୍ରକାଶ କରିବା ସହ ଦୁର୍ନୀତି ଉପରେ ସିବିଆଇ ଓ ଇଡି ତଦନ୍ତ ଦାବି କରିଥିଲେ। ଏଭଳି ସାହସିକ ପଦକ୍ଷେପ ଏକ ବ୍ୟବସ୍ଥାରେ ହେଉଥିବା ଦୁର୍ନୀତିକୁ ପଦାକୁ ଆଣେ। କିନ୍ତୁ ଏହାଦ୍ୱାରା ହୁଇସିଲ ବ୍ଲୋୟରଙ୍କ କ୍ୟାରିୟର ନଷ୍ଟ ହେଉଥିବା ଲକ୍ଷ୍ୟ କରାଯାଏ। କୌତୂହଳର ବିଷୟ ହେଉଛି ଚତୁର୍ବେଦୀ ତାଙ୍କ ରିପୋର୍ଟ ଦେବା ପରେ ହିଁ କେନ୍ଦ୍ର ପଦକ୍ଷେପ ନେଇଛି ଓ ଏଥିପାଇଁ ଯେଉଁମାନେ ଦୋଷୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛି। ଯଦି ଚତୁର୍ବେଦୀ ବାସ୍ତବତାକୁ ସାମ୍ନାକୁ ଆଣି ନ ଥାନ୍ତେ, ତେବେ ବିକାଶ ନାମରେ ଏହି ସମସ୍ୟା ଓ ଦୁର୍ନୀତି ଆଢୁଆଳରେ ରହିଯାଇଥାଆନ୍ତା।

Email: dilipcherian@gmail.com

# ପିଲାଙ୍କ ଖୁସିରେ ଖୁସି



ରଞ୍ଜନ କୁମାର ଦାସ

ଗତ ରଜରେ ବହୁଦିନ ଧରି ଦେଖାହୋଇ ନ ଥିବା ଜଣେ ବନ୍ଧୁଙ୍କ ଘରକୁ ଯିବାକୁ ମନ ହେଲା। ତାଙ୍କ ଘରକୁ ଗଲା ବେଳକୁ କିଛି ଫଳ ଓ ମିଠା ସହ ଘରେ ତିଆରି ହୋଇଥିବା ପୋଡ଼ପିଠା ଓ କାକରା କିଛି ନେଇ ଯାଇଥିଲୁ। ବହୁଦିନ ପରେ ବନ୍ଧୁ ଆମକୁ ଦେଖି ଭାରି ଖୁସି ହେଲେ। ଏତେ ସବୁ ପିଠା, ମିଠା ଓ ଫଳର ସମ୍ଭାର ଦେଖି ସେ କହିଲେ, ଏ ସବୁ ଆଣିଥିଲୁ କାହିଁକି? ଆମେ ଦିଜଣ ଯାକ ତ ଡାଇବେଟିସ୍ ରୋଗୀ ଏଗୁଡ଼ା ଖାଇବ କିଏ ? ମୁଁ ତାଙ୍କୁ କହିଲି, ଆମେ କ'ଣ ତୋ ପାଇଁ ଆଣିଛୁ, ପିଲାମାନେ ଖାଇବେନି? ସେ ହସିହସି କହିଲେ, ଆମ ପାଇଁ ଆଣିଛୁ କହିଥିଲେ ବି ଚଳିଥାନ୍ତା , ହେଲେ ପିଲାଙ୍କ ପାଇଁ ଆଣିଛୁ ବୋଲି ଯାହା କହିଲୁ ସେଇଟା ହେଲା ବିଡ଼ମ୍ବନା! ପିଲାଏ କ'ଣ ଆଜିକାଲି ଏ ଘର ତିଆରି ଖାଦ୍ୟ ଆଉ ଖାଉଛନ୍ତି? ତାଙ୍କର ସବୁ ପିଜା, ବର୍ଗର, ଚାଉମିନ୍, ମୋମୋରେ ମତଲବ।

ବନ୍ଧୁପତ୍ନୀ ଚା' ପାଣି ଆଣି ଦେଉଦେଉ କହିଲେ, ପିଲାଙ୍କ ଖାଦ୍ୟ ପ୍ରଣାଳୀ ବଦଳିଗଲାଣି। ଆଜିକାଲି ତ ସମସ୍ତଙ୍କର ଘରେ ଗୋଟିଏ ଦୁଇଟି ଛୁଆ। ସବୁ ବାପାମା' ପିଲାମାନଙ୍କୁ ଏତେ ଗେଲବସରରେ ବଢ଼ାଉଛନ୍ତି ଯେ ସେମାନେ ଯାହା ଚାହୁଁଛନ୍ତି ତାଙ୍କ ପାଇଁ ଖଞ୍ଜିଦିଆଯାଉଛି। ଘରେ ସେମାନେ ଯାହା ଖାଇବାକୁ ଚାହୁଁଛନ୍ତି ତାଙ୍କ ରୁଚି ଅନୁସାରେ ରୋଷେଇ ହେଉଛି। ଯଦି ତାଙ୍କର ସେସବୁ ପସନ୍ଦ ନ ହେଲା ତାଙ୍କୁ ତାଙ୍କ ମନପସନ୍ଦର ଖାଦ୍ୟ ହୋଟେଲରୁ ମଗାଇ ଦେବାକୁ ପଡୁଛି! ନ ହେଲେ ସେମାନେ ହୁଲସ୍ଥୁଲ କରିବେ। ପିଲା ବି ଆଜିକାଲି ଏତେ ଚାଲାକ ହେଲେଣି ଯେ ସେମାନେ ଜମାଟୋ ଓ ସ୍ୱିଗିରୁ ନିଜେ ନିଜ ପସନ୍ଦର ଖାଦ୍ୟ ମଗାଇ ଦେଉଛନ୍ତି। ତେଣିକି ତମେ ପାର୍ସଲ ନ ରଖି କି ଯିବ କୁଆଡ଼େ। ଆମ ସମୟରେ ଆମେ ଅତିବେଶିରେ ମୋଗଲାଇ ଖାଦ୍ୟ କଥା ଜାଣିଥିଲେ। ହୋଟେଲକୁ ଗଲେ କଣ୍ଟିନେଣ୍ଟାଲ ଖାଦ୍ୟ ମିଳୁଥିଲା। ଆଜିକାଲି ତ ରାସ୍ତାଘାଟରେ ଠେଲାଗାଡ଼ିରେ ବା ଫୁଡ୍‌ଟ୍ରକ୍‌ରେ ଥାଇ,ମେକ୍ସିକାନ୍ ଆଦି ଫୁଡ୍ ମିଳୁଛି। ସେମାନଙ୍କ ପାଖରେ ବିକଳ୍ପ ବହୁତ। ତେଣୁ ଆମ ସମୟରେ ପିଲା ଯେମିତି ବାଧବାଧକତାରେ ଘରେ ରନ୍ଧା ହୋଇଥିବା ଭାତ ଡାଲି ତରକାରି ବା ରୁଟି ଡାଲମା, ସନ୍ତୁଳା ଖାଉଥିଲେ, ସେ ସ୍ଥିତି ଆଉ ନାହିଁ। ସେତେବେଳେ ପିଲାଙ୍କ ହାତକୁ କୋଉଠୁ ଦିପଇସା ଆସୁଥିଲେ ସେମାନେ ପାଖ ଦୋକାନରୁ ବରା, ଗୁଲୁଗୁଲା, ପିଆଜୀ ବା ଦହିବରା, ଗୁପ୍‌ଚୁପ୍ ଖାଉଥିଲେ। ମିଠା ଭିତରେ ଲଡ୍ଡୁ, ଜିଲାପି, ଗଜା ବା ପୋଡ଼। ଆଜିକାଲିକା ପିଲା ସେଗୁଡ଼ା ଦେଖିଲେ ନାକ ଟେକୁଛନ୍ତି। ପିଲା ବର୍ଷକର ନ ହେଉଣୁ ମ୍ୟାଗିର ବାସ୍ନାରେ ନିଦରୁ ଉଠିପଡୁଛି। ତାକୁ ଆଉ ସିମେଇ ଖିରି ବା ସୁଜି ଖିରି ଦେଲେ ରୁଚୁଛି ଯେ ସେ ଖାଇବ ? ଆଉ ପର୍ବପର୍ବାଣିରେ ଘରେ ଯୋଉ ଚକୁଳି, ମଣ୍ଡା, କାକରା ଆଦି ପିଠା ହେଉଥିଲା ତାକୁ ତ ପିଲାଏ ପାଟିରେ ଜମା ଦେଉନାହାନ୍ତି!



ମୁଁ ଭାବିଲି ସତ କଥା ତ! ଖାଲି ସେଇ ବନ୍ଧୁଙ୍କ ଘରେ ନୁହେଁ, ଘରେ ଘରେ ଆଜି ଏଇ ବ୍ୟବସ୍ଥା ଚାଲିଛି। ପିଲାଏ କ'ଣ ଚାହୁଁଛନ୍ତି ସେଇ ଅନୁସାରେ ଘର ଚାଲୁଛି। ସେମାନେ କ'ଣ ଖାଇବେ ସେଇ ଅନୁସାରେ ଘରେ ରୋଷେଇ ହେଉଛି। ପର୍ବପର୍ବାଣିରେ କ'ଣ ପିନ୍ଧିବେ ସେମାନେ ନିଜେ ସ୍ଥିର କରୁଛନ୍ତି। ଘରେ ତାଙ୍କ ରୁମ୍‌ରେ କ'ଣ କଲର ଦିଆଯିବ ସେମାନେ ସ୍ଥିର କରୁଛନ୍ତି। ଛୁଟି କଟେଇବାକୁ ଯଦି କୁଆଡ଼େ ଯିବାର ଅଛି ଜାଗା ସେମାନେ ସ୍ଥିର କରୁଛନ୍ତି। ଛୁଟିଦିନରେ ଯଦି ହୋଟେଲରେ ଖାଇବାକୁ ଯିବାକୁ ମନ ହେବ କୋଉ ହୋଟେଲକୁ ଯିବା ସେମାନେ ସ୍ଥିର କରୁଛନ୍ତି! କୋଉ ଗେମ୍ ସେମାନେ ଖେଳିବେ କୋଉ ସିରିଏଲ୍ ବା ଟିଭି ଶୋ ଦେଖିବେ, କୋଉ ସ୍କୁଲରେ ପଢ଼ିବେ ସେକଥା ବି ପିଲା ସ୍ଥିର କରୁଛନ୍ତି। ପିଲାମାନଙ୍କ ଜୀବନରେ ସ୍ୱାଧୀନତା ବଢ଼ିଛି । ତାଙ୍କ ମନ ପସନ୍ଦର ନିଷ୍ପତ୍ତି ନେବାପାଇଁ ସେମାନେ ଚାହୁଁଛନ୍ତି। କେହି ତାଙ୍କ ଉପରେ କିଛି ଲଦିଦେବ ଏକଥା ସେମାନେ ଗ୍ରହଣ କରୁନାହାନ୍ତି। ଅଭିଭାବକମାନଙ୍କର ପିଲାଙ୍କ ଜୀବନରେ ହସ୍ତକ୍ଷେପ କରିବାର ବା ନିଷ୍ପତ୍ତି ନେବାର ସ୍ୱାଧୀନତା ମଧ୍ୟ ଆନୁପାତିକ ଭାବେ କମିଛି।

ଆମ ପିଲାବେଳେ ଆମେ ବାପାମା' ଯୁଆଡ଼େ ଯାଉଥିଲେ ତାଙ୍କ ସହ ଯାଉଥିଲୁ। ଯାହା ସେମାନେ ଖାଇବାକୁ ଦେଉଥିଲେ ଖାଉଥିଲୁ। ଯାହା ସେମାନେ ପିନ୍ଧିବା ପାଇଁ କିଣୁଥିଲେ ଆମେ ନିର୍ବିବାଦରେ ପିନ୍ଧୁଥିଲୁ। ପିଲାଙ୍କର ଗୋଟେ ବ୍ୟକ୍ତିତ୍ୱ ଥାଏ ବୋଲି କେହି ଚିନ୍ତା କରି ନ ଥିଲେ। ମାତ୍ର ଏବେ ଲକ୍ଷ୍ୟ କରିବେ ଆମେ କୁଆଡ଼େ ଭୋଜିଭାତ ବା ବାହାଘର ଆଦି ଉତ୍ସବକୁ ଗଲେ ପିଲାଏ ଆମ ସହ ଯିବାକୁ ରାଜି ହେଉନାହାନ୍ତି। ସେମାନଙ୍କର ଯୁକ୍ତି ହେଲା ଆମ ସମାସ୍କନ୍ଧ କେହି ସେଠି ନ ଥାଇପାରନ୍ତି , ଆମେ ସେଠିକି କାହିଁକି ଯିବୁ , ବୋର୍ ହେବାକୁ ? ଚାଲ ଅନ୍ତତଃ ଖାଇଦେଇ ଆସିବା କହିଲେ ସେମାନେ ଓଲଟା କହୁଛନ୍ତି, ଆମ ପାଇଁ କ'ଣ ମଗେଇଦିଅ ଆମେ ଘରେ ଖାଇଦେବୁ ପଛେ ସେଠିକି ଯାଇ ବୋର୍ ହୋଇପାରିବୁନାହିଁ। ପିଲା ଟିକେ ବଡ଼ ଥିବେ ଯଦି ସିନା ତାଙ୍କୁ ଛାଡ଼ି ଯାଇହେବ , ଛୋଟ ଥିଲେ ତାଙ୍କୁ ତାଙ୍କ ଇଚ୍ଛା ବିରୁଦ୍ଧରେ ନେଇହେବ ନା ଛାଡ଼ିକି ଯାଇହେବ !ବାଧକରି ନେଇକି ଗଲେ ସେଠି ସେମାନେ ଏଭଳି ମୁହଁ ଫୁଲେଇ ବୁଲିବେ ଯେ ଆପଣଙ୍କୁ ଲାଗିବ ତାକୁ ବାଧକରି ଆଣିକି ଗୋଟେ ବଡ଼ ଅପରାଧ ହେଲା।

ଏଥିରୁ ଆଉ ଫେରିବାର ବାଟ ମଧ୍ୟ ନାହିଁ ଭଳି ଲାଗୁଛି। ପ୍ରଥମେ ଆମେ ଯୌଥ ପରିବାର ଦେଖିଥିଲେ। ସେଠି ଜେଜେ ଜେଜେମା'ଙ୍କ ଠାରୁ ଆରମ୍ଭକରି ଦାଦାଖୁଡ଼ୀ, ବଡ଼ବାପା ବଡ଼ମା',ବାପାବୋଉଙ୍କ ସହ ପିଲାଟି ରହୁଥିଲା। ତା'ପରେ ଯୌଥ ପରିବାର ଭାଙ୍ଗି ଅଣୁ ପରିବାର ହୋଇଗଲା ଯୋଉଥିରେ ବାପାମା' ଓ ପିଲାମାନେ ରହିଲେ। ସ୍ୱାଧୀନତାର ଇଏ ଥିଲା ପ୍ରଥମ ଚରଣ। ସେ ପରିବାର ଭିତରେ ବି ସ୍ୱାମୀ ସ୍ତ୍ରୀ ଯେ ଯାହାର ନିଜର ସ୍ୱାଧୀନତା ବଜାୟ ରଖିବାକୁ ଚାହିଁଲେ , ନିଜ ନିଜ ନିଷ୍ପତ୍ତି ନେଲେ। କେହି ଅନ୍ୟର ରୁଚି ଅରୁଚି, ଉପଦେଶ ବା ପରାମର୍ଶ ଗ୍ରହଣ କରିବାକୁ ଚାହିଁଲେନି ! ଘରର ଏଇ ପରିବେଶରେ ବଢ଼ିଥିବା ପିଲା କାହିଁକି ବା ବାପାମା'ଙ୍କର ରୁଚି, ଅରୁଚି, ଉପଦେଶ ବା ପରାମର୍ଶ ଗ୍ରହଣ କରନ୍ତା! ସେ ତା'ର ନିଜର ରୁଚିକୁ ନେଇ ବଢ଼ିବାକୁ ଚାହିଁଲା। ନିଜ ସ୍ୱାଧୀନତାର ସେ ପୂର୍ଣ୍ଣ ଉପଯୋଗ କରିବାକୁ ଚାହିଁଲା।

ପିଲାମାନଙ୍କୁ ମିଳୁଥିବା ଏ ଅହେତୁକ ସ୍ୱାଧୀନତା ଅନେକ ସମୟରେ ତାଙ୍କ ସ୍ୱେଚ୍ଛାଚାରିତାର ବାଟ ଖୋଲିଦେଉଛି। ସେମାନେ ଅସ୍ୱାଭାବିକ ଭାବେ ଜିଦ୍‌ଖୋର ପାଲଟିଯାଉଛନ୍ତି। ଛୋଟ ଛୋଟ ପିଲା ମଧ୍ୟ ଅଣୁ ପରିବାର ଭିତରେ ରହି କାହା ସହ ଭାବର ଆଦାନ ପ୍ରଦାନ ପାଇଁ ସୁଯୋଗ ପାଉନାହାନ୍ତି। ବନ୍ଧୁବାନ୍ଧବ ଏପରିକି ରକ୍ତସମ୍ପର୍କୀୟମାନଙ୍କୁ ଚିହ୍ନୁନାହାନ୍ତି। ଚିହ୍ନିବା ପାଇଁ ଆଗ୍ରହ ମଧ୍ୟ ଆମେ ସୃଷ୍ଟି କରିପାରୁନେ। ଅତିରିକ୍ତ ରକ୍ଷଣଶୀଳ ହୋଇ କେତେଜଣ ଅଭିଭାବକ ନିଜ ପିଲାଙ୍କୁ ପାଖ ପଡ଼ୋଶୀଙ୍କ ଘରକୁ, ସାଙ୍ଗସାଥୀଙ୍କ ମେଳରେ ଖେଳିବା ପାଇଁ ଛାଡୁନାହାନ୍ତି। ଫଳରେ ପିଲା କରିବେ କ'ଣ ? ଦିନରାତି ଟିଭିକୁ ଚାହିଁ ବସି ରହୁଛନ୍ତି। ଏବେ ତ ପିଲାଏ ଲାପ୍‌ଟପ୍ , ମୋବାଇଲକୁ ମଧ୍ୟ ପାଖରୁ ଛାଡୁନାହାନ୍ତି । ଦିନରାତି ସେଥିରେ ଉପଲବ୍ଧ ଥିବା ନାନାଦି ଗେମ୍‌ରେ ବୁଡ଼ିରହୁଛନ୍ତି। ମଝିରେ ମଝିରେ ଶୁଣୁଥିବେ କେତେଜଣ ପିଲା ଏଇ ଅନ୍‌ଲାଇନ ଗେମ୍ ଗୁଡ଼ିକର କରାଳଚକ୍ରରେ ପଡ଼ି ବ୍ଲେଡ୍‌ରେ ନିଜ ଶିରା କାଟିଦେବାଠାରୁ ଆରମ୍ଭକରି ଆତ୍ମହତ୍ୟାର ଅନ୍ୟାନ୍ୟ ବିଭିନ୍ନ ପନ୍ଥା ଆପଣାଉଛନ୍ତି। ପିଲାମାନଙ୍କ ଏଇଭଳି ଖୁସିକୁ ନେଇ ଆମେ କହିପାରିବା କି ଯେ ପିଲାଙ୍କ ଖୁସି ପାଇଁ ଆମେ ସବୁ ଖଞ୍ଜିଦେଇଛୁ? ଆମେ କହିପାରିବା କି ଯେ ପିଲାଙ୍କ ଖୁସିରେ ଆମ ଖୁସି ?

ଏଇଭଳି ବଢୁଥିବା ପିଲାଙ୍କ ଭବିଷ୍ୟତ ବି କ'ଣ ? ମୁଁ ଜାଣିବାରେ ଅଭାବ ଭିତରେ ବଢ଼ିଥିବା ପିଲାଙ୍କ ଭିତରେ ଗୋଟେ ଉତ୍ସାହ ଥାଏ ଜୀବନରେ କିଛି ହାସଲ କରିବାକୁ। ଯେଉଁମାନେ ଅତି ପ୍ରାଚୁର୍ଯ୍ୟ ଭିତରେ ବଢୁଛନ୍ତି ସେମାନଙ୍କର ସେ ଉତ୍ସାହ ବା ରହିବ କାହିଁକି ? ସେମାନେ ଜାଣିଛନ୍ତି ତାଙ୍କର ଜୀବନଯାକ ପାଇଁ ଯାହା ଦରକାର ବାପା ମା' ସବୁ ଖଞ୍ଜିଦେଇ ସାରିଛନ୍ତି। ତା'ର କେବଳ ଅୟସ କରିବା କଥା, ସମୟ କାଟିବା କଥା। ବ୍ୟକ୍ତି ସ୍ୱାଧୀନତାର ଏ ଯୁଗରେ ପିଲାଙ୍କୁ ଆମେ ଅନେକ ସ୍ୱାଧୀନତା,ସୁଖ ଓ ସ୍ୱାଚ୍ଛନ୍ଦ୍ୟ ଦେଇଛେ। କେବଳ ଲୋଡ଼ା କିଛି ଅନୁଶାସନ , କିଛି ନିୟନ୍ତ୍ରଣ ଯାହା ବିନା ସେମାନେ ଅମାନବୀୟ, ଅସାମାଜିକ ପାଲଟିଯିବା ସମ୍ଭାବନା ଅଛି ଏକଥା ଅନସ୍ୱୀକାର୍ଯ୍ୟ। ସେଇ ଅନୁଶାସନ ଓ ନିୟନ୍ତ୍ରଣ ହୁଏତ ତାଙ୍କୁ ଜୀବନରେ ଶୃଙ୍ଖଳିତ ଓ ଦାୟିତ୍ୱବାନ୍‌କରି ଗଢ଼ି ତୋଳିପାରେ!

ମୋ:୯୪୩୭୨୮୬୫୧୨

# ଭୋଜନ କରିବା କେମିତି



ଶ୍ରୁତକୀର୍ତ୍ତି ତ୍ରିପାଠୀ

ଭାରତରେ ତଳେ ବସି ଖାଇବା ପରମ୍ପରା ରହିଛି। କିନ୍ତୁ ଦୁଃଖର କଥା ଏହି ପ୍ରଥା ଧୀରେ ଧୀରେ ଲୋପପାଇବା ଉପରେ, ଯାହାର ପ୍ରମାଣ ଆଜି ପ୍ରତ୍ୟେକ ଘରେ ଆପଣ ଦେଖିବାକୁ ପାଇବେ ଡାଇନିଂ ଟେବୁଲ। ଅବଶ୍ୟ ବୃଦ୍ଧାବୃଦ୍ଧମାନଙ୍କ କ୍ଷେତ୍ରରେ ଏହାର ସୁବିଧାକୁ ଉପଲବ୍ଧି କରାଯାଇପାରେ। ମାତ୍ର ନିତି ଘରେ ଟେବୁଲ ଉପରେ ବସି ଖାଇବା, ଭୋଜିଭାତରେ ଠିଆହୋଇ କିମ୍ବା ବୁଲି ବୁଲି ଖାଇବା ଏକ ସାଧାରଣ କଥା ହେଲାଣି। ବିଶେଷକରି ଭୂମି ଉପରେ ବସି ଖାଇବା ଦ୍ୱାରା ଖାଦ୍ୟ ସହଜରେ ହଜମ ହୁଏ ଏବଂ ସ୍ୱାସ୍ଥ୍ୟ ଭଲ ରହେ। ଏହା ପ୍ରମାଣିତ ହେବା ସତ୍ତ୍ୱେ ଆମ ଦେଶରେ ଏହାର ଆଦର ହ୍ରାସ ପାଇବା କଥା ଅତ୍ୟନ୍ତ ନିରାଶାଜନକ।

ଯୁଗ ଯୁଗ ଧରି ଚାଲି ଆସିଥିବା ଆମର ପାରମ୍ପରିକ ଭୋଜନ ପଦ୍ଧତିରେ ଚିକିତ୍ସା ଶାସ୍ତ୍ରର ନୀତି ନିୟମ ସମାହିତ ହୋଇ ରହିଛି। ଭୋଜନ ସ୍ଥାନଟି ପବିତ୍ର ଏବଂ ପରିଚ୍ଛନ୍ନ ହେବା ଉଚିତ, ଭୂଇଁ ଉପରେ ଆସନ ପକାଇ ପୂର୍ବ କିମ୍ବା ଉତ୍ତର ମୁଖ ହୋଇ ଖାଇବାକୁ ଶାସ୍ତ୍ରପୁରାଣରେ ମଧ୍ୟ କୁହାଯାଇଛି। ଖାଇବା ପୂର୍ବରୁ ଭଲଭାବରେ ଧୁଆଧୁଇ ହୋଇ ଆସନ ଉପରେ ବାମ ଜଙ୍ଘ ମାଡ଼ି ବା ଚକାପାରି ବସି ଖାଇବା ଉଚିତ। ଏକାଥରକେ ବହୁତ ନ ଖାଇ ଅଳ୍ପ ଅଳ୍ପ କରି ଭଲ ଭାବରେ ଚୋବାଇ ଖାଇବା ଉଚିତ। ଖାଇବା ମଝିରେ ବସିବା ସ୍ଥାନରୁ ଉଠିବା, କଥା ହେବା, ପାଣି ପିଇବା ମନା। ଦିନରେ ଖାଇବା ପରେ କିଛି ସମୟର ବିଶ୍ରାମ ଏବଂ ରାତ୍ରିଭୋଜନ ପରେ କିଛି ସମୟ ଚାଲିବା ପାଇଁ ଡାକ୍ତରମାନେ ମଧ୍ୟ ପରାମର୍ଶ ଦିଅନ୍ତି।

ମାତ୍ର ଆମର ବ୍ୟସ୍ତବହୁଳ ଜୀବନଶୈଳୀ, ଅଳସୁଆପଣ ବା ଇଚ୍ଛାଶକ୍ତିର ଅଭାବ ଯୋଗୁ ଏହିସବୁ ନିୟମ ମାନିବାକୁ ଆମେ ରାଜି ନୁହେଁ; ଯାହାର ପରିଣାମ ସ୍ୱରୂପ ହଜମଜନିତ ସମସ୍ୟା, ମୋଟାପଣ ସହ ବିଭିନ୍ନ ପ୍ରକାର ରୋଗ ଆମ ଶରୀରକୁ ଗ୍ରାସ କରୁଛି। ଧ୍ୟାନଦେଲେ ଜଣାପଡ଼ିବ ସବୁ ପ୍ରକାର ରୋଗର ଗୋଟିଏ କାରଣ ଏବଂ ତାହା ହେଉଛି ଠିକ୍ ଖାଦ୍ୟ ଠିକ୍ ଉପାୟରେ ଠିକ୍ ସମୟରେ ଗ୍ରହଣ ନ କରିବା। ଛୋଟ ରୋଗରୁ ଆରମ୍ଭକରି ଜୀବନଘାତୀ କ୍ୟାନ୍‌ସର, ହୃଦ୍‌ରୋଗ, ପାକସ୍ଥଳୀ, ଫୁସ୍‌ଫୁସ୍ ଏବଂ କିଡ୍‌ନୀ ରୋଗର କାରଣ ତ୍ରୁଟିଜନିତ ଖାଦ୍ୟ ଗ୍ରହଣ ଶୈଳୀ ବୋଲି କହିଲେ ଭୁଲ୍ ହେବ ନାହିଁ।

ଖାଇବା ଭଳି ରନ୍ଧନ ପାଇଁ ଆବଶ୍ୟକ ପାତ୍ର ବିଷୟରେ ମଧ୍ୟ ଆଲୋଚନା ଆବଶ୍ୟକ, କାରଣ ଏହା ଉପରେ ନିର୍ଭରକରେ ଖାଦ୍ୟ ପ୍ରସ୍ତୁତିର ପ୍ରକ୍ରିୟା। ରୋଷେଇ ଏବଂ ଖାଇବା ପାଇଁ ଲୁହା, ପିତ୍ତଳ ଏବଂ ମାଟିପାତ୍ରର ବ୍ୟବହାର ଶରୀର ପକ୍ଷେ ଅତ୍ୟନ୍ତ ହିତକାରୀ। ମାତ୍ର ଏଥିରେ ମଧ୍ୟ ଏବେ ଦେଖାଯାଉଛି ବ୍ୟତିକ୍ରମ। କାରଣ ଏସବୁ ପାତ୍ର ପୁରୁଣା, ବ୍ୟୟବହୁଳ ଏବଂ ପରିଷ୍କାର କରିବାକୁ କଷ୍ଟକର ମନେହେଉଛି।



ଆଲୁମିନିୟମ, ଟେଫ୍‌ଲନ୍ କୋଟିଂ ଏବଂ ପ୍ଲାଷ୍ଟିକ୍ ତିଆରି ପାତ୍ରର ବହୁଳ ବ୍ୟବହାର ଏବେ ସବୁଆଡ଼େ ଦେଖିବାକୁ ମିଳୁଛି। ଏସବୁରୁ ଆହୁରି ଆଗକୁ ପାଦେ ଯାଇ ଲୋକମାନେ ରାସ୍ତାକଡ଼ରେ ମିଳୁଥିବା ଖାଦ୍ୟକୁ ଶୋଲ, କାଗଜ ଏବଂ ନିମ୍ନମାନର ପ୍ଲାଷ୍ଟିକ୍‌ରେ ତିଆରି ଡବା, ଦନା ବା ଚଉପଦିରେ ଖାଇବା ଦେଖାଯାଉଛି। ପୂର୍ବେ ଦନା ବା ଚଉପଦି କେବଳ ଗଛର କଞ୍ଚା କିମ୍ବା ଶୁଖିଲା ପତ୍ରରେ ତିଆରି ହେଉଥିଲା। ଏଥିରେ ଖାଇଲେ ଗରମ ଖାଦ୍ୟ ସଂସ୍ପର୍ଶରେ ଆସିବା ପରେ ପତ୍ରରୁ ଏକ ମହମହ ବାସ୍ନା ଆସୁଥିଲା, ଯାହା ଉଭୟ ସ୍ୱାଦ ଓ ସ୍ୱାସ୍ଥ୍ୟ ଦିଗରୁ ଶରୀର ପାଇଁ ହିତ ସାଧନ କରୁଥିଲା। ପତ୍ର ଶୁଖିଗଲା ପରେ ମଧ୍ୟ ସେଥିରେ ଖାଇବାରେ ଅସୁବିଧା ନାହିଁ, ବରଂ ଏହାକୁ କିଛିଦିନ ଯାଏଁ ସାଇତି ରଖାଯାଇ ବ୍ୟବହାର ମଧ୍ୟ କରାଯାଇପାରେ। ପତ୍ରରେ ତିଆରି ହେବା ଯୋଗୁ ଏହା ମାଟିରେ ମିଶି କମ୍ପୋଷ୍ଟରେ ପରିଣତ ହୁଏ। ଏଣୁ ବର୍ଜ୍ୟ ବା ଆବର୍ଜନାଜନିତ ଚିନ୍ତା ମଧ୍ୟ ରହେ ନାହିଁ। ହେଲେ ଏବେ ପ୍ଲାଷ୍ଟିକ୍ ଓ ଶୋଲ ନିର୍ମିତ ଦନା ଓ ଡବାର ବ୍ୟବହାର ଶରୀର ପାଇଁ ତ ହାନିକାରକ ପ୍ରକୃତିକୁ ମଧ୍ୟ ସମ ପରିମାଣରେ କ୍ଷତି ପହଞ୍ଚାଉଛି।

ଠିଆହୋଇ ପାଣି ପିଇଲେ କୋଷ ବୃଦ୍ଧି ଏବଂ ପାଦଫୁଲା ହୁଏ ବୋଲି ଡାକ୍ତରମାନେ କୁହନ୍ତି। ଠିଆହୋଇ କିମ୍ବା ବୁଲି ବୁଲି ଖାଇବାର କୁପରିଣାମ ହେଉଛି, ଖାଦ୍ୟ ଠିକ୍ ରୂପେ ହଜମ ନ ହେବା ଏବଂ ତଜ୍ଜନିତ ସମସ୍ୟା ଏବଂ ସମସ୍ୟାରୁ ନାନାଦି ରୋଗ ଏବଂ ଅସୁସ୍ଥତା। କିନ୍ତୁ ଏକଥା ବି ସତ ଯେ ତଳେ ବସି ଖାଇବା ପାଇଁ ସେଭଳି ପ୍ରଶସ୍ତ ଜାଗା ଖଣ୍ଡିଏ ବି ଦରକାର। ପାରାଭାଡ଼ି ବା ଦିଆସିଲି ବାକ୍ସ ଭଳି ଘରେ ତଳେ ବସି ଖାଇବା ସମ୍ଭବ ନ ହେବାରୁ କ୍ରମଶଃ ଡାଇନିଂ ଟେବୁଲର ବ୍ୟବହାର ବଢ଼ିବାରେ ଲାଗିଛି।

ଆହୁରି ମଧ୍ୟ ଆମେ ଫ୍ରିଜ୍‌ରେ ଖାଦ୍ୟ ସାମଗ୍ରୀ ସଂରକ୍ଷିତ ରଖି ଅନେକ ଦିନ ପର୍ଯ୍ୟନ୍ତ ତାକୁ ସେବନ କରୁଛେ। ଥଣ୍ଡା ଓ ବାସି ଖାଦ୍ୟର କୁପ୍ରଭାବ ଶରୀର ଉପରେ କ'ଣ, ସମସ୍ତେ ଜାଣିଥିବା ସତ୍ତ୍ୱେ ଫ୍ରିଜ୍‌ର ବ୍ୟବହାର ଆମେ କମ୍ କରିପାରୁନାହୁଁ। ଜାପାନର ଖାଦ୍ୟନୀତି ହେଲା ସେମାନେ ଫ୍ରିଜ୍‌ରେ ଥିବା ବାସିଖାଦ୍ୟ ଖାଆନ୍ତି ନାହିଁ କି ଥଣ୍ଡାପାଣି ପିଅନ୍ତି ନାହିଁ। ସେଥିପାଇଁ ବୋଧହୁଏ ପୃଥିବୀର ସର୍ବାଧିକ ଆୟୁଷ ଜାପାନୀମାନଙ୍କର ହୋଇଥାଏ। ନୋବେଲ ପୁରସ୍କାର ବିଜୟିନୀ ଲେଖିକା ପର୍ଲ ଏସ୍ ବକ୍‌ଙ୍କ ପୁସ୍ତକ 'ମାଇଁ ସେଭେରାଲ ୱାଲ୍‌ଡସ ' ରେ ସେ ଭାରତୀୟ ପାରମ୍ପରିକ ଶୈଳୀ ଅନୁସାରେ ତଳେ ବସି ହାତରେ ଭୋଜନ କରିବାର ଅପୂର୍ବ ଅନୁଭୂତିକୁ ଖୁବ୍ ପ୍ରଶଂସା କରିଛନ୍ତି। ପାଶ୍ଚାତ୍ୟ ଦେଶର ଅଧିବାସୀ ଆମ ଭାରତୀୟ ପାରମ୍ପରିକ ଖାଦ୍ୟ ଗ୍ରହଣ ଶୈଳୀର ପ୍ରଶଂସା କରୁଛନ୍ତି। ତାକୁ ଆପଣେଇନେବା ପାଇଁ ପରାମର୍ଶ ଦେଉଛନ୍ତି, କିନ୍ତୁ ଆମେ ନିଜର ଛାଡ଼ି ଅନ୍ୟର ଶୈଳୀ ଆପଣେଇବା ଆରମ୍ଭ କରୁଛେ। ଦେଶ ଦେଶ ମଧ୍ୟରେ ପରମ୍ପରା ଓ ଚାଲିଚଳଣିରେ ପରିବର୍ତ୍ତନ ହେବା ଠିକ୍; ମାତ୍ର ସେ ପରିବର୍ତ୍ତନ ସକାରାତ୍ମକ ହେବା ଉଚିତ।

ଭୁବନେଶ୍ୱର
ମୋ: ୬୩୭୦୫୧୬୪୭୮

## ଏଇ ଭାରତରେ

ପିଲାଙ୍କୁ ଡାକ୍ତର କରିବା ପାଇଁ ଅଭିଭାବକମାନେ ଅତ୍ୟଧିକ ଚେଷ୍ଟା କରୁଛନ୍ତି। ପିଲାମାନେ ମଧ୍ୟ ଏଥିଲାଗି ଦିନରାତି ଏକ୍ କରିଦେଉଛନ୍ତି। କିନ୍ତୁ ଜଣେ ଛାତ୍ରୀ ଡାକ୍ତର ହେବା ପରେ ତାହାକୁ ଛାଡ଼ି ବନାଗ୍ନି ସମସ୍ୟା ସମାଧାନ ନିମନ୍ତେ ଆଗକୁ ଆସିଛନ୍ତି। ଏହି ମହିଳା ଡାକ୍ତର ଜଣକ ହେଉଛନ୍ତି ଉତ୍ତରାଖଣ୍ଡର ଡ. ମେଘା ସକ୍ସେନା। ଉତ୍ତରାଖଣ୍ଡର ପାଇନ୍ ଗଛ ନିଡଲ(ଛୁଞ୍ଚି ଭଳି ପତ୍ର) ଝଡ଼ି ବହୁ ସମୟରେ ବନାଗ୍ନିର କାରଣ ପାଲଟିଥାଏ। ଏହାର ସମାଧାନ ପାଇଁ ସେ ପାଇନ ନିଡଲ୍ ବର୍ଜ୍ୟକୁ ବ୍ୟବହାରଯୋଗ୍ୟ ବାୟୋଚାର୍ ଆଧାରିତ ଅର୍ଥାତ୍ ଅଙ୍ଗାର ଭଳି ଜୈବ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି, ଯାହା ମାଟିର ଉର୍ବରତା ବଢ଼ାଇବାରେ ସାହାଯ୍ୟ କରୁଛି। ଏହାବ୍ୟତୀତ ନିଡଲ୍ ବର୍ଜ୍ୟରୁ ଉଡ୍ ଭିନେଗାର ସବୁ ପ୍ରସ୍ତୁତ କରୁଛନ୍ତି ଏବଂ ଏହା କୀଟନାଶକ ଭାବେ ବ୍ୟବହାର ହେଉଛି। ଏହାସହ ପାଇନ୍ ବର୍ଜ୍ୟ ସହିତ ଅନ୍ୟ ଖାଦ୍ୟଶସ୍ୟ ମିଶାଇ କୁକୁଡ଼ା ଓ ମାଛଦାନା ପ୍ରସ୍ତୁତ କରୁଛନ୍ତି। ସେ ଇକୋଚାର ଷ୍ଟାର୍ଟଅପ୍ ମାଧ୍ୟମରେ ଏହି କାମ କରୁଛନ୍ତ ଏବଂ ଏହାକୁ ସେ ୨୦୧୧ରେ ପ୍ରତିଷ୍ଠା କରିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

### ୬ ସେପ୍ଟେମ୍ବର ୧୯୭୬

- ଭେନଜୁଏଲା ବିମାନବାହିନୀର ଏକ ପରିବହନ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୬୮ ଯାତ୍ରୀଙ୍କ ମୃତ୍ୟୁ।
- ୮୦ ଜଣ ଯାତ୍ରୀ ଥିବା ହଲାଣ୍ଡର ଏକ ଅପହୃତ ବିମାନ ସାଇପ୍ରସ ଦକ୍ଷିଣ ପଶ୍ଚିମ ଭାଗରେ ଥିବା ଏକ ବିମାନଘାଟୀରେ ଓହ୍ଲାଇଥିବା ଜଣାଯାଇଛି।

## ଚିରନ୍ତନୀ

ଅସ୍ତଗାମୀ ରବି ସମ ନିବିଡ଼ ଏ ଅନ୍ଧାର ମୁଖରେ
ଚାଲିଛି ମୁଁ ଗୋଧୂଳିର ଶୀର୍ଣ୍ଣ କ୍ଲାନ୍ତ କ୍ଷୀଣ
ମୟୂଖରେ
ଶୀକର ପବନ ମୋର ଲାଗେ ଗଣ୍ଡେ ଲାଗେ
ଭାଲଦେଶେ
ଚାଲିଛି ମୁଁ ଆଜି ନିରୁଦ୍ଦେଶ୍ୟେ !
–(ଚକ୍ରବାକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | 1 | | | | 9 | |
| 1 | | 8 | | | 6 | | | |
| | | 7 | | | | | 5 | |
| | | 4 | | | 3 | | | |
| | | | | 2 | | 7 | | |
| | | 3 | 7 | | 1 | | | |
| | | | 8 | 3 | | 2 | | |
| | 3 | | | | | 6 | 4 | |
| | | 1 | | | 2 | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 2 | 3 | 1 | 6 | 7 | 9 | 5 | 8 |
| 9 | 5 | 8 | 2 | 4 | 3 | 6 | 7 | 1 |
| 7 | 6 | 1 | 9 | 8 | 5 | 4 | 3 | 2 |
| 1 | 7 | 2 | 5 | 3 | 6 | 8 | 9 | 4 |
| 3 | 8 | 9 | 7 | 2 | 4 | 1 | 6 | 5 |
| 6 | 4 | 5 | 8 | 9 | 1 | 3 | 2 | 7 |
| 2 | 9 | 4 | 3 | 5 | 8 | 7 | 1 | 6 |
| 5 | 1 | 6 | 4 | 7 | 9 | 2 | 8 | 3 |
| 8 | 3 | 7 | 6 | 1 | 2 | 5 | 4 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅପରାଧୀଙ୍କୁ ଦମନ କରାଯାଉ

ମହାଶୟ,

ଅପରାଧୀମାନଙ୍କୁ ଦୃଢ଼ହସ୍ତରେ ଦମନ କରିବାକୁ ସରକାର ସଙ୍କଳ୍ପବଦ୍ଧ। ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ। କିନ୍ତୁ ଯେଉଁ ପ୍ରଶାସନ ପୋଲିସଙ୍କ ଦ୍ୱାରା ଦମନ କରିବାକୁ ଚାହୁଁଛନ୍ତି, ସେମାନଙ୍କ ମଧ୍ୟରୁ ଅନେକଙ୍କୁ ପ୍ରତିଦିନ ଭିଜିଲାନ୍ସ ଧରିବାର ଖବର ସମ୍ବାଦପତ୍ର ଓ ଟିଭି ପରଦାରୁ ଦେଖିବାକୁ ମିଳୁଛି। ତେଣୁ ଏଭଳି ଗୁରୁଦାୟିତ୍ୱ ସେମାନଙ୍କୁ ଦେଇଦେଲେ, ଏହି ସୁଯୋଗରୁ କିଛି ଫାଇଦା ଉଠାଇବେ ନାହିଁ ତ! ତେଣୁ ସେମାନଙ୍କୁ ଜଗିବା ପାଇଁ ଆଉ ଏକ ସଂସ୍ଥାକୁ ନିୟୋଜିତ କରିବା ଦରକାର। ନଚେତ ଅନ୍ୟଙ୍କଠାରୁ ନିଜର ସ୍ୱାର୍ଥ ହାସଲ କରିବାକୁ ସାଧାରଣ ଜନତାଙ୍କ ନାମରେ ମିଛ ମାମଲା ସୃଷ୍ଟି କରି ସେମାନଙ୍କୁ ଲହୁଲୁହାଣ କରିଦେବେ। ତେଣୁ ସରକାରଙ୍କୁ ଅନୁରୋଧ, ଏଥିପ୍ରତି ଦୃଷ୍ଟି ଦେବେ।

–ଅକ୍ଷୟ ମହାନ୍ତି, କଳିଙ୍ଗନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଡ୍ରାଇଭର-ସରପଞ୍ଚ ମାରପିଟ, ଥାନାରେ ମାମଲା

ଲାଞ୍ଜିଗଡ଼,୫।୯(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ଠାରେ ଶୁକ୍ରବାର ଡ୍ରାଇଭର ଓ ସରପଞ୍ଚ ମାରପିଟ ହୋଇଛନ୍ତି। ଏହାକୁ ନେଇ ଉଭୟ ପକ୍ଷରୁ ଲାଞ୍ଜିଗଡ଼ ଥାନାରେ ପୃଥକ୍ ଏତଲା ଦିଆଯାଇଛି। ଅଭିଯୋଗ ଆଧାରରେ ପୋଲିସ ପୃଥକ୍ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁସାରେ ଡ୍ରାଇଭର ହରପ୍ରସାଦ ଗୌଡ଼ ସକାଳେ ନିଜ ଗାଡ଼ିରେ ବେଦାନ୍ତ କାରଖାନାର ସହଯୋଗୀ କମ୍ପାନୀରେ କାର୍ଯ୍ୟରତ କର୍ମଚାରୀଙ୍କୁ ନେଇ କାରଖାନାକୁ ଯାଉଥିଲେ। କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ଭିଡ ହୋଇଥିବାରୁ ସେ ଗାଡି ଅଟକାଇ ଥିବାବେଳେ ବସନ୍ତପଡା ସରପଞ୍ଚ ଚାଁଚେର ମାଝୀ ଏବଂ ଲାଞ୍ଜିଗଡ ଗ୍ରାମର ବିଭୁତି କୁମାର ଗାଡି ଭିତରକୁ ଯାଇ ତୁ ଡ୍ରାଇଭର ସଂଘର ଉପସଭାପତି ଅଛୁ କହି ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଗାଡି ଭିତରୁ ଟାଣି ଆଣି ମୁଥ ଚାପୁଡ଼ା ମାରିଥିଲେ। ଏପରି କି ଦୁନିଆରୁ ଉଠାଇଦେବୁ ବୋଲି ଧମକ ଦେଇଥିଲେ। ଏ ସମ୍ପର୍କରେ ହରପ୍ରସାଦ ଡ୍ରାଇଭର ସଂଘକୁ ଜଣାଇଥିଲେ। ଡ୍ରାଇଭର ସଂଘର ସମସ୍ତ ଡ୍ରାଇଭର ଗାଡି ବନ୍ଦ କରି କାରଖାନା ସମ୍ମୁଖରେ ପହଞ୍ଚିଥିଲେ । ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ବସନ୍ତପଡା ସରପଞ୍ଚ ଚାଁଚେର ମାଝୀ ଓ ବିଭୁତି କୁମାରଙ୍କୁ ନିସ୍ଥୁକ ମାଡ଼ ମାରିଥିଲେ। ପରେ ସଂଘର ସମସ୍ତ କର୍ମକର୍ତ୍ତା ଲାଞ୍ଜିଗଡ ଥାନାକୁ ଯାଇ ସରପଞ୍ଚଙ୍କ ବିରୋଧରେ ଏତଲା ଦେବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ସେମାନଙ୍କୁ ଗିରଫ କରା ନ ଗଲେ ଡ୍ରାଇଭର ସଂଘ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୮୨/୨୫) ରୁଜୁ କରିଛି। ଅନ୍ୟପକ୍ଷରେ ସରପଞ୍ଚ ଚାଁଚେରଙ୍କ ପକ୍ଷରୁ ମଧ୍ୟ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୋଲିସ ଏକ ମାମଲା (ନଂ.୮୩/୨୫) ରୁଜୁକରି ତଦନ୍ତ ଚଳାଇଥିବା ଲାଞ୍ଜିଗଡ଼ ଥାନା ଏଏସ୍ଆଇ ବଳଭଦ୍ର ଗୌଡ଼ ପ୍ରକାଶ କରିଛନ୍ତି।



ଥାନାକୁ ଏତଲା ଦେବାକୁ ଆସିଥିବା ଡ୍ରାଇଭର ସଂଘ କର୍ମକର୍ତ୍ତା।

# ବ୍ୟାଙ୍କ, କ୍ରେଡିଟ୍ କାର୍ଡରୁ ୩ ଲକ୍ଷ ୫୩ ହଜାର ନେଇଗଲେ

## ଶିକ୍ଷକ ନେତା ସାଇବର ଠକେଇର ଶିକାର

ପାଟଣା,୫।୯(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ କମଳାକାନ୍ତ ପତି ସାଇବର ଠକେଇର ଶିକାର ହୋଇଛନ୍ତି। ତାଙ୍କ ୨ ବ୍ୟାଙ୍କ ଅକାଉଣ୍ଟ ସହ ଏକ କ୍ରେଡିଟ କାର୍ଡରୁ ଚତୁରତା ସହ ହ୍ୟାକର ମୋଟ ୩ ଲକ୍ଷ ୫୩ ହଜାର ଠକି ନେଇଛନ୍ତି। ଏ ନେଇ ସେ ପାଟଣା ଥାନା, କେନ୍ଦୁଝର ସାଇବର ଶାଖାରେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଶିକ୍ଷକ ଜଣଙ୍କ ବର୍ତ୍ତମାନ ପାଟଣା ମୁଖ୍ୟାଳୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରୂପେ କାର୍ଯ୍ୟରତ ଅଛନ୍ତି। ତାଙ୍କ ହ୍ୱାଟ୍ସଆପକୁ ପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତଙ୍କ ନମ୍ବରରୁ ଆର୍‌ଟିଓ ଇ -ଚାଲାଣର ଏକ ଆପ ଆସିଥିଲା। ଯେହେତୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ମେସେଜ ଆସିଥିଲା, ତାକୁ ବିଶ୍ୱାସ କରି ଶିକ୍ଷକ ଆପ୍‌କୁ ଖୋଲି ସେଠାରେ ମଗାଯାଇଥିବା ତଥ୍ୟ ଭରିବା ସହ ନିଜର ଆଧାର ନମ୍ବର ନିଜ ନାଁ ଓ ମା'ଙ୍କ ନାମ ଏଣ୍ଟ୍ରି କରି ୧ଟଙ୍କା ପେମେଣ୍ଟ କରିଥିଲେ। ଏହାର କିଛି ସମୟ ପରେ ତାଙ୍କ ମୋବାଇଲକୁ ଟଙ୍କା କଟିବାର ୩ଟି ମେସେଜ ଆସିଥିଲା। ଏଥିରେ ତାଙ୍କ ପାଟଣାସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା ଆକାଉଣ୍ଟରୁ ୧ ଲକ୍ଷ ୨୨ହଜାର, ଘଟଗାଁସ୍ଥିତ ତାରିଣୀ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାର ସାଲାରି ଆକାଉଣ୍ଟରୁ ୧ ଲକ୍ଷ ୩୩ ହଜାର ଓ ପାଟଣା ବ୍ୟାଙ୍କ ଅଫ୍ ଇଣ୍ଡିଆ କ୍ରେଡିଟ୍ କାର୍ଡରୁ ୯୮ ହଜାର ଟଙ୍କା ଚତୁରତା ସହ ସାଇବର ଠକ୍ ଉଠାଇ ନେଇଛନ୍ତି। ଗୁରୁବାର ସନ୍ଧ୍ୟାରେ ଶିକ୍ଷକ ପାଟଣା ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଶାଖାକୁ ଯାଇ ଜଣାଇବା ପରେ ଆକାଉଣ୍ଟକୁ ବ୍ୟାଙ୍କ ପକ୍ଷରୁ ବନ୍ଦ କରାଯାଇଥିଲା। ପରେ ସେ ପାଟଣା ଥାନା, କେନ୍ଦୁଝର ସାଇବର ଥାନା ଓ ଭୁବନେଶ୍ୱର ସାଇବର ମୁଖ୍ୟ ଥାନାରେ ଟୋଲ ଫ୍ରି ନମ୍ବର୍ ୧୯୩୦ରେ କଲ କରି ନ୍ୟାଶନାଲ ସାଇବର ପୋର୍ଟାଲରେ ଭୁବନେଶ୍ୱର ଶାଖା ଅଭିଯୋଗକୁ ପଞ୍ଜୀକୃତ କରିଛନ୍ତି। ପାଟଣା ବିଇଓଙ୍କ ଆକାଉଣ୍ଟକୁ ସାଇବର ଅପରାଧୀ ହ୍ୟାକ୍ କରି ପାଟଣା ବ୍ଲକ୍‌ର ଅନ୍ୟ ଶିକ୍ଷକଙ୍କୁ ଏଭଳି ମେସେଜ ପଠାଇଥିବା ଜଣାପଡ଼ିଛି। ବିଇଓ ଏହା ଜାଣିବା ପରେ ମୋବାଇଲର ସମସ୍ତ ଆପ୍‌କୁ ଅନ ଇନ୍‌ଷ୍ଟାଲ କରିଥିବା କହିଛନ୍ତି।

# ୪୦ ଲକ୍ଷର ସାଇବର ଠକେଇ: ଅନୁଗୋଳରୁ ଅଭିଯୁକ୍ତ ଗିରଫ

କୋରାପୁଟ,୫।୯
(ଅମିତାଭ ବେହେରା)

କୋରାପୁଟ ଜିଲା ସେମିଳିଗୁଡ଼ା ଅଞ୍ଚଳର ୨ ବ୍ୟକ୍ତିଙ୍କଠାରୁ ୪୦ ଲକ୍ଷ ଟଙ୍କା ଠକିନେଇଥିବା ଜଣେ ଅଭିଯୁକ୍ତଙ୍କୁ ସାଇବର ଥାନା ପୋଲିସ ଅନୁଗୋଳରୁ ଶୁକ୍ରବାର ଗିରଫ କରିଛି। ଅଭିଯୁକ୍ତ ହେଲେ ସେମିଳିଗୁଡ଼ା ସରସ୍ୱତୀ ନଗରର କଣ୍ଟ୍ରାକ୍ଟର ଉପେନ୍ଦ୍ର କୁମାର ମହାନ୍ତି। ପୋଲିସ ସୂଚନା ଅନୁଯାୟୀ, ଉପେନ୍ଦ୍ର ଅଗଷ୍ଟ ୨୩ରେ ଉକ୍ତ କଲୋନିର ପ୍ରଫୁଲ୍ଲ ପାଙ୍ଗୀ(୫୮)ଙ୍କଠାରୁ ୨୦ ଲକ୍ଷ ଟଙ୍କା ୨ ମାସରେ ଦେବାକୁ କହି ଆର୍‌ଟିଜିଏସ୍ ମାଧ୍ୟମରେ ନେଇଥିଲେ। ପରେ ବେହେରାଗୁଡ଼ା ଗ୍ରାମର ସଙ୍ଗାଡି ଡମୁଙ୍କଠାରୁ ମଧ୍ୟ ଜୁଲାଇରେ ୩ଟା ଚେକ୍ ମାଧ୍ୟମରେ ୨୦ ଲକ୍ଷ ନେଇଥିଲେ। କିନ୍ତୁ ପରେ ସେ ଫୋନ ସୁଇଚ୍ ଅଫ୍ ରଖିଥିବା ଓ କୌଣସି ଯୋଗାଯୋଗ ନ କରିବାରୁ ପ୍ରଫୁଲ୍ଲ ଓ ସଙ୍ଗାଡି କୋରାପୁଟ ସାଇବର ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେସ୍ ନଂ.୧୩/୨୫ ଏବଂ ୧୫/୨୫ରେ ଦୁଇଟି ମାମଲା ରୁଜୁ କରିଥିଲା। ସାଇବର ଥାନା ଅଧିକାରୀ କୃଷ୍ଣା କୁମାରୀ ପ୍ରଧାନ ତଦନ୍ତ ଜାରି ରଖିଥିଲେ। ଅଭିଯୁକ୍ତଙ୍କଠାରୁ ଏକ ଲାପ୍‌ଟପ୍,ମୋବାଇଲ ଓ ୫ଟି ଡେବିଟ୍ କାର୍ଡ ଜବତ କରାଯାଇଛି। ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଥିବା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମ୍ବିତ କୁମାର ମହାନ୍ତି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ୨୦ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

## ୨ ନିଶା ବେପାରୀଙ୍କୁ ଉଠାଇନେଲା ଅବକାରୀ ଫ୍ଲାଇଂସ୍କ୍ୱାଡ୍

ଛତିଆ,୫।୯(ସୌମ୍ୟ ରଞ୍ଜନ ସାହୁ)

ଯାଜପୁର ଜିଲା ବୈରୀ ଥାନା ଅଧୀନ ଛତିଆ ଅଞ୍ଚଳରେ ବ୍ରାଉନସୁଗାର ବେପାରି ସକ୍ରିୟ ହୋଇ ଉଠିଛନ୍ତି। ଏନେଇ ଅଭିଯୋଗ ହେବାପରେ ଅଞ୍ଚଳରେ ବ୍ରାଉନସୁଗାର କାରବାର କରୁଥିବା ୨ ଯୁବକଙ୍କୁ କଟକ ଅବକାରୀ ବିଭାଗ ଫ୍ଲାଇଂ ସ୍କାଡ୍ ଗୁରୁବାର ଉଠାଇ ନେଇଛି। ସେମାନଙ୍କ ନିକଟରୁ ୧୯୪ ଗ୍ରାମ ବ୍ରାଉନ ସୁଗାର ଜବତ ହୋଇଛି। ଏହାର ମୂଲ୍ୟ ୨୦ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଯୁବକ ଦ୍ୱୟହେଲେ ଛତିଆ ଅଞ୍ଚଳର ରଞ୍ଜନ ମଲିକ(୩୦) ଓ ବଳରାମ ଖଣ୍ଡୁଆଳ(୨୧)। ଉଭୟେ ବାଲେଶ୍ୱର ଜିଲାର ଜଳେଶ୍ୱର ଅଞ୍ଚଳରୁ ନିଶାଦ୍ରବ୍ୟ ଆଣି ଛତିଆ ସମେତ କଟକ, ଭୁବନେଶ୍ୱରରେ ବିକ୍ରି କରୁଥିଲେ। ସେମାନେ ଛତିଆ, ବୈରୀ, ଚମ୍ପାପୁର ସୋଲର ଓ ବିଦ୍ୟାଧରପୁର ଅଞ୍ଚଳରେ ଖୁଲମଖୁଲା ବେପାର କରୁଥିଲେ। ହେଲେ ସ୍ଥାନୀୟ ପୋଲିସ କିପରି ଜାଣିପାରୁ ନ ଥିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।


## ଭାରତୀୟ ରିଜର୍ଭ ବ୍ୟାଙ୍କ୍

ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ
ଭୁବନେଶ୍ୱର - 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର **ନିଜର ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା ସ୍ଥିତ ଅଫିସର କଲୋନୀରେ ଥିବା 6 ଟି ଗ୍ରେଡ୍ ଏ ଫ୍ଲାଟ୍‌ର ନବୀକରଣ (ସିଭିଲ୍ କାର୍ଯ୍ୟ) ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।**

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ ସେପ୍ଟେମ୍ବର 23, 2025 ଅପରାହ୍ଣ 02:00 ଟା ଅଟେ ।

** କ୍ଷେତ୍ରୀୟ ନିର୍ଦ୍ଦେଶକ**
**ଭୁବନେଶ୍ୱର**


# ଗ୍ରାମ ସଭାପତିଙ୍କୁ ଆକ୍ରମଣ: ବାପ ପୁଅ ଗିରଫ

ଗୋପାଳପୁର,୫।୯
(ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା ଗୋପାଳପୁର ଥାନା ଅଞ୍ଚଳର ଏକ ଗ୍ରାମର ସଭାପତିଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଶୁକ୍ରବାର ପୋଲିସ ଏଥିରେ ସମ୍ପୃକ୍ତ ବାପ ପୁଅଙ୍କୁ ଗିରଫ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଶୀତଳାପଲ୍ଲୀ ଗ୍ରାମର ରାଜୁ ଦାସ (୪୫) ଓ ତାଙ୍କ ପୁଅ ଶିବା ଦାସ (୨୦)। ଖବରରୁ ଜଣାପଡିଛି, ଗୋପାଳପୁର ଥାନା ଅନ୍ତର୍ଗତ ଶୀତଳାପଲ୍ଲୀ ଗ୍ରାମର ସଭାପତି ଭାବେ ବିଶୁ ସେଠୀ ରହିଛନ୍ତି। ସେ ଗୁରୁବାର ରାତି ସାଢେ ୯ଟାରେ ଗ୍ରାମରେ ହେଉଥିବା ରାମାୟଣ ଦେଖିବାକୁ ଯାଉଥିଲେ। ଏହି ସମୟରେ ସେହି ଗ୍ରାମର ରାଜୁ ଓ ଶିବାଙ୍କ ସହ ସାକ୍ଷାତ ହେବାରୁ ବିଶୁ ଦାସ ସାହିରେ ଷ୍ଟ୍ରିଟ ଲାଇଟ ଜଳୁ ନ ଥିବା ନେଇ ପଚାରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏଥିରେ ଶିବା ଉତ୍ତ୍ୟକ୍ତ ହୋଇ ଘରୁ ଏକ କାତି ଆଣି ବିଶୁଙ୍କ କପାଳ ଓ ଡାହାଣ ହାତକୁ ଆକ୍ରମଣ କରିଥିଲେ। ଏଥିରେ ବିଶୁ ଗୁରୁତର ହୋଇପଡିଥିଲେ। ତାଙ୍କୁ ପରିବାର ଲୋକେ ଉଦ୍ଧାର କରି ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏନେଇ ବିଶୁଙ୍କ ପୁଅ କାହ୍ନୁ ଚରଣ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ନଂ ୩୧୭/୨୫ରେ ପୋଲିସ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଶୁକ୍ରବାର ରାଜୁ ଓ ତାଙ୍କ ପୁଅ ଶିବାଙ୍କୁ ପୋଲିସ ଗିରଫ କରିଛି। ଆକ୍ରମଣରେ ବ୍ୟବହୃତ କାତିକୁ ଜବତ କରାଯାଇଛି।


**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

See Career Appointment on every Wednesday & Saturday

**REQUIRED**
01. Accountant
Commerce Graduate with deep Knowledge of tally accounting
02. Data Entry Operator
Graduate with good speed of making data entry. Typing min. 30 speed per minute.
03. Liaison Officer
Graduate with 5 year experience in liaisoning
APPLY sahebramkakka@gmail.com

**OFFICE OF THE PRINCIPAL-CUM-SECRETARY**
**CHAITANYA SAHOO HIGHER SECONDARY SCHOOL OF SC. & ARTS**
At/P.O.: Nuapatna, P.S.: Tigiria, Dist.: Cuttack - 754035
E-Mail: cscollege.npt@gmail.com
**WALK-IN-INTERVIEW**
Wanted Lecturers in Economics, History, Odia, Sociology & Computer skilled Clerk on Contractual Basis. Desirous candidates with requisite qualifications may attend the interview in the School premises within 10 A.M. to 01 P.M. on Dt.10.09.2025. The appointment is purely temporary & no claim for permanent appointment be made in future.
Sd./- Principal

इंस्टीट्यूट ऑफ बैंकिंग पर्सोनेल सिलेक्शन®
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
**INSTITUTE OF BANKING PERSONNEL SELECTION**
(An autonomous body set up by Reserve Bank of India, Central Financial Institutions and Public Sector Banks)
IBPS प्रज्ञाविभावनम्
असेसमेंट में, हम पर भरोसा रखता है भारत — In assessment, India trusts us
वेबसाइट देखने हेतु स्कैन करें Scan to visit Website

**ସିଆର୍‌ପି ଆର୍‌ଆର୍‌ବି XIV**
**ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ (ଆର୍‌ଆର୍‌ବି)ଗୁଡ଼ିକରେ ଅଫିସର୍ସ (ସ୍କେଲ୍-I, II ଏବଂ III) ଏବଂ ଅଫିସ୍ ଆସିଷ୍ଟାଣ୍ଟସ୍ (ମଲ୍ଟିପର୍ପୋଜ୍)ଙ୍କ ନିଯୁକ୍ତି ପାଇଁ ସାଧାରଣ ନିଯୁକ୍ତି ପ୍ରକ୍ରିୟା**

ଆନୁଷ୍ଠାନିକ ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି https://cgrs.ibps.inରେ ଲଗ୍ ଇନ୍ କରନ୍ତୁ

ଆର୍‌ଆର୍‌ବିଗୁଡ଼ିକରେ ଗ୍ରୁପ୍ "ଏ" - ଅଫିସର୍ସ (ସ୍କେଲ୍ - I, II ଓ III) ଏବଂ ଗ୍ରୁପ୍ "ବି" - ଅଫିସ୍ ଆସିଷ୍ଟାଣ୍ଟସ୍ (ମଲ୍ଟିପର୍ପୋଜ୍)ଙ୍କ ନିଯୁକ୍ତି ପାଇଁ ଆଗାମୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା (ସିଆର୍‌ପି ଆର୍‌ଆର୍‌ବି XIV) ଇନଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ୍ ପର୍ସୋନେଲ ସିଲେକ୍ସନ୍ (ଆଇବିପିଏସ୍) ଦ୍ୱାରା ତଳେ ଦିଆଯାଇଥିବା ସମ୍ଭାବ୍ୟ ସମୟସୂଚୀ ଅନୁଯାୟୀ ସଞ୍ଚାଳିତ ହେବ । ସମାନ ପ୍ରକ୍ରିୟା ଅଧୀନରେ ଗ୍ରୁପ୍ "ଏ" - ଅଫିସର୍ସ (ସ୍କେଲ୍- I, II ଓ III)ଙ୍କ ନିଯୁକ୍ତି ପାଇଁ ସାକ୍ଷାତକାର ନାବାର୍ଡ ଓ ଆଇବିପିଏସ୍ ସହାୟତାରେ ନୋଡାଲ୍ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କଗୁଡ଼ିକ ଦ୍ୱାରା ସଂଯୋଜିତ କରାଯିବ ଏବଂ ତାହା ଜାନୁଆରୀ/ଫେବୃଆରୀ, ୨୦୨୬ ମାସରେ ଅନୁଷ୍ଠିତ ହେବା ପାଇଁ ନିର୍ଦ୍ଧାରିତ ହୋଇଛି ।

**ଗୁରୁତ୍ୱପୂର୍ଣ୍ଣ ତାରିଖ**

| ଗତିବିଧି | ସମ୍ଭାବ୍ୟ ସମୟସୂଚୀ |
|---|---|
| ଅନ୍‌ଲାଇନ୍ ପଞ୍ଜୀକରଣ ଏବଂ ଆବେଦନ ଦେୟ/ଇଣ୍ଟିମେସନ ଶୁଳ୍କ ପୈଠ | ୦୧.୦୯.୨୦୨୫ରୁ ୨୧.୦୯.୨୦୨୫ |
| ଆବେଦନ ଫର୍ମରେ ପରିବର୍ତ୍ତନ/ସଂଶୋଧନ କରିବା (ସମ୍ପାଦନା ପାଇଁ ଅନ୍‌ଲାଇନ୍ ଦେୟପୈଠ ସମେତ) ଲାଗି ପ୍ରାର୍ଥୀମାନଙ୍କ ପାଇଁ ଏଡିଟ୍ ୱିଣ୍ଡୋ | ପଞ୍ଜୀକରଣ ବନ୍ଦ ହେବା ପରେ (ଆନୁଷ୍ଠାନିକ ଆଇବିପିଏସ୍ ୱେବସାଇଟରେ ଅଧିସୂଚିତ କରାଯିବ) |
| ପ୍ରାକ୍-ପରୀକ୍ଷା ତାଲିମ (ପିଇଟି) ସଞ୍ଚାଳନ | ନଭେମ୍ବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀ (ଅଫିସର୍ସ/ଓଏ) | ନଭେମ୍ବର/ଡିସେମ୍ବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀର ଫଳାଫଳ | ଡିସେମ୍ବର, ୨୦୨୫ /ଜାନୁଆରୀ, ୨୦୨୬ |
| ଅନ୍‌ଲାଇନ୍ ପରୀକ୍ଷା – ମେନ୍ / ସିଙ୍ଗଲ୍ (ଅଫିସର୍ସ/ଓଏ) | ଡିସେମ୍ବର, ୨୦୨୫ /ଫେବୃଆରୀ, ୨୦୨୬ |

**ବିବରଣୀ ତଥା ଅପଡେଟ୍ସ ପାଇଁ ଆନୁଷ୍ଠାନିକ www.ibps.in ୱେବସାଇଟ୍ ପରିଦର୍ଶନ କରିବା ଲାଗି ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ।**

ସିଆର୍‌ପି ଆର୍‌ଆର୍‌ବି - XIV ନିମନ୍ତେ ଆବେଦନ କରିବା ପାଇଁ ଇଚ୍ଛୁକ ପ୍ରାର୍ଥୀମାନଙ୍କୁ ସବିଶେଷ ଅଧିସୂଚନାକୁ ଯତ୍ନପୂର୍ବକ ପଢ଼ିବା ତଥା ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ଆନୁଷ୍ଠାନିକ ଆଇବିପିଏସ୍ ୱେବସାଇଟରେ ଜାରି ଓ ସ୍ଥାନିତ ସବିଶେଷ ଅଧିସୂଚନାରେ ନିର୍ଦ୍ଧାରିତ ତାରିଖରେ ସେମାନେ ଯେପରି ସର୍ବନିମ୍ନ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଛନ୍ତି ତାହା ସୁନିଶ୍ଚିତ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି । ପ୍ରାର୍ଥୀମାନେ ସବିଶେଷ ଅଧିସୂଚନାରେ ଦର୍ଶିତ ନିର୍ଦ୍ଦେଶାବଳୀକୁ ଅନୁସରଣ କରିବା ଜରୁରୀ ।

ମୁମ୍ବାଇ
ତାରିଖ: ୦୧.୦୯.୨୦୨୫ — ନିର୍ଦ୍ଦେଶକ

**HDFC BANK** We understand your world

# AUCTION SALE NOTICE

The borrowers, in particular, and the public, in general, are hereby notified that public auction of gold ornaments / security pledged in the below accounts is proposed to be conducted. The auction is of the gold ornaments / security of borrowers who have defaulted to pay, as per the terms of Loan Agreement signed & accepted by them, despite notices by HDFC Bank Limited (the "Bank") to clear the loan dues. The Bank had also issued a notice to the borrowers whereby, 7 days' time was given to repay the entire outstanding dues in the below accounts, failing which Bank would be at liberty to auction the entire pledged gold security without issuing further notice. The borrowers have neglected and failed to make payment, therefore, Bank in exercise of its rights under the loan agreement as a pledgee has decided to enforce the pledge over gold security by selling the entire gold ornaments / security by way of auction and recover the dues owed by the borrowers to the Bank.

**The auction will be conducted at the below mentioned branch/s on 15-Sep-2025 from 2:30 Pm onwards. In the event the auction of any pledged security cannot be conducted or concluded on the date mentioned, the Bank reserves the right to conduct or proceed with the said auction on any subsequent date and time.**

| Sl. No | LOAN NO. | BORROWER'S NAME | LOAN AMOUNT | Place of Auction (Branch Address) |
|---|---|---|---|---|
| 1 | 75433144 | BISWAJIT ROUT | 1308400 | HDFC BANK LTD, 7&8, CUTTACK-PURI ROAD, JHARPARA, BHUBANESWAR-751006 |
| 2 | 75710656 | SANYASI SAHOO | 500500 | |
| 3 | 75739389 | DHARMENDRA KUMAR DAS | 112800 | |
| 4 | 4000016607 | JAYA KRUSHNA PRADHAN | 32900 | |
| 5 | 75401510 | TAPAS KUMAR JENA | 30100 | |
| 6 | 75934141 | PRADOSH KUMAR PARIDA | 482400 | |
| 7 | 75892830 | ARIJIT JAYPRAKASH | 471000 | |
| 8 | 75693369 | RAJANIKANTA MISHRA | 405500 | |
| 9 | 75892889 | ARIJIT JAYPRAKASH | 224000 | |
| 10 | 75404701 | TRUSHNA BEHERA | 130400 | |
| 11 | 75542261 | BIDU LATA JENA | 85200 | |
| 12 | 75668606 | PRAKASH SAHU | 728900 | HDFC BANK LTD, AT-KANDASARA, PO-NALCO NAGAR, ANGUL-759145 |
| 13 | 75573738 | DIPTIDATTA SAHOO | 61000 | HDFC BANK LTD, AT-PANDUA, PO-KOTAGARA, AANLABARENI, DHENKANAL-759026 |
| 14 | 75963622 | PADMANAV BARIK | 27200 | |
| 15 | 75585475 | DIPTIDATTA SAHOO | 210000 | |
| 16 | 75702406 | AJIT BHOI | 96100 | |
| 17 | 73575348 | BIJAY KUMAR KAR | 41889 | HDFC BANK LTD, BAJRAKABATI ROAD, CUTTACK-753001 |
| 18 | 75690159 | SUBHRA PRAKASH KANOONGO | 399900 | |
| 19 | 75349541 | JAGAT JIBAN BEHERA | 80800 | |
| 20 | 75515671 | RATNESH PANDAY | 74900 | HDFC BANK LTD, BARBIL JODA HIGHWAY, KEONJHAR, BARBIL-758035 |
| 21 | 75457539 | RATNESH PANDAY | 57000 | |
| 22 | 75982511 | KALYANI DASH | 1010000 | HDFC BANK LTD, BHABA NAGAR SQUARE, BRAHMAPUR, GANJAM-760004 |
| 23 | 75288938 | ALOK RANJAN PADHY | 144000 | |
| 24 | 75972759 | SAMU SAHOO | 25800 | HDFC BANK LTD, BIRAMITRAPUR, NEAR NEW BUS STAND, SUNDARGARH, ODISHA-770033 |
| 25 | 75628343 | SAMU SAHOO | 18500 | |
| 26 | 76002074 | SMRUTI RAJ SAMAL | 36000 | HDFC BANK LTD, BUSINESS PARK, FIRST FLOOR, C111-SAHEEDNAGAR, BHUBANESWAR-751007 |
| 27 | 75459445 | ABDUL MALEK | 23400 | HDFC BANK LTD, C/O-PRITI AUTO COMBINE, GOL BAZAR, SAMBALPUR-768001 |
| 28 | 75836657 | AJIT KUMAR BUDA | 50000 | HDFC BANK LTD, DURGA COMPLEX, JHARSUGUDA-768201 |
| 29 | 74259268 | MANAS KUMAR MISHRA | 42000 | HDFC BANK LTD, F M CIRCLE, BALASORE-756001 |
| 30 | 75965764 | RAJESH SETHI | 27000 | |
| 31 | 75896581 | KAMAL LOCHAN SETHI | 502800 | HDFC BANK LTD, GANESWARPUR, REMUNA GOLAI, BALASORE-756019 |
| 32 | 50200080029600 | BANSHIDHAR PARIDA | 1206987.70 | HDFC BANK LTD, OLD CINEMA HALL CHAKA, NEAR UNION BANK-II, HINJILICUT, GANJAM-761102 |
| 33 | 75769144 | EPILI KESWARI | 1056000 | |
| 34 | 75773274 | EPILI DROUPADI | 916430 | |
| 35 | 75773323 | EPILI KESWARI | 611300 | |
| 36 | 76014553 | RESHMA SAHU | 1025000 | HDFC BANK LTD, GROUND FLOOR, BRAJA NAGAR, FIRST LANE, LUCHAPADA ROAD, BRAHMAPUR, GANJAM-760001 |
| 37 | 75306383 | SUGYANI KUMARI PRADHAN | 170000 | |
| 38 | 75508776 | RAMAKANTA SAHU | 53000 | |
| 39 | 75614870 | RAMAKANTA SAHU | 24990 | |
| 40 | 75520085 | SNEHALATA SAHU | 52000 | HDFC BANK LTD, GROUND FLOOR, MAIN ROAD CHIKITI PENTHA, GANJAM-761010 |
| 41 | 75761623 | BISHNU PUJARI | 177400 | HDFC BANK LTD, GROUND FLOOR, NUAGUDA, OPP. FCI-I,ARTS COLLEGE ROAD, MALKANAGIRI-764048 |
| 42 | 75184883 | RABIN PRADHANI | 87100 | HDFC BANK LTD, GROUND FLOOR, OPP. BLOCK OFFICE, DHARAMGARH, KALAHANDI-766015 |
| 43 | 75731818 | MAHENDRA MAJHI | 58500 | |
| 44 | 75852119 | KALYANI MALLIK | 54000 | HDFC BANK LTD, GROUND FLOOR, POKHARIAPADA, PATTAMUNDAI, KENDRAPADA-754215 |
| 45 | 75730941 | KALYANI MALLIK | 52000 | |
| 46 | 75766027 | SWARNALATA SAHU | 70000 | HDFC BANK LTD, GROUND FLOOR, SHANKAR CINEMA ROAD, ANGUL, ODISHA-759122 |
| 47 | 75634901 | SUMANTA SAHOO | 68500 | |
| 48 | 74691527 | SURESH KHATUA | 39000 | HDFC BANK LTD, HATATOTA, TALCHER, ANGUL-759100 |
| 49 | 75987967 | MANAS RANJAN BEJ | 999000 | HDFC BANK LTD, JABARA, JENAPUR, KUAKHIA, RASULPUR, JAJPUR-755023 |
| 50 | 75967626 | SK SOHEL | 40400 | |
| 51 | 75587353 | BIKASH CHANDRA BEHERA | 59800 | HDFC BANK LTD, JAGAMARA, BHUBANESWAR, KHURDA-751030 |
| 52 | 75846210 | BASANTA KUMAR MOHANTY | 284400 | HDFC BANK LTD, JEYPORE MAIN ROAD, NEAR NH INSPECTION BUNGALOW, KORAPUT, JEYPORE-764001 |
| 53 | 74155434 | KRUSHNA CHANDRA NAYAK | 184000 | |
| 54 | 75460840 | SANTOSH KUMAR PANDA | 55000 | |
| 55 | 75729393 | SUBHASIS MOHANTY | 38000 | |
| 56 | 75327845 | SANJUKTA SAHU | 540000 | |
| 57 | 75804554 | GOURANGA HANHAGA | 72300 | HDFC BANK LTD, KALINGA NAGAR, DUBURI, JAJPUR-755019 |
| 58 | 75735824 | BABITA BISHOYI | 670800 | HDFC BANK LTD, KALINGA ROAD, HOLDING NO 123/106, WARD NO 11, ASIKA, GANJAM-761110 |
| 59 | 75362249 | SALYA RANJAN SWAIN | 281600 | HDFC BANK LTD, MAHIPAL, KENDRAPARA-754211 |
| 60 | 73596401 | ABHIPSA MAHAPATRA | 21500 | |
| 61 | 75202608 | SK JAKIR | 20800 | |
| 62 | 75289025 | BIPIN NAYAK | 281500 | HDFC BANK LTD, MAIN ROAD, BHANJANAGAR, GANJAM-761126 |
| 63 | 75272266 | SANDHYA SWAIN | 80400 | |
| 64 | 75724705 | LITU PATRA | 1358000 | HDFC BANK LTD, MAIN ROAD, GOSANINUAGAON, BERHAMPUR-760003 |
| 65 | 76029223 | SASMITA PATTANAIK | 1326000 | |
| 66 | 75864095 | SUSANTA KUMAR GOUDA | 505000 | |
| 67 | 76033566 | BUDAGATALA RAMA | 180000 | |
| 68 | 75815912 | RAJESH KUMAR PRADHAN | 645000 | HDFC BANK LTD, MAIN ROAD, NEAR RELIANCE TRENDS, BALUGAON-752030 |
| 69 | 74772167 | SAUMITRI PARAMANIK | 53000 | |
| 70 | 75206808 | RABIN PRADHANI | 168000 | HDFC BANK LTD, MANIKESWARI CHOWK, BHAWANIPATNA, KALAHANDI-766001 |
| 71 | 75415365 | DILLIP DURGA | 44000 | |
| 72 | 75674403 | AMARLAL SI | 22000 | |
| 73 | 75344267 | ANDI FLOWER BAGH | 94500 | HDFC BANK LTD, NALCO, BIJU PATTNAIK CHOWK, DAMANJODI, KORAPUT-763008 |
| 74 | 75726521 | D RAMA KRISHNA | 105000 | HDFC BANK LTD, NEAR R.T.O OFFICE, NH-26, KORAPUT-764020 |
| 75 | 75762863 | RANJAN ROUT | 41100 | |
| 76 | 75272581 | SANSINGH TANTI | 84080 | HDFC BANK LTD, PATEL MARG, NABARANGAPUR-764059 |
| 77 | 75272522 | SANSINGH TANTI | 51000 | |
| 78 | 50200089027648 | PUSPANJALI PALAI | 1072288.14 | HDFC BANK LTD, PATRAPADA, BHUBANESWAR, KHURDA-751019 |
| 79 | 75416720 | RAJ KISHOR SAHOO | 50700 | |
| 80 | 50200029716735 | HAREKRUSHNA PATI | 721789.86 | HDFC BANK LTD, PLOT NO 191, 204, 205, 206, OPPOSITE KEDAR GOURI TEMPLE, UNIT - 36, SAMANTARAPUR, BHUBANESWAR-751014 |
| 81 | 75283986 | AMARAJIT NAYAK | 24900 | |
| 82 | 75433146 | SILU BISWAL | 313500 | |
| 83 | 75657788 | ARCHIT GHARAI | 41000 | |
| 84 | 75273660 | ARCHIT GHARAI | 40000 | |
| 85 | 75384349 | MANOJ JENA | 147500 | HDFC BANK LTD, PLOT NO- 447, BHAGWAN TRADE CENTER , NEAR IFFCO SQUARE, ATHARBANKI, PARADEEP-754142 |
| 86 | 75267665 | ARAJIT MOHANTY | 49700 | |
| 87 | 75283151 | BIBHUDATTA NAYAK | 35000 | |
| 88 | 50200036455474 | IPSITA RAJ | 140497 | HDFC BANK LTD, PLOT NO 516/1676, SAMPARK VIHAR, PATIA SQUARE, BHUBANESWAR-751024 |
| 89 | 466066914 | MINARANI PADHI | 16600 | HDFC BANK LTD, PLOT NO-1078/1110, SHAMPUR, NUAGAON, BHUBANESWAR-751003 |
| 90 | 75372067 | RUDRA PRASANNA JENA | 14500 | |
| 91 | 75754653 | RITESH KUMAR MAHALA | 60700 | HDFC BANK LTD, PLOT NO-2187, S.N. COLONY ROAD, CHANDABALI, BHADRAK, ODISHA-756133 |
| 92 | 75385332 | BIPIN BALIYARSINGH | 797000 | HDFC BANK LTD, PLOT NO-323/1000, INFRONT OF NEW BUS STAND, PO-PALLAHATA, KHURDA-762056 |
| 93 | 75852195 | SURESH CHANDRA NAYAK | 58700 | |
| 94 | 75762891 | TAPAN KUMAR NAYAK | 60000 | HDFC BANK LTD, PLOT NO-758/3631/4648, GANDHI CHOWK, ATHMALLIK, ANGUL, ODISHA-759125 |
| 95 | 75582281 | JYOTIRANJAN SAHOO | 69200 | HDFC BANK LTD, PLOT NO-N5/537, IRC VILLAGE, NAYAPALLI, BHUBANESWAR-751015 |
| 96 | 75835821 | SUBHAM DAS | 510100 | HDFC BANK LTD, PURNA GOURI MARKET COMPLEX, MATHA SAHI, DAHANI GADIA, BHADRAK-756100 |
| 97 | 75884184 | SASMITA MUGRI | 39000 | HDFC BANK LTD, R K TOWERS, DAILY MARKET, BOLANGIR-767001 |
| 98 | 75873406 | SUSHANTA JAL | 35800 | |
| 99 | 75148553 | SUNIL DEEP | 69500 | HDFC BANK LTD, RAJIV GANDHI CHOWK, KESINGA, KALAHANDI-766012 |
| 100 | 75767621 | TULASI ORAM | 146700 | HDFC BANK LTD, SAHU NIWAS, JAGANNATHPUR, KASHIPUR ROAD, KEONJHAR-758001 |
| 101 | 73587212 | SASMITA SAHOO | 49000 | HDFC BANK LTD, SALEPUR MAIN ROAD, SALEPUR, CUTTACK-754202 |
| 102 | 75300955 | HARAPRASAD NAYAK | 26550 | |
| 103 | 75725321 | ANIQUA BEGUM | 390900 | |
| 104 | 75933567 | SAYED SANAWAR ALI | 154900 | |
| 105 | 75857022 | PARINITA JENA | 92100 | HDFC BANK LTD, UNIT 11, BUXI BAZAR, CANTONMENT, CUTTACK-753001 |
| 106 | 74326271 | SUVAJIT ROY | 104000 | HDFC BANK LTD, VIP PLAZA, VIP ROAD, PURI-752001 |
| 107 | 75426060 | AABID HUSEN | 27700 | HDFC BANK LTD, WARD NO 10, JONK, KHARIAR ROAD, NUAPADA-766104 |
| 108 | 75602558 | SANTOSH KUMAR PALAI | 1837000 | HDFC BANK LTD, PLOT NO-676/1249, JAYASREE CINEMA HALL ROAD, CHATRAPUR, GANJAM, ODISHA-761020 |
| 109 | 75811017 | MAHENDRA KUMAR SAHU | 301000 | HDFC BANK LTD, PAKALAVARI STREET, CITY POST OFFICE ROAD, GANJAM, BRAHMAPORE-760002 |
| 110 | 75318348 | PATITA RAUTA | 200000 | HDFC BANK LTD, MAIN ROAD, BALISIRA, GUNTHA PADA, BHANJANAGAR, GANJAM-761115 |

The auction shall be conducted on an "AS IS WHERE IS" and the "AS IS WHAT IS" basis and the Bank is not making and shall not make any representations or warranties as regards the quality, purity, caratage, weight or valuation of the said gold ornaments. It shall be the sole and absolute responsibility of the potential purchasers to verify, examine and satisfy themselves about the quality, purity, caratage, weight or valuation of the said gold ornaments prior to placing their bids and for such purpose it shall be open to potential purchasers to examine, at their sole cost and expense, and at the address set out hereinabove, the gold ornaments whether with or without expert advice 45 minutes prior to the time stipulated for the conduct of the auction. All bids shall be subject to such minimum reserve price as the Bank may deem fit to fix in this regard. The auction value will be based on the closing price of gold as per IBJA (India Bullion and Jewellers Association Ltd.) on the previous day. The auction process and the sale (if any) pursuant to such auction shall be subject to such further terms and conditions as the Bank may at its sole discretion deem fit to impose. If the borrower(s) mentioned above pays the amount due to the bank in terms of the Loan agreement in his individual loan account in full before the auction as mentioned above, the pledged ornaments securing the said loan may be withdrawn by the bank from the said auction without any further notice. Please note that it is the absolute discretionary power of the undersigned authorized officer of the Bank, either to postpone or to cancel the auction proceedings without prior notice and without assigning any reason therefore and to reject any or all the bids or offers without assigning any reason for the same.

**Date : 06/09/2025, Place : ODISHA** — **Sd/- Authorized Officer, HDFC BANK LTD.**

## ସଂକ୍ଷେପରେ

### ସାପ କାମୁଡ଼ାରେ ନାବାଳକ ମୃତ

କଲ୍ୟାଣସିଂହପୁର,୫।୯ (ଦୀପକ କୁମାର ପରିଡ଼ା)



କଲ୍ୟାଣସିଂହପୁର ବ୍ଲକ୍ ନାରାୟଣପୁର ଗ୍ରାମରେ ଏକ ବିଷାକ୍ତ ସାପ କାମୁଡ଼ାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ଦେବେନ୍ଦ୍ର କୌଶଲ୍ୟାଙ୍କ ଦ୍ୱିତୀୟ ପୁତ୍ର ଦୁଷ୍ମନ୍ତ କୌଶଲ୍ୟା। ଦୁଷ୍ମନ୍ତ ବୁଧବାର ରାତିରେ ଖାଇସାରି ନିଜ ଘରେ ଶୋଇଥିବା ବେଳେ ଏକ ବିଷଧର ସାପ ତାଙ୍କୁ ଚୋଟ ମାରିଥିଲା। ଏହା ଜାଣିବା ପରେ ପରିବାର ଲୋକେ ଦୁଷ୍ମନ୍ତଙ୍କୁ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ କାର୍ଯ୍ୟରତ ଡାକ୍ତର ଚିକିତ୍ସା କରିବା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତଶରୀର ଗୁରୁବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

### କାମଳ ରୋଗରେ ଯୁବକ ମୃତ

ଟିକିରି, ୫।୯ (ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ବ୍ଲକ୍ ଟିକିରି ଲାଞ୍ଜିଗଡ଼ ସାହିରେ ରହୁଥିବା ଡୁଡୁକାବାହାଲ ଶିବମନ୍ଦିର ପୁରୋହିତ ବିରଞ୍ଚି ନାରାୟଣ ହୋତାଙ୍କ ପୁଅ ଶ୍ରୀଧର ହୋତା କାମଳ ରୋଗରେ ପୀଡ଼ିତ ହୋଇ ଶୁକ୍ରବାର ମୃତ୍ୟୁବରଣ କରିଛନ୍ତି। ସେ ୧ ମାସ ହେବ କାମଳ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ମୃତ୍ୟୁ ଖବରପାଇ ଭାଜପା ସାଂସଦ ପ୍ରାର୍ଥୀ କାଳିରାମ ମାଝୀ, ଟିକିରି ଆଇଆଇସି ବିଶ୍ୱବନ୍ଦିନୀ ବାଗ, ବଣିକ ସଂଘ ସଭାପତି ମନୋଜ ବେହେରା, ସ୍ୱେଚ୍ଛାସେବୀ ହରପ୍ରସାଦ ନାୟକ ଶୋକ ପ୍ରକାଶ କରିଛନ୍ତି।

### ବସ୍‌କୁ ଓଭର୍‌ଟେକ୍ କରି ୨ ବାଇକ୍ ଆରୋହୀ ଗୁରୁତର

ପଦ୍ମପୁର,୫।୯ (ପ୍ରଶାନ୍ତ କୁମାର କର)

ପଦ୍ମପୁର ବ୍ଲକ୍ ନୂଆଗଡ ପଞ୍ଚାୟତ ଅନ୍ତର୍ଗତ ପାଦିଲିନ୍ଧ ରାସ୍ତାରେ ଏକ ବାଇକ୍ ଲକ୍ଷ୍ମୀ ବସ୍‌କୁ ଓଭର୍‌ଟେକ୍ କରିବା ସମୟରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ୨ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ଉଭୟଙ୍କୁ ଆମ୍ବୁଲାନ୍ସ ଯୋଗେ ଆଣି ପଦ୍ମପୁର ମେଡିକାଲରେ ଭର୍ତ୍ତି କରିଥିଲେ। ଡାକ୍ତର ଅମ୍ବୁଜରତ୍ନ ମୁଦୁଲି ପ୍ରାଥମିକ ଚିକିତ୍ସା କରିଥିଲେ ମଧ୍ୟ ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ ଉଭୟଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ସୂଚନାଯୋଗ୍ୟ, ପାଦିଲିବନ୍ଧ ଗ୍ରାମ ପାଖରେ ଲକ୍ଷ୍ମୀ ବସ୍‌କୁ ଓଭର୍‌ଟେକ କରିବା ସମୟରେ ଭାରସାମ୍ୟ ହରାଇ ବାଇକ୍ ରାସ୍ତାରୁ ତଳକୁ ଖସି ପଡିବାରୁ ୨ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଗୁଲୁଗୁଡା ଗ୍ରାମର ଚିନୁ ବିନିଆ ( ୫୦) ଓ ସମିଙ୍ଗା ମାଝୀ (୫୦) ।

# ଡ୍ରପ୍‌ଆଉଟ୍‌ଙ୍କୁ ସ୍କୁଲକୁ ଫେରାଇ ଆଣିବାକୁ ଜିଲାପାଳଙ୍କ ଆହ୍ୱାନ

**ଜିଲାସ୍ତରୀୟ ଗୁରୁଦିବସ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ**

ରାୟଗଡ଼ା,୫।୯(ଆଶିଷ ରଞ୍ଜନ ପଣ୍ଡା)



ଜିଲାପାଳ ଜଣେ ଶିକ୍ଷୟିତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ମାନପତ୍ର ପ୍ରଦାନ କରୁଛନ୍ତି।

ସ୍ଥାନୀୟ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟଠାରେ ଜିଲାସ୍ତରୀୟ ଗୁରୁଦିବସ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ଶୁକ୍ରବାର ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ଯୋଗଦେଇ ମୁଖ୍ୟମନ୍ତ୍ରୀ ପୁରସ୍କାର ପାଇଁ ଚୟନ ହୋଇଥିବା ୨୫ଜଣଙ୍କୁ ମାନପତ୍ର ପ୍ରଦାନ କରିଥିଲେ । ଏହି ଅବସରରେ ଜିଲାପାଳ କୁଲକର୍ଣ୍ଣି ନିଜ ଅଭିଭାଷଣ ରଖି ରାୟଗଡ଼ା ଜିଲାରେ ଗୁଣାତ୍ମକ ଶିକ୍ଷା ବିକାଶର ଆବଶ୍ୟକତା ରହିଛି ଏବଂ ଏଥିପାଇଁ ସମସ୍ତ ଶିକ୍ଷକ ପ୍ରୟାସ କରିବା ଆବଶ୍ୟକ ବୋଲି କହିଥିଲେ । ଏହାବ୍ୟତୀତ ଜିଲାରେ ଅଧାରୁ ପାଠ ଛାଡ଼ି ଡ୍ରପ୍‌ଆଉଟ୍ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁଣି ଥରେ ସ୍କୁଲକୁ ଫେରାଇ ଆଣି ଶିକ୍ଷା ପ୍ରଦାନ ପାଇଁ ଅନୁଭୂତିସମ୍ପନ୍ନ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହାୟତା ଲୋଡ଼ିବାକୁ ପରାମର୍ଶ ଦେଇଥିଲେ। ସେ ନିଜେ ମଧ୍ୟ ଶିକ୍ଷାଦାନ କରିବାରେ ବେଶ୍ ଆଗ୍ରହୀ ଥିଲେ ଏବଂ ଦିଲ୍ଲୀ ୟୁନିଭର୍ସିଟିରେ ସହକାରୀ ପ୍ରଫେସର ପାଇଁ ଆବେଦନ କରିଥିଲେ। ହେଲେ ୟୁପିଏସ୍‌ସିରେ ସଫଳତା ହାସଲକରି ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେଇଥିଲେ ବୋଲି କହିଥିଲେ। ତେଣୁ ରାୟଗଡ଼ା ଜିଲାରେ ନିଜ କାର୍ଯ୍ୟକାଳ ମଧ୍ୟରେ ଶିକ୍ଷାର ବିକାଶ କରିବା ଏବଂ ଡ୍ରପ୍‌ଆଉଟ୍‌ଙ୍କୁ ପୁନଃ ସ୍କୁଲକୁ ଫେରାଇ ଆଣିବା ତାଙ୍କର ମୂଳଲକ୍ଷ୍ୟ ବୋଲି ଜିଲାପାଳ କୁଲକର୍ଣ୍ଣି କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ବିଷମକଟକ ଡିଆଇଟି ଅଧ୍ୟକ୍ଷ ଜଗନ୍ନାଥ ମେହେର, ଜିଲା ଶିକ୍ଷାଧିକାରୀ ରାମଚନ୍ଦ୍ର ନାହାକ ଏବଂ ଜିଲା ମଙ୍ଗଳ ଅଧିକାରୀ ଅସୀମା ରାଓ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସେହିଭଳି ଦ୍ୱିତୀୟ ଅଧିବେଶନରେ ଅବସରପ୍ରାପ୍ତ ୨୮ଜଣ ଶିକ୍ଷକଙ୍କୁ ଜିଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଜିଲା ଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟରତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଓ ଜିଲା ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ ।

## ମହମ୍ମଦ ଜୟନ୍ତୀରେ ଶୋଭାଯାତ୍ରା

ମୁନିଗୁଡ଼ା,୫।୯ (ନନ୍ଦକିଶୋର ପଟ୍ଟନାୟକ)

ମୁନିଗୁଡ଼ାରେ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ଶୁକ୍ରବାର ମହମ୍ମଦ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଉକ୍ତ ସମ୍ପ୍ରଦାୟର ଶତାଧିକ ସଦସ୍ୟ ଓ ଯୁବଗୋଷ୍ଠୀ ଏକାଠି ହୋଇ ସ୍ଥାନୀୟ ଧୋବାସାହି ଆମ୍ବତୋଟା ପରିସରରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ । ଶୋଭାଯାତ୍ରା ମସ୍‌ଜିଦଠାରେ ପହଞ୍ଚିବା ପରେ ମସ୍‌ଜିଦ ମୁଖ୍ୟ ହାପିସାହାବ ମହମ୍ମଦ ଜାକାଉଲ୍ଲାଙ୍କ ଦ୍ୱାରା ସାମୂହିକ ନମାଜ ପାଠ କରାଯାଇଥିଲା। ସେହିପରି ସନ୍ଧ୍ୟାରେ ସଂଘ ତରଫରୁ ପରେ ମହମ୍ମଦଙ୍କ ଜୟନ୍ତୀ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଓ ମହମ୍ମଦଙ୍କ ଜୀବନୀ ଉପରେ ଆଲୋକପାତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶତାଧିକ ମୁସଲମାନ ଭାଇ ଓ ଶିଶୁମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ମୁନିଗୁଡ଼ା ଜାମା ମସ୍‌ଜିଦ୍ ସଂଘର ସଭାପତି ଏମ୍‌ଡି ଆୟୁବ, ଶେଖ ହାବିବ, ଶେଖ ନବୁ, ଏମ୍‌ଡି ଇମ୍ମୁ, ଇମରାନ, ଅବଦୁଲ ରେହେମାନ, କାରାମତ ହୁସେନ, ଏମ୍‌ଡି ୟାସିନ, ଏମ୍‌ଡି ଫାରୁକ ଓ ଯୁବକ ସଂଘର ଶେଖ ସାହାରୁକ, ଏମ୍‌ଡି ଅନିଶ, ଏମ୍‌ଡି ଇମରାନ, ଏମ୍‌ଡି କାୟୁମଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ମହମ୍ମଦ ଜୟନ୍ତୀ ପାଳନ ଉତ୍ସବରେ ମୁସଲମାନ ସମ୍ପ୍ରଦାୟ ।

## ଉତ୍ତମ ଶିକ୍ଷୟିତ୍ରୀ ଭାବେ ରଶ୍ମିତା ହୋତା ସମ୍ମାନିତ

**ବାଲ୍‌ବାଟିକା ପଦ୍ଧତିରେ ଶିକ୍ଷାଦାନ**

ରାୟଗଡ଼ା,୫।୯(ଆଶିଷ ରଞ୍ଜନ ପଣ୍ଡା)



ୱାକର୍ସ କ୍ଲବ୍ ପକ୍ଷରୁ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ହୋତାଙ୍କୁ ସମ୍ମାନିତ କରାଯାଉଛି।

ରାୟଗଡ଼ା ୱାକର୍ସ କ୍ଲବ୍ ପକ୍ଷରୁ ଟିକରପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ହୋତାଙ୍କୁ ଶିକ୍ଷା କ୍ଷେତ୍ରରେ ଅନନ୍ୟ ଅବଦାନ ପାଇଁ ମାନପତ୍ର ଦେଇ ସମ୍ମାନିତ କରାଯାଇଛି । ପ୍ରକାଶ ଥାଉକି, ପ୍ରାଥମିକ ଶିକ୍ଷାଦାନ ପୂର୍ବରୁ ପ୍ରାକ୍ ଶିକ୍ଷା ପ୍ରଦାନ ପାଇଁ ରାଜ୍ୟ ସରକାର ବାଲ୍‌ବାଟିକା ଶିକ୍ଷା ବ୍ୟବସ୍ଥା କରିଛନ୍ତି । ଏହାକୁ ସଫଳ ରୂପାୟନକରି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ହୋତା । ସେ ୪ବର୍ଷ ତଳେ ଟିକରପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱ ଗ୍ରହଣ କରିଥିଲେ । ଚଳିତ ବର୍ଷ ଏପ୍ରିଲରୁ ତାଙ୍କ ବିଦ୍ୟାଳୟରେ ବାଲ୍‌ବାଟିକା ଶିକ୍ଷାଦାନ ଆରମ୍ଭ ହୋଇଛି। ଏଥିରେ ତାଙ୍କୁ ବିଦ୍ୟାଳୟର ସହକାରୀ ଶିକ୍ଷକ ସଞ୍ଜୟ ଜାକାକା ଆବଶ୍ୟକ ସହଯୋଗ କରୁଥିବା ରଶ୍ମିତା କହିଛନ୍ତି । ସ୍କୁଲରେ ପିଲାଙ୍କୁ ବିଭିନ୍ନ ପ୍ରକାର ଶିକ୍ଷା ଉପକରଣ ତିଆରି କରିବା ଶିଖାଇବା ସହ ନିଜେ ମଧ୍ୟ ତିଆରିକରି ସେଥିରୁ ଆବଶ୍ୟକ ଶିକ୍ଷାଦାନ କରୁଛନ୍ତି । ରଶ୍ମିତା କୁହନ୍ତି, ବିଭିନ୍ନ ହାତତିଆରି ଶିକ୍ଷା ଉପକରଣ, ନାଚ, ଗୀତ ଓ ଖେଳ ମାଧ୍ୟମରେ ସେ ପିଲାଙ୍କ ମଧ୍ୟରେ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି । ଏହି ଶିକ୍ଷା ବ୍ୟବସ୍ଥା ଦ୍ୱାରା ପିଲାଙ୍କ ସ୍ମରଣଶକ୍ତି ବୃଦ୍ଧିହେବା ସାଙ୍ଗକୁ ଆତ୍ମବିଶ୍ୱାସ ବଢ଼ିବ ଏବଂ କହିବାରେ ମଧ୍ୟ ସୁବିଧା ହେବ ବୋଲି ସେ କହିଛନ୍ତି । ରଶ୍ମିତାଙ୍କ ଏହି ଶିକ୍ଷା କୌଶଳ କାରଣରୁ ସେ ଏବଂ ତାଙ୍କ ବିଦ୍ୟାଳୟ ବେଶ୍ ଚର୍ଚ୍ଚାରେ ରହିଛି । ଯଦି ଜିଲାର ସମସ୍ତ ବିଦ୍ୟାଳୟରେ ଏହିଭଳି ପ୍ରାକ୍ ଶିକ୍ଷା ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଏ ତେବେ ଗ୍ରାମାଞ୍ଚଳରେ ଶିକ୍ଷାର ପ୍ରକୃତ ବିକାଶ ହୋଇପାରିବ ଏବଂ ପିଲା ପ୍ରାଇଭେଟ୍ ସ୍କୁଲ ବଦଳରେ ସରକାରୀ ବିଦ୍ୟାଳୟରେ ମଧ୍ୟ ଗୁଣାତ୍ମକ ଶିକ୍ଷା ପାଇପାରିବେ ବୋଲି ଅଭିଭାବକମାନେ ପ୍ରକାଶ କରିଛନ୍ତି । ଏହି ସମ୍ମାନ ହାସଲ ପାଇଁ ସେ ତାଙ୍କ ଶିକ୍ଷକ ସ୍ୱାମୀ ଓ କାର୍ଯ୍ୟରତ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ସହକାରୀ ଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି।

## ସାର, କୀଟନାଶକ ଦୋକାନରେ ଚଢ଼ାଉ

ଟିକିରି,୫।୯ (ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର କୃଷି ବିଭାଗ ଏବଂ ରାଜସ୍ୱ ବିଭାଗ ପକ୍ଷରୁ ବ୍ଲକ୍‌ରେ ଥିବା ବିଭିନ୍ନ ସାର ଓ କୀଟନାଶକ ଦୋକାନ ଉପରେ ଶୁକ୍ରବାର ଚଢ଼ାଉ କରାଯାଇଛି। ବ୍ଲକରେ ଥିବା ଦୁଇଟି ବହୁମୁଖୀ ସମବାୟ ସମିତି ସମେତ ସରକାରୀ ଲାଇସେନ୍ସ ଓ ବିନା ଲାଇସେନ୍ସରେ ସାର ଓ କୀଟନାଶକ ବିକ୍ରି କରାଯାଉଥିବା ଦୋକାନ ଉପରେ ଚଢାଉ କରାଯାଇଥିଲା। କାଗଜପତ୍ର ଯାଞ୍ଚ ସମୟରେ କୌଣସି



ସଠିକ୍ ତଥ୍ୟ ନ ମିଳିବାରୁ ବିଭିନ୍ନ ସାର ଓ କୀଟନାଶକ ବ୍ୟବସାୟୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ବ୍ଲକରେ କିଛି ବ୍ୟବସାୟୀ ବିନା ଲାଇସେନ୍ସରେ ସାର ଓ କୀଟନାଶକ ବିକ୍ରି କରୁଥିବା ଅଭିଯୋଗ ପରେ ଏହି ଚଢ଼ାଉ କରାଯାଇଛି। କଳାବଜାର ରୋକିବା ପାଇଁ ଆଗାମୀ ଦିନରେ ବ୍ୟବସାୟୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଣାପଡିଛି। ମିଳିତ ଚଢାଉ ବେଳେ କାଶୀପୁର ବ୍ଲକ କୃଷି ଅଧିକାରୀ ସୁଜିତ କୁମାର ପାଢ଼ୀ, ଅତିରିକ୍ତ ତହସିଲଦାର ବିଘ୍ନରାଜ କହଁର, ଅଫିସ ଇନ୍‌ଚାର୍ଜ ନିରଞ୍ଜନ ନାୟକ, କୃଷି ଅଧିଦର୍ଶକ ଜଗଦୀଶ ପାଳ, ଲୋକନାଥ ମାଣ୍ଡାଙ୍ଗି ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବିଷମକଟକ,୫।୯( ପ୍ରସନ୍ନ କୁମାର ପଣ୍ଡା)

ବିଷମକଟକ ବ୍ଲକ୍ ଅନ୍ତର୍ଗତ ହାଟମୁନିଗୁଡ଼ା ଶ୍ରୀରାମ ଚନ୍ଦ୍ର ସାହୁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ମହାପାତ୍ର ଓ ପିଅନ ହରିଶଙ୍କର ଗାଙ୍ଗାନଦୋରାଙ୍କୁ ଗୁରୁବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ମହାପାତ୍ର ଓ ପିଅନ ଗାଙ୍ଗାନଦୋରା ଦୀର୍ଘ ୩୬ ବର୍ଷ ଧରି ଏହି ବିଦ୍ୟାଳୟରେ କାର୍ଯ୍ୟକରି ଆସିଥିଲେ। ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ହାଟମୁନିଗୁଡ଼ା ଶ୍ରୀରାମଚନ୍ଦ୍ର ସାହୁ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପରିଡ଼ା, ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଶ୍ରୀନିବାସ ପଟ୍ଟନାୟକ ଯୋଗଦେଇଥିଲେ। ମଞ୍ଚାସୀନ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ନାରାୟଣ ହୁଇକା ଓ ସମୁନାଥ ହୁଙ୍କା ଉପସ୍ଥିତ ଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ପଟ୍ଟନାୟକ, ସୁଭଶ୍ରୀ ମହାପାତ୍ର, ମୁରଲୀ ସାହୁ, ଆଶିଷ ସାହୁ, ସରୋଜ ପଟ୍ଟନାୟକ, ରାକେଶ କୁମାର ବିଡ଼ିକା, ଚନ୍ଦନ ଶବର, ପୂଜାରାଣୀ ପଟ୍ଟନାୟକ, ରଞ୍ଜନ କୁମାର ପାତ୍ର, ମାନସ ପଟ୍ଟନାୟକ, କେ. ପୁଷ୍ପା, ଗ୍ରାମବାସୀ ମୃତ୍ୟୁଞ୍ଜୟ ପନ୍ଦା, ଜନାର୍ଦ୍ଦନ ଲାବଲା, ରମେଶ ପାକି, ଉମାକାନ୍ତ ନେମାଲପୁରୀ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ଓ ଅନ୍ୟ ଅତିଥିମାନେ ।

## ମାଣିକେଶ୍ୱରୀଙ୍କ ବାଲିଯାତ୍ରା ଆରମ୍ଭ

ଚନ୍ଦ୍ରପୁର, ୫।୯(ବିଜୟ ପ୍ରସାଦ ଉଲାକା)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍‌ର ବହୁ ପୁରାତନ ପ୍ରସିଦ୍ଧ ମା’ ମାଣିକେଶ୍ୱରୀଙ୍କ ବାଲିଯାତ୍ରା ଗୁରୁବାର ବିଳମ୍ବିତ ରାତିରୁ ଆରମ୍ଭ ହୋଇଛି। ଗ୍ରାମର ମୁଖ୍ୟ ପୂଜକ ଗଙ୍ଗାଧର ପାତ୍ର, ଗ୍ରାମ ମୁଖିଆ କବିରାଜ ପାତ୍ର, ସହଯୋଗୀ ଦୁଃଖ ପୂଜାରୀ, ସୁକୁଲା କଣ୍ଡାଗୋରୀ, ସେବାୟତ ବିନୋଦ ଦଣ୍ଡସେନାଙ୍କ ସମେତ ବହୁ ଗ୍ରାମବାସୀ ଗୁରୁବାର ରାତି ୮ଟାରେ ଶୋଭାଯାତ୍ରାରେ ଯାଇ ବଂଶଧାରା ନଦୀ କୂଳରେ ପହଞ୍ଚିଥିଲେ। ଶୋଭାଯାତ୍ରାରେ ଅମ୍ବାଦଳାରୁ ଆସିଥିବା ଘୁମୁରା ବାଦ୍ୟ, ଆଞ୍ଚଳିକ ବାଦ୍ୟ ସହ ସମସ୍ତ ଶ୍ରଦ୍ଧାଳୁ ନଦୀପଠାକୁ ଯାଇ ପୂଜାପାଠକରି ନଦୀରୁ ବାଲି କାଢ଼ିଥିଲେ। ପରେ ମୁଖ୍ୟ ପୂଜକ ଗଙ୍ଗାଧର ପାତ୍ରଙ୍କୁ ମା’ ମାଣିକେଶରୀ ପ୍ରସନ୍ନ ହେବା ପରେ ମା’ ମାଣିକେଶ୍ୱରୀଙ୍କୁ ସୁସଜ୍ଜିତକରି ବାଜା ବଜାଇ, ବାଣ ଫୁଟାଇ ଗ୍ରାମ ପରିକ୍ରମା କରିବା ପରେ ଗ୍ରାମର ବାଲିଘରକୁ ଅଣାଯାଇଥିଲା। ମା’



ଗ୍ରାମକୁ ଆସିଲା ସମୟରେ ଗାଁ ଦାଣ୍ଡରେ ମହିଳାମାନେ ହୁଳହୁଳି ଦେଇ ଘଣ୍ଟ କୀର୍ତ୍ତନରେ ମା’ଙ୍କୁ ପାଛୋଟି ନେଇଥିଲେ। ତା’ ପରେ ବାଲିଘର ସମ୍ମୁଖରେ ମା’ଙ୍କ ଦେବତା ନୃତ୍ୟ ଦୀଘ ସମୟ ଧରି ଅନୁଷ୍ଠିତ ହୋଇଥିଲା। ମା’ଙ୍କ ଏହି ନୃତ୍ୟ ଦେଖିବା ପାଇଁ ନିକଟସ୍ଥ ନାଉଦୁଗୁଡ଼ା, ଯୁଗାପଦର, ଯୋଡ଼ିଙ୍ଗି ପ୍ରଭୃତି ଗ୍ରାମରୁ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା।

## ରାୟଗଡ଼ା ଜିଲା କଂଗ୍ରେସ ସଭାପତି ଚୟନ ପାଇଁ ମତ ସଂଗ୍ରହ

ଟିକିରି,୫।୯ (ପ୍ରଫୁଲ୍ଲ କୁମାର ବେହେରା)




କଂଗ୍ରେସ ସୃଜନ କାର୍ଯ୍ୟକ୍ରମରେ ଏଆଇସିସି ପର୍ଯ୍ୟବେକ୍ଷକଙ୍କ ସହ ଅନ୍ୟ କଂଗ୍ରେସ ନେତା।

ରାୟଗଡ଼ା ଜିଲା କଂଗ୍ରେସ ସଭାପତି ଚୟନ ପାଇଁ ସଂଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମ ମାଧ୍ୟମରେ ଶୁକ୍ରବାର କାଶୀପୁର ବ୍ଲକ୍‌ରେ କର୍ମୀଙ୍କ ମତ ସଂଗ୍ରହ କରାଯାଇଛି। ଏଆଇସିସି ପର୍ଯ୍ୟବେକ୍ଷକ ରିଜୱାନ ଅର୍ସଦଙ୍କ ଉପସ୍ଥିତିରେ କାଶୀପୁର ହନୁମାନ ମନ୍ଦିର ପ୍ରାଙ୍ଗଣଠାରେ ଆୟୋଜିତ ସଭାରେ କର୍ମୀଙ୍କ ମତାମତ ନିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ ତରଫରୁ ରାଜ୍ୟ ପର୍ଯ୍ୟବେକ୍ଷକ ଭାବେ ଚିନ୍ମୟ ସୁନ୍ଦର ଦାସ, ବଳଭଦ୍ର ମାଝୀ, ଅଖିଳ ଭତ୍ରା ଓ ରାୟଗଡ଼ା ବିଧାୟକ କାଡ୍ରାକା ଆପଲସ୍ୱାମୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ପ୍ରସଙ୍ଗ ଓ ନିୟମାବଳୀ ବିଷୟରେ ସମସ୍ତ କଂଗ୍ରେସ ପର୍ଯ୍ୟବେକ୍ଷକ ଉପସ୍ଥିତ କର୍ମକର୍ତ୍ତାଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମକୁ ରାୟଗଡ଼ା ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଶଙ୍କର୍ଷଣ ମଙ୍ଗରାଜ ପରିଚାଳନା କରିଥିବା ବେଳେ ବ୍ଲକ୍ କଂଗ୍ରେସ ସଭାପତି ଅଙ୍ଗଦ ନାଏକ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ କାଶୀପୁର ବ୍ଲକ୍‌ର ୨୪ ପଞ୍ଚାୟତରୁ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇ ନିଜ ମତ ଦେଇଥିଲେ।

## କଂଗ୍ରେସର ସଙ୍ଗଠନ ସୃଜନ ଅଭିଯାନ

ମୁନିଗୁଡା,୫।୯ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡ଼ା କମ୍ୟୁନିଟି ହଲ୍ ପରିସରରେ ବ୍ଲକ କଂଗ୍ରେସ ତରଫରୁ ସଂଗଠନ ସୃଜନ ଅଭିଯାନ ଓ ଜିଲା ସଭାପତି ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ଲକ କଂଗ୍ରେସ ସଭାପତି ନୀଳାମ୍ବର ବିଭାରଙ୍କ ସଭାପତିତ୍ୱ ଓ ଏମ୍‌ପି ପ୍ରତିନିଧି ରଜନୀକାନ୍ତ ପାଡାଲ ଏବଂ ବିଧାୟକ ପ୍ରତିନିଧି ମାନସ ରଞ୍ଜନ ବେହେରାଙ୍କ ମିଳିତ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଏଆଇସିସି ପର୍ଯ୍ୟବେକ୍ଷକ ରିଜୱାନ ଅର୍ସଦ, ପିସିସି ପର୍ଯ୍ୟବେକ୍ଷକ ବଳଭଦ୍ର ମାଝୀ, ଅଖିଳ ଭତ୍ରା, ଚିନ୍ମୟ ଦାସ, ବିଧାୟକ ନୀଳମାଧବ ହିକକା,ରାୟଗଡ଼ା ଜିଲାର ନେତା ଦୁର୍ଗାପ୍ରସାଦ ପଣ୍ଡା, ଶଙ୍କର୍ଷଣ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । କଂଗ୍ରେସର ଗୌରବକୁ ଫେରାଇ ଆଣିବାକୁ ହେଲେ ସମସ୍ତେ ମିଳିମିଶି ରାହୁଲ ଗାନ୍ଧୀ ଓ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ହାତମୁଠାକୁ ଟାଣ କରିବାକୁ ଆହ୍ୱାନ ଦେଇଥିଲେ। ଏଥିସହ ଜିଲା ସଭାପତି ଚୟନ ନେଇ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରୁ ଆସିଥିବା ଶତାଧିକ ଦଳୀୟ ନେତା ଓ କର୍ମୀଙ୍କ ମତାମତ ନିଆଯାଇଥିଲା । କାର୍ଯ୍ୟକ୍ରମରେ କଂଗ୍ରେସ ଯୁବ ନେତା ବାଦଲ କୁମାର ବେହେରା, ବିରଞ୍ଚି ପାଲକିଆ, ଭାଗୀରଥି ନାଗ, ରମେଶ ପାଲକା,ଅନଙ୍ଗ ନାଗ, ପ୍ରସାଦ ମାହାଙ୍କୁଡ, ଚନ୍ଦ୍ରଜିତ ଯାଦବ,ପଦ୍ମନାଭ ବେହେରା, ସରପଞ୍ଚ ସରସ୍ୱତୀ ଶବର ପ୍ରମୁଖ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ କଂଗ୍ରେସ ନେତା।

## କଂସାରିଗୁଡ଼ାରେ ପ୍ରତିଷ୍ଠା ହେବ ଅତ୍ୟାଧୁନିକ ପ୍ରାଣୀ ଚିକିତ୍ସାଳୟ

**ଆଦିତ୍ୟ ଆଲୁମିନା ରିଫାଇନେରି- ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ବୁଝାମଣାପତ୍ର ସ୍ୱାକ୍ଷର**

ରାୟଗଡ଼ା, ୫।୯(ଆଶିଷ ରଞ୍ଜନ ପଣ୍ଡା)



ଆଦିତ୍ୟ ଆଲୁମିନା ରିଫାଇନେରି– ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର କରାଯାଉଛି।

ଗ୍ରାମାଞ୍ଚଳରେ ପଶୁପାଳନକୁ ନେଇ ଉତ୍ସାହ ବୃଦ୍ଧି ଓ ସ୍ଥାୟୀ ଜୀବିକା ପ୍ରଦାନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ରାୟଗଡ଼ା ଜିଲା କଂସାରିଗୁଡ଼ାଠାରେ ପ୍ରତିଷ୍ଠିତ ଆଦିତ୍ୟ ଆଲୁମିନା ରିଫାଇନେରି ୟୁନିଟ୍। ଏ ନେଇ ଶୁକ୍ରବାର ସେଞ୍ଚୁରିଅନ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ (ସିୟୁଟିଏମ୍) ମଧ୍ୟରେ ଆନୁଷ୍ଠାନିକ ଭାବେ ବୁଝାମଣାପତ୍ର ସ୍ୱାକ୍ଷର ହୋଇଯାଇଛି। ଏହି ବୁଝାମଣାପତ୍ର ଆଦିତ୍ୟ ଆଲୁମିନା ରିଫାଇନେରିର ୟୁନିଟ୍ ହେଡ୍ ଏବଂ ସଭାପତି ମଜହର ବେଗ ଏବଂ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ. ଅନିତା ପାତ୍ରଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଛି। ସ୍ଥାନୀୟ କଂସାରିଗୁଡ଼ାଠାରେ ଏହି ଆଧୁନିକ ପ୍ରାଣୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ହେବ। ଆଦିତ୍ୟ ଆଲୁମିନା ସିଏସ୍‌ଆର୍ କାର୍ଯ୍ୟକ୍ରମ ଅଧୀନରେ ଏହି ଅଭିନବ ପଦକ୍ଷେପ ନିଆଯାଇଥିବା ବେଳେ ସ୍ଥାନୀୟ ଗ୍ରାମାଞ୍ଚଳରେ ଉନ୍ନତ ପ୍ରାଣୀ ସ୍ୱାସ୍ଥ୍ୟସେବା ପାଇଁ ଥିବା ଆବଶ୍ୟକତା ପୂରଣ ନେଇ ଏହାର ଲକ୍ଷ୍ୟ ରହିଛି । ଏହି ଅଭିଯାନ ଅଧୀନରେ ଗାଈ, ଛେଳି, କୁକୁଡ଼ା ଓ ବୁଲା ଜୀବଜନ୍ତୁଙ୍କୁ ଉଚ୍ଚମାନର ଚିକିତ୍ସା ସେବା ଯୋଗାଇ ଦିଆଯିବ । ଏଥିସହ ଉକ୍ତ ସେବାକୁ ଆହୁରି ବ୍ୟାପକରିବା ପାଇଁ ଏକ ସ୍ୱତନ୍ତ୍ର ଆନିମଲ ହେଲ୍‌ଥ ଭ୍ରାମ୍ୟମାଣ ଭ୍ୟାନ୍ ବ୍ୟବସ୍ଥା କରାଯାଇଛି। ଏହା ମୋବାଇଲ ସେବା ସହ କଂସାରିଗୁଡ଼ା ଏବଂ ଲକ୍ଷ୍ମୀପୁର ଅଞ୍ଚଳର ପ୍ରାୟ ୫୦ଟି ଗ୍ରାମରେ ପ୍ରାଣୀ ସ୍ୱାସ୍ଥ୍ୟସେବା ଯୋଗାଇବ ବୋଲି ଆଦିତ୍ୟ ଆଲୁମିନା ରିଫାଇନେରି ୟୁନିଟ୍ ହେଡ୍ ଏବଂ ସଭାପତି ମଜହର ବେଗ୍ କହିଛନ୍ତି। ଚୁକ୍ତି ସ୍ୱାକ୍ଷର ଅବସରରେ ପ୍ରଫେସର ଡ. ମୁକ୍ତିକାନ୍ତ ମିଶ୍ର, ସିୟୁଟିଏମ୍ ସଭାପତି ଅରୁନ୍ଧତୀ ବିଶ୍ୱାଳ, ସିୟୁଟିଏମ୍ ପାର୍ଟନରଶିପ୍ସ ନିର୍ଦ୍ଦେଶକ ଦୀପକ ମହାନ୍ତି, ଆଦିତ୍ୟ ଆଲୁମିନା ରିଫାଇନେରି ମୁଖ୍ୟ ଏଚ୍‌ଆର୍, ମୃତ୍ୟୁଞ୍ଜୟ ଲେଙ୍କା, ଉପସଭାପତି ମାଇନ୍ସ ତନ୍ମୟ ମହାନ୍ତି, ମୁଖ୍ୟ ସିଏସ୍‌ଆର୍ ଏବଂ ଆର୍ ଓ ଆର୍‌ଙ୍କ ସମେତ ଆଦିତ୍ୟ ଆଲୁମିନା ଓ ସିୟୁଟିଏମ୍ ଅନୁଷ୍ଠାନର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# 'ଶିକ୍ଷକତାକୁ ବ୍ରତ ଭାବେ ଗ୍ରହଣକଲେ ଶିକ୍ଷାର ମାନ ବଢ଼ିବ'



ଅତିଥିମାନେ ଶିକ୍ଷକମାନଙ୍କୁ ପୁରସ୍କୃତ କରୁଛନ୍ତି। ଜିଲ୍ଲାସ୍ତରୀୟ ଗୁରୁ ଦିବସ

କୋରାପୁଟ/ନନ୍ଦପୁର,୫।୯ (ଅମିତାଭ ବେହେରା/ତୁଷାରକାନ୍ତ ମହାନ୍ତି)

**୩୭ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର**

କୋରାପୁଟସ୍ଥିତ ସଦ୍‌ଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ଗୁରୁ ଦିବସ ଉତ୍ସବ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ଶୁକ୍ରବାର ପାଳନ କରାଯାଇଛି। ଏଥିରେ କୋରାପୁଟ ବିଧାୟକ ରଘୁରାମ ମାଛ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ୨୧ଜଣ ହାଇସ୍କୁଲ ଶିକ୍ଷକ,୧୩ ପ୍ରାଥମିକ ଶିକ୍ଷକ ଓ ୨ ସିଆରସିସି ମୋଟ ୩୭ ଜଣଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଥିଲା। ଗୁରୁ ଦିବସରେ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ନେଇ ବିଧାୟକ ଓ ଜିଲାପାଳ ଆଲୋଚନା କରିଥିଲେ। ମା'ବାପା ହେଉଛନ୍ତି ଶିଶୁଙ୍କ ପ୍ରଥମ ଗୁରୁ ଓ ଶିକ୍ଷକ ଦ୍ୱିତୀୟ ଗୁରୁ। ଶିକ୍ଷକତାକୁ ବ୍ରତି ଭାବେ ଗ୍ରହଣ କଲେ ଆଗାମୀ ଦିନରେ ଶିକ୍ଷାର ମାନ ଉନ୍ନତ ରହିବ ବୋଲି ବିଧାୟକ ମାଛ କହିଥିଲେ। ସମାରୋହରେ ଜିଲା ଶିକ୍ଷାଧିକାରୀ ପ୍ରଶାନ୍ତ ମହାନ୍ତି, ବହୁ ବିଭାଗୀୟ ଅଧିକାରୀ, ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ନନ୍ଦପୁର ବ୍ଲକ କୁଲାରସିଂ ପଞ୍ଚାୟତର ଆଦର୍ଶ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶ୍ୟାମ ସୁନ୍ଦର ଟାଙ୍ଗିଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ସମ୍ମାନ ପ୍ରଦାନ କରାଯାଇଛି। ସେ ୩୦ ବର୍ଷ ହେବ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷାଦାନ କରୁଛନ୍ତି। ବିଦ୍ୟାଳୟରେ ଶିକ୍ଷା ବିଭାଗର ସମସ୍ତ କାର୍ଯ୍ୟକ୍ରମ ସୁପରିଚାଳନା ପାଇଁ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ସେହିପରି ଅବସରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ଦୈତାରୀ ଦାଶ ଓ ଶିକ୍ଷକ ଗୋପାଳ ବେହେରାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି।

## କୋରାପୁଟରେ ଗୁରୁଦିବସ ପାଳିତ

କୋରାପୁଟ,୫।୯(ଅମିତାଭ ବେହେରା)

କୋରାପୁଟସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁ ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲା ଶିକ୍ଷାଧିକାରୀ ଡ. ପ୍ରଶାନ୍ତ ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଗୁରୁଜୀ ଓ ଗୁରୁମାମାନଙ୍କ ପାଦ ଧୋଇ ଛାତ୍ରୀଛାତ୍ର ପାଛୋଟି ନେଇଥିଲେ। ଗୁରୁ ହେଉଛନ୍ତି ମହାନ, ପଥ ପ୍ରଦର୍ଶକ। ଗୁରୁ ବିନା ଶିଷ୍ୟର ଭବିଷ୍ୟତ ଅନ୍ଧକାର। ଗୁରୁ ଶିଷ୍ୟର ଅତୁଟ ସମ୍ପର୍କର ପରମ୍ପରାକୁ ବଞ୍ଚାଇ ରଖିବାକୁ ଜିଲା ଶିକ୍ଷାଧିକାରୀ ଡ.ପ୍ରଶାନ୍ତ ମହାନ୍ତି ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଚଳିତ ବର୍ଷ ମେଟ୍ରିକ ପରୀକ୍ଷାରେ ବିଦ୍ୟାଳୟର ପ୍ରଥମ ସ୍ଥାନ ହାସଲ କରିଥିବା ଛାତ୍ର ଡ଼ମ୍ବୁ ଗୌଡ଼କୁ ପ୍ରଥମ କରି ଗଙ୍ଗାବାଇ ପଟ୍ଟନାୟକ ସ୍ମାରକୀ ପୁରସ୍କାର ସହ ୧୦ ହଜାର ଟଙ୍କାର ଚେକ୍ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ହିମାଂଶୁ ଦାସଙ୍କ ଅଧ୍ୟକ୍ଷତାରେ ଏଡିଇଓ ଅର୍ପିତା ପ୍ରଧାନ ଉପସ୍ଥିତ ଥିଲେ।

## ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମିସ୍ତ୍ରି ମୃତ

ନନ୍ଦପୁର,୫।୯(ତୁଷାର କାନ୍ତ ମହାନ୍ତି)

କେରାପୁଟ ଜିଲା ନନ୍ଦପୁର ବ୍ଲକ ଥୁବା ପଞ୍ଚାୟତରେ ଏକ ବେସରକାରୀ ଘର ନିର୍ମାଣ ବେଳେ ଚିଲିପୁଟ ଗ୍ରାମର ମିସ୍ତ୍ରୀ ଖଗପତି ବଡନାୟକ(୪୦)ଙ୍କ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଶୁକ୍ରବାର ମୃତ୍ୟୁ ହୋଇଛି। ଏ ନେଇ ତାଙ୍କ ଦାଦା ତ୍ରିନାଥ ବଡନାୟକ ନନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଖଗପତି ଛାତ ନିର୍ମାଣ କାର୍ଯ୍ୟ କରୁଥିବା ବେଳେ ଘର ପାର୍ଶ୍ୱ ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଛାତ ଉପରୁ ତଳକୁ ପଡ଼ିଯାଇଥିଲେ। ତାଙ୍କୁ ସ୍ଥାନୀୟ ଆଶା କିରଣ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ଦାଦାଙ୍କ ଅଭିଯୋଗ କ୍ରମେ ନନ୍ଦପୁର ପୋଲିସ ୧୫/୨୫ରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନାଧିକାରୀ ମମତା ପଣ୍ଡା କହିଛନ୍ତି। ନନ୍ଦପୁର ତହସିଲଦାର ଦେବବ୍ରତ ମହାରଣା ଘଟଣା ନେଇ ଜିଲାପାଳ ଓ ଜିଲା ଶ୍ରମ ଅଧିକାରୀଙ୍କୁ ଅବଗତ କରିଛନ୍ତି। ନିର୍ଦ୍ଦେଶ ମୁତାବକ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି କହିଛନ୍ତି। ଶନିବାର ଆସାକିରଣ ହସ୍ପିଟାଲ୍ ଯାଇ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ।

## ପୁସ୍ତକ ଉନ୍ମୋଚନ, ଗୁରୁ ସମ୍ମାନିତ

ଜୟପୁର,୫।୯(ପବନ ପାଣିଗ୍ରାହୀ)

ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ କୋରାପୁଟ ଦି ଇନ୍‌ଟେକ, କୋରାପୁଟ ଚାପଟେର ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ଗଦାଧର ମହାପାତ୍ରଙ୍କ ଜୀବନୀ ଉପରେ ପୁସ୍ତକ ଶୁକ୍ରବାର ଉନ୍ମୋଚିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଯୋଗଦେଇଥିଲେ। ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର କୁଳସଚିବ ମହେଶ୍ୱର ଚନ୍ଦ୍ର ନାୟକ, ଲେଖକ ପରେଶ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଗଦାଧର ଜଣେ ଶିକ୍ଷକ ହୋଇଥିବାରୁ ଗୁରୁ ଦିବସ ଅବସରରେ ତାଙ୍କ ଜୀବନୀ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଜୟପୁର ରୋଟାରି କ୍ଲବ ଅଫ ପ୍ରାଇଡ ପକ୍ଷରୁ ତାରିଣି ଛକସ୍ଥିତ ବିଜ୍ଞାନ ଇଷ୍ଟର ନ୍ୟାଶନାଲ ସ୍କୁଲ ପରିସରରେ ଗୁରୁ ଦିବସ ପାଳିତ ହୋଇଛି। ଏଥିରେ ସଭାପତି ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସମ୍ପାଦକ ରବିନାରାୟଣ ନନ୍ଦ, ବରିଷ୍ଠ ସଦସ୍ୟ ଜି.ଭି. ରାଓ, ଅବସରପ୍ରାପ୍ତ ଅଧୀକ୍ଷଣ ଯନ୍ତ୍ରୀ କେଦାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ରଘୁ ରଥ, ନୟନ ମହାନ୍ତି, ସୁଧାରଞ୍ଜନ ମିଶ୍ର, ଜଗନ୍ନାଥ ପାତ୍ର, ବି. ଗୋବିନ୍ଦ ରାଓ, ବିବେକା ନନ୍ଦ ମିଶ୍ର ଓ ଶରତ ମହାନ୍ତି ପ୍ରମୁଖ ୭ ପ୍ରଫେସରଙ୍କୁ ସମ୍ମାନିତ କରାଯାଇଥିଲା।



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

## ଅଗ୍ନିବିପନ୍ନ ପରିବାରକୁ ସହାୟତା କଲା ଜିଲା ଉତ୍କଳ ସାମ୍ବାଦିକ ସଂଘ



ଜିଲା ଉତ୍କଳ ସାମ୍ବାଦିକ ସଂଘ କର୍ମକର୍ତ୍ତା ଅଗ୍ନିବିପନ୍ନଙ୍କୁ ସହାୟତା କରୁଛନ୍ତି।

କୋରୁକୋଣ୍ଡା,୫।୯(ଶିବଦତ୍ତ ସାହୁ )

ଅଗ୍ନିକାଣ୍ଡରେ ସର୍ବସ୍ୱ ହରାଇଥିବା ପରିବାରକୁ ସହାୟତାର ହାତ ବଢ଼ାଇଲା ଜିଲା ଉତ୍କଳ ସାମ୍ବାଦିକ ସଂଘ। କୋରୁକୋଣ୍ଡା ବ୍ଲକ ସଦର ମହକୁମାସ୍ଥିତ ଦୋରାଗୁଡାରେ ଗତ ୧ ତାରିଖରେ ସଟଶର୍କିଟ ଯୋଗୁ ସୁବାଷ ଗୌଡ଼ଙ୍କ ଘରେ ଅଗ୍ନିକାଣ୍ଡ ଘଟି ଆସବାବପତ୍ର, ଲୁଗାପଟା, ଚାଉଳ ଏବଂ ରାସନ ସାମଗ୍ରୀ ପୋଡି ନଷ୍ଟ ହୋଇଯାଇଥିଲା। ଘରେ ବୃଦ୍ଧାବୃଦ୍ଧ ଦୁହେଁ ରହୁଥିବା ବେଳେ ସୌଭାଗ୍ୟବଶତଃ ଉଭୟଙ୍କ ଜୀବନ ବଞ୍ଚିଯାଇଥିଲା। ଏହି ଖବର କୋରୁକୋଣ୍ଡା ବ୍ଲକ ଉତ୍କଳ ସାମ୍ବାଦିକ ସଂଘ ସଭାପତି ପ୍ରଦୀପ କୁମାର ମହାରଣା ପାଇବା ପରେ ତୁରନ୍ତ ଉଭୟ ବୃଦ୍ଧାବୃଦ୍ଧଙ୍କ ନିକଟରେ ପହଞ୍ଚି ସାହାଯ୍ୟର ହାତ ବଢ଼ାଇଥିଲେ। ଜିଲା ଉତ୍କଳ ସାମ୍ବାଦିକ ସଂଘ ସଭାପତି ଅଶୋକ ମିଶ୍ର, ସମ୍ପାଦକ ବି ଶ୍ରୀନିବାସ ପାତ୍ର, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ମଲ, ସହ ସମ୍ପାଦକ ଶିବଦତ୍ତ ସାହୁ, ବ୍ଲକ ସମ୍ପାଦକ ଏ ଦେବାଶିଷ ପାତ୍ର, କୋଷାଧ୍ୟକ୍ଷ ଅବିନାସ ବେହେରା, ସୁଧାଂଶୁ ଶେଖର ମହାନ୍ତି, ଦିପଙ୍କର କୀର୍ତ୍ତନିଆ, ସୁରେନ୍ଦ୍ର ହାଲବା ଶୁକ୍ରବାର ଅସହାୟ ପରିବାରକୁ ଭେଟି ଚାଉଳ ଏବଂ ରାସନ ସାମଗ୍ରୀ ସହ ବସ୍ତ୍ର ପ୍ରଦାନ କରିଛନ୍ତି। ଉତ୍କଳ ସାମ୍ବାଦିକ ସଂଘର ଏପରି ପ୍ରୟାସକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

## ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗୁରୁଦିବସ ପାଳିତ



କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ ରୁପୁ ଭତ୍ରା ଓ ଅନ୍ୟମାନେ।

କୁନ୍ଦୁରା,୫।୯(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଶିକ୍ଷକ ଭବନରେ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବ୍ଲକସ୍ତରୀୟ ଗୁରୁ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ସଭାପତି ତ୍ରିନାଥ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବିଧାୟକ ରୁପୁ ଭତ୍ରା, ମୁଖ୍ୟ ବକ୍ତା ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ ଯୋଗଦେଇଥିଲେ। ଗୁରୁ ସର୍ବଦା ପୂଜ୍ୟ, ତାଙ୍କ ସ୍ଥାନ ଅନ୍ୟ କେହି ନେଇ ପାରିବେ ନାହିଁ ବୋଲି ଅତିଥି କହିଥିଲେ। ପାଣି ଅଭାବରୁ ଶିକ୍ଷକ ଭବନ ସମ୍ପୂର୍ଣ୍ଣ ହୋଇ ପାରୁ ନ ଥିବା କୁହାଯାଇଛି। ଶିକ୍ଷକ ଭବନ ପାଇଁ ପାଣି ଯୋଗାଇ ଦେବାକୁ ସଂଘ ପକ୍ଷରୁ ବିଧାୟକଙ୍କୁ ଅନୁରୋଧ କରାଯାଇଥିଲା। ଶିକ୍ଷକ ଭବନ ନିର୍ମାଣ ପାଇଁ ପାଣି ଯୋଗାଇ ଦେବାକୁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ସଂଯୋଜକ ରାମେଶ୍ୱର ଜେନା, ବିଧାୟକ ପ୍ରତିନିଧି ବିନାୟକ ଆଚାର୍ଯ୍ୟ,ଗୋଷ୍ଠୀ ଶିକ୍ଷାଧିକାରୀ ରଘୁନାଥ ପାଙ୍ଗୀ, ବ୍ଲକ ଉପାଧ୍ୟକ୍ଷ ତରୁଣୀ ସେନ ବିଶୋୟୀ,ଏବିଇଓ ପପେୟା ବେହେରା, କୁନ୍ଦୁରା ସରପଞ୍ଚ ଲବ ପରଜା, ସମିତିସଭ୍ୟ ଦାମୋଦର ଗଣ୍ଡା, ସଂଘ ସମ୍ପାଦକ କେ. କ୍ରିଷ୍ଣା ମୋହନ ରାଓ ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ଅବସରପ୍ରାପ୍ତ ଶିକ୍ଷକ ନିମାଇଁ ଚରଣ ବେହେରା, ହରିଶ୍ଚନ୍ଦ୍ର ହୋତା, ନକୁଳ ଚନ୍ଦ୍ର ପ୍ରଧାନ ଓ ଶିକ୍ଷୟିତ୍ରୀ ସୁଲଭ ସୁବାସିନି ମଣିପାତ୍ରଙ୍କୁ ସଂଘ ପକ୍ଷରୁ ସମ୍ମାନ ପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ବିଧାୟକ ପ୍ରତିନିଧି ବଦ୍ରି ନାରାୟଣ ଆଚାର୍ଯ୍ୟ, ପୂର୍ବରୁ ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକ, ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ହୃଦୟ ରଞ୍ଜନ ପଣ୍ଡା ଓ ବୃନ୍ଦାବନ ପାତ୍ର ପ୍ରମୁଖ ଯୋଗଦେଇଥିଲେ।

## ୨ ଛାତ୍ରୀ ନିଖୋଜ, ଥାନାରେ ଏତଲା

ଜୟପୁର,୫।୯(ପବନ ପାଣିଗ୍ରାହୀ)

ଜୟପୁର ସହରର ଏକ ବେସରକାରୀ ବିଦ୍ୟାଳୟର ୨ ଛାତ୍ରୀ ବିଦ୍ୟାଳୟ ନିକଟରୁ ନିଖୋଜ ହୋଇଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ଟାଉନ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଗୁରୁବାର କୁମୁଲିପୁଟ ଓ ଜୟପୁର ଅଞ୍ଚଳର ୨ ଛାତ୍ରୀ ବିଦ୍ୟାଳୟ ନିକଟରେ ଠିଆ ହୋଇଥିବା ବେଳେ ଏକ କାରରେ ଜଣେ ଯୁବକ ଆସି ଉଭୟଙ୍କୁ ଗାଡ଼ିରେ ବସାଇ ନେଇଯାଇଥିଲେ। ସମିରଙ୍କ ଘର ହରଡାପୁଟ ଅଞ୍ଚଳରେ ଥିବା ପୋଲିସ ପ୍ରକାଶ କରିଛି। ଉଭୟଙ୍କୁ କୋଲାବ ନେବା ପରେ ସେମାନଙ୍କୁ ଜୟପୁର ବାହାରକୁ ନେଇଯାଇଥିବା ସୂଚନା ମିଳିଛି। ଘଟଣା ସମ୍ପର୍କରେ ଅପହରଣକାରୀଙ୍କ ବାପା ଓ ଭଉଣୀ ସହଯୋଗ କରୁଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସର ତଦନ୍ତ ପରେ ଶୁକ୍ରବାର ସକାଳୁ ଜୟପୁର ଅଞ୍ଚଳର ଛାତ୍ରୀଙ୍କୁ ହରଡାପୁଟ୍ ଛକ ନାୟାରା ପେଟ୍ରୋଲ ପମ୍ପ ନିକଟରେ ଛାଡି ଚାଲିଯାଇଥିଲେ। ପରିବାର ଲୋକେ ତାଙ୍କୁ ଆଣି ପୋଲିସ ନିକଟରେ ଜିମା ଦେଇଥିଲେ। ଛାତ୍ରୀଙ୍କୁ ପଚରାଉଚୁରା କରିବା ପରେ ଅନ୍ୟ ଛାତ୍ରୀ ଓ ଜଣେ ଯୁବକ ଭବାନୀପାଟଣା ଅଞ୍ଚଳର ଏକ ହୋଟେଲରେ ଥିବା ଜଣାପଡ଼ିଛି। ଛାତ୍ରୀଙ୍କ ବାପା ଅଭିଯୋଗ କରିବା ସତ୍ତ୍ୱେ ଟାଉନ ପୋଲିସ ଏତଲା ନ ରଖିବାରୁ ଏସଡିପିଓଙ୍କ ଦ୍ୱାରସ୍ଥ ହୋଇଥିଲେ। ଏସଡିପିଓ ଟାଉନଥାନା ଅଧିକାରୀଙ୍କୁ କହିବା ପରେ ମାମଲା ରୁଜୁ ହୋଇଥିଲା।

## ମହମ୍ମଦଙ୍କ ଜୟନ୍ତୀ ପାଳିତ



ଥୁବା ମସଜିଦ ଓ ପାତ୍ରପଣ୍ଡିରେ ଶୋଭାଯାତ୍ରା କରାଯାଉଛି।

ନନ୍ଦପୁର, ୫।୯(ତୁଷାର କାନ୍ତ ମହାନ୍ତି)

ନନ୍ଦପୁର ବ୍ଲକର ଥୁବା, ପାତ୍ରପଣ୍ଡି, ଜୋଲାପୁଟ ଅଞ୍ଚଳରେ ମୁସଲିମ ସମ୍ପ୍ରଦାୟ ପକ୍ଷରୁ ମହମ୍ମଦଙ୍କ ଜୟନ୍ତୀ ତଥା ଇଦ୍ ମିଲାଦ ଉନ ନବୀ ଶୁକ୍ରବାର ପାଳିତ ହୋଇଯାଇଛି। ରାତି ଉଜାଗର ରହି ପାହାନ୍ତିଆରେ ମସଜିଦରେ ନମାଜ ପାଠ କରାଯାଇଥିଲା। ଥୁବା ଓ ପାତ୍ରପଣ୍ଡି ମସଜିଦ୍ ନିକଟରୁ ଜୁଲୁସରେ ବାହାରି ମହମ୍ମଦଙ୍କ ସ୍ମୃତିଚାରଣ କରିଥିଲେ। ଗରିବଙ୍କୁ ଖୈରାତି(ଦାନ) ବାଣ୍ଟି ମହମ୍ମଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଥୁବା ପଞ୍ଚାୟତ ସଦର ମହକୁମାରେ ଅଞ୍ଜୁମନ ମୁସଲିମ କମିଟି ସଭାପତି ଶେଖ୍ ହୁସେନ, ଶେଖ୍ ନୂର୍, ଶେଖ୍ ରାଜ୍ଜୁ, ଶେଖ୍ ଗଫୁର୍, ଶେଖ୍ ମହିଦିନ, ୱାଜିଦ୍ ଖାନ, ଶେଖ୍ ୱର୍ଜି, ଶେଖ୍ ମହମ୍ମଦ ଶେଖ୍ ସଫି ରହିମ ଖାନ ପ୍ରମୁଖ ଶୋଭାଯାତ୍ରା ପରିଚାଳନା କରିଥିଲେ। ପାତ୍ରପଣ୍ଡିରେ ଶେଖ୍ ଉସମାନ୍, ଶେଖ୍ ଇସାକ୍, ଅନୱର୍ ଖାନ, ଅବଦୁଲ ଖାନ ପ୍ରମୁଖ ଶୋଭାଯାତ୍ରା ଓ ନମାଜ ପାଠ ପରିଚାଳନା କରିଥିଲେ। ନନ୍ଦପୁର ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

## ସଙ୍ଗଠନ ସୃଜନ ଅଭିଯାନ ମାଧ୍ୟମରେ ଜିଲା ସଭାପତି ଚୟନ

ଜୟପୁର, ୫।୯(ପବନ ପାଣିଗ୍ରାହୀ)

ଜୟପୁର ବାବା ସାହେବ କଲ୍ୟାଣ ମଣ୍ଡପଠାରେ କଂଗ୍ରେସର ସଙ୍ଗଠନ ସୃଜନ ଅଭିଯାନ ଆରମ୍ଭ ହୋଇଛି। ଏକ କର୍ମୀ ସମ୍ମିଳନୀରେ ଏଆଇସିସି ପକ୍ଷରୁ ନିଯୁକ୍ତ ରାଜ୍ୟ ପ୍ରଭାରୀ ଅଜୟ କୁମାମ ଲଲ୍ଲୁ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ ଓ ଜିଲା ସଭାପତି ଶଶିଭୂଷଣ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। କର୍ମୀମାନଙ୍କୁ ଶୃଙ୍ଖଳିତ ରହିବା ସହ ଦଳକୁ ଆଗାମୀ ଦିନରେ ବିଭିନ୍ନ ନିର୍ବାଚନରେ ସଫଳତା ମିଳିବା ନେଇ ତୃଣମୂଳ ସ୍ତରରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ରାଜ୍ୟର ୩୫ କଂଗ୍ରେସ ସାଙ୍ଗଠନିକ ଜିଲା ପାଇଁ ସଭାପତି ଚୟନ ପ୍ରକ୍ରିୟା କରାଯିବ ବୋଲି ସୂଚନା ଦିଆଯାଇଛି। ଗଣତାନ୍ତ୍ରିକ ପଦ୍ଧତିରେ ରାଜ୍ୟବ୍ୟାପୀ ଅଗଣିତ ସକ୍ରିୟ କଂଗ୍ରେସ କର୍ମୀଙ୍କ ମାଧ୍ୟମରେ ସଭାପତି ଚୟନ ହେବ। ଏହି ଅବସରରେ ଜୟପୁର ଓ କୋଟପାଡ଼ ବିଧାନସଭା ଅଧୀନ ଜୟପୁର, କୋଟପାଡ଼,ବୋରିଗୁମ୍ମା, ବୈପାରୀଗୁଡ଼ା ବ୍ଲକ ଏବଂ ୨ ପୌରାଞ୍ଚଳର ସକ୍ରୀୟ କର୍ମୀମାନଙ୍କଠାରୁ ଚୟନ ପ୍ରକ୍ରିୟାରେ ମତାମତ ଗ୍ରହଣ କରାଯାଇଛି। ଏଆଇସିସି ପକ୍ଷରୁ ନିଯୁକ୍ତ ଜିଲା ପ୍ରଭାରୀ ଭାରକ ଭୂଷଣ ବିମଲ ଏବଂ ପ୍ରଦ୍ୟୁମ୍ନ ଦାସ ପ୍ରମୁଖ ଏକ କୋଠରୀକୁ ବ୍ୟକ୍ତିଗତ ଭାବେ ଡାକି ମତାମତ ଗ୍ରହଣ କରିଥିଲେ। ଦଳୀୟ ଜିଲା ପରିଷଦ ସଦସ୍ୟ, ବ୍ଲକ ଅଧ୍ୟକ୍ଷ, ପୌରସଂସ୍ଥା, ଏନଏସି ଅଧ୍ୟକ୍ଷ, ବ୍ଲକ, ପୌରାଞ୍ଚଳର, ଯୁବ, ଛାତ୍ର ଓ ମହିଳା କଂଗ୍ରେସର କର୍ମକର୍ତ୍ତା ସମେତ ସକ୍ରିୟ କର୍ମୀମାନେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ କଂଗ୍ରେସର ନେତା ଓ କର୍ମୀମାନେ।

## ଧର୍ମପରାୟଣ ବ୍ୟକ୍ତିଙ୍କ ଦେହାନ୍ତ

ବୋରିଗୁମ୍ମା,୫।୯(ବିଜୟ ସାହୁ)

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ସଦରର ଜଣେ ଧର୍ମପରାୟଣ ବ୍ୟକ୍ତି ଦୟାନିଧି ମହାନ୍ତିଙ୍କ ଦେହାନ୍ତ ହୋଇଛି। ସେ ଅସୁସ୍ଥ ଥିବା ବେଳେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତଦେହ ଭୁବନେଶ୍ୱରରୁ ବୋରିଗୁମ୍ମା ମୁଖ୍ୟ ରାସ୍ତାସ୍ଥିତ ତାଙ୍କ ବାସଭବନକୁ ଅଣାଯାଇଥିଲା। ରଥଯାତ୍ରାରେ ସେ ସ୍ଥାନୀୟ ରାଜା ଭାବେ ଛେରା ପହଁରା କରୁଥିଲେ। ବୋରିଗୁମ୍ମାସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠାତା ଥିଲେ। ଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ନୀରବ ପ୍ରାର୍ଥନା କରାଯାଇଥିଲା।

## ଦାଦନ ପାଇଁ ଆନ୍ଧ୍ର ମୁହାଁ ହେଉଛନ୍ତି ଯୁବତୀ ଯୁବକ

ପଟ୍ଟାଙ୍ଗି,୫।୯(ଶରତ କୁମାର ଧଳ)

**ଉଚ୍ଚଶିକ୍ଷା ନେଇ କଲେଜରେ ପାଉନାହାନ୍ତି ସିଟ୍**

ସ୍କୁଲ ପରେ ଉଚ୍ଚଶିକ୍ଷା ପାଇଁ ଇଚ୍ଛା ଥିଲେ ବି କଲେଜରେ ସିଟ୍ ନ ମିଳିବାରୁ ଯୁବତୀ ଯୁବକ ଆନ୍ଧ୍ରପ୍ରଦେଶକୁ ଦାଦନ ଖଟିବାକୁ ଯାଉଛନ୍ତି। କୋରାପୁଟ ଜିଲା ଉପାନ୍ତ ପଟ୍ଟାଙ୍ଗି ବ୍ଲକ୍ ସଦର ପଞ୍ଚାୟତ ଅଧୀନ ପୋଡ଼ାପଦର ଗ୍ରାମର ୧୦ରୁ ୧୨ ଯୁବତୀ ଓ ଯୁବକ ପଡ଼ୋଶୀ ଆନ୍ଧ୍ରରୁ ଆସିଥିବା ୨ ଅଟୋରେ ରାମ୍ପଚନ୍ଦ୍ରପୁରମ୍ ଅଞ୍ଚଳ ଅଭିମୁଖେ ବାହାରି ଯାଉଥିବା ସୁଙ୍କି ଘାଟିରେ ଶୁକ୍ରବାର ଦେଖିବାକୁ ମିଳିଥିଲା। ୨ ଅଟୋକୁ ଅଟକାଇ ଯୁବତୀଯୁବକମାନଙ୍କୁ ପଚାରିବାରୁ ଗାଁରେ ହେଉଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ଠାରୁ ଆରମ୍ଭକରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଶ୍ରମିକ ଭାବେ କାମ କଲେ ଦିନକୁ ୨୫୦ ଟଙ୍କା ମଜୁରି ମିଳୁଛି। ତାହା ଠିକ୍ ସମୟରେ ମିଳୁ ନ ଥିବାରୁ ଆନ୍ଧ୍ରକୁ ଦାଦନ ଶ୍ରମିକ ଭାବେ କାମ କରିବାକୁ ଯାଉଥିବା ଓ ଦିନକୁ ସେମାନଙ୍କୁ ୩୫୦ ଟଙ୍କା ମିଳୁଥିବା କହିଛନ୍ତି। ଠିକ୍ ସମୟରେ ମଧ୍ୟ ପାରିଶ୍ରମିକ ମିଳୁଥିବା କହିଛନ୍ତି। ସେମାନଙ୍କ ମଧ୍ୟରେ ଥିବା ଜଣେ ଯୁବତୀ ଦଶମ ଶ୍ରେଣୀରେ ୨୪୮ ମାର୍କ ରଖି ପାସ୍ କରିଥିବାରୁ ତାଙ୍କୁ କୌଣସି କଲେଜରେ ସ୍ଥାନ ମିଳି ନ ଥିବା ଓ ଇଚ୍ଛା ଥିବା ସତ୍ତ୍ୱେ ସିଟ୍ ନ ମିଳିବାରୁ ବାଧ୍ୟ ହୋଇ ଦାଦନ ପାଇଁ ଅନ୍ୟ ରାଜ୍ୟକୁ କାମ କରିବାକୁ ଯାଉଥିବା କହିଛନ୍ତି। ରୋଜଗାର କରି କିଛି ଅର୍ଥ ଆଣିଲେ ତାଙ୍କ ମା'ବାପାଙ୍କୁ ଘର ଚଳାଇବାରେ ସହାୟକ ହେବ ବୋଲି ପ୍ରକାଶ କରିଥିଲେ। ବ୍ଲକ୍ ଓ ପଞ୍ଚାୟତ କାର୍ଯ୍ୟାଳୟଗୁଡ଼ିକର ସହଯୋଗରେ ପ୍ରତି ଗ୍ରାମରେ ଏମ୍‌ଜିଏନ୍‌ଆରଇଜିଏସ୍‌ଠାରୁ ଆରମ୍ଭକରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଲୋକଙ୍କୁ ନିଯୁକ୍ତକରି ରୋଜଗାରକ୍ଷମ କରିବାକୁ ଚେଷ୍ଟା କରୁଥିବା ସରକାର ଦାବି କରୁଥିବା ବେଳେ ଦାଦନ ଶ୍ରମିକ ସଂଖ୍ୟା ବଢୁଥିବା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଫଳରେ ଲୋକେ ସରକାରଙ୍କ ବ୍ୟବସ୍ଥା ଉପରୁ ଆସ୍ଥା ହରାଉଛନ୍ତି।



ଆନ୍ଧ୍ରକୁ ଯାଉଥିବା ଯୁବତୀମାନେ।

## ଡିପି ଏକାଡେମୀର ୨୫ ଖେଳାଳି ଚାମ୍ପିୟନ

ଜୟପୁର,୫।୯(ପବନ ପାଣିଗ୍ରାହୀ)

ଜୟପୁର ବ୍ୟାଙ୍କ କଲୋନୀସ୍ଥିତ ଡିପି ଏକାଡେମୀର ୨୫ଖେଳାଳି ଜିଲାସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଛନ୍ତି। ସେମାନଙ୍କୁ ଏକାଡେମୀ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଅଗଷ୍ଟ ୨୯ରୁ କୋରାପୁଟ ଇଣ୍ଡୋରରେ ଚାଲିଥିବା ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ୧୫୪ ଖେଳାଳୀ ଅଂଶ ଗ୍ରହଣ କରିଥିଲେ। ସେଥିରୁ ଡିପିଏକାଡେମୀର ଖେଳାଳି କୃତକାର୍ଯ୍ୟ ହୋଇଥିଲେ। ସଭାରେ ଓଏସବିଏ ଯୁଗ୍ମ ସମ୍ପାଦକ ଶୈଳେନ୍ଦ୍ର ଚୌଧୁରୀ, କ୍ରୀଡା ସଂଘ ସମ୍ପାଦକ ରବି ନାୟକ, ଚାମ୍ବର ଅଫ କମର୍ସ ସଭାପତି ଭି. ପ୍ରଭାକର, ବିସିସିଆଇ ଅମ୍ପାୟାର ଅସିତ ପଟ୍ଟନାୟକ,ଗଣେଶ ବେହେରା, ସନ୍ତୋଷ ବେବର୍ତ୍ତା ପ୍ରମୁଖ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ଡିପି ଏକାଡେମୀ ସଦସ୍ୟ ଗୌରୀ ପ୍ରସାଦ ପଟ୍ଟନାୟକ ପରିଚାଳନା କରିଥିଲେ। ସମସ୍ତ ବିଜେତାମାନେ କୋରାପୁଟରେ କୋରାପୁଟ ବିଧାୟକ ରଘୁରାମ ମାଛଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ।

## ଆର୍ଥିକ ବୋଝ ଯୋଗୁ ଛାତ୍ରୀଛାତ୍ର ଅଧାରୁ ଛାଡୁଛନ୍ତି ପାଠ

ସୁନାବେଡା,୫।୯(କୃତ୍ତିବାସ ପ୍ରଧାନ)

**ଜିଲାରେ ବଢୁଛି ଡ୍ରପ୍ ଆଉଟ୍ ସଂଖ୍ୟା**

ଛାତ୍ରଛାତ୍ରୀଙ୍କ ଶିକ୍ଷା ଲାଭ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନା କରୁଛନ୍ତି। ପିଲାମାନେ ନ୍ୟୁନତମ ଶିକ୍ଷା ଗ୍ରହଣ କରିପାରିବା ଏହାର ମୂଳ ଲକ୍ଷ୍ୟ। କିନ୍ତୁ ସେମିଳିଗୁଡ଼ାରୁ ପ୍ରତିବର୍ଷ ଶହେରୁ ଉର୍ଦ୍ଧ୍ୱ ପିଲା ଅଧାରୁ ପାଠ ଛାଡୁଥିବା ଏକ ସର୍ଭେରୁ ଜଣାପଡ଼ିଛି। ସେମିଳିଗୁଡ଼ା ବ୍ଲକ ଶିକ୍ଷା ବିଭାଗ ଅଧୀନ ୧୭ ପଞ୍ଚାୟତ ବ୍ୟତୀତ ସୁନାବେଡା ପୌର ପରିଷଦ ଅଞ୍ଚଳ ଓ ପଦ୍ମପୁର ପଞ୍ଚାୟତର ମୋଟ ୪୯୦ ଛାତ୍ରୀଛାତ୍ର ଅଧାରୁ ପାଠ ଛାଡିଥିବା ସୂଚନା ରହିଛି। ଏଥିରେ ୭ରୁ ୧୮ ବର୍ଷୀୟ ଛାତ୍ରୀଛାତ୍ର ରହିଛନ୍ତି। ଦିନକୁ ଦିନ ଏହି ସଂଖ୍ୟା ବୃଦ୍ଧିପାଉଛି। ଜିଲାରେ ବସବାସ କରୁଥିବା ଲୋକଙ୍କ ଆର୍ଥିକ ସ୍ଥିତି, ଶିକ୍ଷାନୁଷ୍ଠାନ ଗୁଡ଼ିକର ଭିତ୍ତିଭୂମି ଓ ଦୂରତା ଯୋଗୁ ଛାତ୍ରୀଛାତ୍ର ଅଧାରୁ ପାଠ ଛାଡୁଥିବା ବୁଦ୍ଧିଜୀବି କହିଛନ୍ତି। ଶିକ୍ଷା ବିଭାଗ, ପଞ୍ଚାୟତ, ବ୍ଲକ ଓ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି କରିଛନ୍ତି।

ତଥ୍ୟ ମୁତାବକ, ବ୍ଲକ ଅଧୀନ ୧୭ ପଞ୍ଚାୟତରେ ଶିକ୍ଷା ବିଭାଗ ପକ୍ଷରୁ କରାଯାଇଥିବା ସର୍ଭେରେ ପାକଝୋଲା ପଞ୍ଚାୟତ ୯, ଚାରାଙ୍ଗୁଲରେ ୪୧, ଦୁଧାରୀରେ ୬, ଉପର କାଣ୍ଡି ୬, ହାଟଗୁଡ଼ା ୪୯, ରେଙ୍ଗା ୩୬, ପରଜା ମୁଠାଇ ୨୪, ସାଡାମ ୪୧, ରାଜ ପାଲମା ୨୮, ରାଜପୁଟ ୧୬, ଖୁଡ଼ି ୩୮, ସୋରିଷ ପଦର ୨୦, କୁନ୍ଦୁଲି ୨୯, ଗୁଣ୍ଡାପୁଟ ୯, ପିତାଗୁଡ଼ା ୨, ଦଳେଇଗୁଡ଼ା ୬୩, ସୁବାଇ ୫, ମାଲିଡୋଲିଆମ୍ବା ୧, ସୁନାବେଡା ପୌରାଞ୍ଚଳ ୫୨ ଓ ପଦ୍ମପୁର ୧୫ ଛାତ୍ରୀଛାତ୍ର ଅଧାରୁ ପାଠ ଛାଡ଼ିଥିବା ଜଣାପଡିଛି। ଜିଲାର ୧୪ ବ୍ଲକରେ ମୋଟ ୧୯୫୭୮ ଛାତ୍ରଛାତ୍ରୀ ଅଧାରୁ ପାଠ ଛାଡ଼ିଥିବା ଜଣାପଡିଛି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଶିକ୍ଷା ବିଭାଗର ଶିକ୍ଷା ଅଭିଯାନର ଦୁର୍ବଳତାକୁ ପଦାରେ ପକାଇଛି। ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ମୁହାଁ କରିବାକୁ ପ୍ରଣୀତ ବିଭିନ୍ନ ଯୋଜନା, ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ସଚେତନ କାର୍ଯ୍ୟକ୍ରମ ବିଫଳ ବୋଲି ଶିକ୍ଷାବିତ୍ ମତ ପ୍ରକାଶ କରିଛନ୍ତି। ପରିବାରର ଆର୍ଥିକ ବୋଝ ଅନେକ ଛାତ୍ରୀଛାତ୍ରଙ୍କୁ ଅଧାରୁ ପାଠ ଛାଡ଼ିବାକୁ ବାଧ୍ୟ କରୁଛି। ଫଳରେ ଜିଲାରେ ଶିଶୁ ଶ୍ରମିକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏ ସମ୍ପର୍କରେ ସେମିଳିଗୁଡ଼ା ବ୍ଲକ ଶିକ୍ଷାଧିକାରୀ ଭବାନୀ ନନ୍ଦନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସର୍ଭେ ରିପୋର୍ଟ ଆଧାରରେ ବର୍ତ୍ତମାନ ବ୍ଲକ୍‌ରେ ନିଯୁକ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଘର ଘର ବୁଲି ଶିକ୍ଷାର୍ଥୀ ଓ ଅବିଭାବକଙ୍କୁ ସଚେତନ କରୁଥିବା କହିଛନ୍ତି। ଆରଟିଇ ତଥ୍ୟ କହୁଛି ୬ ରୁ ୧୪ ବର୍ଷର ପିଲାଙ୍କୁ ବୟସ ଅନୁପାତରେ ପୁନଃ ଏଲିମେଣ୍ଟାରି ବିଦ୍ୟାଳୟରେ ୧୮୫ ପଢ଼ାଇବା ବ୍ୟବସ୍ଥା କରାଯାଉଛି। ୧୫ରୁ ଉର୍ଦ୍ଧ୍ୱ ବର୍ଷୀୟ ପିଲାଙ୍କୁ ଏସ୍‌ଆଇଓଏସ୍‌ରେ ନାମଲେଖା ବ୍ୟବସ୍ଥା ମଧ୍ୟ କରାଯାଉଥିବା ବ୍ଲକ ଶିକ୍ଷାଧିକାରୀ ସୂଚନା ଦେଇଛନ୍ତି। ସିଡବ୍ଲୁସି ସଦସ୍ୟା ନମିତା ମହାନ୍ତି କହିଛନ୍ତି ଏଭଳି କରୁଥିବା ପିଲାଙ୍କ ସମ୍ପର୍କରେ ଖବର ପାଇବା ପରେ ବିଭାଗ ପକ୍ଷରୁ ସେମାନଙ୍କୁ ବୁଝାଶୁଝା କରାଯାଉଛି। ଏଥିସହ ଆର୍ଥିକ ଅନଗ୍ରସର କ୍ଷେତ୍ରରେ ସରକାରୀ ସହାୟତା ଯୋଗାଇ ଦିଆଯାଉଛି ବୋଲି କହିଛନ୍ତି।

# ରାଷ୍ଟ୍ର ଗଠନରେ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

## ଜିଲାସ୍ତରୀୟ ଗୁରୁଦିବସ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ

ମାଲକାନଗିରି,୫।୯
(ଦୁର୍ଯ୍ୟୋଧନ ପାତ୍ର)


ଜିଲାସ୍ତରୀୟ ଗୁରୁଦିବସ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ମାଲକାନଗିରି ଜିଲା ସଦର ମହକୁମା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଶୁକ୍ରବାର ଜିଲାସ୍ତରୀୟ ଗୁରୁଦିବସ ପାଳନ ସହ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲାସ୍ତରରେ ଚୟନ ହୋଇଥିବା ଶ୍ରେଷ୍ଠ ଶିକ୍ଷକ ଏବଂ ଜିଲା ଶିକ୍ଷା ପ୍ରଶାସନ ତରଫରୁ ଅବସରପ୍ରାପ୍ତ ୫ଜଣ ଶ୍ରେଷ୍ଠ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମଞ୍ଜୁଲତା ଭୋଇଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ସଭାପତି ରୂପେ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ, ବରେଣ୍ୟ ଅତିଥି ରୂପେ ମାଲକାନଗିରି ବିଧାୟକ ନରସିଂହ ମାଡକାମି, ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ, ଏମ୍‌ପି ପ୍ରତିନିଧି ସଞ୍ଜୟ ସରକାର, ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ଗୋବିନ୍ଦ ପାତ୍ର, ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ଅଧ୍ୟକ୍ଷା ମମତା ଝୋଡିଆ ପ୍ରମୁଖ ମଞ୍ଚାସୀନ ରହିଥିଲେ। ଅତିଥିମାନେ କୃତୀ ଶିକ୍ଷକଙ୍କୁ ଉତ୍ତରୀୟ ଓ ପ୍ରମାଣ ପତ୍ର ସହ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ରାଷ୍ଟ୍ର ଗଠନରେ ଗୁରୁଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଉପସ୍ଥିତ ଅତିଥିମାନେ ଅଭିଭାଷଣରେ କହିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଗଣଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ପଞ୍ଚସଖା ଶିକ୍ଷା ସେତୁ ସଂଗଠନ ଦ୍ୱାରା ଚୟନ ହୋଇଥିବା ଶିକ୍ଷାବର୍ଗରୁ ୭ଜଣ, ମାଧ୍ୟମିକ ଶିକ୍ଷା ବର୍ଗରୁ ୫ଜଣ, ଜଣେ ଆଞ୍ଚଳିକ ସାଧନକର୍ମୀ ସଂଯୋଜକଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ଶିକ୍ଷା ପ୍ରଶାସନ ତରଫରୁ ୫ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ଦେବରାଜ ସେଠୀ ସଂଯୋଜନା କରିଥିବାବେଳେ ଜଗଦୀଶ ସେଠୀ ସହଯୋଗ କରିଥିଲେ ।

## ରାଜେଶ ମେହେରଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର


ରାଜେଶ କୁମାର ମେହେରଙ୍କୁ ପୁରସ୍କୃତ କରାଯାଉଛି।

ମାଲକାନଗିରି,୫।୯
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସଦର ବ୍ଲକ କୃଷ୍ଣବାଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ରାଜେଶ କୁମାର ମେହେର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି। ପଞ୍ଚସଖା ଶିକ୍ଷା ସେତୁ ସଂଗଠନ ପରାମର୍ଶକ୍ରମେ ଓଡ଼ିଶାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ତାଙ୍କୁ ଜିଲାସ୍ତରୀୟ ଗୁରୁଦିବସ ଅବସରରେ ମାଲକାନଗିରିସ୍ଥିତ ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନଙ୍କ ଦ୍ୱାରା ଏହି ପୁରସ୍କାର ପ୍ରଦାନ କରାଯାଇଛି। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଓ ବିଦ୍ୟାଳୟ ପରିଚାଳନା କମିଟି ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. STCVSKP-RGDA NewDiv-OT115, ତା.30.08.2025ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥରେ ରାୟଗଡ଼ା ମଣ୍ଡଳର ଅସ୍ଥାୟୀ ନିୟନ୍ତ୍ରଣ (Control) କାର୍ଯ୍ୟାଳୟ, ରାୟଗଡ଼ା ମଣ୍ଡଳର ଅସ୍ଥାୟୀ ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟ ସହିତ ନୂତନ ରାୟଗଡ଼ା ମଣ୍ଡଳ ମୁଖ୍ୟାଳୟର ସଂସ୍ଥାପନ ସମ୍ବନ୍ଧୀୟ ଦୂରସଂଚାର କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 9,26,77,199.88, EMD : ₹ 6,13,400/-, କାର୍ଯ୍ୟ ଶେଷ ହେବା ଅବଧି : 18 (ଅଠର) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.22.09.2025ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଟେଣ୍ଡର ନଥିପତ୍ର ଭଲ୍ୟୁମ 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ଉପ ମୁଖ୍ୟ ସଙ୍କେତ ଏବଂ ଦୂରସଂଚାର ଯନ୍ତ୍ରୀ, (ନିର୍ମାଣ)/କୋରାପୁଟ
PR-98/CI/25-26


## ବସନ୍ତ, ତରୁଣଙ୍କୁ ଜାତୀୟ ଶିକ୍ଷକ ପୁରସ୍କାର

ମାଲକାନଗିରି/ କୋରାପୁଟ,୫।୯
(ଦୁର୍ଯ୍ୟୋଧନ ପାତ୍ର/ ଅମିତାଭ ବେହେରା)

ଗୁରୁଦିବସ ଉପଲକ୍ଷେ ମାଲାକାନଗିରି ଜିଲାର କନ୍ଦେଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବସନ୍ତ କୁମାର ରଣା ଶୁକ୍ରବାର ଜାତୀୟ ଶିକ୍ଷକ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ନୂଆଦିଲ୍ଲୀ ବିଜ୍ଞାନ ଭବନରେ ଆୟୋଜିତ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଏହି ପୁରସ୍କାର ସ୍ୱରୂପ ତାଙ୍କୁ ୫୦ ହଜାର ଟଙ୍କା ନଗଦ ରାଶି ଓ ମାନପତ୍ର ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ, ରାଜ୍ୟ ଶିକ୍ଷାମନ୍ତ୍ରୀ, କେନ୍ଦ୍ର ଶିକ୍ଷା ସଚିବ ଉପସ୍ଥିତ ଥିଲେ। ପୁରସ୍କାର ପୂର୍ବ ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମସ୍ତ ଶିକ୍ଷକଙ୍କ ସହିତ ଭାବ ବିନିମୟ କରି ଶୁଭେଚ୍ଛା ଜଣାଇଥିଲେ। ଶିକ୍ଷା କ୍ଷେତ୍ରରେ ବିଶେଷ ଯୋଗଦାନ ପାଇଁ ଶିକ୍ଷକ ରଣାଙ୍କୁ ଜାତୀୟ ଶିକ୍ଷକ ପୁରସ୍କାର ମିଳିବା ପରେ ଶୁଭେଚ୍ଛାର ସୁଅ ଛୁଟିଛି । ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ମଧ୍ୟ ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ମାଲକାନଗିରି ଜିଲା ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ନୂଆଦିଲ୍ଲୀଠାରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶିକ୍ଷକଙ୍କୁ ଅଭିନନ୍ଦନ ସହ ଶୁଭକାମନା ଜଣାଇଛନ୍ତି।

ସେହିଭଳି କୋରାପୁଟସ୍ଥିତ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଶିକ୍ଷକ ତରୁଣ କୁମାର ଦାଶ ଜାତୀୟ ଶିକ୍ଷକ ସମ୍ମାନରେ ଶୁକ୍ରବାର ସମ୍ମାନିତ ହୋଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ। ତରୁଣ ପୂର୍ବରୁ କ୍ଷୁଦ୍ର ଚଳଚ୍ଚିତ୍ର ପହିଆ କୁର୍ସି ପାଇଁ ଜାତୀୟ ପୁରସ୍କାର ପାଇଥିଲେ। ତାଙ୍କ ଦ୍ୱାରା ରଚିତ ତଥା ନିର୍ଦ୍ଦେଶିତ ସଚେତନତା ଧର୍ମୀ କ୍ଷୁଦ୍ର ଚଳଚିତ୍ର 'ସଡ଼କ' ଏବଂ 'ବାବାଜୀ କି ଠେଲା' ଜାତୀୟ ସ୍ତରରେ ପ୍ରଶଂସିତ ହୋଇଥିଲା। ତାଙ୍କୁ କେନ୍ଦ୍ରୀୟ ବିଦ୍ୟାଳୟର ଶିକ୍ଷକ ଓ ଛାତ୍ରୀଛାତ୍ର ଶୁଭେଚ୍ଛା ଜଣାଇଛନ୍ତି।

## ଦୁର୍ଘଟଣାରେ ୨ ଗୁରୁତର

କୋରାପୁଟ,୫।୯(ଅମିତାଭ ବେହେରା)

କୋରାପୁଟ ଓଏସଏପି କଲୋନୀ ନିକଟରେ ସ୍କୁଟିରେ ଯାଉଥିବା ୨ ଯୁବକ ଏକ ଟ୍ରକକୁ ଧକ୍କା ଦେଇ ଗୁରୁତର ହୋଇଛନ୍ତି। କୋରାପୁଟ ସହରର ନିଶାଣିମୁଣ୍ଡା କଲୋନୀ ଓ ଗୌତମ ନଗର ଅଞ୍ଚଳର ୨ ଯୁବକ ଗୋଟିଏ ସ୍କୁଟିରେ ଓଏସଏପି କଲୋନୀ ଅଭିମୁଖେ ଯାଉଥିବା ବେଳେ ଏକ ଟ୍ରକ୍‌କୁ ଧକ୍କା ଦେଇଥିଲେ। ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ ଗୁରୁତରଙ୍କୁ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଗୁରୁତର ଥିବାରୁ ସେମାନଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି।

## ମା' ପାଇଁ ଗଛଟିଏ ସଚେତନତା ରଥ ଶୁଭାରମ୍ଭ

କୋରୁକୋଣ୍ଡା,୫।୯(ଶିବଦତ୍ତ ସାହୁ)


ବିଧାୟକ ଏବଂ ବନ ବନ ଅଧିକାରୀ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

ମାଲକାନଗିରି ଜିଲା ବାଲିମେଳା ବନ ବିଭାଗ ପକ୍ଷରୁ ଶୁକ୍ରବାର ସକାଳ ପ୍ରାୟ ୧୦ଟାରେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲଙ୍କ ଦ୍ୱାରା ମା' ପାଇଁ ଗଛଟିଏ ସଚେତନତା ରଥ ଉଦ୍‌ଘାଟିତ ହୋଇଯାଇଛି। ଜିଲା ସହକାରୀ ବନ ସଂରକ୍ଷକ ପ୍ରିୟଙ୍କା ମହୁକାଙ୍କ ତତ୍ତ୍ୱାବଧାନରେ ଏବଂ ବାଲିମେଳା ବନାଞ୍ଚଳ ଅଧିକାରୀ ଲିପ୍ସିତା କଅଁରଙ୍କ ନେତୃତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ବନପାଳ ମୋହନ ଗୁଡିଆ, ଶ୍ରୀଚନ୍ଦ୍ର ମାଝୀଙ୍କ ସମେତ ବନରକ୍ଷୀ ପ୍ରଶାନ୍ତ କୁମାର ରାଉତ, ସୁପ୍ରଭା ଦାସ, ଜ୍ୟୋତ୍ସ୍ନା ରାଣୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ସେପ୍ଟେମ୍ବର ୧୭ ସୁଦ୍ଧା ରାଜ୍ୟରେ ୭୫ ଲକ୍ଷ ଚାରା ରୋପଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହି କ୍ରମରେ ବାଲିମେଳା ବନାଞ୍ଚଳ ପକ୍ଷରୁ କୋରୁକୋଣ୍ଡା ବ୍ଲକ ଅଧିନସ୍ତ ସମସ୍ତ ପଞ୍ଚାୟତରେ ଶୁକ୍ରବାରଠାରୁ ଚାରା ଯୋଗାଇ ଦିଆଯିବା ସହିତ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ନେତୃତ୍ୱରେ ପଞ୍ଚାୟତର ବିଭିନ୍ନ ଅଞ୍ଚଳରେ ଚାରାରୋପଣ କରାଯିବ। ଆସନ୍ତା ୧୭ ତାରିଖରେ ବନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ସମୂହ ଚାରାରୋପଣ କାର୍ଯ୍ୟକ୍ରମ କରାଯିବ ସହିତ ବିଭିନ୍ନ ପ୍ରକାର ଫଳ ଓ ଔଷଧିୟ ବୃକ୍ଷ ରୋପଣ କରାଯିବାକୁ ବିଭାଗ ପକ୍ଷରୁ ସ୍ଥିର କରାଯାଇଛି ବୋଲି ବନାଞ୍ଚଳ ଅଧିକାରୀ କଅଁର କହିଛନ୍ତି।

## ଆଦି କର୍ମଯୋଗୀ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ


କାର୍ଯ୍ୟକ୍ରମରେ ଅଧିକାରୀମାନେ ସୂଚନା ଦେଉଛନ୍ତି।

ମାଲକାନଗିରି,୫।୯
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଏଫ୍‌ଏଲ୍‌ସି ସଭା ଗୃହରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶକ୍ରମେ ମାକାନଗିରି ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହଳଧର ଶବରଙ୍କ ଅଧ୍ୟକ୍ଷତାରେ ୩ ଦିନିଆ ଜିଲାସ୍ତରୀୟ ଆଦି କର୍ମଯୋଗୀ ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମରେ ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମ୍ୟ ଉନ୍ନୟନ, ମହିଳା ଓ ଶିଶୁ ବିକାଶ, ପଞ୍ଚାୟତିରାଜ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ବ୍ଲକସ୍ତରୀୟ ଅଧିକାରୀଙ୍କୁ ଜିଲାସ୍ତରୀୟ ଅଧିକାରୀ ତାଲିମ ଦେଇଛନ୍ତି। ଜିଲା ମଙ୍ଗଳ ଅଧିକାରୀ ଏ. ଶ୍ରୀନିବାସ ଆଚାରୀ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ କହିଥିଲେ। ତାଲିମଦାତା ହିସାବରେ ମାଥିଲି, କାଲିମେଳା, ମାଲକାନଗିରିର ବିଡିଓ, ମାଥିଲି ବିଇଓ, ଗ୍ରାମ୍ୟ ଉନ୍ନୟନ ନିର୍ବାହୀ ଯନ୍ତ୍ରୀ, ଡେପୁଟି ରେଞ୍ଜର, ପ୍ରୋଗ୍ରାମ ଅଫିସର, ମହିଳା ଓ ଶିଶୁ ବିକାଶ ବିଭାଗ, ପ୍ରୋଗ୍ରାମ ମ୍ୟାନେଜର, ପିରାମଲ ଫାଉଣ୍ଡେସନ, ସହକାରୀ ନିର୍ବାହୀ ଯନ୍ତ୍ରୀ, ଜିଲା ମହାମାରି ବିଶେଷଜ୍ଞ, ବ୍ଲକ ଶିକ୍ଷା ଅଧିକାରୀ ତାଲିମ ପ୍ରଦାନ କରିଥିଲେ । ଏଥିରେ ୩୧ଜଣ ଅଂଶଗ୍ରହଣ କରିଥିଲେ । ଧରତି ଅବା ଜନଜାତି ଗ୍ରାମ୍ୟ ଉତ୍କର୍ଷ ଅଭିଯାନ ମାଧ୍ୟମରେ ୪୨୫ଟି ଜନଜାତି ବହୁଳ ଗ୍ରାମଗୁଡିକରେ ୫ବର୍ଷିଆ, ଗ୍ରାମ୍ୟ ଯୋଜନା ବିଭିନ୍ନ ବିଭାଗ ସହ ସମନ୍ୱୟ ରଖି ଗ୍ରାମସଭା ମାଧ୍ୟମରେ ସେପ୍ଟେମ୍ବର ୧୫ ତାରିଖରୁ ଆରମ୍ଭ କରାଯିବ ଓ ନଭେମ୍ବର ୧୫ ତାରିଖରେ ଜନଜାତି ଗୌରବ ଦିବସରେ ତାହା ଜିଲାସ୍ତରରେ ଉପସ୍ଥାପନ ଓ ଅନୁମୋଦନ କରାଯିବ । ଏହି କାର୍ଯ୍ୟକ୍ରମ ୨୦୨୪-୨୫ ରୁ ୨୦୨୮-୨୯ ମସିହା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣତା ମାଧ୍ୟମରେ ଚାଲିବ । ଓଡିଶା ସରକାରଙ୍କ ୨୦୩୬ ସୁଦ୍ଧା ବିକଶିତ ଓଡିଶା ଓ ୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟ ପୂରଣ କରାଯିବ । ଆଦି କର୍ମଯୋଗୀ ସମସ୍ତ ସରକାରୀ କର୍ମଚାରୀ, ଆଦି ସହଯୋଗୀ ସମସ୍ତ ସ୍ୱେଚ୍ଛାସେବୀ, ଯୁବଗୋଷ୍ଠୀ ଓ ଆଦି ସାଥୀ ସ୍ୱୟଂ ସହାୟକ ଗୋଷ୍ଠିର କର୍ମୀଙ୍କୁ ନେଇ ଗ୍ରାମ୍ୟସ୍ତରୀୟ ଯୋଜନା ପ୍ରସ୍ତୁତ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଆଇଟିଡିଏ ପ୍ରକଳ୍ପ ପରିଚାଳକ ବିଶ୍ୱନାଥ ମିଶ୍ର ପରିଚାଳନା କରିଥିଲେ।


**GOVERNMENT OF ODISHA** No.C-988
**OFFICE OF THE ADDITIONAL CHIEF ENGINEER PUBLIC HEALTH DIVISION, BHAWANIPATNA**
Parmanandpur, Railway Station Road, Bhawanipatna, Dist:Kalahandi, PIN-766002
e-mail: eephbhpt@gmail.com
NATIONAL COMPETITIVE BIDDING THROUGH e-Procurement
Identification No.ACEPH-BHPT-22 of 2025-26/Dt.01.09.2025
**e-Procurement Notice**

| | | |
|---|---|---|
| 01. | Name of the Work | 2 Nos. Work |
| 02. | Type of Bid | Single Bid System |
| 03. | Estimated Cost | Rs.32.22 Lakh to Rs.32.47 Lakh |
| 04. | Period of Completion | 02 (Two) Calendar Months |
| 05. | Date & Time of availability of bid document in the portal | From 11.00 AM of dt.08.09.2025 to 5.00 P.M. of 17.09.2025 |
| 06. | Last date/time of receipt of bids in the portal | 5.00 PM of 17.09.2025 |
| 07. | Date & Time of Opening of technical bids | At 11.30 AM of 18.09.2025 |
| 08. | Name and Address of the Officer Inviting Bid | Additional Chief Engineer P.H. Division, Bhawanipatna Railway Station Road, At/Po- Parmanandpur, 766002 Dist- Kalahandi |

Further details can be seen from the website http://tenders.ori.nic.in or www.tendersorissa.gov.in.
Sd./- Additional Chief Engineer
P.H.Division, Bhawanipatna
OIPR-13059/11/0037/2526



**OFFICE OF THE PRINCIPAL**
**RUSHIMAL HIGHER SECONDARY SCHOOL, BAMUNIGAM, KANDHAMAL**
College Code : 16038104
Email : rushimaljrmahavidyalaya@gmail.com
Letter No. : 81/2025 Date : 05.09.2025
**Walk-in-Interviews**
Interested eligible candidates having at least 55% of mark in Post Graduation are invited to appear the Walk-in-Interview scheduled to be held on 20.09.2025 at 11.30 AM in the O/o undersigned for the engagement of Lecturer-in-Commerce (Guest faculty). The candidate should bring all original testimonial two sets of attested Xerox copies of all documents, three nos passport size photograph along with a Bio-Data. The engagement is purely temporary in nature. The authority reserve the right to cancelled or postpone the recruitment any period of time and also reserve the right to reject the application of any candidates or terminate the services of the selected candidates at any time without assigning any reason thereof.
Sd./- Principal cum Secretary
Rushimal Higher Secondary School
Bamunigam



**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
**ବିଶେଷ ସୂଚନା**

No. T-76: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଆସନ୍ତା ୦୮।୦୯।୨୦୨୫ ସୋମବାର ଦିନ ୟୁନିଟ୍-୨, ଅଶୋକନଗର, ଭୁବନେଶ୍ୱରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ)ଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହେବାକୁଥିବା ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି ଅନିବାର୍ଯ୍ୟ କାରଣ ବଶତଃ ସ୍ଥଗିତ ରହିବ।
ଏହି ଅଭିଯୋଗ ଶୁଣାଣି ପାଇଁ Online ପଞ୍ଜୀକରଣ କରିଥିବା ଜନସାଧାରଣଙ୍କ ଆପତ୍ତି ଅଭିଯୋଗ, ପରବର୍ତ୍ତୀ ଜନଶୁଣାଣି ଶିବିରରେ ଗ୍ରହଣ କରାଯିବ।
ପରବର୍ତ୍ତୀ ଜନଶୁଣାଣିର ସମୟ ଓ ତାରିଖ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯିବ।
ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0188/2526



**GOVERNMENT OF ODISHA** No.A-566
**OFFICE OF THE SUPERINTENDING ENGINEER NIMAPARA IRRIGATION DIVISION, NIMAPARA**
**NOTICE INVITATION OF TENDERS**
e-Procurement Notice No.02/2025-26 on dtd.01.09.2025
E-mail Id: eenidnimapara@gmail.com

1. Type of Work : River Embankment & Canal Embankment Works
2. Total No. of Work : 35 (Thirty Five) Nos.
3. Estimated Cost : Varies from Rs.12.94 to Rs.49.47 Lakhs
4. Period of Completion : 4 (Four) Calendar Months to 6 (Six) Calendar Months

| Procurement Officer | Bid Identification No. | Bid Amount in Lakh Rs. | Availability & Submission of bids online |
|---|---|---|---|
| Superintending Engineer, Nimapara Irrigation Division, Nimapara | NID-67/2025-26 to NID-100/2025-26 | Rs.12.94 to Rs.49.47 | From 08.09.2025 11.00 AM to 22.09.2025 5.30 P.M. |

Date of Opening of the Bid: 23.09.2025 at 11.00 A.M.
Further details can be seen from the Govt. Website www.tendersodisha.gov.in
Sd./- Superintending Engineer
Nimapara Irrigation Division, Nimapara
OIPR-32097/11/0023/2526



**କଟକ ଉନ୍ନୟନ କର୍ତ୍ତୃପକ୍ଷ**
CDA
ଅରୁଣୋଦୟ ଭବନ-କଟକ, ଲିଙ୍କ୍ ରୋଡ୍ -12
**ସୂଚନା**
No.CAD-1679:ଏତଦ୍ୱାରା ସମସ୍ତ ଆବେଦନକାରୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସିଡିଏ ସେକ୍ଟର-୧୩ର ପ୍ଲଟ ଆବଣ୍ଟନ ପାଇଁ ଲଟେରି ପ୍ରକ୍ରିୟା ନିମ୍ନଲିଖିତ ତାରିଖ ଓ ସ୍ଥାନରେ କରାଯିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଧାର୍ଯ୍ୟ କରାଯାଇଅଛି । ଉକ୍ତ ତାରିଖରେ ଉପସ୍ଥିତ ରହିବାପାଇଁ ସମସ୍ତ ଆବେଦନକାରୀମାନଙ୍କୁ ଅନୁରୋଧ କରାଯାଉଅଛି ।
G-କ୍ୟାଟେଗୋରୀ: ୧୦ ସେପ୍ଟେମ୍ବର, ୨୦୨୫
F-କ୍ୟାଟେଗୋରୀ: ୧୧ ସେପ୍ଟେମ୍ବର,୨୦୨୫
ସ୍ଥାନ: ୱିଣ୍ଡସର ପ୍ଲେସ, ସେକ୍ଟର-୬
ସମୟ ସକାଳ ୯ ଘଟିକା
ସ୍ୱା./-ସଚିବ
OIPR-13037/11/0363/2526



**OFFICE OF THE SUPERINTENDING ENGINEER KANTABANJI (R&B) DIVISION**
Government of Odisha
E-mail Id: eerbkbj@rediffmail.com
**Bid Identification No.10/KBJ/2025-26**
No.B-475: The Superintending Engineer, Kantabanji (R&B) Division on behalf of Governor of Odisha invites Percentage Rate bid for Road works detailed in the table below in Single Cover system ONLINE MODE from the Class of Contractors mentioned in Column-7 registered with the State Government and contractors of equivalent Grade/Class registered with Central Government/ MES/ Railways for execution of Civil Works. The proof of registration from the appropriate authority shall be enclosed alongwith the bid.
1) No. of Work : 05 Nos. (Single Cover)
2) Nature of Work : Road Work
3) Class of Contractor : D&C and C&B Class
4) Approximate value of work : Rs.10.00 Lakhs to Rs.35.05 Lakhs
5) Tender Cost : Rs.4,000/- & Rs.6,000/-
6) Date and time of availability of bid documents in online : From Dt.08.09.2025 at 11.00 AM to Dt.15.09.2025 upto 05.00 PM
7) Date of Opening : Dt.16.09.2025 at 11.30 AM
8) Other details can be seen in the bidding documents from the e-Procurement portal "www.tendersodisha.gov.in".
9) The bidders have to participate in ONLINE bidding only. Further details can be seen from the website: www.tendersodisha.gov.in. All future corrigendum will be available on ONLINE MODE only.
Sd./- Superintending Engineer
Kantabanji (R&B) Division
OIPR-34099/11/0025/2526



**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**Tel Irrigation Division, Sonepur**
E-mail:eeteldivn2022@gmail.com
E-Procurement Notice No.EE, TID, SNP-07/2025-26
A-586: The Executive Engineer, Tel Irrigation Division, Sonepur on behalf of Governor of Odisha invites online **Percentage rate** tenders in **single cover** system to be received in **online mode** only for the works as detailed below.
1. Name/Nature of the work : Flood Protection Embankment Works.
2. No. of Works : 02 Nos.
3. Class of Contractor : As mentioned in Col.No.4 of NIT
4. Bid Identification No. : EE. TID, SNP-07/2025-26
5. Estimated Cost : From Rs.27.74 lakhs to Rs.49.20 Lakhs
6. Period of Completion : As per mentioned in Col.No. 7 of NIT
7. Date & Time of availability of bid documents in the Portal : From 08.09.2025 (10.00 AM) to 19.09.2025 (05.30 PM)
8. Last date/time for receipt of bids in the Portal : In portal 19.09.2025 from 10.00 A.M. upto 05.30 P.M.
9. Date of Opening of Bid : **On Date 20.09.2025 (11.00 AM onwards in the Office of the undersigned)**
10. Name of the Officer Inviting Bid : **Executive Engineer, Tel Irrigation Division Sonepur (Dist. Subarnapur)**
Further details can be seen from the e-Procurement portal **https://tendersodisha.gov.in.**
Sd./- Executive Engineer
Tel Irrigation Division, Sonepur
OIPR-32362/11/0008/2526



No.JJ-45:
**Directorate of Ports & Inland Water Transport**
Fortune Tower, Ground Floor, Zone-A
Chandrasekharpur, Bhubaneswar-751023
Phone:0674-2300885, Email: portsniwt.od@nic.in
**e-PROCUREMENT NOTICE**
**Bid Identification No.DPIWT-13/2025-26**
01. Name of the Work : Procurement of 1000 nos. Child Life Jacket for the Passenger Boats plying in different water bodies of Odisha.
02. Approximate value of work : Rs.20,00,000.00
03. No. of Covers : Double Cover
04. Bid Cost : Rs.6,000.00
05. Period of Completion : 03 (Three) Calendar Months
06. Date & Time of availability of bid document in the Portal : 08.09.2025 to 24.09.2025 upto 05.00 P.M.
07. Date & Time of Bid Clarification : 08.09.2025 to 15.09.2025 upto 03.00 P.M.
08. Last date & time for receipt of bids in the portal : 24.09.2025 upto 05.00 P.M.
09. Date of opening of bid document (Cover-I) : 25.09.2025 at 11.30 A.M.
10. Name and address of Officer inviting Tender (OIT) : **Director, Ports & Inland Water Transport Fortune Tower, Ground Floor, Zone-A, Chandrasekharpur, Bhubaneswar, Odisha, Pin-751023 Phone-0674-2390355, Fax:2396885 e-Mail: portsniwt.od@nic.in**
Further details can be seen from the e-Procurement market place, https//tendersodisha.gov.in. The Addendum/Corrigendum if any will be hosted in the website only.
Sd./- Director
Ports & IWT, Odisha
OIPR-38035/11/0044/2526



**GOVERNMENT OF ODISHA**
**OFFICE OF SUPERINTENDING ENGINEER MINOR IRRIGATION DIVISION, JEYPORE**
E-mail Id: mijeypore@yahoo.co.in
**NOTICE INVITING TENDER**
E-Procurement Notice
Bid Identification No.MIDJEY-05/2025-26
Letter No.1363, Dt.1.9.25
No.A-565: The Superintending Engineer, Minor Irrigation Division, Jeypore on behalf of Governor of Odisha invites Percentage rate bids in Single & Double Cover system through Online Mode. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-Procurement portal https://tendersodisha.gov.in.
1. Name of the Work : Construction of Check Dam under MATY Scheme
2. Total Number of Work : 04 (Four) Nos.
3. Estimated Cost : Approximately Rs.41.21 lakh to 54.70 lakh
4. Period of Completion : 05 (Five) Calendar Months
5. Class of Contractor : "B" Class Contractor
6. Date and Time of availability of bid documents in the portal : From 10.00 AM of 08.09.25 to 5.00 PM of 23.09.2025
7. Last date/time for receipt of bids in the portal : 5.00 PM on 23.09.2025
8. Date of Opening of Bid : At 11.00 AM on 24.09.2025 in website (www.tendersorissa.gov.in)
9. Submission of Bids : Online Mode
10. Name of the Officer Inviting Bid : Superintending Engineer, Minor Irrigation Division, Jeypore
11. Further details can be seen from the Government of Odisha Website www.tendersorissa.gov.in
12. Superintending Engineer, Minor Irrigation Division, Jeypore on behalf of Governor of Odisha invites Percentage rate bids in Single & Double cover system through online mode for the works as detailed in the table below. The bids should be submitted online in the website www.tendersodisha.gov.in by eligible Contractors with CDMS registration as mentioned in Column-6 of table below registered with the State Govt. and Contractors of equivalent grade/class registered with Central Govt./ MES/Railway for execution of works. The registered bidders of outside Odisha can also participate in this process after necessary Portal Enrolment, but shall have to subsequently undergo registration with the appropriate authority of the State Government within a month of acceptance of bids.
Sd./-Superintending Engineer
M.I.Division, Jeypore
OIPR-32374/11/0015/2526

# ଡ୍ରପ୍‌ଆଉଟ୍ ସଂଖ୍ୟା କମାଇବାକୁ ଆହ୍ୱାନ

## ଜିଲାସ୍ତରୀୟ ଗୁରୁଦିବସ ଉତ୍ସବ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ

ନବରଙ୍ଗପୁର,୫ା୯(ସଦାଶିବ ପ୍ରହରାଜ)




ଉତ୍ତମ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ କାଦମ୍ବିନୀ ଖୋରାଙ୍କୁ ସମ୍ମାନିତ କରାଯାଉଛି।

ନବରଙ୍ଗପୁର ଜିଲା ରାଜା ଚୈତନ୍ୟ ଦେବ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଜିଲାସ୍ତରୀୟ ଗୁରୁଦିବସ ଉତ୍ସବ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲାପାଳ ତପନ ଖୁଣ୍ଟିଆ, ଜିଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡକ୍ଟର ମଳୟ ରଞ୍ଜନ ତ୍ରିପାଠୀ, ଜିଲା ଶିକ୍ଷକ ଓ ଶିକ୍ଷା ପ୍ରତିଷ୍ଠାନ ପ୍ରିନ୍ସିପାଲ ଓମ୍‌କାର ପଟ୍ଟନାୟକ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପ୍ରକାଶ ମେହେର ଓ ପ୍ରକାଶ ଚନ୍ଦ୍ର ମହାଲିକ, ପ୍ରଧାନ ଶିକ୍ଷକ ସୁଦୀପ୍ତ କୁମାର ଦାସ, ପ୍ରଧାନ ଶିକ୍ଷକ ଜିଲା ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଟ୍ଟନାୟକ ଯୋଗଦେଇଥିଲେ। ପ୍ରକାଶ ଚନ୍ଦ୍ର ମହାଲିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ନବରଙ୍ଗପୁର ଜିଲା ଶିକ୍ଷା ବିଭାଗ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପକୁ ବିଧାୟକ ମାଝୀ ପ୍ରଶଂସା କରିଥିଲେ। ଦେଶ ଗଠନରେ ଶିକ୍ଷକମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ନବରଙ୍ଗପୁର ଜିଲା ଡ୍ରପ୍‌ଆଉଟ୍ ପାଇଁ ଯେଉଁ ଦୁର୍ନାମ ଅଛି ତାହାକୁ ସମସ୍ତେ ମିଶି ଦୂରକରିବାକୁ ସେ ଆହ୍ୱାନ କରିଥିଲେ। ଶିକ୍ଷା ବିଭାଗ ଦ୍ୱାରା ପ୍ରସ୍ତୁତ ସ୍ପାର୍କ, ଶିକ୍ଷା ସେତୁ, ଲକ୍ଷ୍ୟ, ସୁପର ୧୦୦, ଗୋଷ୍ଠି ଓ ଭତ୍ରା ଭାଷାରେ ପ୍ରସ୍ତୁତ ଭିଡିଓ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୧୪ ଜଣ ମାଧ୍ୟମିକ ଶିକ୍ଷକ, ୧୦ ଜଣ ପ୍ରାଥମିକ ଶିକ୍ଷକ ଓ ଜଣେ ବିଆରସିସି, ଗତ ମାଟ୍ରିକ୍ ପରୀକ୍ଷାରେ ଶତ ପ୍ରତିଶତ ପାସ୍ ହାର ଥିବା ୩୮ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା। ସୁଦୀପ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ନରେଶ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ବିଧାୟକ ମାଝୀ ଏହାକୁ ଉଦ୍‌ଘାଟନ କରିଥିଲେ। ମୋଟ ୫୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତଦାନ ଶିବିରକୁ ଭାରପ୍ରାପ୍ତ ଜିଲା କ୍ରୀଡ଼ା ନିରୀକ୍ଷକ ପ୍ରଭାତ ପଟ୍ଟନାୟକ, ଜୁନିୟର ରେଡ୍‌କ୍ରସ୍ ଅଧିକାରୀ ପ୍ରକାଶିନୀ ଚୌଧୁରୀ ଶିବିର ପରିଚାଳନା କରିଥିଲେ। ନବରଙ୍ଗପୁର ଜିଲାର ବିଭିନ୍ନ ବ୍ଲକ୍‌ର ଶିକ୍ଷୟିତ୍ରୀ ଶିକ୍ଷକ ଶିବିରରେ ରକ୍ତଦାନ କରିଥିଲେ। ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାର ଲାବ୍ ଟେକ୍ନିସିଆନ ଅରୁଣ କୁମାର ସ୍ୱାଇଁ, ମାରଟିନ ଛତର, ହେମନ୍ତ ରାଉତ ଓ ସମିତ ମିଶ୍ର ଉପସ୍ଥିତ ଥିଲେ।

## କୋଷାଗୁମୁଡ଼ାର ୩ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

କୋଷାଗୁମୁଡ଼ା, (ପ୍ରସାଦ ବିଷୋୟୀ)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ୍‌ର ୩ ଜଣ ଶିକ୍ଷକଙ୍କୁ ଶୁକ୍ରବାର ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବିତରଣ ସମାରୋହରେ ପୁରସ୍କୃତ କରାଯାଇଛି। କୋଷାଗୁମୁଡ଼ା ବ୍ଲକ ମାଝୀ ଧନୁଆ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବଦ୍ରିନାରାୟଣ ବିଶ୍ୱାଳ ଓ କୋଷାଗୁମୁଡ଼ା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ନଳିନୀକାନ୍ତ ପାତ୍ରଙ୍କୁ ବିଜ୍ଞାନ କ୍ଷେତ୍ରରେ ପୁରସ୍କୃତ କରାଯାଇଛି। ମାଝୀ ଧନୁଆ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ସଂସ୍କୃତ ଶିକ୍ଷକ ଡ. ମଧୁସୂଦନ ସାହୁଙ୍କୁ ତୃତୀୟ ଭାଷା ପାଇଁ ଚଳିତ ବର୍ଷ ପୁରସ୍କୃତ କରାଯାଇଥିବା ସୂଚନା ମିଳିଛି।

# ୧୦ରେ ପୌରାଧକ୍ଷାଙ୍କ ଅନାସ୍ଥା ପ୍ରସ୍ତାବରେ ସ୍ୱତନ୍ତ୍ର ଆଲୋଚନା

ଉମରକୋଟ, ୫ା୯(ସନ୍ତୋଷ ଶତପଥୀ)

### କାଉନସିଲରମାନଙ୍କୁ ଜିଲାପାଳଙ୍କ ନୋଟିସ୍

ନବରଙ୍ଗପୁର ଜିଲା ଉମରକୋଟ ପୌରାଧକ୍ଷା ରାଧା ଭତ୍ରାଙ୍କ ବିରୋଧରେ ପରିଷଦର ସମସ୍ତ ୧୪ କାଉନସିଲର ଆଣିଥିବା ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ପାଇଁ ଏକ ସ୍ୱତନ୍ତ୍ର ବୈଠକ ଆସନ୍ତା ୧୦ ତାରିଖ ବୁଧବାର ସକାଳ ୧୦ଟାରେ ପୌର ପରିଷଦ କାର୍ଯ୍ୟାଳୟରେ ହେବ। ଏଥିପାଇଁ ନବରଙ୍ଗପୁର ଜିଲାପାଳ ସମସ୍ତ ୧୪ କାଉନସିଲରଙ୍କୁ ନୋଟିସ ଜାରିକରି ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୌରପାଳିକା ଧାରା ୧୯୫୦ ଭାଗ ୫୪ ଅନୁସାରେ ଜିଲାପାଳ ନୋଟିସ ଜାରିକରିଥିବା ଉକ୍ତ ନୋଟିସରେ ଉଲ୍ଲେଖ ରହିଛି। ତେବେ ଏହି ବୈଠକରେ ଉପଜିଲାପାଳ ଉପସ୍ଥିତ ରହିବେ ବୋଲି ନୋଟିସରେ ଉଲ୍ଲେଖ ରହିଛି। ବୈଠକରେ ବିଶଦ ଆଲୋଚନା ପରେ ଯଦି ନିଷ୍ପତ୍ତି ନ ବାହାରେ ତେବେ ସେହି ଦିନ ହିଁ ଅନାସ୍ଥା ପ୍ରସ୍ତାବ ଉପରେ ଭୋଟିଂ ହୋଇପାରେ। ଉଲ୍ଲେଖଯୋଗ୍ୟ, ଏହି କି ଯେ ଗତ ୨୭ ତାରିଖରେ ଉମରକୋଟ ପୌର ପରିଷଦର ସମସ୍ତ ୧୪ କାଉନସିଲର ପୌରାଧକ୍ଷା ରାଧା ଭତ୍ରାଙ୍କ ବିରୋଧରେ ବିଭିନ୍ନ ଅଭିଯୋଗ ଆଣିଥିଲେ। ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ନବରଙ୍ଗପୁର ଜିଲାପାଳଙ୍କୁ ଅନାସ୍ଥା ଦାବିପତ୍ର ପ୍ରଦାନ କରିଥିଲେ। ଏହାପରେ ଜିଲାପାଳ ଏହି ପଦକ୍ଷେପ ନେଇଛନ୍ତି। ଅପରପକ୍ଷରେ କିଛି ଦିନରେ ପୂର୍ବ ନିକଟସ୍ଥ ଏକ ଅଜ୍ଞାତ ସ୍ଥାନରେ ବିଜେଡିର ସମସ୍ତ ୧୨ ଜଣ କାଉନସିଲର ଓ ପୌରାଧକ୍ଷା ରାଧା ଭତ୍ରାଙ୍କୁ ନେଇ ଏକ ରୁଦ୍ଧଦ୍ୱାର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନବରଙ୍ଗପୁର ଜିଲା ବିଜେଡି ସଭାପତି ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ଏମ୍‌ପି ରମେଶ ଚନ୍ଦ୍ର ମାଝୀ ଓ ପ୍ରଦୀପ ମାଝୀ ଯୋଗଦେଇଥିଲେ। ତେବେ ବିଜେଡିର ସମସ୍ତ କାଉନସିଲର ନିଷ୍ପତ୍ତି ନେବା ପାଇଁ ୨ ଦିନ ସମୟ ମାଗିଥିଲେ। ବିଜେଡିର ୩ ମହାରଥୀ ନିଜ ଦଳର ଅଧ୍ୟକ୍ଷାଙ୍କ ଆସନ ବଞ୍ଚାଇବାରେ ସଫଳ ହେଉଛନ୍ତି କି ନାହିଁ ସେ ନେଇ ଆଲୋଚନା ବଢ଼ିଛି।

# ନିରପେକ୍ଷଭାବେ ଚୟନ କରାଯିବ ଜିଲା, ବ୍ଲକ ସଭାପତି

### ଜାତୀୟ କଂଗ୍ରେସ ସଭାପତି ଚୟନ ସୃଜନ ପ୍ରକ୍ରିୟା ବୈଠକ

ତେନ୍ତୁଳିଖୁଣ୍ଟି, ୫ା୯(ବିଦାନନ୍ଦ ସାହୁ)




ବୈଠକରେ ଦଳକୁ ସୁଦୃଢ଼ କରିବା ନେଇ ଆଲୋଚନା ଚାଲିଛି।

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଅଧୀନ ପୁଜାରିଗୁଡ଼ା ପଞ୍ଚାୟତ ହାଟପଦାରେ ଜାତୀୟ କଂଗ୍ରେସର ନିର୍ଦ୍ଦେଶ, ବ୍ଲକର ବର୍ତ୍ତମାନ ସଭାପତି ପ୍ରହ୍ଲାଦ ହିଆଲ୍‌ଙ୍କ ଆହ୍ୱାନ କ୍ରମେ ଶୁକ୍ରବାର ବ୍ଲକର ପଦର ପଞ୍ଚାୟତର ସମସ୍ତ ନେତା, କର୍ମୀ, କର୍ମକର୍ତ୍ତା, ପୂର୍ବତନ ସରପଞ୍ଚ, ପୂର୍ବତନ ସଭାପତି, ସମିତି ସଦସ୍ୟମାନଙ୍କୁ ନେଇ ଏକ ବୈଠକ କରାଯାଇଛି। ଜିଲା କଂଗ୍ରେସ ନୂତନ ସଭାପତି, ବ୍ଲକ କଂଗ୍ରେସ ନୂତନ ସଭାପତି ଚୟନ ପାଇଁ ସୃଜନ ବୈଠକ ଅନୁଷ୍ଠିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଭାରତୀୟ ଜାତୀୟ କଂଗ୍ରେସ ପର୍ଯ୍ୟବେକ୍ଷକ ତଥା ତେଲେଙ୍ଗାନା ବିଧାୟକ ଜେ.ଟି କୁସୁମ କୁମାର ରେଡ୍ଡି, ପି. ସି. ସି ପର୍ଯ୍ୟବେକ୍ଷକ କୃଷ୍ଣଚନ୍ଦ୍ର କୁଲଦୀପ, କଳାହାଣ୍ଡି ସଭାନେତ୍ରୀ ଦ୍ରୌପଦୀ ମାଝୀ, କୋରାପୁଟ ଯୁବ କଂଗ୍ରେସ ସଭାପତି ରୂପକ ତୁରୁକ ଉପସ୍ଥିତ ଥିଲେ। ପୂର୍ବତନ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ପି. ନାଗାରତ୍ନମ୍, ସଭାପତି ପ୍ରହ୍ଲାଦ ହିଆଲ, ସାଧାରଣ ସମ୍ପାଦକ ଭାମସେନ ପାଣିଗ୍ରାହୀ, ଦୁର୍ଲଭ କନ୍ଦ ଗୋଡ଼, କିଶୋର ଚନ୍ଦ୍ର ବ୍ରିଙ୍ଗ୍, ଅନୁସୂଚିତ ଜାତି ସଭାପତି କୃଷ୍ଣଚନ୍ଦ୍ର ଡର୍ଜା ମଞ୍ଚାସୀନ ଥିଲେ। କଂଗ୍ରେସ ଗଡ଼କୁ ସୁଦୃଢ଼ କରିବାକୁ ଦଳ ଅଣ୍ଟା ଭିଡ଼ିଛି। ଭାରତୀୟ ଜାତୀୟ କଂଗ୍ରେସ, ଛାତ୍ର କଂଗ୍ରେସ, ମହିଳା କଂଗ୍ରେସ, ସେବା ଦଳ, ରାଜୀବ ଗାନ୍ଧୀ ପଞ୍ଚାୟତ ସଙ୍ଗଠନ କିପରି ସକ୍ରିୟ କରାଯିବ ସେ ନେଇ ବୈଠକରେ ଆଲୋଚନା କରାଯାଇ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ବ୍ଲକ୍‌କୁ ନିରପେକ୍ଷଭାବେ ଜିଲା ସଭାପତି, ବ୍ଲକ ସଭାପତି ଚୟନ କରାଯିବ ବୋଲି ପର୍ଯ୍ୟବେକ୍ଷକ କହିଛନ୍ତି। ୪ ମାସ ତଳେ ବିଜେଡିରେ ମିଶିଥିବା ପୂର୍ବତନ କଂଗ୍ରେସ ନେତା କୃଷ୍ଣ କୁମାର ପୂଜାରୀ ଶୁକ୍ରବାର ପୁନଃ କଂଗ୍ରେସକୁ ନିଜ ସମର୍ଥକଙ୍କ ସହ ଫେରିଛନ୍ତି।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

କୋଡ଼ିଙ୍ଗା, ୫ା୯
(ସମରେନ୍ଦ୍ର ପଟ୍ଟନାୟକ)



ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ୍ ବଡ଼ଗୁମୁଡ଼ା ପଞ୍ଚାୟତ ପୂର୍ବତନ ସରପଞ୍ଚ ରତନ ନାୟକଙ୍କ ଗୁରୁବାର ସକାଳ ୯ଟାରେ ପରଲୋକ ହୋଇଯାଇଛି। ତାଙ୍କୁ ୮୫ବର୍ଷ ବୟସ ହୋଇଥିଲା। ଜଣେ ଧର୍ମପରାୟଣ, ପରୋପକାରୀ, ମିଷ୍ଟଭାଷୀ ବ୍ୟକ୍ତିଭାବେ ସେ ଅଞ୍ଚଳରେ ପରିଚିତ ଥିଲେ। ପଞ୍ଚାୟତ ବିଭକ୍ତ ହୋଇ ନ ଥିବା ବେଳେ ବଡ଼ଗୁମୁଡ଼ା ପଞ୍ଚାୟତରୁ ୩ ଥର ସରପଞ୍ଚଭାବେ ନିର୍ବାଚିତ ହୋଇଥିଲେ। ମୃତ୍ୟୁ ସମୟରେ ୪ ପୁଅ, ଜଣେ ଝିଅ, ବୋହୂ, ନାତୁଣୀ ନାତି ଉପସ୍ଥିତ ଥିଲେ। ଅନ୍ତିମ ସତ୍କାରବେଳେ ଶତାଧିକ ଲୋକ ଉପସ୍ଥିତ ଥିଲେ।

# ଗୁରୁମାନଙ୍କୁ ଭକ୍ତି କରି ଆଗକୁ ବଢ଼ିବାକୁ ପରାମର୍ଶ

### ଡାବୁଗାଁ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଗୁରୁଦିବସ ପାଳିତ

ଡାବୁଗାଁ, ୫ା୯ (ପ୍ରଜ୍ଞାରଞ୍ଜନ ପରିଡ଼ା)



ଜଣେ ଛାତ୍ରୀ ଶିକ୍ଷକଙ୍କୁ ଉତ୍ତରୀୟ ପ୍ରଦାନ କରୁଛନ୍ତି।

ନବରଙ୍ଗପୁର ଜିଲା ଡାବୁଗାଁ ଅଧୀନ ଜିଲା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଡାବୁଗାଁ ସରକାରୀ (ଏସ୍‌ଏସ୍‌ଡି) ବାଳିକା ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଗୁରୁଦିବସ ପାଳିତ ହୋଇଛି। ପ୍ରଥମେ ସର୍ବପଲ୍ଲୀ ରାଧାକୃଷ୍ଣନ୍ ଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ଛାତ୍ରୀମାନେ ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ପାଦ ଧୋଇ ବନ୍ଦାପନା କରିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକମାନେ ଗୁରୁଦିବସର ମହତ୍ୱ ସମ୍ପର୍କରେ ଛାତ୍ରୀମାନଙ୍କୁ କହିବା ସହିତ ଆଶୀର୍ବାଦ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁକ୍ତା ଦାସ ଗୁରୁମାନଙ୍କୁ ଭକ୍ତି କରି ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ। ଏଥିରେ ଶିକ୍ଷୟିତ୍ରୀ ଆରତୀ ବିଷୋୟୀ, ଅନୁଶ୍ରୀ ଗୋଲକଦାର, ସିଗ୍ଧା ସାହୁ, ସୁନାମଣି ପୂଜାରୀ, ସୁନୀତା ତ୍ରିପାଠୀ, ସୁପ୍ରିୟା ମହାକୁଡ଼, ଶିକ୍ଷକ ମହେଶ୍ୱର ନାଥ, ସନ୍ତୋଷ କୁମାର ପଣ୍ଡା, ବିଭାସ ମହାପାତ୍ର, ମନୋଜ ବାଗ, ସୌମ୍ୟ ରଞ୍ଜନ ନାୟକ ଓ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବ୍ଲକ ଅଧୀନ ସମସ୍ତ ବିଦ୍ୟାଳୟରେ ଗୁରୁଦିବସ ପାଳିତ ହୋଇଛି।

# ଦେଶ ହିତ, ବିଶ୍ୱ ଶାନ୍ତି ପାଇଁ ସାମୂହିକ ପ୍ରାର୍ଥନା

ନବରଙ୍ଗପୁର/ଉମରକୋଟ/ଚନ୍ଦାହାଣ୍ଡି, ୫ା୯ (ସଦାଶିବ ପ୍ରହରାଜ/ ସନ୍ତୋଷ ଶତପଥୀ/ବିଳାପ ଦାସ)

### ମହମ୍ମଦଙ୍କ ୧୫୦୦ତମ ଜୟନ୍ତୀ ପାଳିତ

ନବରଙ୍ଗପୁର ଜିଲାର ବିଭିନ୍ନ ସ୍ଥାନରେ ଶୁକ୍ରବାର ମହମ୍ମଦ ଜୟନ୍ତୀ ପାଳିତ ହୋଇଯାଇଛି। ମୁସଲମାନ ଧର୍ମାବଲମ୍ବୀମାନେ ଶୋଭାଯାତ୍ରାରେ ସହର ପରିକ୍ରମା ସହ ସାମୂହିକ ପ୍ରାର୍ଥନା କରିଥିଲେ।

ନବରଙ୍ଗପୁରରେ ହର୍ଷ ଉଲ୍ଲାସର ସହିତ ଇଦ୍‌ମିଲାଦୁନ୍‌ନବୀ ପାଳିତ ହୋଇଛି। ଭାରିସଲଗୁଡ଼ା ଓ ଗଡ଼ବାଙ୍ଗୁଡ଼ାରୁ ମୁସଲମାନ ସମ୍ପ୍ରଦାୟ ଭାଇମାନେ ଆସି ନବରଙ୍ଗପୁର ସୁନ୍ନି ଜାମା ମସଜିଦରେ ଏକାଠି ହୋଇଥିଲେ। ମୌଲାନା ଆଫ୍‌ତାବ ଆଲମ୍‌ଙ୍କ ନେତୃତ୍ୱରେ ସମସ୍ତେ ସହର ପରିକ୍ରମା କରି ମସଜିଦରେ ପହଞ୍ଚି ପରେ ସୋଠାରେ ପତାକା ଉତ୍ତୋଳନ କରାଯାଇଥିଲା। ଦେଶର ହିନ୍ଦୁ, ମୁସଲିମ୍, ଶିଖ, ଇସାଇ, ଅନୁସୂଚିତ ଜାତି ଓ ଜନଜାତି ସମସ୍ତଙ୍କ ମଙ୍ଗଳ ପାଇଁ ପ୍ରାର୍ଥନା କରାଯାଇଥିଲା। ଏଥିରେ ରାଜସଭା ସଦସ୍ୟ ମୁନ୍ନା ଖାଁ ଯୋଗ ଦେଇଥିଲେ। ତାଜ ଇମ୍ରାନ୍ ସାଜିଦ୍, ଏମ୍‌ଡି ଜାଫ୍‌ରୁ, ସୟେଦ ସଲମାନ୍, ଏମ୍‌ଡି ସର୍ଫରାଜ୍, ଶେଖ ନାସିର, ବାବୁ କୁରେଶି, ସମିଲଭ ଓ ଯୁବଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଉମରକୋଟ ଜାମା ମସଜିଦ ପରିସରରେ ପ୍ରୋଫେଟ୍ ମହମ୍ମଦଙ୍କ ୧୫୦୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହା ପୂର୍ବରୁ ବୁଧବାର ସହରର ସମସ୍ତ ଧର୍ମର ଲୋକଙ୍କୁ ନିମନ୍ତ୍ରଣ କରାଯାଇ ମସଜିଦ ନିକଟରେ ଏକ ବନ୍ଧୁମିଳନ କରାଯାଇଥିଲା। ଶୁକ୍ରବାର ଉମରକୋଟର ମୁସଲମାନ ଧର୍ମାବଲମ୍ବୀମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମାକରି ମସଜିଦରେ ପହଞ୍ଚିଥିଲେ। ବିହାରର ଭାଗଲପୁରରୁ ଆସିଥିବା ମୁସ୍‌ଲିମ୍ ଧର୍ମ ପ୍ରଚାରକ ସୟେଦ ମଖଦୁମ ଯାମି ମୁଖ୍ୟ ଅତିଥିଭାବେ ଯୋଗଦେଇ ମସଜିଦ ପରିସରରେ ଧାର୍ମିକ ପତାକା ଉତ୍ତୋଳନ କରିଥିଲେ। ଦେଶ ହିତ, ଉନ୍ନତି, ବିଶ୍ୱଶାନ୍ତି ଓ ଅଞ୍ଚଳରେ ଭାଇଚାରା ପାଇଁ ପ୍ରାର୍ଥନା କରାଯାଇଥିଲା। ଏହାପରେ ସମସ୍ତେ ପରସ୍ପରକୁ ମହମ୍ମଦ ଜୟନ୍ତୀର ଶୁଭେଚ୍ଛା ଜଣାଇଥିଲେ। ଉମରକୋଟ ଅଞ୍ଜୁମାନ ଇସଲାମୀୟା କମିଟି ସଭାପତି ସମିମ ରାଠୋର, ଉପସଭାପତି ସାଇକାଦୀ ରିଜଭି, ଯୁଗ୍ମ ସମ୍ପାଦକ ଶେଖ ଅନିଶ, ମସିନ ଲାଠିଆ, ହନିଫ ହିଙ୍ଗୋରା, ଏମ୍‌ଡି ଅନ୍ୱାର, ଫୁଟିଆ ହିଙ୍ଗୋରା, ଇବ୍ରାହିମ ରାଠୋର, କେଟି ଜିଲାନି, ଇଶା ଲାଠିଆ, ସୋନୁ ହିଙ୍ଗୋରା,ଶୟଦ ହିଙ୍ଗୋରା ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ମସଜିଦ ପରିସରରେ ସୟେଦ ମଖଦୁମ ଯାମିଙ୍କ ପ୍ରବଚନ କାର୍ଯ୍ୟକ୍ରମରେ ଶତାଧିକ ମୁସଲମାନ ଭଉଣୀଭାଇ ଯୋଗଦେଇଥିଲେ।

ଚେହେଲିଭ ଚନ୍ଦାହାଣ୍ଡି ମୋହରା ଏବଂ ବେହେରାମୁଣ୍ଡା ଜାମା ମସଜିଦ ପରିସରରେ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ତଥା ଜଶ୍ନେ-ଇଦ୍-ମିଲାଦୁନ୍-ନବୀ ପାଳିତ ହୋଇଯାଇଛି। ମୋହରା ଏବଂ ବେହେରାମୁଣ୍ଡା ଗ୍ରାମର ଶତାଧିକ ମୁସଲମାନ ଭାଇମାନେ ଏକ ଶୋଭାଯାତ୍ରାରେ ବାହାରି ମସଜିଦରେ ପହଞ୍ଚି ମହମ୍ମଦଙ୍କ ଜୟନ୍ତୀ ପାଳିଥିଲେ। ମୋହରା ମସଜିଦ ପରିସରରେ ଅଞ୍ଜୁମାନ ଇସ୍‌ଲାମିୟା କମିଟି ପକ୍ଷରୁ ସଭାପତି ହାଜି ମହମ୍ମଦ ରଫିକ୍‌ଙ୍କ ଦ୍ୱାରା ଧାର୍ମିକ ପତାକା ଉତ୍ତୋଳନ କରାଯାଇଥିଲା। ମୌଲାନା ମହମ୍ମଦ ସୋହେବ ରଜାଙ୍କ ପୌରୋହିତ୍ୟରେ ଫତିହା ପାଠ କରାଯାଇଥିଲା। ବିଶ୍ୱବାସୀଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ପ୍ରାର୍ଥନା କରାଯାଇଥିଲା। ଏଥିରେ ମୋହରା ସୁନ୍ନି ମୁସଲିମ କମିଟି ସମ୍ପାଦକ ମହମ୍ମଦ ଯୁସେଫ, ଉପସଭାପତି ଆକବର ଅଲ୍ଲୀ, କୋଷାଧ୍ୟକ୍ଷ ଜବ୍ବାର ଅଲ୍ଲୀ, ସୁଲତାନ ଅଲ୍ଲୀ, ଜିବ୍ରାଇଲ ଅଲ୍ଲୀ, ଅବଦୁଲ ହମିଦ, ମକବୁଲ ଅଲ୍ଲୀ, ରେହେମାନ ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ। ଶନିବାର ମସଜିଦ ପରିସରରେ ଏକ ଧର୍ମସଭା ଅନୁଷ୍ଠିତ ହେବ। ଏଥିରେ ବିହାରରୁ ଡ. ମୁଫ୍ତି ମୁସ୍ତାକ ରଜା ଏବଂ ସାୟର ମହମ୍ମଦ ସାହେବ୍‌ଜାଦ ପ୍ରବଚନ ଦେବା କାର୍ଯ୍ୟକ୍ରମ ରହିଛି।



ଉମରକୋଟରେ ମୁସଲମାନ ଧର୍ମାବଲମ୍ବୀମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India

**କ୍ଷେତ୍ରୀୟ କାର୍ଯ୍ୟାଳୟ : ବାଲେଶ୍ୱର**
ମାଣିଖମ୍ଭ, ଓଟି ରୋଡ୍, ପୋଲିସ ଲାଇନ, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧
ଇମେଲ: crld.robalasore@unionbankofindia.bank, ମୋ.: ୮୯୮୯୯୧୭୪୧୧

**ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ନିଲାମ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନ୍ସିଆଲ ଆସେଟସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ...

| ଋଣଗ୍ରହୀତା/ଜାମିନଦାରମାନଙ୍କ ନାମ ଏବଂ ଠିକଣା | ବକେୟା ଦେୟ |
|---|---|
| **ମାଷ୍ଟର ବାବୁ କମ୍ପ୍ଲେକ୍ସ ଶାଖା, ଜିଲ୍ଲା: ଭଦ୍ରକ, ଇମେଲ: ubin0933562@unionbankofindia.bank** | |
| ଋଣଗ୍ରହୀତା: ମେସର୍ସ ମା ଦୁର୍ଗା କାଜୁବାଲ ଇଉନିଟ ଷ୍ଟୋର, ସ୍ୱତ୍ୱାଧିକାରୀ: ଶ୍ରୀମତୀ ସସ୍ମିତା ମିଶ୍ର ... | ୦୪.୦୯.୨୦୨୫ ସୁଦ୍ଧା ଟ.୭୦,୩୪,୯୫୪/- ... |
| ସମ୍ପତ୍ତି ନଂ.-୧: ଶ୍ରୀ ମଧୁସୂଦନ ମହାରଣାଙ୍କ ନାମରେ ଥିବା ଜମି ... ସଂରକ୍ଷିତ ମୂଲ୍ୟ: ଟ.୭୪,୮୦,୦୦୦.୦୦ / ଅମାନତ ଜମା: ଟ.୭,୪୮,୦୦୦.୦୦ / ବିଡ୍ ବୃଦ୍ଧି ରାଶି: ଟ.୧୦,୦୦୦.୦୦ | |
| **ଉଦଳା ଶାଖା, ଜିଲ୍ଲା: ମୟୂରଭଞ୍ଜ, ଇମେଲ: ubin0825549@unionbankofindia.bank** | |
| ଋଣଗ୍ରହୀତା: ମେସର୍ସ ହିମାଂଶୁ ଫୁଟୱେୟାର ସପ, ସ୍ୱତ୍ୱାଧିକାରୀ: ହିମାଂଶୁ ବେହେରା ... | ୦୪.୦୯.୨୦୨୫ ସୁଦ୍ଧା ଟ.୧୧,୦୩,୨୯୪.୦୦ ... |
| ସମ୍ପତ୍ତି ନଂ.-୨: ଶ୍ରୀମତୀ ଚନ୍ଦ୍ରମଣି ବେହେରାଙ୍କ ନାମରେ ... ସଂରକ୍ଷିତ ମୂଲ୍ୟ: ଟ.୧୧,୧୬,୯୦୦.୦୦ / ଅମାନତ ଜମା: ଟ.୧,୧୧,୬୯୦.୦୦ / ବିଡ୍ ବୃଦ୍ଧି ରାଶି: ଟ.୧୧,୧୬୯.୦୦ | |
| **ଯାଜପୁର ଟାଉନ-୩ ଶାଖା, ଜିଲ୍ଲା: ଯାଜପୁର, ଇମେଲ: ubin0918024@unionbankofindia.bank** | |
| ଋଣଗ୍ରହୀତା: ମେସର୍ସ ଆର୍ ଏସ୍ କନଷ୍ଟ୍ରକସନ ଆଣ୍ଡ ଇଞ୍ଜିନିୟରିଂ, ସ୍ୱତ୍ୱାଧିକାରୀ: ଶ୍ରୀମତୀ ରିଚାଲକା ସାହୁ ... | ୦୪.୦୯.୨୦୨୫ ସୁଦ୍ଧା ଟ.୧୦,୩୪,୬୩୩.୪୩ ... |
| ସମ୍ପତ୍ତି ନଂ.-୩: ଶ୍ରୀମତୀ ରିଚାଲକା ସାହୁ ... ସଂରକ୍ଷିତ ମୂଲ୍ୟ: ଟ.୩୯,୮୦,୦୦୦.୦୦ / ବିଡ୍ ବୃଦ୍ଧି ରାଶି: ଟ.୧୦,୦୦୦.୦୦ | |
| **ବ୍ୟାଙ୍କ ଷ୍ଟ୍ରିଟ ଶାଖା ଯାଜପୁର ରୋଡ୍, ଜିଲ୍ଲା: ଯାଜପୁର, ଇମେଲ: ubin0914347@unionbankofindia.bank** | |
| ଋଣଗ୍ରହୀତାମାନେ: ୧) ମେସର୍ସ କଳିଙ୍ଗ ଷ୍ଟିଲ୍ ଫାବ୍ରିକେସନ, ସ୍ୱତ୍ୱାଧିକାରୀ: ଶ୍ରୀ ସୁବାଷ କୁମାର ଜେନା, ୨) ଶ୍ରୀ ଭଗବାନ ଜେନା ... | ୦୪.୦୯.୨୦୨୫ ସୁଦ୍ଧା ଟ.୫,୩୮,୦୪୬.୧୦ ... |
| ସମ୍ପତ୍ତି ନଂ.-୪: ... ସଂରକ୍ଷିତ ମୂଲ୍ୟ: ଟ.୩୨,୭୦,୦୦୦.୦୦ / ଅମାନତ ଜମା: ଟ.୩,୨୭,୦୦୦.୦୦ / ବିଡ୍ ବୃଦ୍ଧି ରାଶି: ଟ.୩୨,୭୦୦.୦୦ | |
| **ଦୁବୁରୀ-୨ ଶାଖା, ଜିଲ୍ଲା: ଯାଜପୁର, ଇମେଲ: ubin0814113@unionbankofindia.bank** | |
| ଋଣଗ୍ରହୀତା: ମେସର୍ସ ବିଦ୍ୟୁତ୍ ସୁପ୍ରିମା ଟ୍ରେଡ୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ବିଶ୍ୱକେଶନ ପୃଷ୍ଟି ... | ୦୪.୦୯.୨୦୨୫ ସୁଦ୍ଧା ଟ.୩୫,୬୭୩.୫୦ ... |
| ସମ୍ପତ୍ତି ବିବରଣୀ-୫: ... | |
| **ଭଦ୍ରକ ମୁଖ୍ୟ ଶାଖା, ଜିଲ୍ଲା: ଭଦ୍ରକ, ଇମେଲ: ubin0538591@unionbankofindia.bank** | |
| ଋଣଗ୍ରହୀତା: ମେସର୍ସ ଲିପିଲେଖା ଇଣ୍ଡଷ୍ଟ୍ରିଜ ... | ୦୪.୦୯.୨୦୨୫ ସୁଦ୍ଧା ଟ.୯୨,୫୮,୩୮୫.୬୬ ... |
| ସମ୍ପତ୍ତି ନଂ.-୬: ... | |
| **କଲେଜ ରୋଡ୍ ଶାଖା, ଜିଲ୍ଲା: ଭଦ୍ରକ, ଇମେଲ: ubin0818127@unionbankofindia.bank** | |
| ଋଣଗ୍ରହୀତା: ଶ୍ରୀ ସୁରେନ୍ଦ୍ର ସାହୁ ... | ୦୪.୦୯.୨୦୨୫ ସୁଦ୍ଧା ଟ.୫,୨୧,୪୭୬.୦୪ ... |
| ସମ୍ପତ୍ତି ନଂ.-୭: ଶ୍ରୀ ସୁରେନ୍ଦ୍ର ସାହୁ ... | |

ଇ-ନିଲାମ ତାରିଖ ଏବଂ ସମୟ: ୨୨.୦୯.୨୦୨୫ ... ଏବଂ ୧୫.୧୦.୨୦୨୫ ...
ଅମାନତ ରାଶି ଦାଖଲର ଅନ୍ତିମ ତାରିଖ: ଇ-ନିଲାମ ଆରମ୍ଭ ପୂର୍ବରୁ
ପଞ୍ଜିକରଣ, ଲଗଇନ୍ ଏବଂ ନିଲାମ ନିୟମାବଳୀ ନିମନ୍ତେ ୱେବସାଇଟ୍ : https://baanknet.com, www.unionbankofindia.co.in ଦେଖନ୍ତୁ।
ସ୍ଥାନ: ବାଲେଶ୍ୱର, ତାରିଖ: ୦୫.୦୯.୨୦୨୫ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ଓସିପିଏଲ୍ ପାଇଲା ପଞ୍ଚତାରକା ମାନ୍ୟତା

ଭୁବନେଶ୍ୱର,୫।୯(ରବିନାରାୟଣ ଜେନା)




ଭାରତ ସରକାରଙ୍କ କୋଇଲା ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶା କୋଲ୍ ଏଣ୍ଡ ପାୱାର ଲିମିଟେଡ୍ (ଓସିପିଏଲ୍)କୁ ପ୍ରତିଷ୍ଠିତ ୫-ତାରକା ମାନ୍ୟତା ପ୍ରଦାନ କରାଯାଇଛି। ଗୁରୁବାର ମୁମ୍ବାଇର ଟ୍ରାଇଡେଣ୍ଟ ହୋଟେଲରେ ଆୟୋଜିତ ଏକ ବର୍ଣ୍ଣାଢ଼୍ୟ କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ କୋଇଲା ଏବଂ ଖଣିମନ୍ତ୍ରୀ ଜି କିଷାନ ରେଡ୍ଡୀ ଓ ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେଙ୍କଠାରୁ ଓସିପିଏଲ୍ ମୁଖ୍ୟ ପରିଚାଳନା ଅଧିକାରୀ(ସିଓ) ଅୟେଶକାନ୍ତ କାନୁନ୍‌ଗୋ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଓସିପିଏଲ୍‌ର କାର୍ଯ୍ୟକୁଶଳତା, ମାଇନ୍ସ ପରିଚାଳନା, ଶ୍ରେଷ୍ଠ ଶିଳ୍ପ ଅଭ୍ୟାସ, ଖଣିସୁରକ୍ଷା ଏବଂ ପରିବେଶ ପ୍ରତି ଦୃଢ଼ ସମର୍ପଣର ପ୍ରତୀକ ସ୍ୱରୂପ ଲଗାତର ଚତୁର୍ଥବର୍ଷ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି।

ଏହି ଅବସରରେ କାନୁନ୍‌ଗୋ କହିଛନ୍ତି, ଉପ-ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କର ସ୍ପଷ୍ଟ ଦୃଷ୍ଟିକୋଣ ଓ ଶକ୍ତିବିଭାଗର ପ୍ରମୁଖ ସଚିବ ବିଶାଳ କୁମାର ଦେବଙ୍କ ମାର୍ଗଦର୍ଶନ ହିଁ କମ୍ପାନୀକୁ ଆଗକୁ ବଢ଼ିବାରେ ପ୍ରେରଣା ଯୋଗାଉଛି। ଓସିପିଏଲ୍ କୋଇଲା ଏବଂ ବିଦ୍ୟୁତ୍ କ୍ଷେତ୍ରରେ ନୂତନ ମାନଦଣ୍ଡ ସ୍ଥାପନ କରିଛି। ସମ୍ପ୍ରତି ଓସିପିଏଲ୍ ତା'ର ପ୍ରଥମ ବାଣିଜ୍ୟିକ କୋଇଲାବ୍ଲକ-ଡାଙ୍ଗିରିଡ଼ିହି ଉତ୍ତର- ସଫଳତାର ସହ ହାସଲ କରିଛି। ଏହି ଐତିହାସିକ ମାନ୍ୟତା, କମ୍ପାନୀର ସମ୍ପଦ ଆଧାରକୁ ସୁଦୃଢ଼ କରିବା ସହିତ ଦେଶର ଶକ୍ତି ସୁରକ୍ଷାରେ ଓଡ଼ିଶାର ଅବଦାନକୁ ଆହୁରି ମଜଭୁତ କରିବ ଏବଂ ପ୍ରେରଣା ଯୋଗାଇବ ବୋଲି ସେ କହିଛନ୍ତି। ଓସିପିଏଲ୍ ପରିବେଶ ସୁରକ୍ଷା,ସାମାଜିକ ଦାୟିତ୍ୱବୋଧତା ଏବଂ ମନୋହରପୁର ଅଞ୍ଚଳବାସୀଙ୍କ ପାଇଁ କରିଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକୁ ସବୁମହଲରେ ଉଚ୍ଚପ୍ରଶଂସା କରାଯାଉଛି। ଆଗାମୀ ଦିନରେ ଓସିପିଏଲ୍ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଏକସୁଦୃଢ଼ ଏବଂ ଆଦର୍ଶ କମ୍ପାନୀ ଭାବେ ନିଜ ପରିଚୟକୁ ବଜାୟ ରଖିବା ପାଇଁ ସଂକଳ୍ପବଦ୍ଧ ବୋଲି ମୁଖ୍ୟ ପରିଚାଳକ ଗଗନ ବିହାରୀ ସ୍ୱାଇଁ ଜଣାଇଛନ୍ତି।

# ଟିପିସିଓଡିଏଲ୍ ପକ୍ଷରୁ ପୁରୀରେ ଏପିଏସ୍‌ସିସିର ଉଦ୍‌ଘାଟନ

ଭୁବନେଶ୍ୱର,୫।୯




ଟାଟା ପାୱାର ଓ ରାଜ୍ୟ ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓ ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ରାଜ୍ୟର ବିଦ୍ୟୁତ୍ ବଣ୍ଟନ ବ୍ୟବସ୍ଥାର ସୁଦୃଢ଼ୀକରଣ ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ପୁରୀର ତାଳବଣିଆଠାରେ ନୂଆ ଏରିଆ ପାୱାର ସିଷ୍ଟମ କଣ୍ଟ୍ରୋଲ ସେଣ୍ଟର (ଏପିଏସ୍‌ସିସି) ଭୁବନେଶ୍ୱର ସର୍କଲ -୨ରେ ଉଦ୍‌ଘାଟନ କରାଯାଇଛି। ଏହି କେନ୍ଦ୍ରକୁ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ଉଦ୍‌ଘାଟନ କରିଥିବା ବେଳେ ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ ସିଂହ ଓ କମ୍ପାନୀର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପୂର୍ବରୁ ବିକେନ୍ଦ୍ରୀକୃତ ବିଦ୍ୟୁତ୍ ଡିଭିଜନର ଏପିଏସ୍‌ସିସି ଦ୍ୱାରା ପରିଚାଳିତ ହେଉଥିବା ୧୧ କେଭି ପରିଚାଳନାକୁ କେନ୍ଦ୍ରୀକୃତକରି ଏହି କେନ୍ଦ୍ର ବିଦ୍ୟୁତ୍ ବିତରଣ ବ୍ୟବସ୍ଥାର ଉନ୍ନତ ନିରୀକ୍ଷଣ, ବିଭ୍ରାଟର ଦ୍ରୁତ ପ୍ରତିକ୍ରିୟା ଏବଂ ଗ୍ରାହକ ସେବାକୁ ଅଧିକ ପାରଦର୍ଶୀ ଢଙ୍ଗରେ ପରିଚାଳନାକୁ ସକ୍ଷମ କରିପାରିଛି। ଭୁବନେଶ୍ୱର ସର୍କଲ -୨ ଅଧୀନରେ ପରିଚାଳିତ ହେଉଥିବା ସମସ୍ତ ରିମୋଟ ଓ ସ୍ଥାନୀୟ ଭାବେ ପରିଚାଳିତ ହେଉଥିବା ପିଏସ୍‌ଏସ୍ ଏବେ ଏହି ଏପିଏସ୍‌ସିସି ସହ ନିୟନ୍ତ୍ରଣ ପାଇଁ ପ୍ରଗତିଶୀଳ ଭାବେ ସମନ୍ୱିତ ହୋଇଛି। ଉତ୍ତମ ଯୋଜନା, ବିଭ୍ରାଟ ସମୟରେ ସେବାକୁ ଶୀଘ୍ର ସ୍ୱାଭାବିକ କରିବା ଏବଂ ବିଦ୍ୟୁତ୍ ଭରସାଯୋଗ୍ୟତାରେ ଉନ୍ନତି ଆଣିବାକୁ ଏହା ସକ୍ଷମ କରିବ। ଖୋର୍ଦ୍ଧା, ପୁରୀ, ନୟାଗଡ଼ ଓ ବାଲୁଗାଁ ଡିଭିଜନର ଗ୍ରାହକମାନେ ଅଧିକ ସ୍ଥିର ଓ ନିର୍ଭରଯୋଗ୍ୟ ବିଦ୍ୟୁତ୍ ସେବା ଦ୍ୱାରା ସିଧାସଳଖ ଉପକୃତ ହୋଇପାରିବେ। ଏହି ଅବସରରେ ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ ସିଂହ କହିଛନ୍ତି, ଆମ ବିଦ୍ୟୁତ୍ ନେଟ୍‌ୱର୍କକୁ ସୁଦୃଢ଼ କରିବା ଏବଂ ଗ୍ରାହକ ସେବାରେ ଉନ୍ନତି ଆଣିବା ଦିଗରେ ଏହି ଏପିଏସ୍‌ସିସି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

# ଅରୁନ୍ଧତୀ ଜୁଏଲର୍ସର ଗୁରୁଦକ୍ଷିଣା ଅଫର

ଭୁବନେଶ୍ୱର,୫।୯




ଜୁଏଲେରି ବ୍ରାଣ୍ଡ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଶୁକ୍ରବାର ଗୁରୁଦିବସ ପାଳନ କରାଯାଇଛି। ଏହି ଅବସରରେ ସମସ୍ତ ଶାଖାରେ ଗୁରୁପୂଜନ ଓ ସମ୍ବର୍ଦ୍ଧନା ସମାରୋହ କରାଯାଇଥିଲା। ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କ ପାଇଁ ଗୁରୁଦକ୍ଷିଣା ସ୍ପେଶିଆଲ ଅଫର ଘୋଷଣା କରାଯାଇଛି। ଗୁରୁମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ସମସ୍ତ ସୁନାଗହଣାର ଗଢ଼ାମଜୁରିରେ ଫ୍ଲାଟ୍ ୫୦% ରିହାତି ଓ ହୀରାଗହଣାର ହୀରା ମୂଲ୍ୟରେ ଫ୍ଲାଟ୍ ୨୫% ରିହାତି ୩୦ତାରିଖ ପର୍ଯ୍ୟନ୍ତ ଅରୁନ୍ଧତୀର ସମସ୍ତ ଶାଖାରେ ଉପଲବ୍ଧ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ସମର୍ପଣ ଓ ସେବା ମନୋଭାବରେ ଶୁଦ୍ଧତା ଭରା ବ୍ୟବସାୟିକ ପଦ୍ଧତିକୁ କିଭଳି ଆହୁରି ସ୍ୱଚ୍ଛ କରାଯାଇପାରିବ ସେହି ସମ୍ବନ୍ଧରେ ଏକ ଆଲୋଚନା ସଭା କରାଯାଇ ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀଙ୍କଠାରୁ ମାର୍ଗଦର୍ଶନ ନିଆଯାଇଥିଲା। ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଗୁରୁ ହେଉଛନ୍ତି ଏକ ସୁନ୍ଦର ସମାଜର ସାରଥି। ଗୁରୁ କୋମଳମତି ଶିଶୁଙ୍କୁ ବିଦ୍ୟା, ବୁଦ୍ଧି, ସଂସ୍କାର ପ୍ରଦାନ କରି ଏକ ସୁନ୍ଦର ସମାଜ ଗଢ଼ି ତୋଳିବାରେ ମୁଖ୍ୟ ଭୂମିକା ଗ୍ରହଣ କରନ୍ତି।

# ମହିନ୍ଦ୍ରା କନଷ୍ଟ୍ରକ୍ସନ ଇକ୍ୱିପ୍‌ମେଣ୍ଟ ପକ୍ଷରୁ ସିଇଭି-ଭି ରେଞ୍ଜର ଶୁଭାରମ୍ଭ

ଭୁବନେଶ୍ୱର,୫।୯(ଅନୁରାଧା ମହାରଣା)




ମହିନ୍ଦ୍ରା ଗ୍ରୁପ୍‌ର ଏକ ଅଂଶବିଶେଷ ମହିନ୍ଦ୍ରା କନଷ୍ଟ୍ରକ୍ସନ ଇକ୍ୱିପ୍‌ମେଣ୍ଟ ଡିଭିଜନ (ଏମ୍‌ସିଇ) ପକ୍ଷରୁ ଏହାର ଆଡ୍‌ଭାନ୍ସଡ ସିଇଭି-ଭି ମେଶିନ ରେଞ୍ଜର ଶୁଭାରମ୍ଭ ହୋଇଛି। ଏହି ରେଞ୍ଜ ଆଡଭାନ୍ସଡ ଫିଚର, ଅଧିକ ଆରାମ, ଉଚ୍ଚ ଉତ୍ପାଦକତା ଓ କାର୍ଯ୍ୟଦକ୍ଷତା ପ୍ରଦାନ କରିବା ସହ ନୂଆ ଶିଳ୍ପ ନିୟମାବଳୀର ଅନୁପାଳନ ନିଶ୍ଚିତ କରୁଛି। ଏହି ଲଞ୍ଚ ଇଭେଣ୍ଟ ଭୁବନେଶ୍ୱରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏମ୍‌ସିଇର କଷ୍ଟମର କେୟାର ବିଭାଗର ମୁଖ୍ୟ ରାଜେନ୍ଦ୍ର ଆଷ୍ଟେକର, ବ୍ରାଣ୍ଡ ମ୍ୟାନେଜର କଳ୍ପକ କର, ଜେଡ୍‌ଏସ୍‌ଏମ୍ କିଶୋର ତିୱାରୀ, ଜେଡ୍‌ସିସିଏମ୍ ସନ୍ଦୀପ ଘୋଷ, ସିସିଏମ୍ ସୁବ୍ରତ ସ୍ୱାଇଁ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିଃର କନଷ୍ଟ୍ରକ୍ସନ ଇକ୍ୱିପ୍‌ମେଣ୍ଟ ବିଭାଗର ବିଡିଏମ୍ ସୁଧାଂଶୁ ନାୟକ ଏବଂ ଟିଆର୍‌ଏସ୍ ଇଞ୍ଜିନିୟରିଂର ପରିଚାଳନା ନିର୍ଦ୍ଦେଶକ ଦେବଦତ୍ତ ରାୟ ପ୍ରମୁଖ ସାମିଲ ଥିଲେ। କଷ୍ଟମର କେୟାର ବିଭାଗର ମୁଖ୍ୟ ରାଜେନ୍ଦ୍ର ଆଷ୍ଟେକର ଓ ବ୍ରାଣ୍ଡ ମ୍ୟାନେଜର କଳ୍ପକ କର କହିଛନ୍ତି, ନୂଆ ସିଇଭି-ଭି ରେଞ୍ଜର ନିର୍ମାଣ ଉପକରଣର ଶୁଭାରମ୍ଭ, ଭାରତ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ସ୍ଥାୟିତ୍ୱ ଲକ୍ଷ୍ୟ ଦିଗରେ ମହିନ୍ଦ୍ରାର ପ୍ରୟାସଗୁଡ଼ିକୁ ସୁଦୃଢ଼ କରିଛି। ନୂଆ ଅପ୍‌ଗ୍ରେଡେଡ୍ ସିଇଭି-ଭି ରେଞ୍ଜର ମହିନ୍ଦ୍ରା ଅର୍ଥମାଷ୍ଟର ଏସ୍‌ଏକ୍ସ ବ୍ୟାକ୍‌ହୋଲ୍‌ଡର ଓ ମହିନ୍ଦ୍ରା ରୋଡ୍‌ମାଷ୍ଟରଜି୧୦୦ ଗ୍ରେଡରରେ ସିଇଭି-ଭି ନିର୍ଗମନ ମାନଦଣ୍ଡକୁ ପୂରଣ କରୁଥିବା ଶକ୍ତିଶାଳୀ ଇଞ୍ଜିନ ରହିଛି। ଅଧିକ ଶକ୍ତିଶାଳୀ ମୋଟର ଗ୍ରେଡ୍‌ର ରୋଡ୍‌ମାଷ୍ଟର ଜି୧୦୦କୁ ଆଗାମୀ ସିଇଭି-ଭି ନିର୍ଗମନ ମାନଦଣ୍ଡକୁ ପୂରଣ କରିବା ପାଇଁ ଡିଜାଇନ କରାଯାଇଛି।

# ରାଜ୍ୟ ବାହାରେ ବଢ଼ୁଛି ଓମ୍‌ଫେଡ୍ ଚାହିଦା

ଭୁବନେଶ୍ୱର,୫।୯

ଓଡ଼ିଶା ରାଜ୍ୟ ଦୁଗ୍ଧ ସମବାୟ ଉତ୍ପାଦକ ଫେଡେରେଶନ ଲିମିଟେଡ୍ (ଓମ୍‌ଫେଡ୍) ପ୍ରସ୍ତୁତ ଦୁଗ୍ଧଜାତ ଦ୍ରବ୍ୟର ଚାହିଦା ଏବେ ରାଜ୍ୟ ବାହାରେ ବଢ଼ୁଛି। ଓମ୍‌ଫେଡ୍ ଦ୍ୱାରା ପ୍ରସ୍ତୁତ ଘିଅ, ଫ୍ଲେଭର ମିଲ୍କ, ଛେନାପୋଡ଼, ପେଡ଼ା, ଆଇସ୍‌କ୍ରିମ୍, ମିଠା ଓ ସାଦା ଦହି ଆଦି ବିଭିନ୍ନ ସ୍ୱାଦିଷ୍ଟ ଓ ଉତ୍ତମ ଗୁଣବତ୍ତା ଜିନିଷ ନୂଆଦିଲ୍ଲୀର ଗ୍ରାହକ ପସନ୍ଦ କରୁଛନ୍ତି। ଓଡ଼ିଶା ନିବାସଠାରେ ନିକଟରେ ଓମ୍‌ଫେଡ୍ ପକ୍ଷରୁ ଏକ ଷ୍ଟଲ ଖୋଲାଯାଇଛି। ପୂର୍ବରୁ ଦିଲ୍ଲୀର ହାଉଜ୍‌ଖାସ୍ ଜଗନ୍ନାଥ ମନ୍ଦିର ନିକଟରେ ମଧ୍ୟ ପୂର୍ବରୁ ଏକ ଷ୍ଟଲ ଖୋଲିଥିବାବେଳେ ଆଉ ଏକ ଷ୍ଟଲ ଖୋଲିବା ପାଇଁ ମନ୍ଦିର କର୍ତ୍ତୃପକ୍ଷ ଓମ୍‌ଫେଡ୍‌କୁ ଅନୁରୋଧ କରିଛନ୍ତି। ମନ୍ଦିରର ଉପସଭାପତି ଗଜେନ୍ଦ୍ର ପ୍ରସାଦ ସାମନ୍ତ ଓ ସମ୍ପାଦକ ରବୀନ୍ଦ୍ର ନାଥ ପ୍ରଧାନ ଓ ଅନ୍ୟ କର୍ମକର୍ତ୍ତାଙ୍କ ସହ ଆଲୋଚନା ଓଡ଼ିଶା ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏବଂ ଓମ୍‌ଫେଡ୍ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ଏନେଇ ଆଲୋଚନା କରିଛନ୍ତି। ଆଗାମୀ ଦିନରେ ଅନ୍ୟ ରାଜ୍ୟରେ ମଧ୍ୟ ଓମ୍‌ଫେଡ୍ ବ୍ୟବସାୟ ବିସ୍ତାର କରିବା ଯୋଜନା ରହିଛି।


## OFFICE OF THE PANCHAYAT SAMITI, KUNDRA, DISTRICT-KORAPUT

**No.3412/2025** **Dated 04.09.25**

No.i-296: Seal tenders are invited from Registered Contractors from State PWD/M.I./Irrigation/Rural Works for execution of Buildings etc. The details information of which are made available in the (www.tendersorissa.gov.in) website and also in Koraput Dist. website i.e. http//www.koraput.odisha.gov.in.

The date and time of apply & receive of Tender Paper is from 06.09.2025 to 17.09.2025 upto 05.30 Hrs through in the (www.tendersorissa.gov.in) website only.

Tender will be opened on 18.09.2025 at 11.30 AM onwards in the Office of the Panchayat Samiti, Kundra, Dist-Koraput.

**Sd./- Block Development Officer Kundra**

OIPR-19138/11/0006/2526

## VEER SURENDRA SAI UNIVERSITY OF TECHNOLOGY, BURLA

ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ, ବୁର୍ଲା

Po-Burla Engineering College, Dist.-Sambalpur, Odisha, 768018

www.vssut.ac.in

**No.VSSUT/OOR/846/2025** **Dated 04.09.2025**

### NOTICE

**No.KK-213:** The 16th Annual Convocation-2024 of the University is scheduled to be held on 13.09.2025 (Saturday) afternoon in Sir Visveswaraya Auditorium. The detailed information has already been shared in the University website: www.vssut.ac.in.

OIPR-14072/11/0043/2526 **Sd./- REGISTRAR**

## କଟକ ଉନ୍ନୟନ କର୍ତ୍ତୃପକ୍ଷ

CDA

ଅରୁଣୋଦୟ ଭବନ-କଟକ,ଲିଙ୍କ୍ ରୋଡ୍ 12

### ସୂଚନା

No.CAD-1679:ଏତଦ୍ୱାରା ସମସ୍ତ ଆବେଦନକାରୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସିଡିଏ ସେକ୍ଟର-୧୩ର ପ୍ଲଟ ଆବଣ୍ଟନ ପାଇଁ ଲଟେରୀ ପ୍ରକ୍ରିୟା ନିମ୍ନଲିଖିତ ତାରିଖ ଓ ସ୍ଥାନରେ କରାଯିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଧାର୍ଯ୍ୟ କରାଯାଇଅଛି । ଉକ୍ତ ତାରିଖରେ ଉପସ୍ଥିତ ରହିବାପାଇଁ ସମସ୍ତ ଆବେଦନକାରୀମାନଙ୍କୁ ଅନୁରୋଧ କରାଯାଉଅଛି ।

G-କ୍ୟାଟେଗୋରୀ: ୧୦ ସେପ୍ଟେମ୍ବର, ୨୦୨୫
F-କ୍ୟାଟେଗୋରୀ: ୧୧ ସେପ୍ଟେମ୍ବର,୨୦୨୫
ସ୍ଥାନ: ୱିଣ୍ଡସର ପ୍ଲେସ, ସେକ୍ଟର-୬
ସମୟ ସକାଳ ୯ ଘଟିକା

OIPR-13037/11/0357/2526 ସ୍ୱା./-ସଚିବ

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER CUM DMD, BOUDH

(DISTRICT TUBERCULOSIS CENTRE, BOUDH WING)

Advt. No.310/DTC/2025 Dated 04.09.2025

### EXPRESSION OF INTEREST FOR EMPANELMENT OF X-RAY SERVICES

No.E-372:Sealed proposals are invited from interested eligible agencies/ vendors for empanelment to provide X-Ray services for Intensified TB Elimination Campaign in Boudh District. The eligible criteria, the detail requirement and the formats for submission of proposals are set forth in the following RFP document which can be downloaded from the website www.boudh.odisha.gov.in.

Interested agency fulfilling the eligibility criteria may submit their proposal(s) separately as per application format. The details of proposal(s) completed in all respect & superscribed with "Expression of interest for empanelment to provide X-Ray services for Intensified TB Elimination Campaign in Boudh District. The agencies have to submit their proposals to the office of the CDM&PHO, Boudh which should reach on or before 20.09.2025 till 05.00 P.M. through Speed Post/ Regd.Post only. Incomplete application in any form is liable for rejection. The undersigned reserves the right to reject any or all the proposals without assigning any reason thereof.

OIPR-10107/11/0021/2526 **Sd./- CDM & PHO-Cum-DMD, Boudh**

## SALE OF TENDER/ BID DOCUMENT

No.E-371: A complete set of bidding documents may be download by the prospective bidders directly from the WEBSITE available at www.slnmch.nic.in & www.koraput.odisha.gov.in. The tender processing fee of Rs.2000/- (Non-refundable) & EMD (Rs.50000/-) in shape of Demand Draft in favour of Medical Superintendent, SLNMCH, Koraput payable at Koraput should be submitted as mentioned in the bid document. In case of any bid amendment and clarification, responsibility lies with the bidders to collect the same from the website before last date of submission of tender document and the Superintendent SLNMC&H, Koraput shall have no responsibility for any delay/omission on part of the bidder.

| | |
|---|---|
| Date of Publication of the Bid document | : Dt.06.09.2025 from 11 A.M. |
| Last date & time of receipt of bid documents | : Dt.08.10.2025 upto 5.30 P.M. |
| Date & Time of opening of Tender | : Dt.09.10.2025 at 12.30 P.M. |

**N.B.:** The tender paper will be rejected if the bidder changes any clause or Annexure of the bid document downloaded from the website.

**Sd./- Superintendent SLNMC&H, Koraput**

OIPR-10121/11/0039/2526

## GOVERNMENT OF ODISHA
## OFFICE OF THE SUPERINTENDING ENGINEER MINOR IRRIGATION DIVISION, MAYURBHANJ

**Tel. No. (06792) 260788, e-Mail ID: mi.mayurbhanj@yahoo.co.in**

### "e" Procurement Notice

**No. 3133** **Dated: 02.09.2025**

**Identification No. S.E.M.I.D. MBJ. No. 09/MID, MBJ/2025-26**

No. A-582: The Superintending Engineer, M.I. Division, Mayurbhanj on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

| | | |
|---|---|---|
| 1. | Name of works | : Civil construction works as mentioned in the website |
| 2. | Total No. of Works | : 3 Nos. |
| 3. | Tender Amount | : 50.33 Lakh to 75.62 Lakh (Detail list of works Annexed) |
| 4. | Class of Contractor | : As mentioned against work |
| 5. | Period of Completion | : As mentioned against work |
| 6. | Date & time of availability of Bid document in the portal | : 08.09.2025 at 10.00 A.M. to 18.09.2025 upto 5.00 P.M. |
| 7. | Last date/time for receipt of Bids in the portal | : 18.09.2025 upto 5.00 P.M. |
| 8. | Date/Time of Opening of Technical Bid | : 19.09.2025 at 11.00 A.M. |
| 9. | Name and address of the Officer Inviting the Bid | : Superintending Engineer, M.I. Division, Mayurbhanj |
| 10. | Mode of Payment of Bid Cost | : Online |

11. Further details can be seen from the "e" Procurement portal **"https://tendersorissa.gov.in"**.

**Sd./- Superintending Engineer Minor Irrigation Division, Mayurbhanj**

OIPR-32041/11/0017/2526

## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର

(ଗ୍ରାମ୍ୟ/ପୋଷ୍ଟ: ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର - ୭୬୦୦୧୧, ଗଞ୍ଜାମ, ଓଡ଼ିଶା)

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR

(At/P.O.- Ambapua, Near Income Tax Office, Berhampur - 760011, Ganjam, Odisha)

**No. O-713** (E-mail: serwbpr2004@yahoo.com, Tel No.: 0680-2404287)

**No. e-tender/3213/RWC/BAM** **Dated: 03.09.25**

### 1st Corrigendum to Bid Identification No. Online Tender/22-2025-26/BPR

1) the partial modification of Road works under **PERIODICAL MAINTENANCE** vide above identification has been made as follows.

| | | | |
|---|---|---|---|
| 1 | Last date of availability of tender | : | 24.09.2025 upto 5.30 P.M. instead of 15.09.2025 upto 5.30 P.M. |
| 2 | Last date & time of seeking tender clarification | : | 22.09.2025 at 5.30 P.M. instead of 12.09.2025 at 5.30 P.M. |
| 3 | Date of Opening of Technical Bid | : | 25.09.2025 at 11.00 A.M. instead of 16.09.2025 at 11.00 A.M. |
| 4. | Date of opening of Financial Bid | : | Will be intimated later on |

All other contents will remain unchanged.

OIPR-25071/11/0120/2526 **Sd./- Chief Construction Engineer, R.W. Circle, Berhampur**

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, ANGUL

E-Mail:sencrwangul@yahoo.co.in, Ph:06764-236404

**No.2478** **Dt.26.8.25**

### CANCELLATION OF TENDER FOR ROAD WORK

No.O-720: Due to some unavoidable circumstances the tender for the work "Improvement to N.H.-200-Arachua road and Bridge at 0.740 Km (3x10.77 mtr.) in the District of Dhenkanal under MMSY-Impvt. to Existing R.D. Road for the year 2024-25" invited vide this office Tender Call Notice No.2316, dt.08.08.2025 (Bid Identification No. Road Online-AGL-10/2025-26) by the Procurement Officer, Chief Construction Engineer, Rural Works Circle, Angul is hereby Cancelled.

**Sd./- Chief Construction Engineer Rural Works Circle, Angul**

OIPR-25180/11/0069/2526

## OFFICE OF THE NOTIFIED AREA COUNCIL, NILGIRI, BALASORE

**No.3196** **Date:03.09.2025**

### "e" Procurement Notice

**Bid Identification No.NLGN_04/2025-26**

No.C-1005:The Executive Officer, Nilgiri MAC, Nilgiri, invites Percentage Rate bids in Double Cover Systems for the following work detailed in the table from the Class of Contractors as mentioned in Col.7 of table registered with the State Governments and contractors of equivalent Grade/Class registered with Central Government/MES/Railways/ having experience and expertise in Design, Construction, Testing & Commissioning of Similar Type of Works and fulfilling minimum eligibility criteria as stated here under and other detailed qualifying requirements given in the DTCN to be eventually drawn up in the Standard P-1 Contract Form of Odisha PWD. The bidders may submit their E.M.D. Amount and paper cost as mentioned in DTCN. Affidavit and attested copies of PAN, GSTN, CDMS registration certificate and Registration certificate must be submitted through online. The technical bids will be opened on dt. 16.09.2025 at 11.00AM in the office of the undersigned. The bidders should have necessary portal enrolment (with own digital signature certificate). The registered bidders outside Odisha state can also participate in this on-line tender process after necessary portal enrolment but shall have to subsequently undergo registration with appropriate authority of the state government within a month of acceptance of bid.

| | | |
|---|---|---|
| 1. | Name of the Work | : Construction of Market Complex near Hanuman Temple, Ground Floor & 1st Floor |
| 2. | No.of Works | : 1 No. |
| 3. | Estimated Cost | : Rs.87,91,939/- |
| 4. | Period of Completion | : 180 days |
| 5. | Date & Time availability of Bid documents in the Portal | : 05.09.2025 at 10.00 AM to 15.09.2025 upto 5 P.M. |
| 6. | Last date & time for receipt of bids in the portal | : 15.09.2025 upto 5 PM |
| 7. | Bids received online shall be opened on | : 16.09.2025 at 11.00 AM |
| 8. | Name and address of the Officer Inviting Bid | : Executive Officer, Nilgiri NAC |

Further details can be seen from the procurement portal i.e. www.tendersodisha.gov.in.

**OIPR-13179/11/0035/2526**

## GOVERNMENT OF ODISHA
## SPORTS & YOUTH SERVICES DEPARTMENT

**Kalinga Stadium Sports Complex, Hockey West Stand, Nayapalli, Bhubaneswar - 751012**

**SYS-FE-FE-0006-2015 No. 21491/SYS** **Dated: 04.09.2025**

### RECRUITMENT OF JUNIOR COACHES

No. TT: Application in prescribed format is invited from intending candidates for appointment to the post of Junior Coach under Sports & Youth Services Department, Government of Odisha as per the details given below.

| Sports Discipline | No. of Junior Coaches to be appointed | | | Category of Candidates | |
|---|---|---|---|---|---|
| | Men/Women | Women | Total | | |
| Football | 02 | - | 02 | ST | 07 |
| Hockey | 04 | 01 | 05 | | |
| Weightlifting | 02 | 01 | 03 | ST (Women) | 02 |
| Table Tennis | 01 | - | 01 | | |
| Athletics | 04 | 02 | 06 | SC | 04 |
| Badminton | 01 | - | 01 | | |
| Swimming | 02 | 01 | 03 | SC (Women) | 03 |
| Volleyball | 01 | 01 | 02 | | |
| Archery | 02 | 01 | 03 | UR | 15 |
| Basketball | 01 | 01 | 02 | | |
| Cycling | 01 | 01 | 02 | UR (Women) | 07 |
| Fencing | 01 | 01 | 02 | **Note:** Reservation for Ex-Servicemen (1 Post) shall be in accordance with GA & PG Dept. Notification No. 1955/Gen dated 19.01.2021. *this 1 post shall be filled up within the 38 posts advertised | |
| Gymnastics | 01 | 01 | 02 | | |
| Kho-Kho | 01 | - | 01 | | |
| Kabadi | 01 | - | 01 | | |
| Wrestling | 01 | 01 | 02 | | |
| **Total** | **26** | **12** | **38** | | **38** |

**Basic Qualification:** Degree from a recognized university with Diploma in Sports Coaching from Netaji Subhash National Institute of Sports (NSNIS) under Sports Authority of Inida/PG Diploma Course in Sports Coaching conducted by Laxmibai National Institute of Physical Education (LNIPE) Gwalior.

Last date & time for receipt of application is 24.09.2025 by 05.00 P.M. for downloading prescribed application format and to see other details, please visit our website **https://sports.odisha.gov.in/**

By Order of Commissioner-cum-Secretary

OIPR-29001/11/0110/2526 **Sd./- Additional Secretary, Sports**

## OFFICE OF THE ROURKELA MUNICIPAL CORPORATION

UDITNAGAR, ROURKELA, ODISHA-769012

E-mail ID: rourkelamunicipality@gmail.com

**No.10570** **Date:03.09.25**

### TENDER CALL NOTICE FOR SUPPLY OF PARK MECHINERY ITEMS UNDER ROURKELA MUNICIPAL CORPORATION

No.C-1010: Sealed Tenders are invited from the intending reputed Manufacturers/Authorized Dealer having PAN and valid GST certificate for Supply of Park Machinery items under Rourkela Municipal Corporation.

The sealed Tender should reach to the Commissioner, Rourkela Municipal Corporation, Uditnagar, Rourkela, Sundargarh-769012 on or before 11.09.2025 by 1.00 PM through Postal/Courier/Speed Post/registered post or by hand. The Tender will be opened on 12.09.2025 at 11.30 AM in presence of the bidders who wish to attend.

Details terms and conditions of the tender process can be downloaded from the official website of Rourkela Municipal Corporation (www.rmc.nic.in).

The undersigned reserves the right to negotiate or reject/ cancel any or all the tenders at any time without assigning any reason thereof.

**Sd./-Commissioner Rourkela Municipal Corporation**

OIPR-13131/11/0164/2526


See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଛାତ୍ରାବାସରେ ଫିନାଇଲ ପିଇ ଛାତ୍ର ଗୁରୁତର, କାରଣ ଅସ୍ପଷ୍ଟ

**ନନ୍ଦପୁର,୫।୯(ତୁଷାରକାନ୍ତ ମହାନ୍ତି)**

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ସଦର ମହକୁମା ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଆଇଟିଡିଏ ଛାତ୍ରାବାସର ଜଣେ ନବମ ଶ୍ରେଣୀ ଛାତ୍ର(୧୫) ଗୁରୁବାର ରାତିରେ ଫିନାଇଲ ପିଇ ଗୁରୁତର ହୋଇଛନ୍ତି। ଛାତ୍ରାବାସ କର୍ତ୍ତୃପକ୍ଷ ତାଙ୍କୁ ପ୍ରଥମେ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ଫିନାଇଲ ପିଇବା କାରଣ ଅସ୍ପଷ୍ଟ ରହିଛି। ଶୁକ୍ରବାର ଅପରାହ୍ନ ୩ଟା ସୁଦ୍ଧା ଘଟଣା ସମ୍ପର୍କରେ ବ୍ଲକ୍ ଶିକ୍ଷା ବିଭାଗ, ମଙ୍ଗଳ ବିଭାଗ ଓ ବ୍ଲକ୍ ପ୍ରଶାସନ ପାଖରେ କୌଣସି ସୂଚନା ନ ଥିବା ଜଣାପଡ଼ିଛି। ଛାତ୍ରଙ୍କୁ ମେଡିକାଲ କଲେଜରେ ବେଡ୍ ନ ମିଳିବାରୁ ତଳେ ଶୁଆଇ ଚିକିତ୍ସା କରାଯାଇଥିବା ସୂଚନା ମିଳିଛି। ରାତିତମାମ ଚିକିତ୍ସା ପରେ ଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିବା ତାଙ୍କ ବାପା ଧନୁର୍ଜୟ ବୁରୁଡ଼ି କହିଛନ୍ତି। ସମ୍ପୂର୍ଣ୍ଣ ସୁସ୍ଥ ହେଲେ ଫିନାଇଲ ପିଇବା କାରଣ ପଚାରି ବୁଝିବେ ବୋଲି କହିଛନ୍ତି। ଚିକିତ୍ସାକୁ ପ୍ରାଧାନ୍ୟ ଦିଆଯାଉଥିବା ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ତଥା ଛାତ୍ରାବାସ ପରିଚାଳକ ଅଞ୍ଜୁଲତା ଗରଡ଼ା ସୂଚନା ଦେଇଛନ୍ତି।

# ପରିବେଶର ରକ୍ଷକ

**ଆଜି ଅନ୍ତର୍ଜାତୀୟ ଶାଗୁଣା ସଚେତନତା ଦିବସ**



ପ୍ରତିବର୍ଷ ସେପ୍ଟେମ୍ବରର ପ୍ରଥମ ଶନିବାରକୁ 'ଅନ୍ତର୍ଜାତୀୟ ଶାଗୁଣା ସଚେତନତା ଦିବସ' ଭାବରେ ପାଳନ କରାଯାଇ ଆସୁଛି। ୨୦୦୬ ମସିହାରେ ଦକ୍ଷିଣ ଆଫ୍ରିକାର ଏନ୍‌ଡେଞ୍ଜର୍ଡ ୱାଇଲ୍ଡ ଲାଇଫ୍ ଟ୍ରଷ୍ଟ ଓ ଇଂଲଣ୍ଡର ହକ୍ କଞ୍ଜରଭାନ୍ସି ଟ୍ରଷ୍ଟ ମିଳିତଭାବେ ଶାଗୁଣାଙ୍କ ସଂରକ୍ଷଣ ସକାଶେ ଅନ୍ତର୍ଜାତୀୟ ଶାଗୁଣା ସଚେତନତା ଦିବସ ଆରମ୍ଭ କରିଥିଲେ। ତେବେ ପ୍ରଥମ ଅନ୍ତର୍ଜାତୀୟ ଶାଗୁଣା ସଚେତନତା ଦିବସ ୨୦୦୯ ସେପ୍ଟେମ୍ବରର ପ୍ରଥମ ଶନିବାର ପାଳନ କରାଯାଇଥିଲା। ପରିବେଶକୁ ପରିଷ୍କାର ରଖିବାରେ ଶାଗୁଣାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। କାରଣ ମରିଯାଇଥିବା ଜୀବଜନ୍ତୁ ପଚି ଶଢ଼ି ପରିବେଶକୁ ପ୍ରଦୂଷଣ କରିବା ପୂର୍ବରୁ ଏମାନେ ସେଗୁଡ଼ିକୁ ଖାଇଦିଅନ୍ତି। ପ୍ରତିକୂଳ ସ୍ଥିତିକୁ ଭ୍ରୂକ୍ଷେପ ନ କରି ଏମାନେ ନିଜ କାମରେ ଲାଗିଥାଆନ୍ତି। କିନ୍ତୁ ପରିତାପର ବିଷୟ, ପରିବେଶ ସଫେଇରେ ବିଶେଷ ଭୂମିକା ନିଭାଉଥିବା ଏହି ପକ୍ଷୀଙ୍କ ବଂଶ ଧୀରେ ଧୀରେ ଲୋପ ପାଇଯିବାକୁ ବସିଛି। ଏହାକୁ ନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କଲେଣି। ତେଣୁ ଏହି ଦିବସ ଅବସରରେ ପରିସଂସ୍ଥା ସୁରକ୍ଷାକାରୀ ଶାଗୁଣାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ଏବଂ ବିପଦଗ୍ରସ୍ତ ଉକ୍ତ ପ୍ରଜାତିଙ୍କ ସଂରକ୍ଷଣ ପ୍ରୟାସକୁ ପ୍ରୋତ୍ସାହିତ କରାଯାଇଥାଏ।

# ଜାହାଜରୁ ଖସି ଚାଇନା ନାବିକ ନିଖୋଜ

**ପାରାଦୀପ, ୫।୯(ଶରତ ରାଉତ)**

**ପାରାଦୀପ, ଘରୋଇ ବର୍ଥରେ ଅଘଟଣ**

ପାରାଦୀପ ବନ୍ଦର ୫ ନଂ. ଗେଟ୍ ପାଖରେ ବିଓଟି ବେସିସରେ କ୍ଲିନ୍ କାର୍ଗୋ ବର୍ଥ ପରିଚାଳନା କରୁଥିବା ପିଆଇସିଟି ବର୍ଥରେ ଶୁକ୍ରବାର ସକାଳେ ଅଘଟଣ ଘଟିଛି। ପାନାମା ଜାତୀୟ ପତାକା ଲଗାଇ ଆସିଥିବା ପଣ୍ୟବାହୀ ଜାହାଜ ଏମ୍‌ଭି ଲକି ଡ୍ରାଗନରୁ ଖସି ଜଣେ ଚାଇନା ନାବିକ ନିଖୋଜ ଅଛନ୍ତି। ସେ ହେଲେ ଝାଙ୍ଗ ତାଇ। ଆଉ ଜଣେ ବାଂଲାଦେଶୀ ନାବିକ ପାଣିରେ ବୁଡି ଯାଉଥିବା ବେଳେ ତାଙ୍କୁ ଉଦ୍ଧାର କରାଯାଇଛି। ଆହତ ନାବିକଙ୍କ ପରିଚୟ ମିଳିନାହିଁ। ତାଙ୍କୁ ପିଆଇସିଟି କର୍ତ୍ତୃପକ୍ଷ ଅଧିକ ଚିକିତ୍ସା ପାଇଁ କଟକ ପଠାଇଥିବା ଜଣାପଡିଛି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଉକ୍ତ ଜାହାଜ ଏମ୍. ଏସ୍. ରଶ୍ମି ସିମେଣ୍ଟ ଲିମିଟେଡ୍ କମ୍ପାନୀର ପିଗ୍ ଆଇରନ ବୋଝେଇ କରି ସକାଳେ ବର୍ଥ ଛାଡିବା ପାଇଁ ପ୍ରସ୍ତୁତି ଚଳାଇଥିଲା। ନିଖୋଜ ନାବିକ ଝାଙ୍ଗ ତାଇ ଜାହାଜ ଶିଡି ରଶି ଖୋଲିବା ବେଳେ ତାହା ଛିଡିଯାଇଥିଲା। ଫଳରେ ନାବିକ ତାଇ ଛିଟିକି ପାଣିରେ ପଡି ଯାଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ବାଂଲାଦେଶ ନାବିକ ପାଣିକୁ ଡେଇଁ ପଡି ଚେଷ୍ଟା କରିଥିଲେ ହେଁ ଅସଫଳ ହୋଇଥିଲେ। ସେ ମଧ୍ୟ ବୁଡି ଯାଇଥିଲେ। ତାଙ୍କୁ ଅନ୍ୟ ନାବିକ ରଶି ଦ୍ୱାରା ଉଦ୍ଧାର କରିଥିଲେ। ଘଟଣା ପରେ କୋଷ୍ଟଗାର୍ଡ, ବନ୍ଦର ମେରାଇନ୍ ବିଭାଗ, ସିଆଇଏସ୍‌ଏଫ୍, ପୋଲିସ ଆଦି ସଂସ୍ଥାର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ଜଣେ ବୁଡାଳି ଜରିଆରେ ନିଖୋଜ ନାବିକଙ୍କ ସନ୍ଧାନ ଚାଲିଛି। ରିପୋର୍ଟ ଲେଖା ହେବା ସୁଦ୍ଧା ଜାହାଜ ସେହି ପିଆଇସିଟି ବର୍ଥରେ ରହିଛି। ଏସମ୍ପର୍କରେ ପିଆଇସିଟି ମାନବ ସମ୍ବଳ ଅଧିକାରୀ ଶାରଦା ନାୟକଙ୍କୁ ପଚାରିବାରେ ଭୁବନେଶ୍ୱରରେ ଅଛି। କିଛି ଜାଣିନାହିଁ ବୋଲି ସେ କହିଛନ୍ତି।

# ମନେ ପଡ଼ନ୍ତି

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ କୈଳାସ ଚନ୍ଦ୍ର ବେହେରା**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ବନ୍ଥୁଣିଆ, ବେଣ୍ଟକାର, କଟକ
ଆବିର୍ଭାବ: ୦୬।୦୮।୧୯୪୬
ତିରୋଧାନ: ୨୭।୦୮।୨୦୨୫
ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୁମର ଆତ୍ମା ଶାନ୍ତିରେ ରହୁ।
ଶୋକସନ୍ତପ୍ତ: ପତ୍ନୀ: ସୁଲୋଚନା ବେହେରା, ଭାଇ: ବିଳାସ, ଉଲ୍ଲାସ, ପୁତ୍ର: ବିନୋଦ ବେହେରା, ସମିତି ସଭ୍ୟ ବେଣ୍ଟକାର ପଞ୍ଚାୟତ ଓ ପ୍ରମୋଦ ବେହେରା, ପୁତ୍ରବଧୂ: ବବିତା ବେହେରା, ପୂର୍ବତନ ସରପଞ୍ଚ, ରଞ୍ଜିତା ବେହେରା, ଝିଅ: ମମତା, ସବିତା, ଜ୍ୱାଇଁ: ରମେଶ, ପ୍ରଦୀପ୍ତ, ନାତି: ବିକାଶ, ମିକୁନ, ନାତୁଣୀ: ରିଙ୍କି, ପିଙ୍କି, ସାଉନି, ପିହୁ
ଧ-୧୮୬୯

## ପ୍ରଥମ ଶ୍ରାଦ୍ଧବାର୍ଷିକ



**୰ଶ୍ରୀ ପ୍ରଦୀପ କୁମାର ମହାପାତ୍ର**
ବାଗବୃନ୍ଦାବନ, ବାଲେଶ୍ୱର, ଓଡ଼ିଶା
ଆବିର୍ଭାବ: ୧୮।୦୪।୧୯୫୮
ତିରୋଧାନ: ୧୬।୦୯।୨୦୨୪
ଆମ ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ଆମେ ତୁମକୁ ମନେ ପକାଉଛୁ। ତୁମର ଉପସ୍ଥିତି ଆମ୍ଭେମାନେ ସଦାସର୍ବଦା ହୃଦୟଙ୍ଗମ କରିପାରୁଛୁ। ଆମ ହୃଦୟରେ ତୁମେ ସବୁବେଳେ ଅଛ।
ତୁମ ସ୍ନେହର ପରିବାର: ବାସବ, ବିରଞ୍ଚି, ଲଳାଟେନ୍ଦୁ, ମାମି, ପ୍ରିଶୁ, ପୁଚି, ରୁଚି, ଲୁଟୁ, ଜିତେନ, ଲିପି, ଜୁବୁଲ, ବୁବୁଲ, କାବୁଲ, ଦୀକ୍ଷା, ସିକ୍କି, ପିମ୍ପୁ, ଜୁଜୁ, ପୂର୍ବୀ, ଲୋରା, ବାବୁଲ, ସିଲୁ, ପିଙ୍କୁଲ, ଉମଙ୍ଗ, ଦିତ୍ୟା
ଧ-୧୮୭୦

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ବ୍ରହ୍ମାନନ୍ଦ ଦୀକ୍ଷିତ**
ମା' ମଙ୍ଗଳା ମନ୍ଦିର ବରିଷ୍ଠ ସେବାୟତ
ଗ୍ରାମ- କାକଟପୁର, ଜିଲ୍ଲା- ପୁରୀ
ତିରୋଧାନ: ୨୯।୦୮।୨୦୨୫
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ପ୍ରାର୍ଥନା।
ଶୋକସନ୍ତପ୍ତ: ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ-୧୮୮୩

# Classified Everyday

0674-2580101, 9692975378

## REAL ESTATE



## SALE

ଉତ୍ତରା ନିକଟ ଗୁଡ଼ିଆପୋଖରୀ ଛକ ଠାରୁ 1.5KM ଓ 2.5.KM ଦୂରତାରେ 1750sqft. ବାଉଣ୍ଡରୀ ସହ ଘରବାଡ଼ି plot ବିକ୍ରୟ ହେବ। 1460/- ଓ 1660/-. 7978551614. D-1872

**2047sqft. commercial (NH-57) boundarywall land sale at Pitapalli, Bhubaneswar-7008634668.** D-1877

Book your dream home Get 5 gram gold Luxurious 2 & 3 BHK flat for sale at Uttara Square, Bhubaneswar. Contact- 9692041609, 9132098320. D-1867

**3BHK ready to move flat for sale at Sundarpada. Price-60 Lakhs. Contact-7606024182.** D-1861

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ **New ODM Global School-2** ଏବଂ **KIIT** କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ **investment** ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। **9692276835, 7077632085.** D-1698

ସିନ୍ଧିଆ High School ନିକଟ ଆଙ୍ଗୁଳାରେ Farmhouse, Cultivation, Business ପାଇଁ ଉପଯୁକ୍ତ land ସୁଲଭ ମୂଲ୍ୟରେ ଉପଲବ୍ଧ, ଯାହା ବାଲେଶ୍ୱର Railway Station ଠାରୁ 10 K.M. Direct owner. Contact- 7978551614, 9439049194. D-1873

ଭୁବନେଶ୍ୱର ଫୁଲନଖରାଛକ, ଉତ୍ତରାଛକ, କଟକ, ମହାନଦୀ ବିହାରରେ ଘରବାରି ପ୍ଲଟ, **2BHK/3BHK Flat/ Duplex** ଅଛି। **8327785834.** D-1781

**Ready to move 1/2BHK flat for sale @18/24lakh at Gudiapokhari Bhubaneswar. Call-9827439338.** D-1803




Newly open health benefits SPA by expert therapist. Contact- 8280961126. D-76935

## LOST

I, Sri Sashibhusan Mallick, S/o- Sudarshan Mallick, At- Guansula, Karanjamala, Bhadrak has lost my Certificate along with Grade Sheet of BTech BPUT Reg No.- 1701297013 during flood on 20.07.2025. D-1868

## AFFIDAVIT

I, Pratyus Kumar Purohit, S/o- Basudev Purohit, Resident of 2RAF-43-3, Unit-IX(F), P.O.-Bhoinagar, P.S.- Sahid Nagar, Near Regional Institute of Education, Bhubaneswar, Dist.-Khordha, PIN-751022, Odisha, declared by this affidavit No.- 08, dtd. 04.09.2025 that now onwards I shall be known as Pratyush Kumar Purohit (i.e my self) for all future purposes. D-1882

By virtue of an affidavit sworn before the Executive Magistrate, Sundargarh on date 08.08.2025, I, Irinius Kerketta, S/o- Late Imil Kerketta, R/o. Vill- Danardanpur, P.O.- Karanjkhol, P.S.-Lephripara, Dist.- Sundargarh (Odisha) declare that my name Irinius Kerketta, Iriniyus Kerketa & Irnuyus Kerketta stand for same and one person i.e. myself. My name is Irinius Kerketta but wrongly mentioned as Irnuyus Kerketta in the Aadhaar Card of my daughter. My daughter's name is Seemanti Kerketta but wrongly mentioned as Simantipriya Kerketa in her Aadhaar Card. Both the name relates to one and same person i.e. my daughter. D-1855

By virtue of an affidavit before the Executive Magistrate, Kendrapara, dated- 30.08.2025, I, Amit Kumar Samantaray, Address: At- Masakani, P.O.- Jadupur, P.S.-Marshaghai, PIN-754213, Dist.- Kendrapara, Odisha declare that, I have changed my name and my wife's name from Amit Kumar to Amit Kumar Samantaray and Sasmita to Sasmita Samantaray in my daughter's (Aksara Samantaray) School records, studying in Class 9th (Sec-A) at PM Shri Kendriya Vidalaya No.-2, CRPF, Bhubaneswar. D-76852

I, Kumari Champa Murmu, D/o- Late Gopinath Murmu born on 04.02.1989 residing at Pitidhiri, P.O.- Moranda, P.S.- Jamda, Dist.- Mayurbhanj have changed my name to Champa Murmu vide affidavit dated 01.09.2025 at Bhubaneswar. D-1874

I, PRASANA KUMAR TRIPATHY, S/o- Late Kanhu Charan Tripathy, resident of Flat- B-1, Ashirvad Plaza, Sundarpada, Bhubaneswar, Dist.- Khordha, Odisha, PIN-751002 declare by this affidavit No.-20, dtd. 04.09.2025 that now onwards I shall be known as PRASANNA KUMAR TRIPATHY for all future purposes. D-1871

By virtue of an affidavit sworn before Notary Public, Chandikhole, No.- 24/25, date 11.6.25. I, Anant Kishore Samal, S/o Late Natabar Samal, resident of Village- Bilikana, Radhadei Pur, P.O./P.S.- Badachana, Dist.- Jajpur, PIN-754296, Odisha that I shall be known as ANANTA KISHOR SAMAL for all future purposes. D-1880

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

I, Sanjay Kumar Agrawala, S/o. Jaya Narayana Agrawala, R/o. At.- Jagannath Nagar, Ward No.3, P.O./P.S./Teh.- Barpali, Dist.- Bargarh declare by this affidavit No. 475, date 02.09.2025 that now onwards I shall be known as **SANJAY KUMAR AGRAWAL** for all future purposes. D-1881

By virtue of an affidavit sworn before the Executive Magistrate, Boudh, No.1069 date 25.07.25, I Sushama Sethy, W/o. Sahdev Sethy, R/o. Village- Deberapali, P.O.- Kampala, P.S.- Athamallik, Dist.- Angul Odisha, PIN- 759125 declare that I have changed my son's name from Tareswar Sethy to Swagat Sethy. Henceforth he shall be known as Swagat Sethy for all purposes.
Sushama Sethy
D-1878

By virtue of an affidavit sworn before Executive Magistrate, Sadar Cuttack, dated- 03.09.2025, I, Robin Kishore Patnaik, resident of At/P.O.- Salagaon, P.S.- Choudwar, Dist.- Cuttack- 754025, Odisha declare that I have changed my name from Rabin Kishore Pattanaik to Robin Kishore Patnaik. Henceforth, I shall be known as Robin Kishore Patnaik for all purposes.
Robin Kishore Patnaik
D-1876

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# LEGAL NOTICE

IN THE COURT OF 2ND ADDL CIVIL JUDGE, SENIOR DIVISION, BHUBANESWAR
C.M.A No.- 61/2021
(Arising out of C.S No.- 102/890/ of 2013/2009)
Santilata Chhualsingh............Petitioner
-Versus-
Prafulla Kumar Mohapatra and others
......opp parties

NOTICE UNDER ORDER- 5, RULE- 20 OF C.P.C

1. Pramilla Mohapatra, aged about 75 years, wife of late Prafulla Kumar Mohapatra, 2. Happy Mohapatra, aged about 55 years, son of late Prafulla Kumar Mohapatra, 3. Lakhi Mohapatra, aged about 53 years, son of late Prafulla Kumar Mohapatra, 4. Sanghamitra Mohapatra, aged about 50 years, D/o- late Prafulla Kumar Mohapatra. All are at Badadanda Sahi (Old Town), P.O.- Old Town, P.S.- Shri Lingaraj, Bhubaneswar, Dist.- Khurda, 5. Annapurna Mishra, Wife of Chaitanya Kumar Maharana, Vill- Samantarapur, P.S./Dist.- Jajpur, 6. Jagdeep Singh, son of Tulashi Singh, Vill.- Mominpur, P.S.- Karanga, Dist.- Rohtas ( Susaram), State- Bihar.

Whereas the above named petitioner has instituted a CMA before this court against you and others for restore the original suit bearing C.S. No.- 102/890 of 2013/2009 U/o-9, Rule-9 r/w- 151 of CPC, in which you all are avoiding to receive summons and attend the Court.

Take notice that the case is posted to dated 22nd day of September 2025 at about 10.30 A.M. to appear in person or by pleader duly instructed and able to answer all material questions relating to suit and you are directed to produce on that day all documents upon which you intend to rely support of your defence.

Take notice that in default of your appearance on the day before mentioned, the suit will be heard and determined in your absence. of given under my hand and the seal of the court of the 1st day of Sept, 2025.

SCHEDULE OF PROPERTY

District- Khurda, P.S.- Airfield, Mouza- Nandipur, Consolidation Khata No.- 24, Chak No.-13, Chaka Plot No.- 16, area Ac.0.510 decs. Corresponding to Mutation Khata No.- 68/150, Plot No.- 16, Ac.0.233 dec., Mutation Khata No.- 68/525, plot No.- 16/661 Ac.0.044 dec., Mutation khata No.- 68/524, Plot No.- 16/660, Ac.0.027 dec., Mutation Khata No.- 66/23, Plot No.- 16/625, Ac.0.027 dec., Mutation Khata No.- 66/22 plot No.- 16/624 Ac.- 0.27 dec, Muattion Khata No.- 66/21 plot No.- 16/622 Ac.0.022, Muattion Khata No.- 66/20 plot No.- 16/617 Ac.0.027 dec, Mutation Khata No.- 66/19 plot No.- 16/615 Ac. 0.022 dec., Mutation Khata No.- 66/18 plot No.- 16/614 Ac.0.027 dec., Muattion Khata No.- 66/17 plot No.- 16/613 Ac.0.027 dec, Mutation Khata No.- 66/16 plot No.- 16/612 Ac.0.027dec

Sd./- 2nd Addl Senior Civil Judge, Bhubaneswar
D-1879

IN THE COURT OF CIVIL JUDGE (Jr. Dvn.) CHANDBALI

C.S No.- 439/2010
ଲକ୍ଷ୍ମୀପ୍ରିୟା ନାୟକ ଓଗେର
...Plaintiffs
Vrs.
State Representing by Collector, Bhadrak & others
....Defendants

ଦେୱାନୀ କାର୍ଯ୍ୟବିଧି ଆଇନର ୧ ନିୟମ ୮ ଅନୁଯାୟୀ ସର୍ବସାଧାରଣ ଅବଗତ ନିମନ୍ତେ ଖବରକାଗଜ ବିଜ୍ଞାପନ ନିମନ୍ତେ ଚିଠା ଦାଖଲ ତରଫ ବାଦୀ।

ତଫସିଲ ଚିଠା
ଲକ୍ଷ୍ମୀପ୍ରିୟା ନାୟକ ଓଗେର
Vrs.
State Representing by Collector, Bhadrak & others

ଏ ତ ଦ୍ ଦ୍ୱା ର ।
ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି କି ବାଦୀ ଲକ୍ଷ୍ମୀପ୍ରିୟା ନାୟକ ଓଗେର, ମୌଜା- ମହୁଲିଆ, ତହସିଲ- ଚାନ୍ଦବାଲି, ଜିଲ୍ଲା- ଭଦ୍ରକ ସ୍ଥିତ ଚକ ଖାତା ନଂ.-୩୦୬, ଖସଡ଼ା- ୪୩୯ ଏ୦.୧୧ଡ଼ି ସ୍ଥ ଏ୦.୦୯ଡ଼ି, ଖସଡ଼ା ନଂ.-୪୪୦ ଏ୦.୧୫ଡ଼ି ସ୍ଥ ଏ୦.୦୫ଡ଼ି, ଖସଡ଼ା ନଂ.-୨୬୯ ଏ୦.୦୨ଡ଼ି ସ୍ଥ ଏ୦.୦୧ଡ଼ି ବୃତ୍ତି ନିମିତ୍ତ ତାଙ୍କର ସ୍ୱତ୍ୱ ସାବ୍ୟସ୍ତ ଦଖଲ କାଏମ ପ୍ରାର୍ଥନାରେ ଉପରୋକ୍ତ ମୋକଦ୍ଦମା ଆଗତ କରି ଅଛନ୍ତି। ଉକ୍ତ ବୃତ୍ତି ସରକାରୀ ଖାତାଧୀନ ଅନାବାଦି କିସମରେ ଖତିଆନ ପ୍ରସ୍ତୁତି ହୋଇଅଛି। ଯଦି କୌଣସି ବ୍ୟକ୍ତିଙ୍କର କୌଣସି ଆପତ୍ତି ଅଭିଯୋଗ ଥାଏ ତେବେ ଉକ୍ତ ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ଆପତ୍ତି ଅଭିଯୋଗ କରିପାରିବେ। ନଚେତ୍ ଆଇନ ଅନୁଯାୟୀ ମୋକଦ୍ଦମାର ବିଚାର ପୂର୍ବକ ଫଏସଲା କରାଯିବ, ଧାର୍ଯ୍ୟ ଅବଧି ପରେ କୌଣସି ଆପତ୍ତି ଗ୍ରହଣ କରାଯିବ ନାହିଁ।

ତଫସିଲ ବୃତ୍ତି
ଜିଲ୍ଲା- ଭଦ୍ରକ, ତହସିଲ- ଚାନ୍ଦବାଲି, ମୌଜା- ମହୁଲିଆ, ସ୍ଥିତ ଚକ ଖାତା ନଂ.-୩୦୬, ଖସଡ଼ା- ୪୩୯ ଏ୦.୧୧ଡି ସ୍ଥ ଏ୦.୦୯ଡ଼ି, ଖସଡ଼ା ନଂ.-୪୪୦ ଏ୦.୧୫ଡ଼ି ସ୍ଥ ଏ୦.୦୫ଡ଼ି, ଖସଡ଼ା ନଂ.-୨୬୯ ଏ୦.୦୨ଡ଼ି ସ୍ଥ ଏ୦.୦୧ଡ଼ି

C.J.J.D., Chandbali
D-1882

# ପୂର୍ଣ୍ଣତମ ଚନ୍ଦ୍ରୋଦୟ : ପାଣ୍ଡିତ୍ୟ ଓ କବିତ୍ୱର ମହିମ୍ନ ଆଶ୍ରୟ

**ଅତୀତର ବହି**




ଫଣୀନ୍ଦ୍ର ଭୂଷଣ ନନ୍ଦ

ଓଡ଼ିଆ ସାହିତ୍ୟରେ ବୈଷ୍ଣବ ଧର୍ମ ଆଧାରିତ ଏବଂ ରାଧାକୃଷ୍ଣ ଲୀଳାତ୍ମକ ଏକ ବିଶୁଦ୍ଧ ତତ୍ତ୍ୱଗ୍ରନ୍ଥ ପୂର୍ଣ୍ଣତମ ଚନ୍ଦ୍ରୋଦୟ। ରଚୟିତା ବୃନ୍ଦାବତୀ ଦାସୀ। ପୁସ୍ତକଟି ୧୬୯୯ରେ ରଚିତ ଓ ୧୯୨୭ରେ ରାଧାନାଥ କୋ-ଅପରେଟିଭ ପ୍ରେସ୍, କଟକରୁ କୈଳାସ ଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ସମ୍ପାଦିତ ଓ ପ୍ରକାଶିତ। ଓଡ଼ିଆ ସାହିତ୍ୟରେ ପ୍ରଥମ ଲେଖିକା ମାଧବୀ ଦାସୀ ଏବଂ ପ୍ରାପ୍ତ ତଥ୍ୟ ଅନୁସାରେ ଦ୍ୱିତୀୟ ଲେଖିକା ବୃନ୍ଦାବତୀ ଦାସୀ। ସପ୍ତଦଶ ଶତାବ୍ଦୀର ଶେଷ ଭାଗରେ ଅନାବିଳ କବିତ୍ୱ ଓ ମହନୀୟ ପାଣ୍ଡିତ୍ୟର ଆଧାରରେ ପୂର୍ଣ୍ଣତମ ଚନ୍ଦ୍ରୋଦୟ ରଚନା କରି ବୃନ୍ଦାବତୀ ଦାସୀ ସମଗ୍ର ଓଡ଼ିଆଭାଷୀଙ୍କୁ ସ୍ତବ୍ଧ କରିଦେଇଛନ୍ତି।

ସମ୍ଭ୍ରାନ୍ତ କରଣକୁଳରେ ଜନ୍ମ ନେଇଥିବା ବୃନ୍ଦାବତୀ ଖୋର୍ଦ୍ଧା ନିକଟସ୍ଥ ମଳିପଡ଼ାର ଜଗନ୍ନାଥ ଦାସଙ୍କ ପୁତ୍ର ଚନ୍ଦ୍ରଶେଖର ଦାସଙ୍କୁ ବିବାହ କରନ୍ତି। ସ୍ୱାମୀ, ଶ୍ୱଶୁର, ପୁତ୍ର ଓ ନାତି ସମସ୍ତେ କବି ଓ ବୈଷ୍ଣବ ଧର୍ମାବଲମ୍ବୀ। ସ୍ୱାମୀ ଚନ୍ଦ୍ରଶେଖର ମହାପାତ୍ର କୃଷ୍ଣତତ୍ତ୍ୱ ଚନ୍ଦ୍ରୋଦୟ, ନାତି କୃପାସିନ୍ଧୁ ଦାସ ଉପାସନା ଚନ୍ଦ୍ରୋଦୟ, ପୁତ୍ର ଭୀମ ଦାସ ହରିଭକ୍ତି ଚନ୍ଦ୍ରୋଦୟ ଓ ଭକ୍ତି ରତ୍ନାବଳୀ ଗ୍ରନ୍ଥ ରଚନା କରିଛନ୍ତି। ଶ୍ରୀରୂପଗୋସ୍ୱାମୀଙ୍କ ଉଜ୍ଜ୍ୱଳ ନୀଳମଣି ଓ ଭକ୍ତିରସାମୃତସିନ୍ଧୁ ଗ୍ରନ୍ଥ ଆଦର୍ଶରେ ବୃନ୍ଦାବତୀ ପୂର୍ଣ୍ଣତମ ଚନ୍ଦ୍ରୋଦୟର ପରିକଳ୍ପନା କରିଛନ୍ତି। ଏହା ଓଡ଼ିଆ ସାହିତ୍ୟରେ ପ୍ରଥମ ଅଳଙ୍କୃତ ଓଡ଼ିଆ ତତ୍ତ୍ୱାତ୍ମକ ଗ୍ରନ୍ଥ। କବି କର୍ଣ୍ଣପୁରଙ୍କ ଚୈତନ୍ୟ ଚନ୍ଦ୍ରୋଦୟ ଓ ମନୋହର ଦାସଙ୍କ ଦୀନମଣି ଚନ୍ଦ୍ରୋଦୟ ଆଦର୍ଶରେ କବି ଗ୍ରନ୍ଥଟିର ନାମକରଣ କରିଥିବା ଜଣାଯାଏ। କୃଷ୍ଣଚନ୍ଦ୍ରଙ୍କ ଲୀଳାକୁ ନେଇ କବିଙ୍କ ପରିବାର ସଦସ୍ୟଗଣ ଅନେକ ଗ୍ରନ୍ଥ ରଚନା କରିଛନ୍ତି। ବଂଶ ପରମ୍ପରାକ୍ରମେ ବୈଷ୍ଣବ ଗ୍ରନ୍ଥର ଆଲୋଚନା, କୃଷ୍ଣଲୀଳା ଜ୍ଞାପନ ଓ ବହୁଶାସ୍ତ୍ରଦର୍ଶିତା ଏହି କବୀ ଲାଭ କରିଥିଲେ।

ତାଙ୍କ ମତାନୁସାରେ ଦ୍ୱାରକାରେ କୃଷ୍ଣଚନ୍ଦ୍ର ପୂର୍ଣ୍ଣ, ମଥୁରାରେ ପୂର୍ଣ୍ଣତର ଓ ବ୍ରଜରେ ପୂର୍ଣ୍ଣତମ। ଦ୍ୱାରକାଲୀଳା ଐଶ୍ୱର୍ଯ୍ୟମୟୀ, ମଥୁରାଲୀଳା ଐଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟମୟୀ, ବ୍ରଜଲୀଳା ମାଧୁର୍ଯ୍ୟମୟୀ। ପଞ୍ଚଉପାସନା ବିଧିକୁ ଏହି ପୁସ୍ତକରେ ଗୁରୁତ୍ୱ ଦିଆଯାଇଛି। ସେଗୁଡ଼ିକ ହେଲା– ମାଧୁର୍ଯ୍ୟ, ସଖ୍ୟ, ବାତ୍ସଲ୍ୟ, ଦାସ୍ୟ ଓ ଶାନ୍ତ। କବିଙ୍କ ଉକ୍ତି– ''ମଧୁର ଭକ୍ତି ସଖା ବେନି, ବତ୍ସଳ ଦାସ ଶାନ୍ତ ଘେନି।/ ଏ ଉପାସନା ପଞ୍ଚବିଧ, ବୋଲିଣ କହିଛନ୍ତି ବୁଧ।'' ବୃନ୍ଦାବତୀଙ୍କ ସ୍ୱାମୀ ଚନ୍ଦ୍ରଶେଖର ଅଭିରାମ ଠାକୁରଙ୍କ ସମ୍ପ୍ରଦାୟର। ଅଭିରାମ ଚୈତନ୍ୟଙ୍କ ସଖା। ସେ ସମ୍ପ୍ରଦାୟର ଉପାସନା ସଖ୍ୟ। ଏଣୁ ବୃନ୍ଦାବତୀ ବନ୍ଧୁ ଭାବରେ କୃଷ୍ଣଙ୍କ ଉପାସନା କରିଛନ୍ତି। କବି ଘୋଷଣା କରନ୍ତି– 'ଏ ପୂର୍ଣ୍ଣତମ ଚନ୍ଦ୍ରୋଦୟ, ସବୁ ଅଟଇ ସୁଧାମୟ'।



Purnatama Chandrodaya
BY
Brundabati Dasi
Edited by
KAILASH CHANDRA MOHAPATRA B. A.
with
introduction and notes.
ପୂର୍ଣ୍ଣତମଚନ୍ଦ୍ରୋଦୟ।
ବୃନ୍ଦାବତୀ ଦାସୀ ବିରଚିତ
ଶ୍ରୀ କୈଳାସଚନ୍ଦ୍ର ମହାପାତ୍ର ବି. ଏ.ଙ୍କ ଦ୍ୱାରା
ସଂକଳିତ
Dr. Sudarsana Acharya
PROFESSOR OF ORIYA
BERHAMPUR UNIVERSITY
Printed by Govind Chandra Das
SHREE RADHANATH CO-OPERATIVE PRESS,
CUTTACK,
1927

ପୁସ୍ତକଟି ୨୦ ଅଧ୍ୟାୟ ବିଶିଷ୍ଟ। ଶ୍ରୀଗୁରୁ ଚରଣ ବର୍ଣ୍ଣନ, ଗ୍ରନ୍ଥସଂହତି, ପରମତତ୍ତ୍ୱ ବିଧାନ, ସପତ ଆବରଣ ଧ୍ୟାନ, ଶ୍ରୀଅଙ୍ଗ ନିର୍ଣ୍ଣୟ, ପ୍ରତ୍ୟଙ୍ଗ କଥନ, ଲକ୍ଷଣ ଧ୍ୟାନ, ବେଶଧ୍ୟାନ, ଚରିତଧ୍ୟାନ, ସେବାଧ୍ୟାନ, ଗୁଣଧ୍ୟାନ, ନିର୍ଦ୍ଦୋଷଧ୍ୟାନ ଓ ଗ୍ରନ୍ଥଗଣନା ପ୍ରସଙ୍ଗକୁ ନେଇ ପୁସ୍ତକଟି ପ୍ରସ୍ତୁତ ହୋଇଛି। ସପତ ଆବରଣ ଧ୍ୟାନରେ ଗୋପୀ, ସଖା, ଧେନୁ, ଦେବଗଣ, ଋଷିକୁଳ, କିନ୍ନରୀ ଅପ୍ସରୀ ଓ ସିଦ୍ଧଗଣ ଭାବେ ସପତ ଆବରଣକୁ ବର୍ଣ୍ଣନା କରାଯାଇଛି। ଏହି ଗ୍ରନ୍ଥରେ କବୀ ନିଜର ବଂଶ ପରିଚୟ ଦେଇ କହିଛନ୍ତି– ''କରଣକୁଳେ ଉତପନ୍ନ, ତାତ ମୋ ବିଷ୍ଣୁ ଭକ୍ତ ଜନ।/ ଚନ୍ଦ୍ରଶେଖର ମହାପାତ୍ର, ନାମ ଅବନୀ ତଳେ ଖ୍ୟାତ।/ ଗୃହ ତାଙ୍କର ମଳିପଡ଼ା, କ୍ଷେତ୍ରକୁ ବେନିଯୁଣ ଛଡ଼ା।/ ଥାଇଣ ଗୃହସ୍ଥ ଧର୍ମରେ, କୃଷ୍ଣଚରଣେ ଭକ୍ତି କରେ।''

କବୀ ଗାର୍ହସ୍ଥ୍ୟ ଧର୍ମରେ ଥାଇ କୃଷ୍ଣ ଉପାସନାରେ ମନୋନିବେଶ କରିଛନ୍ତି। ଏହି ଗ୍ରନ୍ଥଟି ଦିବ୍ୟସିଂହ ଦେବଙ୍କ ୧୩ ଅଙ୍କରେ ରଚନା ହୋଇଥିବା କବୀ ସ୍ୱୀକାର କରନ୍ତି, ଯାହାକି ୧୬୯୯–୧୭୦୦ ଖ୍ରୀଷ୍ଟାବ୍ଦରେ ହୋଇଥିବା ପ୍ରମାଣିତ। ଗ୍ରନ୍ଥ ଲେଖନର କାରଣରୂପେ କବୀ କହନ୍ତି– ତାଙ୍କର ଶ୍ୱଶୁରକୁଳ ବୈଷ୍ଣବ ଥିଲେ। ଗୃହରେ ସର୍ବଦା ବୈଷ୍ଣବ ଗ୍ରନ୍ଥ ଆଲୋଚିତ ହେଉଥିଲା। ଯାହାଫଳରେ କବୀଙ୍କ ମନରେ ସ୍ୱତଃ କୃଷ୍ଣପ୍ରେମ ଜାଗରିତ ହୋଇଥିଲା। ଏହି ପୁସ୍ତକରେ କୃଷ୍ଣଚନ୍ଦ୍ରଙ୍କର କିଶୋର ସମୟକୁ ପୂର୍ଣ୍ଣତମ ବୋଲି ବିଚାର କରାଯାଇଛି ଏବଂ କୃଷ୍ଣଚନ୍ଦ୍ର ତାଙ୍କ ହ୍ଲାଦିନୀ ଶକ୍ତି ରାଧାଙ୍କ ସହ ହ୍ଲାଦନ ରୂପେ ବର୍ତ୍ତମାନ। ପ୍ରେମମୟୀ ଗୋପୀମାନେ ମହାଭାବ ସ୍ୱରୂପିଣୀ ଓ କୃଷ୍ଣଚନ୍ଦ୍ରଙ୍କ ପ୍ରତି ସମ୍ପୂର୍ଣ୍ଣ ସମର୍ପିତା।

ବୃନ୍ଦାବତୀଙ୍କର ଏହି ଗ୍ରନ୍ଥ ରଚନାରେ କବିତ୍ୱ ଓ ପାଣ୍ଡିତ୍ୟର ପରିପ୍ରକାଶ ଘଟିଛି। ସେ ଏହି ଗ୍ରନ୍ଥ ରଚନା ପାଇଁ ଆକର ଗ୍ରନ୍ଥରୂପେ ୧୨ଗୋଟି ପୁରାଣ ଓ ୨୨ଟି ତତ୍ତ୍ୱଗ୍ରନ୍ଥର ସହାୟତା ନେଇଛନ୍ତି। ପୁରାଣଗୁଡ଼ିକ ହେଲା– ଶ୍ରୀଭାଗବତ, ପଦ୍ମପୁରାଣ, ସ୍କନ୍ଦପୁରାଣ, ବ୍ରହ୍ମାଣ୍ଡପୁରାଣ, ବାୟୁପୁରାଣ, ଆଦିପୁରାଣ, ପୂର୍ଣ୍ଣପୁରାଣ, ବରାହପୁରାଣ, ଶ୍ରୀମହାଭାରତ, ନାରଦୀୟପୁରାଣ, ବିଷ୍ଣୁପୁରାଣ ଓ ବୃହତ୍ ବିଷ୍ଣୁପୁରାଣ। ୨୨ଗୋଟି ଭକ୍ତିତତ୍ତ୍ୱ ଗ୍ରନ୍ଥ ହେଲା– ୧. ରାଧାତାପିନୀ, ୨. ସାଂଖ୍ୟକାରିକା, ୩. ନାରଦପଞ୍ଚରାତ୍ର, ୪. ବରାହସଂହିତା, ୫. ବ୍ରହ୍ମସଂହିତା, ୬. ଫେତ୍କାରିଣୀତନ୍ତ୍ର, ୭. ବୈଷ୍ଣବାଚାର, ୮. ନନ୍ଦଆଗମ, ୯. ଗୌତମୀ ତନ୍ତ୍ର, ୧୦. ବୈଷ୍ଣବତନ୍ତ୍ର, ୧୧. ବିଷ୍ଣୁଯାମଳ, ୧୨. ଶାରଦାତିଳକ, ୧୩. କ୍ରମଦୀପିକା, ୧୪. ମହାକୂର୍ମବାଣୀ, ୧୫. ନାରାୟଣ ବ୍ୟୂହସ୍ତବ, ୧୬. ଶାମଦୀର୍ଘ, ୧୭. ଭକ୍ତିରସାମୃତସିନ୍ଧୁ, ୧୮. ଭାଗବତାମୃତ, ୧୯. ଲଳିତମାଧବ, ୨୦. ବିଦଗ୍ଧମାଧବ, ୨୧. ଚୈତନ୍ୟପ୍ରଭୁଙ୍କର ବାଣୀ, ୨୨. ବୃହଦ୍‌ବାମନ। ଗ୍ରନ୍ଥଗୁଡ଼ିକ ସମ୍ପର୍କରେ ପ୍ରଫେସର ଦାଶରଥି ଦାସ କୁହନ୍ତି, ଆଜି ଏକବିଂଶ ଶତାବ୍ଦୀରେ ବୈଷ୍ଣବ ସାହିତ୍ୟର ଅଧ୍ୟୟନ ଓ ଅଧ୍ୟାପନାରେ ବ୍ୟାପୃତ ଆମେ ଅଧ୍ୟାପକମାନେ ସେ ସବୁକୁ ଦେଖିବା ତ ଦୂରର କଥା, ତନ୍ମଧ୍ୟରୁ ଅଧିକାଂଶଙ୍କର ନାମ ମଧ୍ୟ ଶୁଣିନାହୁଁ। ଏଥିରୁ ବୃନ୍ଦାବତୀ ଦାସୀଙ୍କର ବହୁଶାସ୍ତ୍ରଦର୍ଶିତା ଓ ପାଣ୍ଡିତ୍ୟର ପରିଚୟ ମିଳିଥାଏ।

କୃଷ୍ଣଚନ୍ଦ୍ରଙ୍କର କିଶୋର ରୂପ ମାଧୁର୍ଯ୍ୟମୟ। ବୃନ୍ଦାବତୀ ଦାସୀ ସେହି ରୂପ ମାଧୁର୍ଯ୍ୟର ଉପାସିକା। କବିଙ୍କ ଭାଷାରେ– ''ଦେଖି ଯେବଣ କଳେବର, ମୋହି ହୁଅନ୍ତି ଚରାଚର।/ ପୁରୁଷମାନେ ହୋନ୍ତି ମୋହି, ନାରୀ ଧୈର୍ଯ୍ୟ ଛାଡ଼ି କାହିଁ?'' ଜଣେ କୁଳ ନାରୀ ହୋଇ ପରପୁରୁଷର ରୂପ ବର୍ଣ୍ଣନା ଉଚିତ ନୁହେଁ। କିନ୍ତୁ ନିଜ ସ୍ୱାମୀଙ୍କର ପ୍ରଭୁ ଭାବରେ କୃଷ୍ଣଚନ୍ଦ୍ରଙ୍କୁ ସେ ଗ୍ରହଣ କରିଛନ୍ତି। ଏହି ପୁସ୍ତକରେ ବୃନ୍ଦାବତୀଙ୍କର ପାଣ୍ଡିତ୍ୟ, ଭକ୍ତିପ୍ରବଣତା ଓ ଶୈଳ୍ପିକ ସିଦ୍ଧି ଉତ୍କର୍ଷର କୋଟୀକୁ ସ୍ପର୍ଶ କରିଛି। ନବାକ୍ଷରୀ ଛନ୍ଦ ନିର୍ବାଚନ ତାଙ୍କର ସାରସ୍ୱତ ବିଚାରବୋଧକୁ ପ୍ରମାଣିତ କରେ। ଭାଗବତର ନବାକ୍ଷରୀ ବୃତ୍ତ ଶ୍ରୀକୃଷ୍ଣଙ୍କର ପୂର୍ଣ୍ଣତମ ଧ୍ୟାନ ପାଇଁ ସର୍ବୋତ୍କୃଷ୍ଟ ବୋଲି ସେ ବିବେଚନା କରିଛନ୍ତି। ସେ ଭକ୍ତିରସାମୃତସିନ୍ଧୁକୁ ଅନୁବାଦ କରିନାହାନ୍ତି, ବରଂ ତା'ର ପ୍ରାସଙ୍ଗିକ ଅଂଶକୁ ବ୍ୟାଖ୍ୟାକରି ଲୋକୋପଯୋଗୀ ଭାଷାରେ ପରିବେଷଣ କରିଛନ୍ତି। ତାଙ୍କର ଭାଷା ସଂସ୍କୃତାନୁଗତ ହେଲେ ମଧ୍ୟ ବେଶ୍ ଅଳଙ୍କୃତ ଓ ସାବଲୀଳ। ଓଡ଼ିଆ କାବ୍ୟସାହିତ୍ୟ ଯେଉଁ ଭାଷା ଓ ପ୍ରକାଶଭଙ୍ଗୀକୁ ନେଇ ୧୬୯୯ ଖ୍ରୀଷ୍ଟାବ୍ଦବେଳକୁ ପ୍ରତିଷ୍ଠିତ ଥିଲା, ତାକୁ ସର୍ବାନ୍ତକରଣରେ ଗ୍ରହଣକରି ସମୃଦ୍ଧି ସାଧନ କରିଛନ୍ତି ବୃନ୍ଦାବତୀ। ତାଙ୍କର ଏହି ଗ୍ରନ୍ଥରେ ସମକାଳୀନତା ମାଧୁର୍ଯ୍ୟମୟ ଭାବେ ପ୍ରତିଷ୍ଠିତ ହୋଇଛି। ଓଡ଼ିଆ ଭାଷାରେ ଲୋକଲୋଚନକୁ ଆସିଥିବା ସର୍ବଶ୍ରେଷ୍ଠ ବୈଷ୍ଣବ ତତ୍ତ୍ୱଗ୍ରନ୍ଥ ଭାବେ ଏହାକୁ ଗ୍ରହଣ କରିବାରେ ଦ୍ୱିଧା ରହି ନ ପାରେ। ସେହି ଦୃଷ୍ଟିରୁ ଓଡ଼ିଆ ଭକ୍ତିସାହିତ୍ୟ ଓ କାବ୍ୟକ୍ଷେତ୍ରରେ ବୃନ୍ଦାବତୀଙ୍କ ସ୍ଥାନ ମହତ୍ତ୍ୱପୂର୍ଣ୍ଣ ଓ ଅନତିକ୍ରମଣୀୟ।

୬୭, ସରସ୍ୱତୀ କୁଞ୍ଜ
ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର
ମୋ : ୯୪୩୭୨୫୬୧୭୬

# କେଉଁ ବାମାବାଦ (୧)

**ଅବଲୋକନ**



ବ୍ରଜମୋହନ ମିଶ୍ର

'ଅନ୍ୟା' ସାହିତ୍ୟପତ୍ର (ଏପ୍ରିଲ-ଜୁନ୍,୨୦୧୦)ର ମହିଳା ବିଶେଷାଙ୍କରେ ବହୁ ପ୍ରବୀଣ ଲେଖକ ଓ ଲେଖିକାଙ୍କ ନାରୀକୈନ୍ଦ୍ରିକ ଲେଖା ପାଠ କଲାବେଳେ ଏଇ କଥାଟି ମନେପଡ଼ିଯାଉଛି। ଏହା ଅନସ୍ୱୀକାର୍ଯ୍ୟ ଯେ ଏକ ସାମାଜିକ ପ୍ରାଣୀ ଭାବରେ ନାରୀକୁ ତା'ର ହକ୍ ଦେଇନାହିଁ ଏ ପୁରୁଷକୈନ୍ଦ୍ରିକ ସମାଜ। ପୁରୁଷ ପରି ନାରୀ ହୋଇ ପାରିନାହିଁ, ଯାହା ସେ ହୋଇ ପାରିଥା'ନ୍ତା।

ଜ୍ଞାନରାଜ୍ୟର ବିଭିନ୍ନ ଇଲାକାରେ ନାରୀର ସ୍ଥିତି, ଗତି ଓ ପ୍ରକୃତିକୁ ଠିକ୍ ଭାବରେ ବିବେଚନା ନ କରି ତାକୁ ଭିନ୍ନ ଏକ ନିର୍ଜୀବ ସତ୍ତାରୂପେ ଗ୍ରହଣ ଓ ଚିତ୍ରଣ କରାଯାଇଛି। ଏକ ଆକ୍ରୋଶକାରୀ ମାନସିକତା ପ୍ରସୁତ ନାରୀର ଏତାଦୃଶ ଅସ୍ୱାଭାବିକ ଚିତ୍ରଣ ମାନବ ସଭ୍ୟତାର ଅଶେଷ କ୍ଷତି ସାଧନ କରିଛି। ବହୁବିଧ ଚାପ, ତାପ, ଶାପ ଓ ପାପରେ ବିଦ୍ଧକରି ନାରୀକୁ ତା'ର ସ୍ୱଚ୍ଛନ୍ଦ, ସାବଲୀଳ, ସ୍ୱାଭାବିକ ତଥା ଶ୍ରଦ୍ଧାଶୀଳ ବିବର୍ତ୍ତନରୁ ଯେ ବଞ୍ଚିତ କରାଯାଇଛି, ଏଥିରେ ଦ୍ୱିମତ ହେବାର ନାହିଁ। 'ପିତା ରକ୍ଷତି ଶୈଶବେ', 'ପତି ରକ୍ଷତି ଯୌବନେ' ଏବଂ 'ପୁତ୍ର ରକ୍ଷତି ବାର୍ଦ୍ଧକ୍ୟେ'ର ଏକ ଭୟାନକ ତ୍ରିଭୁଜ ଭିତରେ ନାରୀନାମ୍ନୀ ସ୍ତ୍ରୀଲିଙ୍ଗର ଅମର୍ଯ୍ୟାଦା କରାଯାଇଛି, କାରଣ ଏ ସବୁଥିରେ ଅଛି ରକ୍ଷତି। ସତେ ଯେପରି ନାରୀକୁ ଏପରି ରକ୍ଷା କରିବା କୌଣସି ମୂଲ୍ୟବାନ୍ ସମ୍ପତ୍ତିକୁ ସକଳ ଯତ୍ନରେ ଗୁପ୍ତରଖି ରକ୍ଷା କରିବା ଭଳି! ଏ ପ୍ରକାର ରକ୍ଷା ମୂଳରେ ଯେଉଁ କର୍ତ୍ତାପଣିଆ ଜାହିର କରିଛି ପୁରୁଷ, ସେଥିରେ ତା'ର ମାଲିକାନା ଭାବ ଫୁଟିଉଠିଛି। ନାରୀକୁ ଅବଳା କହିବା ଭିତରେ ଏଇ ଭାବ ବି ଅଭିବ୍ୟଞ୍ଜିତ। ନାରୀକୁ ନିଃଶକ୍ତ କରି ଏବଂ ସେହି ଭାବରେ ଚିତ୍ରଣ କରି ପୁରୁଷ ମାନବସଭ୍ୟତାର ଇତିହାସକୁ କେଉଁ ମୋଡ଼ରେ ଠିଆ କରାଇଛି ତାହା ମହାଭାରତ, ରାମାୟଣ, ଇଲିଆଡ୍ ବା ଅଡ଼ିଶୀରୁ ବେଶ୍ ଧରାପଡ଼ିଯାଏ।

ପ୍ରାଚ୍ୟ ହେଉ କି ପାଶ୍ଚାତ୍ୟ, ସବୁଆଡ଼େ ଏଇ ନାରୀଧ୍ୱଂସୀ ଦୃଷ୍ଟିକୋଣର ପ୍ରାବଲ୍ୟ ବିରୁଦ୍ଧରେ ନାରୀ ମାନସ ବିଦ୍ରୋହ କରିବା ସମୀଚୀନ; ଯାହା ହୁଏତ ସେଦିନ 'ଇଭ୍' ଆଦୌ କରିପାରି ନ ଥିଲେ କିମ୍ବା ଦ୍ରୌପଦୀ ସେତେ ସବଳ ଭାବରେ କରିବାରେ ଅସମର୍ଥ ହୋଇଥିଲେ। ସର୍ପବେଶୀ ସଇତାନର ପ୍ରରୋଚନାରେ ପଡ଼ି ଇଭ୍, ଆଦାମ୍‌କୁ ବାଧ କରିଥିଲେ ପାରାଡାଇଜର ଜ୍ଞାନବୃକ୍ଷରୁ ଫଳ ତୋଳି ତାଙ୍କୁ ଦେବାପାଇଁ, ଯାହା ଆଦାମ୍ କରିବାକୁ ବାଧ ହୋଇଥିଲେ। ଫଳ ସ୍ୱରୂପ ଅଧିକ ତିରସ୍କାର ଓ ଅଭିଶାପ ବର୍ଷିଥିଲା ଇଭ୍‌ଙ୍କ ମୁଣ୍ଡରେ ଯେତେବେଳେ ଭଗବାନ୍ କହିଲେ (ଇଭ୍‌ଙ୍କୁ) ''You shall bear children in intense pain and suffering yet even show you shall welcome your husband's affections and he shall be your master''– (ଦ ଓଲ୍ଡ ଟେଷ୍ଟାମେଣ୍ଟ, ଜେନେସିସ ୩–୧୬)। ଏଥିରୁ ଦୁଇଟି କଥା ବିଚାର୍ଯ୍ୟ। ଜ୍ଞାନବୃକ୍ଷରୁ ଫଳ ତୋଳିବାକୁ ସ୍ୱାମୀଙ୍କୁ ବାଧ କରିଥିବାରୁ ଇଭ୍‌ଙ୍କୁ ବହୁ ଗର୍ଭଯନ୍ତ୍ରଣା ସହି ସନ୍ତାନ ଧାରଣ କରିବାକୁ ପଡ଼ିବ ପୁଣି ତାଙ୍କର ସ୍ୱାମୀ ତାଙ୍କର ପ୍ରଭୁ ହେବେ। 'ମାଷ୍ଟର' ଶବ୍ଦର ଏକ ବିପରୀତ ଶବ୍ଦ ସ୍ଲେଭ / ସରଭେଣ୍ଟ ହୋଇପାରେ। ସେଇ ଅର୍ଥ ଏଠାରେ ପ୍ରଯୁଜ୍ୟ।

ଭଗବାନ୍‌ଙ୍କ ଅଭିଶାପରୁ ଏହା ପ୍ରତିପନ୍ନ ଯେ, ସ୍ତ୍ରୀ ସ୍ୱାମୀର କର୍ତ୍ତୃତ୍ୱାଧୀନ ହେବ, ସନ୍ତାନଧାରଣ କରିବାକୁ ଅଶେଷ ଗର୍ଭଯନ୍ତ୍ରଣା ସହ୍ୟ କଲାପରେ ବି। ଏହି ଅଭିଶାପ ବିରୁଦ୍ଧରେ ପଦୁଟିଏ ପ୍ରତିବାଦ କରିନାହାନ୍ତି ଇଭ୍ ଯଦିଓ ପ୍ରକୃତରେ ସେ ହିଁ ଜନ୍ମଦାତ୍ରୀ (କାରଣ ରକ୍ଷକର ଆକ୍ଷରିକ ଅର୍ଥ ''The life giving one'') ବରଂ ଆଦାମ୍‌ଙ୍କ ସହ ସମ୍ଭୋଗ କରି ପ୍ରଥମ ପୁତ୍ର କେନ୍‌ଙ୍କୁ ଜନ୍ମ ଦେବାରେ ଭଗବାନ୍‌ଙ୍କୁ କୃତଜ୍ଞତା ଜ୍ଞାପନ କରି ସେ କହିଛନ୍ତି, ''With God's help, I have created a man''। ଭଗବାନ୍‌ଙ୍କ ଅଭିଶାପର ଶିକାର ହୋଇ ବି ଇଭ୍ ଚୁପ୍ ରହିଛନ୍ତି। ମହାଭାରତରେ ଦ୍ରୌପଦୀ ସ୍ୱାମୀଙ୍କ ଅନ୍ୟାୟର ଶିକାର ହୋଇ ହୁଏତ କିଛିଟା ପ୍ରତିବାଦ କରିଛନ୍ତି କୁରୁସଭା ତଳେ (ଯଦିଓ ସେ ପ୍ରତିବାଦରେ ପ୍ରଥମେ ଥିଲା କାତରତା, ବିପଦରୁ ଉଦ୍ଧାର କରିବାକୁ ଗୁରୁଜନ ଓ ସ୍ୱାମୀମାନଙ୍କୁ ପ୍ରାର୍ଥନା ଏବଂ ଏଥିରେ ବିଫଳ ହେବାପରେ ପ୍ରଚଣ୍ଡ କ୍ରୋଧ ପ୍ରକାଶ)। ହେଲେ ସେ ପ୍ରତିବାଦ କେବଳ ପବନରେ ଫମ୍ପା ଆୱାଜ କରି ଉଡ଼ିଯାଇଛି ସିନା ତା'ର ଫଳ କିଛି ହୋଇନି। ପାଶ୍ଚାତ୍ୟରେ ହୁଏତ ଇବସେନ୍‌ଙ୍କ ନୋରା ଆଉ ପାଦେ ଅଧିକ ଆଗେଇଯାଇଛି। ପରିବାର ପରିତ୍ୟାଗ କରି ଚାଲିଯାଇଛି। ତା' ସତ୍ତ୍ୱେ ଏଠାରେ ନାରୀ କିଛିମାତ୍ରାରେ ବିଦ୍ରୋହୀ ହୋଇଥିଲେ ବି ବିପ୍ଳବୀ ହୋଇପାରିନାହିଁ। ମନେହୁଏ ସତେ ଯେପରି ସକଳ ଅତ୍ୟାଚାର, ଅବମାନନା, ଆକ୍ଷେପ, ଅଭିସମ୍ପାତ ଓ ଅମାନୁଷିକତା ସହ୍ୟ କରିକରି ସେ କେବଳ କାହ୍ନୁଚରଣଙ୍କ 'ଧୋବି' ପରି କହିଛି– ''ମୋତେ ତୁମପରି ପାଷାଣ କର ପ୍ରଭୁ''।

ଯୁଗଯୁଗର କଳଙ୍କିତ ନିଷ୍ଠୁର ନିୟତିକୁ ଆପୋସରେ ନାରୀର ଗ୍ରହଣ କରିବା ଥିଲା ଏକ ଐତିହାସିକ ଭ୍ରାନ୍ତି, ଯାହା ସଭ୍ୟତା ଓ ସଂସ୍କୃତିର ପ୍ରଗତିରେ ପ୍ରତିହତ ହେବାରେ ଲାଗିଛି। ଏଥିସକାଶେ ଯେଉଁ ଚେତନଶୀଳ ନାରୀ ପୁରୁଷମାନେ ଦାୟୀ, ସେମାନେ ଅଭିନନ୍ଦନୀୟ। ବିଶେଷକରି ଯେଉଁ ନାରୀମାନେ ଏହାର ପ୍ରବଳ ସକ୍ରିୟ ବିରୋଧ କରି (କେବଳ ବିଦ୍ରୋହରେ ସୀମିତ ନ ରହି) ବିପ୍ଳବ କରୁଛନ୍ତି, ସାମାଜିକ ତଥା ଚେତନା ରାଜ୍ୟରେ, ସେମାନଙ୍କ ଅବଦାନ ଅନନ୍ୟ। ଯେ କୌଣସି ମଣିଷ ପାଇଁ ସ୍ୱାଧୀନତା ଓ ମୁକ୍ତି ଏକ ଅପରିହାର୍ଯ୍ୟ ଆବଶ୍ୟକତା। କାରଣ ତା'ରି ଭିତରେ ନିହିତ ମଣିଷର ଅସଲ ଅଭ୍ୟୁଦୟ ଓ ଉତ୍‌କ୍ରାନ୍ତି। ଏହି ସୂତ୍ରରେ ମଣିଷ ହିସାବରେ ନାରୀର ମଧ୍ୟ ଏହା କାମ୍ୟ ଓ ଦାବି। ଏଥିରୁ ତାକୁ ବଞ୍ଚିତ କରି ପୁରୁଷ ମାନବ ସଭ୍ୟତାର ଯେଉଁ କ୍ଷତି ସାଧନ କରିଛି, ସେ ବିଷୟ ଉଲ୍ଲେଖ କରିଛନ୍ତି ଗତ ଶତାବ୍ଦୀର ଜଣେ ବିଶିଷ୍ଟ ଚିନ୍ତାନାୟକ ବର୍ଟ୍ରାଣ୍ଡ ରସେଲ ତାଙ୍କ ପ୍ରବନ୍ଧ ''Ideas that have Harmed Mankind''ରେ।

ମୋ: ୮୦୧୮୦୮୭୮୩୧

**କବିତା**

## ବୁଢ଼

ପ୍ରଶାନ୍ତ କୁମାର ଦାଶ

ଯାତ୍ରୀଶୂନ୍ୟ ଏ ଘାଟରୁ ସେ ଘାଟକୁ
ନୌକା ଭିଡୁଛି ନାଉରିଆ
ସୁନା ରଙ୍ଗର ଖରା
ଖେଳ ଜମେଇଛି ପାଣି ଉପରେ,
ବିଜନବେଳା ଚିତ୍ ହୋଇ ଶୋଇପଡ଼ିଛି
ତତଲା ବାଲିରେ ଆକାଶ ଆଡ଼କୁ ମୁହଁ କରି।

ସେ ଘାଟରେ ଲାଗିଲା ନଉକା,
କାହାର ଏ ଶବ ? ମୁହଁମାଡ଼ି ପଡ଼ିଛି ଘାଟରେ,
ଅନୁସନ୍ଧାନ ଅନ୍ତେ ଜଣାପଡ଼ିଲା
ଶବଟି ଖୋଦ୍ ଈଶ୍ୱରଙ୍କର !

ନାଉରିଆ ଯୋଗାଡୁଛି କାଠ,
କାଠ ଉପରେ କାଠ,
ତା' ଉପରେ ବିଚରା ଈଶ୍ୱର,
ନାଉରିଆ ସଂଯୋଗିଲା ଅଗ୍ନି,
ଉଠିଲା ଚିତା ଉପରକୁ, ଆହୁରି ଉପରକୁ।

ଚିତା ଭିତରେ ଅଦ୍ଭୁତ ଆଲୁଅ,
ଅଚାନକ ଅଦୃଶ୍ୟ ହୋଇଗଲା ଶୂନ୍ୟରେ।
ଶୂନ୍ୟମାର୍ଗରୁ ଶୁଭୁଥିଲା
'ମର୍ତ୍ତ୍ୟମଣ୍ଡଳେ ଦେହ ବହି
ଦେବତା ହୋଇଲେ ମରଇ।'
ଈଶ୍ୱରଙ୍କ ଉଦ୍ଦେଶ୍ୟରେ
ନାଉରିଆ ପାଣିରେ ପକାଉଛି ବୁଢ଼।

ମୋ: ୭୭୩୫୪୧୯୫୭୩

## ଗଣିକା

ଶତପଥୀ ରୋଜାଲିନ ବେହେରା

ସେ ଗୋଟିଏ ନୁଖୁରା କବିତାର ପଙ୍‌କ୍ତି,
ଯାହା ରାତିର ଶେଷତମ ସ୍ୱପ୍ନକୁ
ସକାଳ ହାତରେ ସଅଁପିଦିଏ,
ତା' ଦେହର ଖଣ୍ଡଖଣ୍ଡ ଶୃଙ୍ଖଳା ଶବ୍ଦରେ
ବାଢ଼ିଦିଏ ଅର୍ଘ୍ୟ
କେଉଁ ଅପୂଜା ଦେଉଳର ଦିଅଁଙ୍କ ଉଦ୍ଦେଶ୍ୟେ।

ତଥାପି ସମାଜ କହେ ଗଣିକା,
ବିଟପୀ, ବ୍ୟଭିଚାରିଣୀ...
ସେ କିନ୍ତୁ ଚିତ୍ରପଟଟିଏ, ଭୁଶୁଡ଼ି ପଡୁଥିବା
ପରିତ୍ୟକ୍ତ ପାନ୍ଥଶାଳାର,
ସ୍ଥିର ନଦୀର ସାଉଁଳା ପ୍ରବାହ,
ମଉଳା ଫୁଲର ମହକ।

ସେ ତ ତମାମ ରାତିର ବର୍ଷା,
ବୈଶାଖର ବିଶ୍ୱାସ,
ପୁଣି ବଢୁରା କାକରର
ପତ୍ରଘଞ୍ଚ ଅଗିରା ଶାଖା,
ଯେଉଁଠି କେବେ ବସା କରିନାହିଁ
କେବେ କେଉଁ ପ୍ରେମିକ ପକ୍ଷୀଟେ,
ସେ ଅମଡ଼ାବାଟର ଘାସଫୁଲ
ଯାହା କେହି କେବେ ଲୋଡ଼ି ନାହିଁ,
ଖୋଜି ନାହିଁ ତା' ପାଦର ଚିହ୍ନ
କେଉଁ ନଦୀତୁଠରେ
ଅବା କେଉଁ ଦେବୀପୀଠରେ।

କେଜାଣି କେମିତି କେହି ଦେଖିପାରିନାହିଁ
ତା' ଦୁଆରର ଝୋଟି ଫୁଲ !
ନହେଲେ ଲୁଚିଯାଆନ୍ତେ ବଗିଚାର ସବୁ ଫୁଲ,
ତା' ପାଦରେ ଓଟାରି ହୋଇଯାଆନ୍ତା
ପୂରା ଆକାଶଯାକର ମେଘ,
ଦିଗ ବଦଳାନ୍ତା ପବନ,
ହାତରେ ଖସିପଡ଼ନ୍ତେ ତାରା,
ବସନ୍ତରେ ବର୍ଷା ଝରନ୍ତା
ଆହୁରି କେତେ କ'ଣ...।

ଚାନ୍ଦିନୀଚୌକ, କଟକ
ମୋ: ୭୩୭୭୯୩୧୩୮୦

## ସ୍ପର୍ଶ

ଅୟସ୍‌କାନ୍ତ

ମାଟିମୟ ମନ ନେଇ ଜିଇବା
ଏ ଧରାରେ ଆଉ କିଛି ନୁହେଁ
ଖାଲି ମାଟି ହୋଇଯିବା।
ମାଟି ଫାଟିବା ଆଗରୁ ଫାଟ
ଫାଟ, ଫୁଟ, ଫିଟ, ଫୁଲ, ଯା' ବି ହୁଅ
ତମେ ମାଟି ଆଗରେ
କୁନି ପିଲା, ଚାଟଶାଳୀ ଚାଟ
ସାହସ ଅଛି ଯଦି ଫୁଟ
ସବୁଠି ଏବେ ଫୁଟାଣିର ଫୋଟକା
ଇଚ୍ଛା ଯଦି ଫାଟୁକୁରି ପରି ଫାଟ
ମାଟି ବୋଲ ଦେହସାରା
କୁଣ୍ଢେଇ ଧର ସାରା ଧରା।

ମୋ: ୮୭୬୩୩୯୩୧୧୬

**ବ୍ୟଙ୍ଗ କବିତା**

## ବଅସରେ ଥରେ...

ପ୍ରଶାନ୍ତ କୁମାର ସାହୁ

ବଅସରେ ଥରେ ଚଢ଼ିଗଲା ବେଳେ
ଦେଖିଲି ସଭିଙ୍କ ହାତ ନାକ ତଳେ।

ପଚାରିଲି ଭାଇ ହୋଇଅଛି କିସ
ଘୋଡ଼ାଇଛ କାହିଁ ନିଜ ନିଜ ନିଶ ?

କହିଲା କେ ଜଣେ ହେଉଅଛି ଚୋରି
ନିଜ ନିଶ ଘୋଡ଼ା ନ କରିଣ ଡେରି।

ବଅସ କାନ୍ଥରେ ଲେଖାଅଛି ଦେଖ
ନିଜ ନିଷ ନିଜ ଦାୟିତ୍ୱରେ ରଖ।

କହିଲି ଭାଇରେ ନିଶ ନୁହେଁ ଇଏ
ଜିନିଷରୁ 'ଜି' ଲିଭାଇଛି କିଏ।


ଦ୍ୱନ୍ଦ୍ୱରେ ପଡ଼ିଛ ତୁମେମାନେ ଆଜି
କାରଣ ତାହାର ପାଉନାହଁ ଖୋଜି।

ଶୁଣି ମୋର କଥା ହସିଲେ ସଭିଏଁ
ଧନ୍ୟବାଦ ଦେଲେ କରିଅଛି ଯିଏ।

ଇନ୍ଦିପୁର, ଢେଙ୍କାନାଳ
ମୋ: ୯୭୭୭୦୯୦୦୫୬

**କାଳକାଳକୁ**

''ମୃତ୍ୟୁ ଏକ ପୁରୁଣା ଗପ,
କିନ୍ତୁ ପ୍ରତ୍ୟେକ ଲୋକଙ୍କ ପାଇଁ ନୂଆ।''
– ଇଭାନ ତୁର୍ଗେନେଭ



**ଇଭାନ ତୁର୍ଗେନେଭଙ୍କ** ଜନ୍ମ ୯ ନଭେମ୍ବର ୧୮୧୮ରେ ସୋଭିଏତ୍ ରୁଷ୍‌ର ଅରୟୋଲ୍‌ରେ ଏବଂ ପରଲୋକ ୩ ସେପ୍ଟେମ୍ବର ୧୮୮୩ରେ, ଫ୍ରାନ୍ସର ବୌଗିଭାଲ୍‌ରେ। ସେ ଏକାଧାରରେ କବି, କଥାକାର, ଔପନ୍ୟାସିକ, ନାଟ୍ୟକାର ଓ ଅନୁବାଦକ। ପାଶ୍ଚାତ୍ୟ ଜଗତରେ ରୁଷୀୟ ସାହିତ୍ୟକୁ ଲୋକପ୍ରିୟ କରାଇବାରେ ତାଙ୍କ ଭୂମିକା ଅତୁଳନୀୟ। ତାଙ୍କର ପ୍ରଥମ ଗଳ୍ପପୁସ୍ତକ 'ଏ ସ୍ପୋର୍ଟ୍‌ସମ୍ୟାନ୍‌ସ ସ୍କେଚେସ୍' ପ୍ରକାଶପାଏ ୧୮୫୨ରେ, ଯହିଁରେ ରୁଷ୍‌ର କୃଷକ ଜୀବନ ଓ ପ୍ରକୃତିକୁ ନେଇ ତାଙ୍କ ଅନୁଭବ ରୂପାୟିତ। ରୁଷୀୟ ବାସ୍ତବବାଦୀ ସାହିତ୍ୟରେ ବହିଟି ଏକ ମାଇଲଖୁଣ୍ଟ। ବେଠି ଓ ଭେଟିରେ ପୀଡ଼ିତ ରୁଷ୍‌ର କୃଷକମାନଙ୍କୁ ଭୂସ୍ୱାମୀଙ୍କ ବର୍ବରତା ବିରୁଦ୍ଧରେ ସଂଗଠିତ କରିବାରେ ଏହି ପୁସ୍ତକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲା, ଯାହା ଫଳରେ ୧୮୬୧ରେ ଏହି ଘୃଣ୍ୟ ପ୍ରଥାର ବିଲୋପ ଘଟିଥିଲା। ୧୮୬୨ରେ ପ୍ରକାଶିତ ଉପନ୍ୟାସ 'ଫାଦର୍ସ ଆଣ୍ଡ ସନ୍ସ' ଊନବିଂଶ ଶତାବ୍ଦୀର ଏକ ପ୍ରମୁଖ ଉପନ୍ୟାସ ଭାବେ ମାନ୍ୟତାପ୍ରାପ୍ତ। ତୁର୍ଗେନେଭ କହନ୍ତି: ''ଇଚ୍ଛାଶକ୍ତି କିପରି ପ୍ରକଟ କରିବାକୁ ହୁଏ ଜାଣ, ତା'ପରେ ତମେ ମୁକ୍ତ ଓ ତମକୁ ଆଗେଇନେବ ଏଇ ଇଚ୍ଛାଶକ୍ତି।''

**ପୁସ୍ତକ ପରିଚୟ**

## କ୍ଳାନ୍ତ ବିଦୁରର ଅବଶିଷ୍ଟ ସ୍ୱପ୍ନ



**ଲେଖକ:** ସୂର୍ଯ୍ୟମଣି ତ୍ରିପାଠୀ
**ପ୍ରକାଶିକା:** ମନୋରମା ତ୍ରିପାଠୀ, ଯାଗମରା, ଖଣ୍ଡଗିରି, ଭୁବନେଶ୍ୱର
**ଦ୍ୱିତୀୟ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୮୦/–

ଆଲୋଚ୍ୟ ଉପନ୍ୟାସଟିର ଦ୍ୱିତୀୟ ସଂସ୍କରଣ ପ୍ରକାଶ ପାଇଛି। ପ୍ରଥମ ସଂସ୍କରଣ ପ୍ରକାଶ ପାଇଥିଲା ୧୯୯୧ରେ। ଓଡ଼ିଶାର ଗ୍ରାମ୍ୟ ଜୀବନରେ ସ୍ୱାଭାବିକ ଭାବେ ଘଟୁଥିବା ଭଲମନ୍ଦ ଘଟଣା, ଯାହାକୁ ହୁଏତ ଲେଖକ ଚାକ୍ଷୁଷ କରିଛନ୍ତି ଅତି ପାଖରୁ, ତାକୁ ବାଚିକ ଭାଷାରେ ଅବତାରଣା କରିଛନ୍ତି ଏହି ଉପନ୍ୟାସରେ। ଜାତିଆଣ ଭେଦଭାବ, ହିଂସା, ଦ୍ୱେଷ ଓ ପରଶ୍ରୀକାତରତାରେ କ୍ରମ ଅବକ୍ଷୟୀ ଗ୍ରାମ୍ୟଜୀବନ। ସେଠି ଚକ୍ରାନ୍ତ କରାଯାଇ ସତ୍ୟର ପଥରୋଧ କରାଯାଏ। ଗାନ୍ଧୀବାଦ କେବଳ ଭାଷଣରେ ସୀମିତ ରହେ; କେହି ଏହି ଆଦର୍ଶରେ ପରିଶୀଳିତ ହୁଅନ୍ତି ନାହିଁ। ଛକାପଞ୍ଝା, ମାର୍‌ପିଟ୍, କୁତ୍ସାରଚନା ଆଦିରେ ଗାଁ ହୋଇଥାଏ ଅଣନିଃଶ୍ୱାସୀ। ଗଉରା, ହରିଆ, ଭିକା, କୁଶବାବୁ, ଶମ୍ଭୁଆ ଆଦି ଚରିତ୍ରଗୁଡ଼ିକର ଅକ୍ଷୁଣ୍ଣ ଚିତ୍ରଣ ଉପନ୍ୟାସଟିକୁ ଜୀବନ୍ତ କରିଛି। ଲେଖକ କହନ୍ତି: ଗାନ୍ଧୀ–ଦେଶ ଭାରତରେ ଗାନ୍ଧୀ ଦର୍ଶନର ପ୍ରବକ୍ତାମାନେ ମଧ୍ୟ ଦର୍ଶନକୁ କେବଳ ପ୍ରଚାର କରିବା ପାଇଁ ଉଦ୍ୟମ କରନ୍ତି; ଅଥଚ ତାକୁ ନିଜର ଦୈନନ୍ଦିନ ଜୀବନରେ ବ୍ୟବହାର କରିପାରନ୍ତି ନାହିଁ। ପ୍ରଫେସର ବୈଷ୍ଣବ ଚରଣ ସାମଲ ବହିଟି ସମ୍ପର୍କରେ ମତ ଦିଅନ୍ତି: ''ଟ୍ରାଜେଡି ଭିତରେ ସୃଷ୍ଟି ହୋଇଛି ମାନବିକତାର ଉତ୍ତରଣ ପାଇଁ ପ୍ରେରଣା। ଏପରି ଏକ ଉପନ୍ୟାସ ରଚନାକରି ଶ୍ରୀଯୁକ୍ତ ତ୍ରିପାଠୀ ଏକା ଖେପାକେ ଡେଇଁ ଆସିଛନ୍ତି ଏକବିଂଶ ଶତାବ୍ଦୀକୁ। ଗଉରା ଭିତରେ ତଲ୍ଲୀନ ହୋଇ ବିଦୁର ବନିଯାଇଛନ୍ତି'' (ପୃ:୧୩)। ସଂସ୍କୃତି ଓ ଅପସଂସ୍କୃତି ଉଭୟକୁ ଏକ ଆପାତଃ ସତ୍ୟ କାହାଣୀ ଭିତରେ ଠିଆ କରାଇ, ଲେଖକ ସତ୍ୟ ଓ ଅହିଂସାର ପକ୍ଷ ନେଇଛନ୍ତି। ସାମ୍ପ୍ରତିକ ପ୍ରେକ୍ଷାପଟରେ ଜୀବନର ଯାବତୀୟ ଆକସ୍ମିକତାକୁ ଧରି ରଖିବାରେ ଉପନ୍ୟାସଟି ସମର୍ଥ ଓ ଏହି କାରଣରୁ ପାଠକେ ଏହାକୁ ପଢ଼ିବସିଲେ ଆଖି ଆଗରେ ଅଭିନୀତ ହେଉଥିବା ଏକ ନାଟକ ହିଁ ଦେଖିବେ; ଯାହା ଉତ୍କଣ୍ଠାରେ ଗତି–ଅଧୀର ଓ ପରିଣତିରେ ସକାରାତ୍ମକ। ଆଶା, ଉପନ୍ୟାସଟି ଆଶାନୁରୂପ ପାଠକୀୟ ଆଦୃତି ଲାଭ କରିବ।

## ଭକ୍ତି ପ୍ରଣତି



**କବୀ:** ପୁଷ୍ପିତା ଜେନା
**ପ୍ରକାଶକ:** ଉଦୟ ପବ୍ଲିକେଶନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୩୦/–

ଆଲୋଚ୍ୟ କବିତା ପୁସ୍ତକରେ ସ୍ଥାନିତ ୪୭ଟି କବିତା। ଅଧିକାଂଶ ଗୀତି–କବିତା, ଯାହାକୁ ସ୍ୱର କରି ଗାଇହେବ। ଗ୍ରନ୍ଥାୟିତ କବିତା ବା ଗୀତଗୁଡ଼ିକ ମଧ୍ୟରୁ ଅଧିକାଂଶ ଦିବ୍ୟଜନନୀ ଶ୍ରୀମା ଓ ଯୁଗପୁରୁଷ ଶ୍ରୀଅରବିନ୍ଦଙ୍କ ଜଣାଣ/ସ୍ତୁତି। ଅନ୍ୟ ହିନ୍ଦୁ ଦେବଦେବୀଙ୍କୁ ନିବେଦିତ କେତେକ ରଚନା ମଧ୍ୟ ଗ୍ରନ୍ଥରେ ସ୍ଥାନିତ। ଯଥା: ୧. ''ଜୀବନ ସାଗରେ ମୁହିଁ ନଉକା ବାହି/ ଦୟାକରି କୂଳେ ମାଗୋ ଦିଅ ଲଗାଇ।'' (ପୃ:୧୦୧), ୨. ''ଏତେ ବଡ଼ ଭାଗ୍ୟ ମୋର ସତରେ ହେଲା/ ସ୍ନାନମଣ୍ଡପରେ ବଡ଼ଠାକୁରଙ୍କୁ ଦର୍ଶନ କରିବା ସୌଭାଗ୍ୟ ପ୍ରାପ୍ତ ହେଲା'' (ପୃ:୨୭)। ଏହିପରି ଅନେକ କବିତା କବୟିତ୍ରୀଙ୍କ ସମର୍ପିତ କବି ହୃଦୟର ପରିଚୟ ଦିଏ। କବିତାଗୁଡ଼ିକର ଭାଷା ଅତ୍ୟନ୍ତ ସରଳ ଓ ହୃଦସଂବେଦୀ। ପ୍ରତି କବିତାରେ ଥିବା ବିଷୟପ୍ରସଙ୍ଗ ଓ ତା'ର ଉପସ୍ଥାପନା ସବୁ ବର୍ଗର ପାଠିକାପାଠକଙ୍କୁ ଅବଶ୍ୟ ସ୍ପର୍ଶ କରିବ। ପ୍ରୟୋଜନସ୍ଥଳେ ଚିତ୍ର–ସଂଯୋଗ ବହିଟିକୁ ଆକର୍ଷଣୀୟ କରିଛି ଓ ତା'ର ଅନ୍ତର୍ନିହିତ ଲାବଣ୍ୟବୃଦ୍ଧିରେ ସହାୟକ ହୋଇଛି। ବିଶିଷ୍ଟ ଲେଖିକା ଶ୍ରୀମତୀ ଗୋଲାପ ମଞ୍ଜରୀ କର କହିଛନ୍ତି: ''ପୁଷ୍ପିତାଙ୍କର କବିତାଗୁଡ଼ିକ ସ୍ୱତଃସ୍ଫୂର୍ତ୍ତ। ପ୍ରାଣର ଆବେଗ ଯେତେବେଳେ କୂଳ ଲଂଘିବାକୁ ଉଦ୍ୟତ ହୋଇଛି, ସେ ତାକୁ ଶୃଙ୍ଖଳିତ କରି କବିତାର ରୂପ ଦେଇଛନ୍ତି। ସହଜ, ସାବଲୀଳ ଭାଷା, ଭକ୍ତିର ନିର୍ଝରିଣୀଟିଏ ଯେମିତି କଳକଳ ହୋଇ ଝରିଯାଇଛି x x।'' ଏ ମତ ଅତିରଞ୍ଜିତ ନୁହେଁ। ପ୍ରଚ୍ଛଦରେ ଥିବା ଚକାଆଖି ଶ୍ରୀଜଗନ୍ନାଥ ଚେତନାର ଏକ ନୂଆ ନିର୍ମାଣ।

ଧରିତ୍ରୀ
DHARITRI
51 Years

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୬/୨୦୨୫ Bhubaneswar, Saturday, September 6/ 2025

# ବୃହତ୍ ବିଜୟ ସହ ଭାରତର ଅଭିଯାନ

**ଏସିଆ କପ୍ ମହିଳା ହକି**

ହାଙ୍ଗଝୋ, ୫।୯

ଏସିଆ କପ୍ ମହିଳା ହକି ଟୁର୍ନାମେଣ୍ଟ ଚାଇନାର ହାଙ୍ଗଝୋଠାରେ ଶୁକ୍ରବାର ଆରମ୍ଭ ହୋଇଛି। ଏଥିରେ ଭାରତ ବୃହତ୍ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ପୁଲ୍-ବି'ରେ ସ୍ଥାନ ପାଇଥିବା ଭାରତ ମୁମ୍ତାଜ ଖାଁ (୭, ୪୯), ଉଦିତା ଦୁହାନ(୩୦, ୫୨) ଓ ବିୟୁଟି ଡୁଙ୍ଗଡୁଙ୍ଗ୍ (୪୫, ୫୪ତମ ମିନିଟ)ଙ୍କ ଡବଲ ଗୋଲ ବଳରେ ୧୧-୦ ଗୋଲରେ ଥାଇଲାଣ୍ଡକୁ ପରାସ୍ତ କରିଛି। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗୀତା କୁମାରୀ ୧୦, ନଭନୀତ କୌର ୧୬, ଲାଲରେମସିଆମି ୧୮, ଶର୍ମିଳା ଦେବୀ ୫୭ ଓ ଋତୁଜା ଦାଦାସୋ ପିସାଲ ୬୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ମ୍ୟାଚ ଆରମ୍ଭରୁ ଭାରତ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ୭ମ ମିନିଟରେ ମୁମ୍ତାଜ କରିଥିବା ଗୋଲ ସ୍କୋରିଂ ଅଭିଯାନ ୬୦ତମ ମିନିଟରେ ଋତୁଜାଙ୍କ ସହ ଶେଷ ହୋଇଥିଲା। ଅପେକ୍ଷାକୃତ ଥାଇଲାଣ୍ଡ କୌଣସି କ୍ୱାର୍ଟରରେ ଭାରତ ସମକକ୍ଷ ପ୍ରଦର୍ଶନ କରିପାରି ନ ଥିଲା। ଭାରତ ଏବେ ବିଶ୍ୱ ର୍ୟାଙ୍କିଙ୍ଗ୍‌ର ୯ମ ସ୍ଥାନରେ ରହିଥିବାବେଳେ ଥାଇଲାଣ୍ଡର ର୍ୟାଙ୍କ୍ ୩୦। ମ୍ୟାଚରେ ଏହାର ପ୍ରଭାବ ସ୍ପଷ୍ଟ ପରିଲକ୍ଷିତ ହୋଇଥିଲା। ପ୍ରଥମାର୍ଦ୍ଧ ଶେଷ ବେଳକୁ ଭାରତ ୫-୦ରେ ଅଗ୍ରଣୀ ରହିଥିଲା। ମ୍ୟାଚରେ ଭାରତ ମୋଟ ୯ଟି ପେନାଲ୍ଟି କର୍ନର ପାଇଥିବାବେଳେ ଏଥିରୁ ୫ଟିକୁ ଗୋଲରେ ପରିଣତ କରିଥିଲା। ମାତ୍ର ଥାଇଲାଣ୍ଡ ଗୋଟିଏ ହେଲେ ପେନାଲ୍ଟି ସୁଯୋଗ ସୃଷ୍ଟି କରିପାରି ନ ଥିଲା। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ଶନିବାର ଜାପାନ ବିପକ୍ଷରେ ଖେଳିବ। ପ୍ରକାଶଯୋଗ୍ୟ ଯେ, ଏସିଆ କପ୍ ଚାମ୍ପିୟନ ଦଳ ସିଧାସଳଖ ୨୦୨୬ ମହିଳା ହକି ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରିବ। ଏହି ମେଗା ପ୍ରତିଯୋଗିତା ବେଲ୍‌ଜିୟମ ଓ ନେଦରଲାଣ୍ଡ୍‌ସରେ ଅନୁଷ୍ଠିତ ହେବ। ପୁଲ୍ 'ବି'ରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ଜାପାନ ୯-୦ ଗୋଲରେ ସିଙ୍ଗାପୁରକୁ ପରାସ୍ତ କରିଛି। ସେହିପରି ପୁଲ୍ 'ଏ'ର ଏକ ମ୍ୟାଚରେ ଦକ୍ଷିଣ କୋରିଆ ୩-୦ ଗୋଲରେ ଚାଇନିଜ୍ ତାଇପେକୁ ହରାଇ ଦେଇଛି। ଫଳରେ ଭାରତ, ଜାପାନ ଓ ଦକ୍ଷିଣ କୋରିଆ ୩ ପଏଣ୍ଟ ଲେଖାଏ ପାଇଛନ୍ତି।



ହାଙ୍ଗଝୋରେ ଶୁକ୍ରବାର ଭାରତ ଓ ଥାଇଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଓଡ଼ିଶାରୁ ଭାଗନେବେ ୬ ପ୍ରତିଯୋଗୀ

**ଜାତୀୟ ଏରୋବିକ୍ ଜିମ୍ନାଷ୍ଟିକ୍ସ**

ଭୁବନେଶ୍ୱର, ୫।୯ (ତପନ ସ୍ୱାଇଁ)

ଚଳିତ ମାସ ୮ରୁ ୧୦ ପର୍ଯ୍ୟନ୍ତ କେରଳରେ ଜାତୀୟ ଏରୋବିକ ଜିମ୍ନାଷ୍ଟିକ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାରୁ ମୋଟ ୬ ଜିମ୍ନାଷ୍ଟ ଅଂଶଗ୍ରହଣ କରିବେ। ଏହା ମଧ୍ୟରେ ଭୁବନେଶ୍ୱର ଜିମ୍ନାଷ୍ଟିକ ଆସୋସିଏଶନର ୩ ଖେଳାଳି ସାମିଲ। ଅଗଷ୍ଟ ୨୨ ରୁ ୨୬ ପର୍ଯ୍ୟନ୍ତ ପୁରୀ ଜିଲ୍ଲା ସ୍କୁଲଠାରେ ଏକ ଟ୍ରେନିଂ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ଏଥିରେ ଭୁବନେଶ୍ୱରରୁ ୪ ଜଣ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ବିଘ୍ନେଶା ଦାସ, ରଶ୍ମୀରେଖା ସାହୁ ଓ ରତିକାନ୍ତ ପ୍ରଧାନ ଚୟନ ହୋଇ ଜାତୀୟ ପ୍ରତିଯୋଗିତାରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଅଂଶଗ୍ରହଣ କରିବାକୁ ଯାଉଥିବା ଅନ୍ୟ ୩ ଜିମ୍ନାଷ୍ଟ ହେଲେ ଅନିଲ ପରିଡ଼ା, ନୀତୀଶ ମିଶ୍ର ଓ ସୟଦ ଆଫ୍ରିଦ୍ ଅଲୀ। ଭୁବନେଶ୍ୱର ଜିମ୍ନାଷ୍ଟିକ ଆସୋସିଏଶନ ସଭାପତି ସୁରେଶ କୁମାର ରାଉତରାୟ, ସମ୍ପାଦକ ନରେନ୍ଦ୍ର କୁମାର ସେଠୀ, ଯୁଗ୍ମ ସମ୍ପାଦକ ଗୁରୁପ୍ରସାଦ ପଟ୍ଟନାୟକ, ଉପସଭାପତି ମୀରା ରାଣୀ ଦାସ ଓ କାର୍ଯ୍ୟକାରିଣୀ ସଦସ୍ୟ ଯଶୋବନ୍ତ ଦାସ ଓଡ଼ିଶା ଦଳରେ ଭାଗ ନେଇଥିବା ସମସ୍ତ ୬ଜଣ ଖେଳାଳିଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜ୍ଞାପନ କରିଛନ୍ତି। ଏହା ସହିତ ପ୍ରଥମ ଥର ପାଇଁ ଓଡ଼ିଶା ତରଫରୁ ଏରୋବିକ୍ ଜିମ୍ନାଷ୍ଟିକ ଦଳ ଜାତୀୟ ସ୍ତରରେ ଖେଳିବାକୁ ସୁଯୋଗ ପାଇଥିବାରୁ ଓଡ଼ିଶା ଜିମ୍ନାଷ୍ଟିକ ଆସୋସିଏଶନ୍‌ର ସାଧାରଣ ସମ୍ପାଦକ ଅଶୋକ ସାହୁଙ୍କୁ ସମସ୍ତେ ଧନ୍ୟବାଦ ଜଣାଇଛନ୍ତି।




ଭୁବନେଶ୍ୱରର ୩ ଜିମ୍ନାଷ୍ଟଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଅବସରରୁ ଫେରିଲେ ରସ୍ ଟେଲର

**ୱେଲିଂଟନ, ୫।୯ (ଏପି):** ନ୍ୟୁଜିଲାଣ୍ଡ କ୍ରିକେଟର ମହାନ ଖେଳାଳି ରସ୍ ଟେଲର ଅବସରରୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଆସନ୍ତା ମାସରେ ସେ ସାମୋଆ ତରଫରୁ ଓମାନଠାରେ ହେବାକୁଥିବା ଟି୨୦ ବିଶ୍ୱକପ୍ କ୍ୱାଲିଫାଇଂ ଟୁର୍ନାମେଣ୍ଟ ଖେଳିବେ। ଟେଲର ତେଙ୍କ ଦେଶର ଅନ୍ୟ ଖେଳାଳିମାନଙ୍କ ତୁଳନାରେ ଅଧିକ ମ୍ୟାଚ ଖେଳିବା ପରେ ୨୦୨୨ରେ ଅନ୍ତର୍ଜାତୀୟ କ୍ରିକେଟରୁ ତାଙ୍କର ଅବସର ଘୋଷଣା କରିଥିଲେ। ସେ ତାଙ୍କର କ୍ୟାରିୟରରେ ୧୧୨ ଟେଷ୍ଟ, ୨୩୬ ଅନ୍ତର୍ଜାତୀୟ ଦିନିକିଆ ଏବଂ ୧୦୨ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ନ୍ୟୁଜିଲାଣ୍ଡର ସର୍ବକାଳୀନ ଟେଷ୍ଟ ସ୍କୋରିଂ ତାଲିକାରେ ସେ ୭,୬୮୩ ରନ ସହ କେନ୍ ୱିଲିୟମସନଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ସେ ଆହୁରି ମଧ୍ୟ ୧୯ ଟେଷ୍ଟ ଶତକ ସହ ୱିଲିୟମସନଙ୍କ ପଛରେ ରହିଛନ୍ତି। ଟେଲରଙ୍କ ମା' ଲୋଟିଙ୍କ ଜନ୍ମ ହେଉଛି ସାମୋଆରେ। ଟେଲର ତାଙ୍କ ନାମ ଭିତ୍ତିରେ ସାମୋଆ ତରଫରୁ ଖେଳିପାରିବେ। ତାଙ୍କ ନାମ ହେଉଛି ଲିପପ ଲଟେରୁ ରସ୍ ପୋଟା ଲୋଟେ ଟେଲର। ବର୍ତ୍ତମାନ ୪୧ ବର୍ଷ ବୟସରେ ପଦାର୍ପଣ କରିଥିବା ଟେଲର ତାଙ୍କର ପୂର୍ବତନ ନ୍ୟୁଜିଲାଣ୍ଡ ଖେଳାଳି ତରୁଣ ନେଥୁଲାଙ୍କ କଥାରେ ରାଜି ହୋଇ କ୍ୱାଲିଫାଇଂ ଟୁର୍ନାମେଣ୍ଟରେରେ ସାମୋଆ ତରଫରୁ ଖେଳିବା ପାଇଁ ରାଜି ହୋଇଛନ୍ତି। ପରବର୍ତ୍ତୀ ଟି୨୦ ବିଶ୍ୱକପ୍ ଭାରତ ଓ ଶ୍ରୀଲଙ୍କାରେ ଆୟୋଜନ କରାଯାଇଥିବା ବେଳେ ଏଥିପାଇଁ ଯୋଗ୍ୟତା ହାସଲ କରିବା ଲାଗ ପପୁଆ ନ୍ୟୁ ଗିନିସ ବିପକ୍ଷରେ ସାମୋଆ ଖେଳିବ।

# ଜାତୀୟ କ୍ୟାଡେଟ୍ ଅସିଚାଳନା ପାଇଁ ଓଡ଼ିଶା ଦଳ




ଜାତୀୟ କ୍ୟାଡେଟ ଅସିଚାଳନା ପାଇଁ ମନୋନୀତ ଓଡ଼ିଶା ଦଳ।

ଭୁବନେଶ୍ୱର, ୫।୯ (ତପନ ସ୍ୱାଇଁ)

ଉତ୍ତରାଖଣ୍ଡର ହଲଦ୍ୱାନିସ୍ଥିତ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ସ୍ପୋର୍ଟ୍ସ ଷ୍ଟାଡିୟମରେ ଚଳିତ ମାସ ୮ରୁ ୧୩ ପର୍ଯ୍ୟନ୍ତ ଜାତୀୟ କ୍ୟାଡେଟ୍ ଅସିଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିପାଇଁ ଶୁକ୍ରବାର ୯ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। ଓଡ଼ିଶା ଦଳ ଚୟନ ଲାଗି ରାଜ୍ୟ କ୍ରୀଡ଼ା ବିଭାଗ ସହଯୋଗରେ ବଲାଙ୍ଗୀର ରାଜେନ୍ଦ୍ର ନାରାୟଣ ସିଂ ଦେଓ ସ୍ପୋର୍ଟ୍ସ କଂପ୍ଲେକ୍ସରେ ଅଗଷ୍ଟ ୨୫ରୁ ସେପ୍ଟେମ୍ବର ୫ ପର୍ଯନ୍ତ କ୍ୟାମ୍ପ ହୋଇଥିଲା। ଏହାକୁ ବଲାଙ୍ଗୀର ସ୍ପୋର୍ଟ୍ସ ହଷ୍ଟେଲ କୋଚ ଅନ୍ୱେଷା ରାଉତ ଓ ରୋଶନ ସାହୁ ପରିଚାଳନା କରିଥିଲେ। କ୍ୟାମ୍ପରେ ଯୋଗ ଦେଇଥିବା ୩୦ଖେଳାଳିଙ୍କ ମଧ୍ୟରୁ ପ୍ରଦର୍ଶନ ଭିତ୍ତିରେ ଉକ୍ତ ୯ ଖେଳାଳି ଚୟନ କରାଯାଇଥିଲା ବୋଲି ରାଜ୍ୟ ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ ଏବଂ ସାଙ୍ଗଠନିକ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି। **ଓଡ଼ିଶା ଦଳ:** ବାଳକ କ୍ୟାଡେଟ-ମାନସ ପ୍ରଧାନ, ସମୀର ପରାଭୋଏ, ସ୍ୱାଗତ ପଟେଲ, ଅଭିନାଶ ସ୍ୱାଇଁ, ବିଭୁପ୍ରସାଦ ସେନାପତି, ଦେବାଶିଷ ପଟେଲ, ଆୟୁଷ ସୁମନ୍ତ ଦାସ, ପ୍ରୋମଜୀତ ବେଶରା, ଲିଖିତ କୁମାର ବିଶ୍ୱାଳ। ପ୍ରଶିକ୍ଷକ- ନିତୀନ ସ୍ୱାଇଁ ଓ ରୋଶନ ସାହୁ।

# କିଟ୍-କିସ୍ ପରିଦର୍ଶନ କଲେ ଏଫ୍‌ଆଇସିୟୁ ପ୍ରତିନିଧି ଦଳ

**ଭୁବନେଶ୍ୱର, ୫।୯ (ତପନ ସ୍ୱାଇଁ):** ଅନ୍ତର୍ଜାତୀୟ ୟୁନିଭର୍ସିଟି ସ୍ପୋର୍ଟ୍ସ ଫେଡେରେଶନ (ଏଫ୍‌ଆଇସିୟୁ)ର ଏକ ପ୍ରତିନିଧି ଦଳ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେମାନେ ବିଶ୍ୱବିଦ୍ୟାଳୟ ପରିସରରେ ଥିବା କ୍ରୀଡ଼ା ଭିତ୍ତିଭୂମୀକୁ ଉଚ୍ଚ ପ୍ରଶଂସା କରିଛନ୍ତି। ଏହି ପ୍ରତିନିଧି ଦଳରେ ୟୁନିସ୍ପୋର୍ଟ ଅଷ୍ଟ୍ରେଲିଆର ସିଇଓ ମାର୍କ ୱିଲିୟମ ସିଣ୍ଡରବେରୀ ଓ ଏଫ୍‌ଆଇସିୟୁର ଉପସଭାପତି ଡେଭିଡ ଆଣ୍ଡନ ସ୍କୁମୁଡେ ସାମିଲ ଥିଲେ। କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଏହି ପ୍ରତିନିଧି ଦଳକୁ ସ୍ୱାଗତ କରିଥିଲେ। କ୍ରୀଡ଼ା ଭିତ୍ତିଭୂମୀ ପରିଦର୍ଶନ ସହ ସେମାନେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସହ ଏକ ବୈଠକରେ ଯୋଗ ଦେଇଥିଲେ। ଏହି ଅବସରରେ ସେମାନେ କିଟ୍ ଓ କିସ୍ ସହିତ ମିଶି ଏକ ଲିଗ୍ ଢାଞ୍ଚା ଆରମ୍ଭ କରିବାକୁ ଏବଂ ଭଲିବଲ, ଟେନିସ ଓ ବ୍ୟାଡ୍‌ମିଣ୍ଟନ ଆଦି ଖେଳରେ ଜୋନାଲ ପ୍ରତିଯୋଗିତା କରିବାକୁ ପ୍ରସ୍ତାବ ଦେଇଥିଲେ। ଏଫ୍‌ଆଇସିୟୁର ପ୍ରତିନିଧି ସଦସ୍ୟଙ୍କୁ ଅଚ୍ୟୁତ ସାମନ୍ତ ଏକ ସ୍ମାରକୀ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ସିଏସ୍‌୭ ଟେନିସ: ଚନ୍ଦ୍ରଶେଖରଙ୍କୁ ଦ୍ୱିମୁକୁଟ

ଭୁବନେଶ୍ୱର, ୫।୯ (ତପନ ସ୍ୱାଇଁ)

ପୁରୀ ଜିଲା ଟେନିସ ଆସୋସିଏଶନ (ପିଡିଟିଏ) ଆନୁକୂଲ୍ୟରେ ପୁରୀଠାରେ ୧୪ ବର୍ଷରୁ କମ୍ ଏଆଇଟିଏ-ଓଟିଏ ଚାମ୍ପିୟନଶିପ୍ ସିରିଜ (ସିଏସ୭) ଟେନିସ ଟୁର୍ନାମେଣ୍ଟ ଶୁକବାର ଉଦ୍‌ଯାପିତ ହୋଇଛି। ଏଥିରେ ଆସାମର ଚନ୍ଦ୍ର ଶେଖର ମହାନ୍ତି ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ଜିତି ଦ୍ୱିମୁକୁଟ ହାସଲ କରିଛନ୍ତି। ବାଳକ ସିଙ୍ଗଲ୍ସରେ ସେ ଓଡ଼ିଶାର ସୂୟାସ ପଟ୍ଟନାୟକଙ୍କୁ ୬-୨, ୬-୦ ସେଟ୍‌ରେ ପରାସ୍ତ କରିଛନ୍ତି। ସେହିପରି ଡବଲ୍ସରେ ସେ ସୂୟାସଙ୍କୁ ପାର୍ଟନର କରି ପଶ୍ଚିମବଙ୍ଗର ରିଷଭ ସେନ୍ ଓ ଓଡ଼ିଶାର ବୀରାଂଶ ଶିବାନୀ ଯୋଡ଼ିଙ୍କୁ ୬-୦, ୬-୦ରେ ହରାଇ ଦେଇଛନ୍ତି। ଭାରତର ୮ ରାଜ୍ୟରୁ ମୋଟ ୩୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଟୁର୍ନାମେଣ୍ଟ ରେଫରି ଜତୀନ ବୈଶ୍ୟଙ୍କ ଉପସ୍ଥିତିରେ ପିଡିଟିଏ ସମ୍ପାଦକ ସୁନିଲ କୁମାର ମହାପାତ୍ର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତାର ବିଜେତା ଓ ରନରଅପ୍ ପ୍ରତିଯୋଗୀ ଯଥାକ୍ରମେ ୨୫ ଓ ୨୦ ଏଆଇଟିଏ ର୍ୟାଙ୍କିଙ୍ଗ୍ ପଏଣ୍ଟ ପାଇଛନ୍ତି।



# ଭାରତୀୟ ଦଳର ଜର୍ସି ସ୍ପନସରଶିପ୍ ମୂଲ୍ୟ ବଢ଼ିଲା

ନୂଆଦିଲ୍ଲୀ, ୫।୯ (ପି.ଟି.)

ଭାରତୀୟ କ୍ରିକେଟ ଦଳକୁ ପ୍ରାୟୋଜିତ କରିବା ମହଙ୍ଗା ହେବାକୁ ଯାଉଛି, କାରଣ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏକ ଦ୍ୱିପାକ୍ଷିକ ସିରିଜ ପାଇଁ ପ୍ରତି ମ୍ୟାଚ ପିଛା ୩.୫ କୋଟି ଟଙ୍କା ଏବଂ ଏକ ବହୁପକ୍ଷୀୟ ଇଭେଣ୍ଟର ଏକ ମ୍ୟାଚ ପିଛା ୧.୫ କୋଟି ଟଙ୍କା ବୃଦ୍ଧି କରିଛି। ଏକ ରିପୋର୍ଟ ଅନୁସାରେ ଏହି ପରିମାଣ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଓ ଏସିଆନ କ୍ରିକେଟ କାଉନ୍‌ସିଲ (ଏସିସି) ଦ୍ୱାରା ଅନୁମୋଦିତ ଏବଂ ଆୟୋଜିତ ପ୍ରତିଯୋଗିତାଗୁଡ଼ିକ ଲାଗି ପ୍ରଯୁଜ୍ୟ। ଖବର ଅନୁସାରେ ବର୍ତ୍ତମାନ ଏକ ଦ୍ୱିପାକ୍ଷିକ ସିରିଜ ଗେମ୍ ପାଇଁ ରହିଥିବା ମୂଲ୍ୟ ୩.୧୭ କୋଟି ଟଙ୍କା ଏବଂ ବହୁରାଷ୍ଟ୍ରୀୟ ମ୍ୟାଚ ପିଛା ରହିଥିବା ମୂଲ୍ୟ ୧.୧୨ କୋଟି ଟଙ୍କାରେ ସାମାନ୍ୟ ବୃଦ୍ଧି କରାଯାଇଛି। ସରକାରଙ୍କ ଅନ୍‌ଲାଇନ୍ ଗେମ୍ବିଂ ଆଇନ ୨୦୨୫ ଦ୍ୱାରା ଜର୍ସି ପ୍ରାୟୋଜକ ଭାବେ ଡ୍ରିମ-୧୧ର ପ୍ରସ୍ଥାନ ପରେ ଏହି ଘଟଣାକ୍ରମ ଦେଖିବାକୁ ମିଳିଛି। ସରକାରଙ୍କ ଅନ୍‌ଲାଇନ୍ ଗେମିଂ ପ୍ରୋତ୍ସାହନ ଓ ନିୟନ୍ତ୍ରଣ ଆଇନ ୨୦୨୫ ପରେ ବିସିସିଆଇ ତୁରନ୍ତ ଭାରତୀୟ ଦଳର ମୁଖ୍ୟ ପ୍ରାୟୋଜକ ଡ୍ରିମ-୧୧ର ଚୁକ୍ତିନାମାକୁ ବାତିଲ କରିଦେଇଛନ୍ତି। ସଂଶୋଧିତ ମୂଲ୍ୟ ଆସନ୍ତା ଏସିଆ କପ୍ ପରେ ଲାଗୁ ହେବ। ଏହାଦ୍ୱାରା ବିସିସିଆଇ ୪୦୦ କୋଟି ଟଙ୍କାରୁ ଅଧିକ ଆୟ କରିପାରିବ। ତେବେ ଚୂଡ଼ାନ୍ତ ସଂଖ୍ୟା ଅଧିକ ହୋଇପାରେ, ତାହା ନିଲାମ ଫଳାଫଳ ଉପରେ ନିର୍ଭର କରେ। ବିସିସିଆଇ ଗତ ମଙ୍ଗଳବାର ଭାରତୀୟ ଦଳର ଟାଇଟଲ ସ୍ପନସରଶିପ୍ ସ୍ୱତ୍ୱାଧିକାର ପାଇଁ ବିଡ୍ ଆହ୍ୱାନ କରିଛି।

# ଟାଇସନ-ମେୱେଦର ଜୁନିୟର ପ୍ରଦର୍ଶନୀ ମ୍ୟାଚ

ନ୍ୟୁୟର୍କ, ୫।୯ (ଏପି)

ମାଇକ୍ ଟାଇସନ ଓ ଫ୍ଲଏଡ୍ ମେୱେଦର ଜୁନିୟରଙ୍କ ମଧ୍ୟରେ ଏକ ପ୍ରଦର୍ଶନୀ ବକ୍ସିଂ ମ୍ୟାଚ ୨୦୨୬ ପ୍ରାରମ୍ଭରେ ହେବ। ଟାଇସନ ଆସନ୍ତା ବର୍ଷ ୬୦ ବର୍ଷ ବୟସରେ ପଦାର୍ପଣ କରିବେ। ଗତବର୍ଷ ଏକ ୮ ରାଉଣ୍ଡ ବିଶିଷ୍ଟ ବାଉଟାରେ ଜେକ୍ ପଲ୍‌ଙ୍କଠାରୁ ପରାଜିତ ହେବା ପରେ ସେ ପୁନର୍ବାର ବକ୍ସିଂ ରିଙ୍ଗ୍‌କୁ ଫେରିବାକୁ ଯାଉଛନ୍ତି। ବର୍ତ୍ତମାନ ସେ ଅପରାଜିତ ୪୮ ବର୍ଷୀୟ ମେୱେଦରଙ୍କୁ ଭେଟିବେ। ସିଏସ୍‌ଆଇ ସ୍ପୋର୍ଟ୍ସ ତରଫରୁ ଏହା ଘୋଷଣା କରାଯାଇଥିବା ବେଳେ ବକ୍ସିଂ ମ୍ୟାଚ କେଉଁଠାରେ ଓ କେବେ ହେବ ସେ ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନାହିଁ। ସିଏସ୍‌ଆଇ ସ୍ପୋର୍ଟ୍ସ ହେଉଛି ଏକ ଲାଇଭ୍ ବକ୍ସିଂ ପ୍ରଡକ୍ସନ କମ୍ପାନୀ, ଯିଏ କି ଏହି ଇଭେଣ୍ଟ ସହିତ ମିଡିଆ ଷ୍ଟ୍ରିମିଂ ଓ ବ୍ରଡକାଷ୍ଟ ପାର୍ଟନରଶିପ୍ ରହିଛି।

# ରାଜ୍ୟ କ୍ଲବ ଶକ୍ତି ଉତ୍ତୋଳନ ଆରମ୍ଭ

ଭୁବନେଶ୍ୱର, ୫।୯ (ତପନ ସ୍ୱାଇଁ)

ଓଡ଼ିଶା ଶକ୍ତିଉତ୍ତୋଳନ ସଂଘ ଓ ଉତ୍କଳ କରାଟେ ସ୍କୁଲର ମିଳିତ ଆନୁକୂଲ୍ୟରେ ୩ୟ ରାଜ୍ୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତା ଶୁକ୍ରବାର ଆରମ୍ଭ ହୋଇଛି। ଉତ୍କଳ କରାଟେ ସ୍କୁଲ ପରିସରରେ ଏହା ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରତିଯୋଗିତାରେ ବିଭିନ୍ନ କ୍ଲବରୁ ୨୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଓ ଅଫିସିଆଲ ଅଂଶଗ୍ରହଣ କରିଛନ୍ତି। ଏହି ପ୍ରତିଯୋଗିତାରେ ଆୟୋଜକଙ୍କ ପକ୍ଷରୁ ୮୦,୦୦୦ ଟଙ୍କାର ଆର୍ଥିକ ପୁରସ୍କାର ସହ ୱାର୍ଲ୍ଡ ଅଫ୍ ନ୍ୟୁଟ୍ରିଶନ ସହଯୋଗରେ କୃତୀ ଶକ୍ତିଉତ୍ତୋଳକଙ୍କୁ ୧,୫୦,୦୦୦ ଟଙ୍କାର ଇକ୍ୟୁପମେଣ୍ଟ ଓ ସପୋର୍ଟ ଆପେରାଲ ପ୍ରଦାନ କରାଯିବ। ଖେଳାଳିମାନଙ୍କୁ ଶକ୍ତିଉତ୍ତୋଳନ ପ୍ରତି ଆକୃଷ୍ଟ କରିବାକୁ ଏହି ପ୍ରତିଯୋଗିତା ଆୟୋଜନ କରାଯାଉଛି। ପ୍ରତିଯୋଗିତାର ପ୍ରଥମ ଦିବସରେ ପୁରୁଷ ବିଭାଗ ୫୩, ୫୯ ଓ ୬୬ କେଜି ବିଭାଗରେ ସବ୍‌ଜୁନିୟର, ଜୁନିୟର, ସିନିୟର ଓ ମାଷ୍ଟର ବର୍ଗରେ ପ୍ରତିଯୋଗିତା ହୋଇଥିଲା। ବିଭିନ୍ନ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିବା ଶକ୍ତିଉତ୍ତୋଳକମାନେ ହେଲେ ବେଦାନ୍ତ ସାହୁ, ସନ୍ତୋଷ ସ୍ୱାଇଁ, ଶକ୍ତି ରଞ୍ଜନ ସାହୁ, ପି. ଶ୍ରୀନିବାସ, ହରେକୃଷ୍ଣ ମହାନ୍ତି, ସୌମେନ ସେନାପତି, ସୂର୍ଯ୍ୟକାନ୍ତ ପ୍ରଧାନ, ଧିରେନ୍ଦ୍ର କୁମାର ସ୍ୱାଇଁ, ବିନୋଦ ବାଲ୍ମିକ ଓ ଗୋପାଳ ଚନ୍ଦ୍ର ଦାଶ।




ରାଜ୍ୟ କ୍ଲବ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଅବସରରେ ଜଣେ ପ୍ରତିଯୋଗୀ।

# ଆନିସିମୋଭା-ସାବାଲେଙ୍କା ଫାଇନାଲ

**ୟୁଏସ୍ ଓପନ ଟେନିସ**

ନ୍ୟୁୟର୍କ, ୫।୯(ଏପି)

ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ଚାମ୍ପିୟନଶିପ୍‌ର ମହିଳା ସିଙ୍ଗଲ୍ସ ଫାଇନାଲ ମ୍ୟାଚ ଶନିବାର ଆମେରିକାର ଆମାଣ୍ଡା ଆନିସିମୋଭା ଓ ନମ୍ବର-୧ ଖେଳାଳି ବେଲାରୁଷର ଆରିନା ସାବାଲେଙ୍କାଙ୍କ ମଧ୍ୟରେ ହେବ। ଆନିସିମୋଭା ଏକ ସଂଘର୍ଷପୂର୍ଣ୍ଣ ସେମିଫାଇନାଲରେ ଚାରି ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଜାପାନର ନାଓମି ଓସାକାଙ୍କୁ ୬-୭ (୪), ୭-୬ (୩), ୬-୩ରେ ହରାଇ ଦେଇଛନ୍ତି। ମହିଳା ଟେନିସ୍‌ର ଦୁଇ ଶକ୍ତିଶାଳୀ ଫାଷ୍ଟ ଷ୍ଟ୍ରାଇକ୍ ହିଟରଙ୍କ ମଧ୍ୟରେ ଅନୁଷ୍ଠିତ ଏହି ମ୍ୟାଚ ଦୀର୍ଘ ୨ଘଣ୍ଟା ୫୬ମିନିଟ ଧରି ଚାଲିଥିଲା। ନ୍ୟୁଜର୍ସିରେ ଜନ୍ମ ଗ୍ରହଣ କରିଥିବା ଫ୍ଲୋରିଡାରେ ବଢ଼ିଥିବା ୨୪ବର୍ଷୀୟା ୮ମ ସିଡ ଆନିସିମୋଭା ତାଙ୍କର କ୍ରମାଗତ ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଫାଇନାଲ ଖେଳିବାକୁ ଯାଉଛନ୍ତି। ଅନ୍ୟପକ୍ଷରେ ଗତଥରର ଚାମ୍ପିୟନ ବେଲାରୁଷର ସାବାଲେଙ୍କା ସେମିଫାଇନାଲରେ ଆମେରିକାର ଜେସିକା ପେଗୁଲାଙ୍କୁ ୪-୬, ୬-୩, ୬-୪ରେ ହରାଇ ଦେଇଛନ୍ତି। ଫଳରେ ଏହି ଚାମ୍ପିୟନଶିପ୍‌ରେ ଆନିସିମୋଭା ଓ ସାବାଲେଙ୍କାଙ୍କ ମଧ୍ୟରେ କ୍ରମାଗତ ଦ୍ୱିତୀୟ ଥର ପାଇନାଲ ଅନୁଷ୍ଠିତ ହେବାକୁ ଯାଉଛି।



ମ୍ୟାଚ ଜିତିବା ପରେ ଉଲ୍ଲସିତ ଆମେରିକାର ଆମାଣ୍ଡା ଆନିସିମୋଭା।

## ସେମିରୁ ବିଦାୟ ନେଲେ ଭାମ୍ବ୍ରି

ନ୍ୟୁୟର୍କ, ୫।୯ (ପି.ଟି.): ୟୁଏସ ଓପନ ଟେନିସ ପୁରୁଷ ଡବଲ୍ସରେ ଭାରତର ୟୁକି ଭାମ୍ବ୍ରିଙ୍କ ଅଭିଯାନ ସେମିଫାଇନାଲରେ ଶେଷ ହୋଇଛି। ସେ ଓ ତାଙ୍କ ପାର୍ଟନର ମାଇକେଲ ଭେନସ ଏକ ରୋମାଞ୍ଚକ ମୁକାବିଲାରେ ୬ଷ୍ଠ ସିଡ୍ ବ୍ରିଟିଶ ଯୋଡ଼ି ନିଲ୍ ସ୍କୁପକ୍ସି ଓ ଜୋ ସାଲିସବୁରୀଙ୍କଠାରୁ ୭-୬ (୨), ୬-୭(୫), ୪-୬ରେ ହାରିଯାଇଛନ୍ତି। ଓପନ ଯୁଗରେ ଦିଲ୍ଲୀର ଏହି ୩୩ ବର୍ଷୀୟ ଖେଳାଳି ଲିଆଣ୍ଡର ପେସ୍, ମହେଶ ଭୂପତି ଓ ରୋହନ ବୋପାନ୍ନାଙ୍କ ପରେ ୪ର୍ଥ ଭାରତୀୟ ଭାବେ ଏକ ଗ୍ରାଣ୍ଡସ୍ଲାମ ଡବଲ୍ସ ସେମିଫାଇନାଲରେ ପ୍ରବେଶ କରିଥିଲେ। ଫ୍ଲସିଂ ମିଡୋଜଠାରେ ଭାରତୀୟ-ନ୍ୟୁଜିଲାଣ୍ଡ ଯୋଡ଼ିଙ୍କ ପ୍ରଦର୍ଶନ ପ୍ରଭାବୀ ରହିଥିଲା। ସେମିଫାଇନାଲ ପ୍ରବେଶ ପଥରେ ସେମାନେ ସେମାନଙ୍କଠାରୁ ଉଚ୍ଚ ର୍ୟାଙ୍କିଙ୍ଗପ୍ରାପ୍ତ ଖେଳାଳିଙ୍କୁ ହରାଇ ଦେଇଥିଲେ। ସେମାନଙ୍କ ମଧ୍ୟରେ ଚତୁର୍ଥ ସିଡ୍ ଜର୍ମାନୀର ଟିମ୍ ପୁଜ୍/କେଭିନ କ୍ରାୱିଜ ଏବଂ ୧୧ଶ ସିଡ୍ ରାଜୀବ ରାମ୍ ଓ ନିକୋଲା ମେକ୍‌ଟିକ୍ ଅନ୍ୟତମ। ସେମିଫାଇନାଲରୁ ବିଦାୟ ନେଇଥିଲେ ମଧ୍ୟ ଭାମ୍ବ୍ରି କହିଛନ୍ତି, ତାଙ୍କ ପାଇଁ ଏହି ସପ୍ତାହ ସ୍ୱତନ୍ତ୍ର ଥିଲା। ଏହି ସ୍ତରରେ ବିଶେଷ କରି ଏକ ଗ୍ରାଣ୍ଡସ୍ଲାମ ସେମିଫାଇନାଲରେ ଖେଳିବା ତାଙ୍କ ପାଇଁ ଏକ ସ୍ମରଣୀୟ ମୁହୂର୍ତ୍ତ ଥିଲା। ଚାମ୍ପିୟନଶିପ୍‌ରେ ଏହି ଫଳାଫଳ ଯୋଗୁ ଆଗାମୀ ର୍ୟାଙ୍କିଙ୍ଗ ତାଲିକାରେ ଭାମ୍ବ୍ରିଙ୍କର ଉନ୍ନତି ପରିଲକ୍ଷିତ ହେବ।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ